# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୦/୨୦୨୨ (୧୬ ପୃଷ୍ଠା) | Bhubaneswar, Thursday, November 10/2022 Page 16 ₹ 7.00 | ★★★★

୪୮ଶ ଭାଗ ୩୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 344 | ମୂଲ୍ୟ₹୭/-


## ବଜାରରେ ଗହମ ସଙ୍କଟ



**ଖାଉଟି ହନ୍ତସନ୍ତ**

- **କ୍ୱିଣ୍ଟାଲ ପିଛା ୫୦୦ ବଢ଼ିଲା**
- **ହାତଟେକି ବସିଲେ ଅଟା ମିଲର**

ଭୁବନେଶ୍ୱର,୯।୧୧(ବ୍ୟୁରୋ)

ବଜାରରେ ଗହମ ସଙ୍କଟ ଦେଖାଦେଇଛି। ଗତ ୧୦ ମାସ ହେବ ଗହମ ମିଳୁନାହିଁ। ଏଥିଯୋଗୁ ଅଟା, ମଇଦା, ସୁଜି ସମେତ ଗହମରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଦର ବଢ଼ିଯାଇଛି। ପ୍ରତ୍ୟେକ ସାମଗ୍ରୀରେ କିଲୋଗ୍ରାମ ପ୍ରତି ୫ରୁ ୬ ଟଙ୍କା ବଢ଼ିଯାଇଛି। କେନ୍ଦ୍ର ସରକାର ଯୋଗାଇ ଦେଉ ନ ଥିବାରୁ ରାଜ୍ୟରେ ଗହମ ସଙ୍କଟ ଦେଖାଦେଇଛି। ଏହାର ସିଧାସଳଖ ପ୍ରଭାବ ଖାଉଟିଙ୍କ ଉପରେ ପଡୁଛି। ଖାଉଟି ଉଚ୍ଚ ଦରରେ ଗହମ ଓ ଅଟା କିଣୁଥିବା ବେଳେ ରାଜ୍ୟରେ ଥିବା ଅଟା ମିଲରମାନେ ମଧ୍ୟ ଦୁର୍ଦ୍ଦଶା ଦେଇ ଗତି କରୁଛନ୍ତି। ଗହମ ଅଭାବରୁ ଅନେକ ମିଲର ନିଜ ମିଲ୍ ବିକ୍ରି କରିବାକୁ ଚିନ୍ତା କଲେଣି।

ବଜାରରେ ଗହମରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଦର ସନ୍ତୁଳନ ରଖିବାକୁ କେନ୍ଦ୍ର ସରକାର ଖୋଲା ବଜାର ବିକ୍ରି ତଥା ଓପନ ମାର୍କେଟ ସେଲ୍ (ଓଏମ୍ଏସ୍) କାର୍ଯ୍ୟକାରୀ କରୁଛନ୍ତି। ଏହି ସ୍କିମ୍ ଜରିଆରେ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ମିଲରମାନଙ୍କୁ ସୁଲଭ ମୂଲ୍ୟରେ ☞ପୃଷ୍ଠା-୪

## ଭୁବନେଶ୍ୱରରେ ଅଧାଦିନ ଛୁଟି

**ରାଷ୍ଟ୍ରପତିଙ୍କ ଗସ୍ତ**

ଭୁବନେଶ୍ୱର,୯।୧୧(ବ୍ୟୁରୋ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତକୁ ନେଇ ରାଜ୍ୟ ସରକାର ଗୁରୁବାର ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରେ ଅଧାଦିନ ଛୁଟି ଘୋଷଣା କରିଛନ୍ତି। ଅପରାହ୍ନ ୧ଟାରୁ ବିଏମ୍‌ସି ଅଞ୍ଚଳର ସମସ୍ତ ସରକାରୀ କାର୍ଯ୍ୟାଳୟ, ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିବ। ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତର ସଫଳତାକୁ ଦୃଷ୍ଟିରେ ରଖି ତାଙ୍କ ସମ୍ମାନାର୍ଥେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏହି ଛୁଟି ଘୋଷଣା କରାଯାଇଛି।

ଆଜିର ସମ୍ପାଦକୀୟ | ଦିବ୍ୟ ଗଣିତ







# ମାଣ୍ଡିଆ ଦେଇଛି ଉତ୍ତମ ଜୀବିକା



| ବର୍ଷ | ଜମି (ଏକର) | ଉତ୍ପାଦନ (କୁଇଣ୍ଟାଲ) | ଉପକୃତ ଚାଷୀ |
|---|---|---|---|
| ୨୦୧୯-୨୦ | ୧୮୪.୮୨ | ୧୧୦୮.୯୨ | ୬୮୧ |
| ୨୦୨୦-୨୧ | ୧୧୨୭.୦୩ | ୭୩୨୫.୬୯୫ | ୨୫୩୮ |
| ୨୦୨୧-୨୨ | ୧୬୮୯ | ୧୧୮୨୩ | ୩୨୩୫ |
| ୨୦୨୨-୨୩ | ୧୮୨୨.୬୪ | ୧୬୪୦୩.୭୬ | ୪୦୨୦ |

**ନରେଶ ଚନ୍ଦ୍ର ପଟ୍ଟନାୟକ**

**କେନ୍ଦୁଝର, ୯।୧୧**

ମାଣ୍ଡିଆ ଆଦିବାସୀ ସଂସ୍କୃତି ସହ ବହୁ ଆଗରୁ ଜଡ଼ିତ। ତେବେ ଏଥିରେ ଥିବା ଭିଟାମିନ ବା ଖାଦ୍ୟସାର ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପଯୋଗୀ। ଏଣୁ ଏହାର ଉପାଦେୟତାକୁ ଦେଖି ମାଣ୍ଡିଆର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। କେନ୍ଦୁଝର ଜିଲାର ଜଳବାୟୁ ମାଣ୍ଡିଆ ଚାଷ ପାଇଁ ଉପଯୋଗୀ। ଏଥିପାଇଁ ଓଡ଼ିଶା ମିଲେଟ ମିଶନ ପକ୍ଷରୁ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି (ଡିଏମ୍ଏଫ୍) ସହାୟତାରେ ଆରମ୍ଭ ହୋଇଛି ମାଣ୍ଡିଆ ଚାଷ। ପାରମ୍ପରିକ ମାଣ୍ଡିଆ ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇ ଅଧିକ ରୋଜଗାରକ୍ଷମ କରିବା ତଥା ଏହା ମାଧ୍ୟମରେ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଡିସେମ୍ବର ୨୦୧୮ରୁ ଆରମ୍ଭ ହୋଇଛି। ଜିଲାର ଖଣି କ୍ଷତିଗ୍ରସ୍ତ ୭ଟି ବ୍ଲକ (ବାଂଶପାଳ, ଯୋଡ଼ା, ଝୁମ୍ପୁରା, ଚମ୍ପୁଆ, ହାଟଡିହି, ସଦର, ହରିଚନ୍ଦନପୁର)ରେ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି। ଏବେ ଏହାକୁ ସଂପ୍ରସାରଣ କରି ଜିଲାର ପାଟଣା, ସାହାରପଡ଼ା, ତେଲକୋଇ, ଘଟଗାଁ ବ୍ଲକରେ ଏହି ଚାଷ କରାଯାଇଛି। ଏହି ଚାଷଫଳରେ ଖଣି ଦ୍ୱାରା କ୍ଷତିଗ୍ରସ୍ତ ଅଞ୍ଚଳର ଲୋକ ବିଶେଷ କରି ବନବାସୀମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ଆଗାମୀ ୫ବର୍ଷ ମଧ୍ୟରେ ୭ ହଜାର ହେକ୍ଟର ପରିମିତ ଜମିରେ ଏହି ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

୨୦୨୨-୨୩ ଖରିଫ ଋତୁରେ ୭ଟି ଖଣିକ୍ଷତିଗ୍ରସ୍ତ ବ୍ଲକର ୮୮ ପଞ୍ଚାୟତର ୨୫୦୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯାଇଥିବା ବେଳେ ୪୯୦୦ ଚାଷୀ ଉପକୃତ ହୋଇପାରିଥିବା ସୂଚନା ମିଳିଛି। ରାଜ୍ୟ ସରକାର ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମାଣ୍ଡିଆର କୁଇଣ୍ଟାଲ ପିଛା ସର୍ବ ନିମ୍ନ ମୂଲ୍ୟ ୩୩୭୭ ଟଙ୍କା ରଖିଛନ୍ତି। ମାଣ୍ଡିଆର ମୂଲ୍ୟ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଖାତାରେ ଜମା ହୋଇଯାଉଛି। ମାଣ୍ଡିଆ ଲଡ୍ଡୁ କାର୍ଯ୍ୟକ୍ରମ ଜିଲାରେ ୨୦୨୦ ଜୁଲାଇ ୨ରୁ ଆରମ୍ଭ କରାଯାଇଛି, ଯାହାକି ରାଜ୍ୟରେ ପ୍ରଥମ। ଜିଲାର ୧୯ ସ୍ୱୟଂ ସହାୟକ ଗୋଷ୍ଠୀ ଲଡ୍ଡୁ ମିକ୍ସ ପ୍ରସ୍ତୁତ କରୁଥିବା ବେଳେ ୩୨୫୭ ଅଙ୍ଗନୱାଡି କେନ୍ଦ୍ରରେ ୮୬ ହଜାର ପ୍ରାକ୍ ପ୍ରାଥମିକ ଶିଶୁଙ୍କୁ ଜଳଖିଆରେ ଲଡ୍ଡୁ ଖାଇବାକୁ ଦିଆଯାଉଛି। ସେହିପରି ସାଧାରଣ ବଣ୍ଟ ବ୍ୟବସ୍ଥା(ପିଡିଏସ୍)ରେ ଏହାକୁ ସାମିଲ କରାଯାଇ ବର୍ଷକୁ କାର୍ଡ ପିଛା ୧ କିଲୋ ମାଣ୍ଡିଆ ଦେବା ବ୍ୟବସ୍ଥା ମଧ୍ୟ ଲାଗୁ ହୋଇଛି। ଏବେ ଏହାର ଆବଶ୍ୟକତାକୁ ଦେଖି ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ଅଧୀନରେ ଚାଲିଥିବା ବିଦ୍ୟାଳୟ ହଷ୍ଟେଲରେ ପିଲାଙ୍କ ଜଳଖିଆରେ ମଧ୍ୟ ମାଣ୍ଡିଆ ଦେବାକୁ ପଦକ୍ଷେପ ନିଆଯାଇଛି। ସପ୍ତାହରେ ୭ଟି ଲଡ୍ଡୁ ହିସାବରେ ୩୯୦୦୦ ଛାତ୍ରୀଛାତ୍ରଙ୍କୁ ଏହି ଲଡ୍ଡୁ ଦେବା ବ୍ୟବସ୍ଥା କରାଯାଇଛି। ସେହିପରି ମିଡ୍ ଡେ ମିଲରେ ଜିଲାର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ୨,୨୩,୫୪୬ ଜଣ ପିଲାଙ୍କୁ ଦିନକୁ ୨ଟି ମାଣ୍ଡିଆ ବିସ୍କୁଟ ଦେବାକୁ ପଦକ୍ଷେପ ନିଆଯାଇଛି। ମିଲେଟ ମିଶନ ଓ ମିଶନ ଶକ୍ତିର ମିଳିତ ଉଦ୍ୟମରେ ରାଜ୍ୟର ପ୍ରଥମ ମିଲେଟ ଶକ୍ତି କାଫେ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଖୋଲାଯାଇଛି। ଏଠାରେ ଚା, କଫି ଭଳି ମିଲେଟ ପାନୀୟ, ଗରମ ଜଳଖିଆ,ଚକୋଲେଟ ଓ ବିଭିନ୍ନ ପ୍ରକାରର ସ୍ନାକ୍ସ ଆଦି ଉପଲବ୍ଧ ହେଉଛି। ସମସ୍ତେ ବସି ଖାଇବା ବ୍ୟବସ୍ଥା ରହିଛି। ସେହିପରି ମାଣ୍ଡିଆ ଗୁଣ୍ଡ ପ୍ୟାକେଟ ମଧ୍ୟ ବିକ୍ରି ହେଉଛି। ମିଲେଟ ଶକ୍ତି ଟିଫିନ ସେଣ୍ଟର, ମୋବାଇଲରେ ମିଲେଟ ଆଦି କାର୍ଯ୍ୟକ୍ରମ ଚାଲିଛି। ହାଟଡିହି ବ୍ଲକର ବିନତି ନାୟକ ୧ ଏକର ଜମିରେ ବିଭିନ୍ନ କୃଷି ଯନ୍ତ୍ରପାତି ସହାୟତାରେ ମାଣ୍ଡିଆ ଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ସେହିପରି ଯୋଡ଼ା ବ୍ଲକର ବୀଣା ନାୟକ, ମନିଷା ମାଝୀ, ଚମ୍ପୁଆ ବ୍ଲକର ଭାବାବି ନାୟକ ୧ ଏକର ଲେଖାଏ ଚାଷଜମିରେ ମଣ୍ଡିଆ ଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି।

ଏନେଇ ଜିଲାପାଳ ଆଶିଷ ଠାକ୍‌ରେ କହିଛନ୍ତି, ମାଣ୍ଡିଆରେ ରହିଥିବା ଭିଟାମିନ, ମିନେରାଲ ସ୍ୱାସ୍ଥ୍ୟ ପାଇଁ ହିତକର। ଏଣୁ ଏହି କାର୍ଯ୍ୟକ୍ରମ ଦ୍ୱାରା ପାରମ୍ପରିକ ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ମିଳିବା ସହ ଅନେକ ଚାଷୀ ତଥା ମହିଳାଙ୍କ ପାଇଁ ଜୀବିକାର ସୁଯୋଗ ସୃଷ୍ଟି କରିପାରିଛି। ସେହିପରି ଏହା ଦ୍ୱାରା ଖଣି କ୍ଷତିଗ୍ରସ୍ତ ଅଞ୍ଚଳର ଲୋକଙ୍କ ବିକାଶରେ ସହାୟକ ହୋଇ ପାରୁଛି।




ମାଣ୍ଡିଆ ଦିବସ ଅବସରରେ ବୁଧବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା।

# ଏସ୍ଏଚ୍‌ଜି ଷ୍ଟଲ୍‌ରେ ମାଣ୍ଡିଆ ଖାଦ୍ୟ

**ଫୁଲବାଣୀ ଅଫିସ, ୯।୧୧:** କନ୍ଧମାଳ ଜିଲାରେ ମାଣ୍ଡିଆ ଚାଷ ପ୍ରତି ଆଗ୍ରହ ବଢୁଛି। ପୂର୍ବରୁ ଜିଲାରେ ଏହି ଚାଷ ପ୍ରାୟ ବନ୍ଦ ହୋଇଯାଇଥିଲା। ୨୦୧୭ରୁ ମିଲେଟ ମିଶନ ଜରିଆରେ ମାତ୍ର ୪ଟି ବ୍ଲକରେ ଚାଷ ହେଉଥିଲା। ୨୦୨୨ ସୁଦ୍ଧା ଜିଲାର ୧୧ଟି ବ୍ଲକରେ ଏବେ ମାଣ୍ଡିଆ ଚାଷ କରାଯାଉଛି। ଆଗାମୀ ଦିନରେ ସରକାରଙ୍କ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାକୁ ବିଭାଗ ଉଦ୍ୟମ ଜାରି ରଖିଛି। ସେପଟେ ମାଣ୍ଡିଆର ଗୁଣବତ୍ତା ଏବଂ ଉପକାରିତା ବିଷୟରେ ମଧ୍ୟ ବିଭିନ୍ନ ଏନ୍‌ଜିଓ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି। ଜିଲାରେ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍ଏଚ୍‌ଜି) ମାଧ୍ୟମରେ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଦ୍ରବ୍ୟକୁ ନେଇ ୧୩ଟି ଟିଫିନ ଷ୍ଟଲ ଖୋଲାଯାଇଛି। ଆଗାମୀ ଦିନରେ ଏହାକୁ ୭୦ରେ ପହଞ୍ଚାଇବାକୁ ଉଦ୍ୟମ ଚାଲିଛି। ଫୁଲବାଣୀରେ ଏକ ମିଲେଟ କାଫେ ପାଇଁ ମଧ୍ୟ ପ୍ରସ୍ତୁତି ସରିଛି।

୨୦୧୭ରେ ଦାରିଙ୍ଗବାଡି, କୋଟଗଡ, ଫିରିଙ୍ଗିଆ ଏବଂ ରାଇକିଆରେ ପ୍ରଥମେ ମାଣ୍ଡିଆ ଚାଷ ଆରମ୍ଭ ହୋଇଥିଲା। ୨୦୧୮ରେ ବାଲିଗୁଡା, କ.ନୂଆଗାଁ, ତୁମୁଡିବନ୍ଧ, ୨୦୨୨ରେ ଚକାପାଦ, ଜି.ଉଦୟଗିରି, ଖଜୁରିପଡା ଏବଂ ଟିକାବାଲିରେ ଏହି ଚାଷ ଆରମ୍ଭ କରାଯାଇଛି। ମିଲେଟ ମିଶନ ଜରିଆରେ ପ୍ରତି ବ୍ଲକରେ ୨୦୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସରକାର ଏହି ଚାଷ କରିବା ଲାଗି ଶ୍ରୀପଦ୍ଧତି(ଏସ୍ଏମ୍ଆଇ) ପ୍ରଣାଳୀକୁ ଗୁରୁତ୍ୱ ଦେଉଛନ୍ତି। ଏହି ପଦ୍ଧତିରେ ଚାଷ କଲେ ହେକ୍ଟର ପିଛା ଚାଷୀଙ୍କୁ ୬,୫୦୦ ଟଙ୍କା ସହାୟତା ପ୍ରଦାନ କରାଯାଉଛି। ଧାଡି ରୁଆ ଏବଂ ଧାଡି ବୁଣାରେ ଏହାର ଅଧା ଟଙ୍କା ଚାଷୀଙ୍କୁ ଦିଆଯାଉଛି। ଯଦି ଗୋଟିଏ ବ୍ଲକରେ ଚଳିତବର୍ଷ ୨୦୦ ହେକ୍ଟରରୁ ୧୫୦ ହେକ୍ଟର ଶ୍ରୀପଦ୍ଧତିରେ ଚାଷ ହୋଇଥିବ, ତାହାଲେ ଆଗାମୀ ବର୍ଷରେ ସେହି ବ୍ଲକକୁ ୨୫୦ ହେକ୍ଟର ଜମିରେ ଏହି ପ୍ରଣାଳୀରେ ଚାଷ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଉଛି। ପୂର୍ବରୁ ହେକ୍ଟର ପ୍ରତି ୪ରୁ ୬ କୁଇଣ୍ଟାଲ ମାଣ୍ଡିଆ ଅମଳ ହେଉଥିବା ବେଳେ ଏବେ ତାହା ୧୦ରୁ ଊର୍ଦ୍ଧ କୁଇଣ୍ଟାଲରେ ପହଞ୍ଚିଛି। ଯଦି ଜଣେ ଚାଷୀ ଗୋଟିଏ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରୁଛି ତାଙ୍କୁ ୩୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ମିଳୁଛି। ସରକାର ଚାଷୀଙ୍କଠାରୁ ଫାର୍ମର୍ସ ପ୍ରଡ୍ୟୁସର ଅର୍ଗାନାଇଜେଶନ (ଏଫ୍‌ପିଓ) ମାଧ୍ୟମରେ ମାଣ୍ଡିଆ ସଂଗ୍ରହ କରୁଛନ୍ତି।

## ଫୁଲବାଣୀରେ ହେବ ମିଲେଟ କାଫେ

ରାଇକିଆ ବ୍ଲକ ମାଣିକେଶ୍ୱର ପଞ୍ଚାୟତ ଲାମୁଁଗିଆ ଗ୍ରାମର ଚାଷୀ ପ୍ରତିମା ପ୍ରଧାନ ୪ ବର୍ଷ ହେଲା ମାଣ୍ଡିଆ ଚାଷ କରୁଛନ୍ତି। ସେହିପରି ଦାରିଙ୍ଗିବାଡି ପ୍ଲିହେରି ପଞ୍ଚାୟତ ସୁନ୍ଦରଦଣ୍ଡର କୁନି ଗୌଡ ଧାଡିରୁଆ ଏବଂ ଶ୍ରୀପଦ୍ଧତିରେ ମାଣ୍ଡିଆ ଚାଷ କରିଛନ୍ତି। ଗୋଟିଏ ହେକ୍ଟର ଜମିରେ ୧୦ କୁଇଣ୍ଟାଲ ପାଖାପାଖି ଅମଳ ହେଉଛି। ଭ୍ରମରବାଡି ପଞ୍ଚାୟତର ତିଲମା ପ୍ରଧାନ କହିଛନ୍ତି, ପୂର୍ବରୁ ଏହି ଚାଷ କରୁଥିଲେ ସୁଦ୍ଧା କମ୍ ଅମଳ ହେଉଥିଲା। ୨୦୧୭ରୁ ଏହି ଚାଷ ବୃଦ୍ଧି ପାଇଛି। ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ଚାଷ ହେଉଛି। ଅମଳ ମଧ୍ୟ ଭଲ ହେଉଛି ବୋଲି ସେ କହିଛନ୍ତି। ସେ ମାଣ୍ଡିଆ ସହ ଯଅ, କାଙ୍ଗୁ, କୁଇରୀ ଆଦି ଚାଷ କରୁଛନ୍ତି। ମିଲେଟ ମିଶନ ଜିଲା ପ୍ରକଳ୍ପ ସଂଯୋଜିକା ସବିତା ସୁବୁଦ୍ଧି କହିଛନ୍ତି, ଜିଲାର ଫୁଲବାଣୀକୁ ଛାଡି ଅନ୍ୟ ସମସ୍ତ ୧୧ଟି ବ୍ଲକରେ ମାଣ୍ଡିଆ ଚାଷ ହେଉଛି। ୧୩ଟି ମହିଳା ସ୍ୱୟଂ ସହାୟିକା ଗ୍ରୁପ ଦ୍ୱାରା ବିଭିନ୍ନ ସ୍ଥାନରେ ୧୩ଟି ଟିଫିନ ଷ୍ଟଲ ଖୋଲାଯାଇଛି। ଷ୍ଟଲରେ ବରା, ପିଆଜି, ପକୁଡି, କାକରା, ଆରିଷା ଆଦି ଅନେକ ପ୍ରକାର ଖାଦ୍ୟ ମିଳୁଛି। ଆଗାମୀ ଦିନରେ ଜିଲାରେ ୭୦ଟି ଟିଫିନ ଷ୍ଟଲ ଖୋଲିବାକୁ ଲକ୍ଷ୍ୟ ରଖାଯାଇଥିବା ସେ ସୂଚନା ଦେଇଛନ୍ତି।




Come, get onto the field of Mutual Funds!
Crores of people have already stepped onto the field of Mutual Funds.
It's time for you to join in too!
MUTUAL FUNDS Sahi Hai
To know more about Mutual Funds, contact your Mutual Fund Distributor or Investment Advisor today!
Visit mutualfundssahihai.com
Follow us on:
Mutual Fund investments are subject to market risks, read all scheme related documents carefully.

**ଆଜିର ମନ୍ତବ୍ୟ**

ସୂଚନା ଅଧିକାର(ଆର୍‌ଟିଆଇ)କୁ ପ୍ରଭାବଶାଳୀ ଢଙ୍ଗରେ ବ୍ୟବହାର କଲେ ଦୁର୍ନୀତିମୁକ୍ତ ରାଷ୍ଟ୍ର ଗଠନରେ ସହାୟକ ହେବ।
**-ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି**


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟିକିରା ଉପରେ ଦୁଧ ଆଉଟିଲି**
**ମଞ୍ଜାରୀ ଖାଇଲା ସର**
**ତିନି ଦିନ ହେଲା ନାହାନ୍ତି ନାଗର**
**ଖାଇ ଗୋଡ଼ାଉଛି ଘର।**

ମନର ମଣିଷ ପାଖରେ ନ ଥିଲେ ସବୁ ଥାଇ କିଛି ନ ଥିବା ସମ ବୋଧ ହୋଇଥାଏ। ଟିକିଏ ସାନ୍ନିଧ ପାଇବା ନେଇ ମନରେ ବ୍ୟାକୁଳତା ସୃଷ୍ଟି ହୋଇଥାଏ। ସ୍ୱାମୀକୁ ପାଖରେ ନ ପାଇ ହତାଶ ହୋଇପଡ଼ିଥିବା ସ୍ତ୍ରୀର ବ୍ୟଥିତ ମନୋଭାବ ପ୍ରତି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଟାଙ୍ଗଣ ଘୋଡ଼ା**
**ଚାଲି ସରସ, ଲଦନ ଥୋଡ଼ା।**

ବହୁ ମୂଲ୍ୟର ଘୋଡ଼ା। ଦେଖିବାକୁ ସୁନ୍ଦର, ଚାଲି ମନମୁଗ୍ଧକର। ଏଭଳି ଘୋଡ଼ା ପିଛା ଖର୍ଚ୍ଚ ଅଧିକ ଲାଗୁଥିବାବେଳେ ଭାର ବୋହିବା କିନ୍ତୁ ଯଥେଷ୍ଟ କମ ହୋଇଥାଏ, ଫଳସ୍ୱରୂପ ଲାଭ କିଛି ମିଳି ନ ଥାଏ। ଖର୍ଚ୍ଚ ତୁଳନାରେ ଉପକାର କମ୍ ମିଳିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଯୁବକଙ୍କୁ ଅପହରଣ ପରେ ହତ୍ୟା

## ଥାନା ନିକଟରେ ଉଲଗ୍ନ ମୃତଦେହ ଫିଙ୍ଗିଦେଲେ

ସମ୍ବଲପୁର, ୯।୧୧(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲା ଥାନା ଅଞ୍ଚଳରେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଦୁର୍ବୃତ୍ତମାନେ ବୁଧବାର ଜଘନ୍ୟ କାଣ୍ଡ ଘଟାଇଛନ୍ତି। ବୁର୍ଲା ବସନ୍ତବିହାରର ରାମଚନ୍ଦ୍ର ମେହେର(୨୫)ଙ୍କୁ ଅପହରଣ ପରେ ହତ୍ୟା କରି ମୃତଦେହକୁ ଥାନା ନିକଟରେ ଫିଙ୍ଗିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି । ପ୍ରକାଶ ଯେ, ସକାଳେ ଥାନା ନିକଟ ରାସ୍ତା ଉପରେ ଏକ ଉଲଗ୍ନ ମୃତଦେହ ପଡିଥିବା ଦେଖି ଲୋକଙ୍କ ଭିଡ ଜମିଥିଲା। କିଛି ସମୟ ପରେ ମୃତଦେହର ପରିଚୟ ମିଳିବା ପରେ ପୋଲିସ ଓ ପରିବାରବର୍ଗ ପହଞ୍ଚି ବୁର୍ଲା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ରାମଚନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି। ପୋଲିସ ଏହି ଘଟଣାରେ ବୁର୍ଲାର ଗୁଲୁ ବନଛୋରଙ୍କୁ ଗିରଫ କରିଛି । ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି । ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏ ସମ୍ପର୍କରେ ହୀରାକୁଦ ଏସଡିପିଓ ଏସ. ଦାସ କହିଛନ୍ତି ଯେ, ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି । ସୂଚନାଯୋଗ୍ୟ ଯେ, ମୃତ ରାମଚନ୍ଦ୍ର ଭୀମସାରରେ ଘରୋଇ ସୁରକ୍ଷା କର୍ମୀ ଭାବେ କାମ କରୁଥିଲେ । କିଛି ମାସ ପୂର୍ବରୁ ଚାକିରି ଛାଡ଼ି ବସନ୍ତ ବିହାରରେ ରହୁଥିଲେ । ଶ୍ରମିକ ଭାବେ କାମ କରି ପରିବାର ପ୍ରତି ପୋଷଣ କରୁଥିଲେ ।


## classifieds Everyday
0674-2580101, 2549302

real estate

SALE

**6BHK Triplex 56,00,000/- finishing Hanspal, 3BHK Duplex core house Balianta. 8093465134.** D-1925

4BHK Duplex near Nandankanan Square. Land-1300, construction-1800, Price-85lakhs. 8984071303. D-1950

**Boundary made gharabari plot available at Padhansahi, Sundarpada, Backside Aryan Engineering College (Bank finance available). 9337958544, 6370834658.** D-74145

ଭୁବନେଶ୍ୱର ନଖରା ଘରବାରି SC plot sqft.-130/, General-350/-. 9439660381. D-74146

ଭୁବନେଶ୍ୱର ପିତାପଲ୍ଲୀ ଛକରୁ **200 mtr.** ଦୂରତାରେ **BDA yellow zone** ପ୍ଲଟ୍ **Boundary** ସହ ମିଳୁଛି। **7848882166.** D-74142

Bhubaneswar Gharabari land near 100 ft. road investment plan, immediate registration, possession, electricity. Contact: 9124289585. D-1960

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା **East College mainroad 200 mtr.** ଦୂରତାରେ **SC/General** ପ୍ଲଟ୍ **gated society** ଥାଇ ବିକ୍ରିହେବ। **8093419724, 9776602067.** D-74127

construction

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74140

healthcare

**Relax, Refresh your body, Mind at Saikrupa Spa with best therapies. 8984068077.** D-1863

business

Get professional Hair, Nail, Beauty Training Classes at affordable fees. Contact- 9692671608. D-1957

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଶପଥ ନେଲେ ନୂଆ ସିଜେଆଇ



ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ପ୍ରଧାନ ବିଚାରପତି ଭାବେ ଶପଥପାଠ କରାଉଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

## ଦେଶବାସୀଙ୍କ ସେବାକୁ ପ୍ରାଥମିକତା ଦେବି: ଜଷ୍ଟିସ୍ ଚନ୍ଦ୍ରଚୂଡ଼

ନୂଆଦିଲ୍ଲୀ,୯।୧୧

ସୁପ୍ରିମକୋର୍ଟର ବରିଷ୍ଠତମ ବିଚାରପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ବୁଧବାର ଭାରତର ୫୦ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଶପଥ ନେଇଛନ୍ତି। ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଦେଶବାସୀଙ୍କ ସେବା କରିବା ତାଙ୍କ ସର୍ବୋଚ୍ଚ ପ୍ରାଥମିକତା ହେବ ବୋଲି ଏହି ଅବସରରେ ନୂଆ ସିଜେଆଇ ଚନ୍ଦ୍ରଚୂଡ଼ କହିଛନ୍ତି। ସିଜେଆଇ ରୂପେ ଶପଥ ନେବା ପରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ସୁପ୍ରିମକୋର୍ଟ ପରିସରରେ ମହାତ୍ମା ଗାନ୍ଧୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସେ କହିଥିଲେ, ସାଧାରଣ ଲୋକଙ୍କ ସେବା ହେଉଛି ତାଙ୍କ ପ୍ରାଥମିକତା। ଟେକ୍ନୋଲୋଜି ହେଉ କି ରେଜିଷ୍ଟ୍ରି ଅଥବା ବିଚାରବିଭାଗୀୟ ସଂସ୍କାର ସବୁ କ୍ଷେତ୍ରରେ ଦେଶର ସମସ୍ତ ନାଗରିକଙ୍କ ପାଇଁ ସେ କାର୍ଯ୍ୟ କରିବେ। ଭାରତୀୟ ନ୍ୟାୟପାଳିକାର ନେତୃତ୍ୱ ନେବା ଏକ ମହାନ୍ ସୁଯୋଗ ଓ ଉତ୍ତରଦାୟିତ୍ୱ ବୋଲି ସେ କହିଥିଲେ। ପ୍ରକାଶ ଯେ, ବିଦାୟୀ ସିଜେଆଇ ଜଷ୍ଟିସ୍ ୟୁ.ୟୁ. ଲଳିତ ମଙ୍ଗଳବାର ଅବସର ନେବା ପରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କୁ ତାଙ୍କ ସ୍ଥାନରେ ଅବସ୍ଥାପିତ କରାଯାଇଛି।

# ପରମ୍ପରାବାଦୀ ଗୋଷ୍ଠୀର ୮ ଗିରଫ

## ଲୋହିଆ ଏକାଡେମୀରେ ଭଙ୍ଗାରୁଜା ଘଟଣା

- ପରମ୍ପରାବାଦୀଙ୍କ ନାମରେ ୨, ହେତୁବାଦୀଙ୍କ ନାଁରେ ୧ ମାମଲା

ଭୁବନେଶ୍ୱର,୯।୧୧(ବ୍ୟୁରୋ)

ଚନ୍ଦ୍ରଗ୍ରହଣରେ ଖାଦ୍ୟଗ୍ରହଣକୁ ନେଇ ହେତୁବାଦୀ ଓ ପରମ୍ପରାବାଦୀ ମୁହାଁମୁହିଁ ହେବା ସମୟରେ ଭୁବନେଶ୍ୱର ଲୋହିଆ ଏକାଡେମୀ ଭଙ୍ଗାରୁଜା ହୋଇଥିଲା। ଏହି ଘଟଣାରେ କମିଶନରେଟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଲୋହିଆ ଏକାଡେମୀ ମ୍ୟାନେଜର ସୁଶାନ୍ତ କୁମାର ମହାପାତ୍ରଙ୍କ ଅଭିଯୋଗ ଆଧାରରେ ବୁଧବାର ଖାରବେଳନଗର ଥାନା ପୋଲିସ ପରମ୍ପରାବାଦୀ ଗୋଷ୍ଠୀର ୮ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ହିମାଂଶୁ ଶେଖର ହୋତା (୪୮), ଅନିଲ କୁମାର ଦାସ (୩୨), ସୁଶାନ୍ତ ପ୍ରଧାନ (୧୯), ବିଶ୍ୱରଞ୍ଜନ ବିଶ୍ୱାଳ (୨୭), ଜିତେନ୍ଦ୍ର କୁମାର ଦାସ (୨୯), ସୌମ୍ୟରଞ୍ଜନ ଭାଟିଆ (୩୪), ନିକୁଞ୍ଜବିହାରୀ ମଲ୍ଲିକ (୩୦) ଓ ଦେବାଶିଷ ରାଉତ (୩୮)। ମାମଲା ନଂ.୩୯୪/୨୦୨୨ରେ ପୋଲିସ ସେମାନଙ୍କୁ କୋର୍ଟ ଚାଲାଣ କରିଥିଲା। ସମସ୍ତଙ୍କୁ ଜାମିନ ମିଳିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ୧୧ଟା ୩୦ରେ ଲୋହିଆ ଏକାଡେମୀରେ ହେତୁବାଦୀମାନେ ଏକତ୍ର ହୋଇ ଚନ୍ଦ୍ରଗ୍ରହଣକୁ ନେଇ ରହିଥିବା ଅନ୍ଧବିଶ୍ୱାସ ସମ୍ପର୍କରେ 'ଜୟ ବିଜ୍ଞାନ' ନାମରେ ଏକ ସଚେତନତା ବୈଠକ କରିଥିଲେ। ଏହି ସମୟରେ ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତା, ମନ୍ଦିର ସେବାୟତ ସଂଘ ଓ ଅନ୍ୟ କେତେକ ସଂଗଠନର ୭୦ରୁ ୮୦ ସଦସ୍ୟ ଆସି ହେତୁବାଦୀଙ୍କୁ ବିରୋଧ କରିଥିଲେ। ପୋଲିସ ଉପସ୍ଥିତିରେ ସେମାନେ ଜୟ ଶ୍ରୀରାମ, ଜୟ ବଜରଙ୍ଗବାଲୀ, ହେତୁବାଦୀ ମୁର୍ଦ୍ଦାବାଦ ଭଳି ନାରାବାଜି ଦେବା ସହ ଢେଲାପଥର ଓ ଗୋବର ମାଡ଼ କରିଥିଲେ। ଏଥିସହ କେତେଜଣ ଏକାଡେମୀ ଗେଟ ଡେଇଁ ତଳ ମହଲା ଓ ପ୍ରଥମ ମହଲାର ୧୫ଟି ଝରକା କାଚ ଭାଙ୍ଗି ଦେଇଥିଲେ। ଏହି ସମୟରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଧସ୍ତାଧସ୍ତି ଓ ଗଣ୍ଡଗୋଳ ହୋଇଥିଲା। ପୋଲିସ ପରମ୍ପରାବାଦୀ ଗୋଷ୍ଠୀର ୮ ଜଣଙ୍କୁ ଉଠାଇ ନେଇ ତଦନ୍ତ ଚଳାଇଥିଲା। ଅନ୍ୟପକ୍ଷରେ ହେତୁବାଦୀଙ୍କ ପକ୍ଷରୁ ହୋଇଥିବା ଜାତିଆଣ ଆକ୍ଷେପ ସହ ଅନ୍ୟ ଅଭିଯୋଗ ଆଧାରରେ ପରମ୍ପରାବାଦୀଙ୍କ ନାମରେ ଆଉଏକ ମାମଲା (ନଂ.୩୯୫/୨୦୨୨) ରୁଜୁ ହୋଇଛି। ସେହିପରି ଅଭିଯୁକ୍ତ ତଥା ପରମ୍ପରାବାଦୀ ଗୋଷ୍ଠୀର ହିମାଂଶୁ ଶେଖର ହୋତାଙ୍କ ଅଭିଯୋଗ ଆଧାରରେ ହେତୁବାଦୀଙ୍କ ନାଁରେ ମଧ୍ୟ ମାମଲା (ନଂ.୩୯୬/୨୦୨୨) ରୁଜୁ କରାଯାଇଥିବା ଥାନାଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି।



ଗିରଫ ଅଭିଯୁକ୍ତମାନେ ।

# ଗଛରୁ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଠାବ

## ହଷ୍ଟେଲରୁ ନିଖୋଜ ଥିଲେ

- ନ୍ୟାୟ ଦାବିକରି ରାସ୍ତା ଅବରୋଧ କଲେ ପରିବାର ଲୋକେ
- ପରିବାର ଲୋକଙ୍କ ମାଡ଼ରେ ପ୍ରଧାନ ଶିକ୍ଷକଙ୍କ ହାତ ଭାଙ୍ଗିଲା



ଶଙ୍କର ହରିଜନ

ଡାବୁଗାଁ/ପାପଡ଼ାହାଣ୍ଡି,୯।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଜିଲା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ମାନିଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ହଷ୍ଟେଲରୁ ସୋମବାରଠାରୁ ନିଖୋଜ ଥିବା ଦଶମ ଶ୍ରେଣୀ ଛାତ୍ର ଶଙ୍କର ହରିଜନ(୧୫)ଙ୍କ ଝୁଲନ୍ତା ମୃତଦେହ ବୁଧବାର ସ୍କୁଲ ନିକଟସ୍ଥ ନଦୀକୂଳରେ ଥିବା କାଜୁଗଛରୁ ଜବତ କରାଯାଇଛି। ପ୍ୟାଣ୍ଟର ବେଲ୍ଟ ଏବଂ ଗାମୁଛା ବେକରେ ଲଗାଇ ଝୁଲୁଥିବା ଅବସ୍ଥାରେ ମୃତଦେହ ଠାବ କରାଯାଇଛି। ତେବେ ଶଙ୍କର ଆତ୍ମହତ୍ୟା କରିଛନ୍ତି କିମ୍ବା ତାଙ୍କୁ କେହି ହତ୍ୟାକରି ଝୁଲାଇଛନ୍ତି ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଉତ୍ତ୍ୟକ୍ତ ପରିବାର ଲୋକେ ଏବଂ ସମ୍ପର୍କୀୟ ପ୍ରଧାନ ଶିକ୍ଷକଙ୍କୁ ମାରପିଟ କରିବା ସହ ନ୍ୟାୟ ଦାବିରେ ରାସ୍ତା ଅବରୋଧ କରିଥିଲେ।

ସୂଚନା ଅନୁଯାୟୀ, ଶଙ୍କରଙ୍କ ଘର ଡାବୁଗାଁ ବ୍ଲକ ଅନ୍ତର୍ଗତ ବାଉଁଶବେଡ଼ା ଗ୍ରାମରେ। ସେ ସ୍କୁଲ ହଷ୍ଟେଲରେ ରହି ପଢ଼ୁଥିଲେ। ସୋମବାର ସେ ହଷ୍ଟେଲରୁ ନିଖୋଜ ଥିବା ନେଇ ବାପା ଖଗପତି ସ୍କୁଲରୁ ଖବର ପାଇଥିଲେ। ସ୍କୁଲକୁ ଯାଇ ଅନୁସନ୍ଧାନ ସହ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ବିଫଳ ହେବାପରେ ମଙ୍ଗଳବାର ସେ ଡାବୁଗାଁ ଥାନାରେ ପୁଅକୁ ଅପହରଣ କରାଯାଇଥିବା ନେଇ ଏତଲା ଦେଇଥିଲେ। ୧୭୦/୨୨ ରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିଲା। ବୁଧବାର ସକାଳେ ନଦୀକୂଳରେ ଥିବା ଗଛରେ ଶଙ୍କରଙ୍କ ଝୁଲନ୍ତା ମୃତଦେହ ଠାବ କରାଯାଇଥିଲା। ଖବର ପାଇ ମୃତ ଛାତ୍ରଙ୍କ ପରିବାର ଲୋକ ଏବଂ ସମ୍ପର୍କୀୟ ବିଦ୍ୟାଳୟରେ ପହଞ୍ଚି ପ୍ରଧାନ ଶିକ୍ଷକ ସାନକିଶୋର ନାୟକଙ୍କୁ ମାରପିଟ କରିଥିଲେ। ଏଥିରେ ପ୍ରଧାନ ଶିକ୍ଷକଙ୍କ ହାତ ଭାଙ୍ଗିଯାଇଛି। ପରେ ସେମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଡାବୁଗାଁରୁ ମୈଦଲପୁରକୁ ସଂଯୋଗ କରୁଥିବା ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ନବରଙ୍ଗପୁର ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ ଧାରଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ତେବେ ମୃତକଙ୍କ ସମ୍ପର୍କୀୟମାନେ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ ସହ ଗିରଫ ପାଇଁ ଦାବି କରିଥିଲେ। ଏଥିସହ ଉକ୍ତ ମାମଲାରେ ତଦନ୍ତ କରୁଥିବା ଅଧିକାରୀଙ୍କୁ ମଧ୍ୟ ହଟାଇବା ପାଇଁ କହିଥିଲେ। ଅପରପକ୍ଷେ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ଘଟଣାର ତଦନ୍ତ କରାଯାଇ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍‌ରୁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହାପରେ ରାସ୍ତାରୋକୋ ହଟିବା ସହ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ବଜାରରେ ଗହମ ...

ପ୍ରଥମ ପୃଷ୍ଠାରୁ

ଗହମ ଯୋଗାଇ ଦେଇଥାଏ। ମାତ୍ର ଗତ ଫେବୃୟାରୀରୁ ଏଫ୍‌ସିଆଇ ଓଏମ୍‌ଏସ୍ ଜରିଆରେ ଆଉ ଗହମ ଯୋଗାଇ ଦେଉନାହିଁ। ଗହମ ଅଭାବରୁ ଏହି ଯୋଜନା ଚଳିତ ବର୍ଷ ବନ୍ଦ ହୋଇଯାଇଥିବା ଏଫ୍‌ସିଆଇ ପକ୍ଷରୁ କୁହାଯାଇଛି। ମାତ୍ର ଖୁଚୁରା ବଜାରରେ ଥିବା ବହୁରାଷ୍ଟ୍ରୀୟ କମ୍ପାନୀମାନେ ଗହମକୁ ନିଜ କବ୍‌ଜାକୁ ନେଇ ଚଢ଼ାଦରରେ ବିକ୍ରି କରୁଛନ୍ତି। ଘରୋଇ କମ୍ପାନୀଗୁଡ଼ିକୁ ଅନୁକମ୍ପା ଦେଖାଇ ଏଫ୍‌ସିଆଇ ଓଏମ୍‌ଏସ୍ ବନ୍ଦ କରିଥିବା ବ୍ୟବସାୟୀମାନେ ଅଭିଯୋଗ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି।

ରାଜ୍ୟକୁ ମାସିକ ୧୭ ହଜାର ଟନ୍ ଗହମ ଆବଶ୍ୟକ ହୋଇଥାଏ। ଏଫ୍‌ସିଆଇରୁ ଅଟା ମିଲରମାନେ କ୍ରୟ କରି ଅଟା, ମଇଦା, ସୁଜି ଆଦି ଯୋଗାଇ ଦିଅନ୍ତି। ଏଫ୍‌ସିଆଇରୁ ଗହମ କୁଇଣ୍ଟାଲ ପିଛା ୨୨୦୦ରୁ ୨୪୦୦ ଟଙ୍କାରେ ମିଳୁଥିବା ବେଳେ ଗହମ ଅଭାବ ଯୋଗୁ କୁଇଣ୍ଟାଲ ଦର ୨୯୦୦ରୁ ୩ ହଜାର ଟଙ୍କା ହୋଇଛି। ଦର ବଢ଼ିଥିଲେ ମଧ୍ୟ ବଜାରରେ ଗହମ ଉପଲବ୍ଧ ହେଉନାହିଁ। ଗହମ ସଙ୍କଟ ଯୋଗୁ ରାଜ୍ୟରେ ଥିବା ୪୦ ଅଟା ମିଲ୍ ଅଚଳ ହେବାକୁ ବସିଲାଣି। ଚଢ଼ା ଦରରେ ବହୁ କଷ୍ଟରେ ଅନ୍ୟ ରାଜ୍ୟରୁ ୫ରୁ ୬ ହଜାର ଟନ ଆଣି କାମ ଚଳାଯାଉଛି।

ଅନ୍ୟପକ୍ଷରେ ଗତ ଜୁନରୁ ରାଜ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଗହମ ମିଳୁନାହିଁ। ୨୦୨୩ ମାର୍ଚ୍ଚ ଯାଏ ଗହମ ମିଳିବ ନାହିଁ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗହମ ଅଭାବ ଯୋଗୁ ହିତାଧିକାରୀମାନେ ବଜାରରୁ ଚାହିଁଲେ ମଧ୍ୟ ପାଇବେ ନାହିଁ। ଚଢ଼ା ଦରରେ ଅଟା କିଣି ଖାଇବାକୁ ବାଧ ହେଉଛନ୍ତି। ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଏନ୍‌ଏଫ୍‌ଏସ୍‌ଏ ହିତାଧିକାରୀଙ୍କ ମଧ୍ୟରୁ ୧୪% ଲୋକ ଗହମ ନେଉଥିବା ବେଳେ ୮୬% ଚାଉଳ ନେଉଛନ୍ତି। ଏ ବାବଦରେ କେନ୍ଦ୍ର ସରକାର ମାସିକ ୨୪,୭୦୦ ମେଟ୍ରିକ ଟନ ଗହମ ଯୋଗାଇ ଦେଉଛନ୍ତି। ଗହମ ନେଉଥିବା ହିତାଧିକାରୀ ଭୁବନେଶ୍ୱରର ଟଙ୍କଧର ସାହୁ କହିଛନ୍ତି, ଆଜିକାଲି ଅଧିକାଂଶ ଲୋକ ମଧୁମେହ ରୋଗରେ ପୀଡ଼ିତ। ରୁଟି ଖାଇବା ଜରୁରୀ ହୋଇପଡ଼ିଲାଣି। ଗହମ ମିଳୁ ନ ଥିବାରୁ ଉଚ୍ଚ ଦରରେ ବଜାରରୁ ଅଟା କିଣି ଖାଇବା କଷ୍ଟକର ହେଉଛି। କେନ୍ଦ୍ର ସରକାର ପୂର୍ବରୁ ଯେମିତି ଗହମ ଯୋଗାଇ ଦେଉଥିଲେ ଏବେ ସେମିତି ଯୋଗାଇ ଦିଅନ୍ତୁ। ସମସ୍ତଙ୍କୁ ଚାଉଳ ନେବାକୁ ବାଧ କରିବା ଠିକ୍ ନୁହେଁ ।

ଭୁବନେଶ୍ୱର ୟୁନିଟ-୧ ହାଟର ବ୍ୟବସାୟୀ ଦିନେଶ ପାତ୍ର କହିଛନ୍ତି, ଗତ ୨/୩ ମାସ ହେବ ଗହମ, ଅଟା, ମଇଦା, ସୁଜି ଇତ୍ୟାଦି ଦର ବଢ଼ିଚାଲିଛି। କୁଇଣ୍ଟାଲ ପିଛା ୩୦୦ରୁ ୪୦୦ ଟଙ୍କା ବଢ଼ିଛି। ଗତ ମାସେ ହେବ ପ୍ରତିଦିନ ଏହିସବୁ ସାମଗ୍ରୀର ଦର କିଲୋ ପିଛା ୫୦ ପଇସାରୁ ୧ ଟଙ୍କା ବଢ଼ିଚାଲିଛି। ଶୀତଦିନ ଆସୁଥିବାରୁ ରୁଟିର ଚାହିଦା ବଢ଼ିବ। ତଦନୁଯାୟୀ ଦର ମଧ୍ୟ ବଢ଼ିବ, ଯାହାକି ଗ୍ରାହକଙ୍କ ଉପରେ ଚାପ ପକାଇବ। ସରକାର ଏ ଦିଗରେ ପଦକ୍ଷେପ ନେବା ଦରକାର ବୋଲି ସେ କହିଛନ୍ତି।

ସର୍ବଭାରତୀୟ ରୋଲର ଫ୍ଲାୱାର ମିଲର ଫେଡେରେଶନର ଓଡ଼ିଶା ସଦସ୍ୟ ସୁବାସ ଗୁପ୍ତା କହିଛନ୍ତି, ଗହମ ଯୋଗାଇ ଦେବାକୁ ଫେଡେରେଶନ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅନେକ ଥର ଅନୁରୋଧ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। କେନ୍ଦ୍ର ସରକାରଙ୍କୁ ଗହମ ସଙ୍କଟ ବିଷୟରେ ଅବଗତ କରିବାକୁ ରାଜ୍ୟ ସରକାରଙ୍କୁ ମଧ୍ୟ ଆମେ ଜଣାଇଛୁ। ମାତ୍ର ଉଭୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। କେନ୍ଦ୍ର ସରକାର ତୁରନ୍ତ ଗହମ ଯୋଗାଇ ନ ଦେଲେ ଓଡ଼ିଶାରେ ଥିବା ୭୦ ଭାଗ ଅଟା ମିଲ୍ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ ବୋଲି ସେ କହିଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଗହମ ଯୋଗାଇବା ଏଫ୍‌ସିଆଇର କାମ। ରାଜ୍ୟ ସରକାରଙ୍କ ସେଥିରେ କିଛି ଭୂମିକା ନାହିଁ। କେନ୍ଦ୍ର ଓ ରାଜ୍ୟ ସରକାର ସମସ୍ୟା ସମାଧାନ ପରିବର୍ତ୍ତେ ମୌନ ରହିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଉଚ୍ଚସ୍ଥ ଚନ୍ଦ୍ରଙ୍କ ସୁପ୍ରଭାବରୁ କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇ ପାରିବାରିକ ଅଶାନ୍ତି ଦେଖାଦେଇପାରେ। ଅଫିସ୍‌ରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିବ। ନୂତନ ଯାନବାହନ କ୍ରୟ ସକାଶେ ମନ ବଳାଇପାରନ୍ତି।

**ବୃଷ**
ଆପଣଙ୍କ ସନ୍ଦେହୀ ମନ ହେତୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖି ଅଶାନ୍ତ ରହିବେ। ଅର୍ଥ ସଂଗ୍ରହର ପ୍ରଚେଷ୍ଟା ଫଳବତୀ ହେବ ଓ ସଫଳତା ମଧ୍ୟ ମିଳିବ। କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ, ଫଳରେ ସ୍ୱାସ୍ଥ୍ୟହାନିର ସମ୍ଭାବନା ରହିଛି। ତୀର୍ଥାଟନ କଥା ଚିନ୍ତା କରିପାରନ୍ତି। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ ।

**ମିଥୁନ**
ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ଖୁସି ହୋଇପାରେ। ଅତୀତର ଅପୂର୍ଣ୍ଣ କାମକୁ ଆଜି ଅନ୍ୟମାନଙ୍କ ସାହାଯ୍ୟରେ ସମ୍ପୂର୍ଣ୍ଣ କରିବେ। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ଭାବେ ଟେନ୍‌ସନ ସୃଷ୍ଟି କରିବ। ସାୟାହ୍ନେ ପିଲାଙ୍କ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି।

**କର୍କଟ**
ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଆର୍ଥିକ ଅନଟନ ଲାଗିରହିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳିନେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ଆଜି ଦିନଟିରେ ପରିଶ୍ରମ ତୁଳନାରେ ପାରିଶ୍ରମିକ କମ୍ ହେବ।

**ସିଂହ**
ମାନସିକ ଦ୍ୱନ୍ଦ୍ୱରେ ପଡ଼ି ବନ୍ଧୁଙ୍କ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନି। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବାରୁ ଚିନ୍ତା ପ୍ରକଟ କରିପାରନ୍ତି। ଆକସ୍ମିକ ଭାବେ ଦୂରଯାତ୍ରା କରିବାକୁ ପଡ଼ିପାରେ। ଅବହେଳିତ କାମଜନିତ କର୍ମକ୍ଷେତ୍ରରେ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବନାହିଁ।

**କନ୍ୟା**
ପରିବାରର ଆର୍ଥିକ ଅନଟନ ମାନସିକ ଦୁଶ୍ଚିନ୍ତାର କାରଣ ହେବ। ଅପେକ୍ଷା କରିବାକୁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପଡ଼ିବେ। କର୍ମକ୍ଷେତ୍ରରେ ସମ୍ମାନଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବନ୍ଧୁଙ୍କ କଥାରେ ଭରସା କରି ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ।

**ତୁଳା**
ପୂର୍ବରୁ ପାଇଥିବା ପ୍ରତିଶ୍ରୁତି ଅନୁଯାୟୀ ଆଜି ଅର୍ଥ ଓ ସମ୍ମାନ ପାଇବେ। ଆନୁଷ୍ଠାନିକ କାମରେ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଆଲୋଚନା କିମ୍ବା ସଭାସମିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ନିଜ ଫାଇଦା ହାସଲ ପାଇଁ ବନ୍ଧୁମାନେ ଫନ୍ଦିଫିକର କରିବା ଲାଗି ମନ ବଳାଇବେ।

**ବିଛା**
କାର୍ଯ୍ୟବ୍ୟସ୍ତତା କାରଣରୁ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ। ପିଲାମାନଙ୍କ ଅସାବଧାନତା ଦ୍ୱାରା ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ପ୍ରେସ୍, ପବ୍ଲିକେଶନ, ସଭାସମିତି, ରାଜନୀତି, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରଶଂସିତ ହେବେ।

**ଧନୁ**
ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ସମୟାନ୍ତରେ ସଫଳତା ଅବଶ୍ୟ ମିଳିବ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି , ଏଣୁ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ଭଲ ହେବ। ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖୋଜଖବର ପାଇପାରନ୍ତି। ଜମିଜମା କାରବାରଜନିତ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**ମକର**
ପାରିବାରିକ ଜୀବନ ସୁଖଶାନ୍ତିରେ କଟିବ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ନିକଟ ସମ୍ପର୍କୀୟ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବାର ଆଶଙ୍କା ଉପୁଜାଇପାରେ।

**କୁମ୍ଭ**
ଆଶା କରୁଥିବା କୌଣସି ଶୁଭ ଖବର ପଡ଼ୋଶୀଙ୍କ ନିକଟରୁ ପାଇ ଖୁସି ହେବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବାରମ୍ବାର ଅସଫଳତା କାରଣରୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମୀନ**
କର୍ମକ୍ଷେତ୍ରରେ ଅହେତୁକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ମନାନ୍ତର ଦେଖା ଦେଇପାରେ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ନଭେମ୍ବର ୧୦ ତାରିଖ, ମାର୍ଗଶିର କୃଷ୍ଣ ଦ୍ୱିତୀୟା, ମାଣବସା ଗୁରୁବାର ପ୍ରଥମ ପାଳି, ବିଶ୍ୱ ବିଜ୍ଞାନ ଦିବସ, ରାଶି ନକ୍ଷତ୍ର-ରୋହିଣୀ/ବୃଷ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ପ୍ରାତଃ ଘ.୦୫।୫୫ ଗତେ, ଘ.୦୭।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୨।୫୪ ଗତେ, ଘ.୦୨।୧୭ ମଧ୍ୟେ ରାହୁକାଳ।।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୮୬,୧୮,୦୮୧ | ୬୬,୦୮,୬୨୯ | ୬୧,୮୩,୯୨,୬୫୯ |
| ଭାରତ | ୪,୪୬,୬୨,୯୫୨ | ୫,୩୦,୫୧୧ | ୪,୪୧,୧୮,୮୮୨ |
| ଓଡ଼ିଶା | ୧୩,୩୬,୩୦୪ | ୯୨୦୪(+୫୩) | ୧୩,୨୬,୯୧୫ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ୧୨ରୁ ବଢ଼ିବ ଶୀତ

**ଭୁବନେଶ୍ୱର,୯।୧୧(ବ୍ୟୁରୋ):** ରାଜ୍ୟରେ ହାଲୁକା ଶୀତ ଜାରି ରହିଛି। ତେବେ ଆସନ୍ତା ୧୨ ତାରିଖ ପରେ ରାଜ୍ୟରେ ଶୀତର ପ୍ରକୋପ ବଢ଼ିବ। ଏ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ କରାଯାଇ ସୂଚନା ଦିଆଯାଇଛି। ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ତଳକୁ ଖସିବା ସମ୍ଭାବନା ରହିଛି। ଦୁଇଦିନ ହେବ ରାଜ୍ୟରେ କୋହଲା ପାଗ ଲାଗି ରହିଛି। ପାହାନ୍ତିଆ ଓ ସନ୍ଧ୍ୟା ସମୟରେ ହାଲୁକା ଶୀତ ଅନୁଭୂତ ହେଉଛି। ଏଥିସହ କିଛି ସ୍ଥାନରେ କୁହୁଡ଼ି ପଡୁଥିବା ଦେଖିବାକୁ ମିଳିଛି। ବୁଧବାର ୭ ସହରରେ ସର୍ବନିମ୍ନ ତାପମାତ୍ରା ୧୬ ଡିଗ୍ରୀ ତଳେ ରହିଛି। ବୌଦ୍ଧରେ ସର୍ବନିମ୍ନ ୧୪ ଡିଗ୍ରୀ ସେଲ୍‌ସିୟସ ଥିବା ବେଳେ କୋରାପୁଟ ୧୪, ଦାରିଙ୍ଗବାଡ଼ି ୧୪.୫, ଫୁଲବାଣୀ ୧୫.୫, କେନ୍ଦୁଝର ୧୬, ଭବାନୀପାଟଣା ୧୬.୨, ନୟାଗଡ଼ରେ ସର୍ବନିମ୍ନ ତାପମାତ୍ରା ୧୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

### ସ୍କୁଲ ଯିବା ବେଳେ ଟ୍ରକ ଚାପାରେ ଛାତ୍ରୀ ମୃତ

**ସମ୍ବଲପୁର,୯।୧୧(ବ୍ୟୁରୋ):** ବୁଧବାର ସମ୍ବଲପୁର ଜିଲା ଅଇଁଠାପାଲି ଥାନା ତଳି ଛକରେ ଏକ ଟ୍ରକ ଚାପାରେ ବୁଢ଼ାରଜା ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ ପ୍ରଜ୍ଞା ପରମିତା ପାଣିଗ୍ରାହୀ(୧୪)ଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାକୁ ନେଇ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ପୋଲିସ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖିଛି। ମିଳିଥିବା ସୂଚନା ମୁତାବକ, ଭାଲୁପାଲି ଗ୍ରାମର ପ୍ରଜ୍ଞା ବୁଢ଼ାରଜା ହାଇସ୍କୁଲରେ ପଢୁଥିଲେ। ସେ ପ୍ରତିଦିନ ଭଳି ପୂର୍ବାହ୍ନରେ ସାଇକେଲରେ ଘରୁ ବାହାରି ସ୍କୁଲକୁ ଯାଉଥିଲେ। ଅଇଁଠାପାଲି ଛକ ବୁଲାଣି ଅତିକ୍ରମ କରୁଥିବା ସମୟରେ ଏକ ୧୨ ଚକିଆ ଟ୍ରକ (ନଂ.ଓଡି୦୨ବିଇ୧୬୬୦)ର ପଛ ଚକା ତଳେ ପ୍ରଜ୍ଞା ପଡି ଯାଇଥିଲେ। ଫଳରେ ଟ୍ରକର ପଛ ଚକ ତାଙ୍କ ମୁଣ୍ଡରେ ଚଢ଼ିଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଟ୍ରକଟି ଅଇଁଠାପାଲି ଛକ ଦେଇ ଝାରସୁଗୁଡ଼ା ଅଭିମୁଖେ ଯାଉଥିଲା। ଖବରପାଇ ପୋଲିସ ମୃତଦେହ ଜବତ କରି ଡାକ୍ତରଖାନା ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ନଂ ୭୦୮/୨୨ରେ ମାମଲା ରୁଜୁ ହୋଇଛି। ଏହି ଖବର ପ୍ରଚାରିତ ହେବା ପରେ ବୁଢ଼ାରଜା ହାଇସ୍କୁଲ ଓ ଭାଲୁପାଲି ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ପ୍ରଜ୍ଞା ଜଣେ ମେଧାବୀ ଓ ମେଳାପୀ ଛାତ୍ରୀ ଥିଲେ।

### ପୋଖରୀରୁ ମହିଳାଙ୍କ ମୃତଦେହ ଜବତ

**ଝାରସୁଗୁଡ଼ା ଅଫିସ, ୯।୧୧:** ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଝାରମୁଣ୍ଡା ପଞ୍ଚାୟତ ମାଲିବେଡ଼ାଁରା ଗ୍ରାମ ପୋଖରୀରୁ ମହିଳାଙ୍କ ମୃତଦେହ ଜବତ କରାଯାଇଛି। ସେ ସେହି ଗ୍ରାମର ଗୋଲାପି ବାଗ (୬୫)। ମଙ୍ଗଳବାର ଗାଧୋଇ ଯାଇ ଘରକୁ ଫେରି ନ ଥିଲେ। ବୁଧବାର ଲୋକେ ଗାଧୋଇ ଯିବା ବେଳେ ମହିଳାଙ୍କ ମୃତଦେହ ଭାସୁଥିବା ଦେଖି ବାଗଡିହି ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

# ଜନବସତିରେ ମାତାଲ ହାତୀଙ୍କ ଉତ୍ପାତ

- ୨୦ରୁ ଊର୍ଦ୍ଧ୍ୱ କଦଳୀ କାନ୍ଧି ଖାଇଗଲେ
- ଆତଙ୍କିତ ଅବସ୍ଥାରେ ଲୋକେ

**ପାଟଣା,୯।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ରେଞ୍ଜ୍‌ରେ ବୁଲୁଥିବା ୨୪ ଟିକିଆ ଝାଡ଼ଖଣ୍ଡୀ ହାତୀପଲ ଜନବସତିମୁହାଁ ହୋଇଛନ୍ତି। ଗତ ମଙ୍ଗଳବାର ଅପରାହ୍ନରେ ହାତୀ ମାତାଲ ହୋଇ କାଜୁ ଜଙ୍ଗଲରେ ପଡ଼ିଥିବା ବେଳେ ରାତିରେ ବିଷ୍ଣୁପୁର ଗାଁରେ ପଶି ଉତ୍ପାତ କରିଛନ୍ତି। ଏକ କଦଳୀ ବଗିଚାକୁ ନଷ୍ଟ କରିବା ସହ ୨୦ରୁ ଊର୍ଦ୍ଧ୍ୱ କଳଦୀ କାନ୍ଧି ଖାଇଯାଇଛନ୍ତି। ହାତୀପଲ ଗାଁ ନିକଟରେ ଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି।


ଭାଙ୍ଗି ଦେଇଥିବା କଦଳୀ ବଗିଚା।

ସୂଚନା ମୁତାବକ, ହାତୀପଲ ମଙ୍ଗଳବାର ରାତିରେ ବିଷ୍ଣୁପୁର ଗାଁର ଉଦୟ ନାଥ ମିଶ୍ରଙ୍କ କଦଳୀ ବଗିଚାରେ ପଶିଥିଲେ। ସେଠାରେ ୫୦ରୁ ଊର୍ଦ୍ଧ୍ୱ କଦଳୀ ଗଛ ଭାଙ୍ଗିବା ସହ ୨୦ଟି କାନ୍ଧି ଖାଇଦେଇଥିଲେ। ଏଥିସହ ଦୀନବନ୍ଧୁ ମିଶ୍ରଙ୍କ ଫସଲ ମଧ୍ୟ ନଷ୍ଟ କରିଛନ୍ତି। ବୁଧବାର ସନ୍ଧ୍ୟାରେ ପଲ ପରମେଶ୍ୱର ମନ୍ଦିର ସନ୍ନିକଟରେ ରହିଛନ୍ତି। ହାତୀପଲରେ ୯ ଦନ୍ତା, ୯ ଛୁଆ ଓ ୬ ମାଇହାତୀ ରହିଥିବା ବେଳେ ପାଟଣା ମୁଖ୍ୟାଳୟରେ ଘୂରି ବୁଲୁଥିବା ବନ ବିଭାଗ କହିଛି। ବନ ବିଭାଗ ତରଫରୁ ଡାକବାଜି ଯନ୍ତ୍ର ଯୋଗେ ଲୋକଙ୍କୁ ସଚେତନ କରାଯାଉଛି। ଘଟଣା ସ୍ଥଳରେ ରେଞ୍ଜର ଘାସିନାଥ ପାତ୍ର, ଫରେଷ୍ଟର ଚିତ୍ତରଞ୍ଜନ ପରିଡ଼ା ପାରା ଷ୍ଟାଫ୍‌ଙ୍କ ସହାୟତାରେ ହାତୀଙ୍କ ଗତିବିଧି ଉପରେ ନଜର ରଖିଥିବା କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ହାତୀପଲ ୪ ଦିନ ହେଲା ପାଟଣା ରେଞ୍ଜରେ ବୁଲୁଥିବା ବେଳେ ମଙ୍ଗଳବାର ରନ୍ଧା ମହୁଲୀ ପୋଚ ପିଇ ମାତାଲ ହୋଇ ଏକ କାଜୁ ଜଙ୍ଗଲରେ ପଡ଼ିଥିଲେ।

# ତଦନ୍ତ ପାଇଁ ତଥ୍ୟ ମାଗିଲା ଇଡି

**ବ୍ରହ୍ମପୁର ଅଫିସ,୯।୧୧**

### ବିଧାୟକ ପ୍ରଦୀପଙ୍କ ବିରୋଧରେ ମନି ଲଣ୍ଡରିଂ ମାମଲା

ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ମାମଲାରେ ଛନ୍ଦି ହୋଇଥିଲେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ। ବର୍ତ୍ତମାନ ଇଡି(ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ପ୍ରଦୀପଙ୍କ ବିରୋଧରେ ମନି ଲଣ୍ଡରିଂ ମାମଲାର ତଦନ୍ତ ଆରମ୍ଭ କରିଛି। ତାଙ୍କର ଆର୍ଥିକ କାରବାର ଉପରେ ତଦନ୍ତ ଆରମ୍ଭ ହୋଇଛି। ଏଥିପାଇଁ ଇଡି ବ୍ରହ୍ମପୁର ପୋଲିସକୁ ବିଧାୟକ ପ୍ରଦୀପଙ୍କ ସମେତ ଆଇଏଫ୍‌ଏସ୍ ଅଭୟ ପାଠକ ଓ ପୁଅ ଆକାଶ ପାଠକଙ୍କ ପୁରୁଣା ମାମଲାର ବିଭିନ୍ନ ତଥ୍ୟ ମାଗିଛି। ବିଧାୟକଙ୍କ ସମେତ ୩ଜଣଙ୍କ ନାମରେ ବ୍ରହ୍ମପୁର ପୋଲିସ ଜିଲାରେ ରୁଜୁ ହୋଇଥିବା ମାମଲାର ସବିଶେଷ ତଥ୍ୟ ଇଡିକୁ ହସ୍ତାନ୍ତର କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା.ଶ୍ରବଣା ବିବେକ ଏମ୍. ସୂଚନା ଦେଇଛନ୍ତି। ଟାଟା ମୋଟର୍ସରେ ଚାକିରି ନାଁରେ ଗଞ୍ଜାମ ଜିଲାର ବିଭିନ୍ନ ଲୋକଙ୍କଠାରୁ ଟଙ୍କା ଠକେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ କଟକ କ୍ରାଇମ୍‌ବ୍ରାଞ୍ଚର ସାଇବର ଥାନାରେ ମାମଲା ରୁଜୁ ହୋଇଥିଲା। ଚାକିରି ନାଁରେ ଲୋକଙ୍କଠାରୁ ଟଙ୍କା ଠକିବା ଅଭିଯୋଗରେ କ୍ରାଇମବ୍ରାଞ୍ଚ ୨୦୨୦ ଡିସେମ୍ବର ୩ରେ ବିଧାୟକ


ବିଧାୟକ ପ୍ରଦୀପ ପାଣିଗ୍ରାହୀ

ପ୍ରଦୀପଙ୍କୁ ଗିରଫ କରିଥିଲା। ଏହା ସହିତ ଅଭୟ ପାଠକ ଓ ତାଙ୍କ ପୁଅ ଆକାଶ ପାଠକଙ୍କୁ ମଧ୍ୟ କ୍ରାଇମବ୍ରାଞ୍ଚ ଗିରଫକରି ଘଟଣାର ଅଧିକ ତଦନ୍ତ ଜାରି ରଖିଥିଲା। ସେପଟେ ବ୍ରହ୍ମପୁର ପୋଲିସ ଜିଲାରେ ପ୍ରଦୀପ ଓ ଅନ୍ୟମାନଙ୍କ ନାମରେ ଚାକିରି ନାଁରେ ଠକେଇ ମାମଲା ରୁଜୁ ହୋଇଥିଲା। ବୈଦ୍ୟନାଥପୁର ଥାନାରେ ୨ଟି ଓ ଗୋଳନ୍ଥରା ଥାନାରେ ୩ଟି ମାମଲା ରୁଜୁ ହୋଇଥିଲା। ପରେ ବିଧାୟକ ପ୍ରଦୀପଙ୍କୁ ୨୦୨୧ ଜୁନ୍‌ରେ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଥିଲା।


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ବୁଧବାର କମିଶନରେଟ ପୋଲିସ ପକ୍ଷରୁ ହୋଇଥିବା କାର୍‌କେଡ୍ ରିହର୍ସାଲ।

# ଆଜି ଆସୁଛନ୍ତି ରାଷ୍ଟ୍ରପତି

- ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବେ
- ପୂର୍ବାହ୍ନ ୧୦ଟା ୩୦ରୁ ସର୍ବସାଧାରଣ ଦର୍ଶନ ବନ୍ଦ

**ଭୁବନେଶ୍ୱର,୯।୧୧(ବ୍ୟୁରୋ)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ନୂଆଦିଲୀରୁ ଏକ ସ୍ୱତନ୍ତ୍ର ବିମାନରେ ଆସି ଭୁବନେଶ୍ୱର ବିମାନ ବନ୍ଦରରେ ସକାଳ ୧୦ଟା ୫୦ ମିନିଟ୍‌ରେ ପହଞ୍ଚିବେ। ସେଠାରୁ ସିଧା ପୁରୀ ଯାଇ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏହି ଗସ୍ତ ପାଇଁ ପୂର୍ବାହ୍ନ ୧୦ଟା ୩୦ରୁ ରାଷ୍ଟ୍ରପତିଙ୍କ ପ୍ରସ୍ଥାନ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଓ ପୁରୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ରାଷ୍ଟ୍ରପତି ପୁରୀରେ ପ୍ରାୟ ୪ଘଣ୍ଟା ଅତିବାହିତ କରିବାକୁ ଥିବାରୁ ଶ୍ରୀମନ୍ଦିର, ରାଜଭବନ, ତାଳବଣିଆ ହେଲିପ୍ୟାଡ୍‌ଠାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ରାଷ୍ଟ୍ରପତି ସକାଳ ପ୍ରାୟ ୧୧ଟା ୪୦ରେ ତାଳବଣିଆ ହେଲିପ୍ୟାଡରେ ପହଞ୍ଚିବେ। ସେଠାରୁ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରି ମଧ୍ୟାହ୍ନ ୧୨ଟାରେ ସିଂହଦ୍ୱାର ନିକଟରେ ପହଞ୍ଚିବେ। ସେଠାରେ ଶ୍ରୀମନ୍ଦିର ପରିଚାଳନା କମିଟିର ମୁଖ୍ୟ ଗଜପତି ମହାରାଜା ଦିବ୍ୟସିଂହ ଦେବ ତାଙ୍କୁ ସ୍ୱାଗତ କରିବେ। ଶ୍ରୀମନ୍ଦିରରେ ପ୍ରାୟ ୪୫ ମିନିଟ୍ ବିତାଇବା ସହ ଠାକୁରଙ୍କୁ ପୂଜାର୍ଚ୍ଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସିଂହଦ୍ୱାର ନିକଟସ୍ଥ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ଏହାପରେ ରାଷ୍ଟ୍ରପତି ପୁରୀ ରାଜଭବନକୁ ଫେରି ମହାପ୍ରସାଦ ସେବନ କରିବେ। ଅପରାହ୍ନ ୩ଟାରେ ରାଷ୍ଟ୍ରପତି ରାଜଭବନରୁ ବାହାରି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ଭୁବନେଶ୍ୱରରେ ପହଞ୍ଚିବା ପରେ ୬ଟି ସ୍ଥାନରେ ମାଲ୍ୟାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। କଳ୍ପନା ଛକସ୍ଥିତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି, ରାଜଭବନରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସ, ଗୋପବନ୍ଧୁ ଛକରେ ଉତ୍କଳମଣି ଗୋପବନ୍ଧୁ ଦାସ, ପାୱାର ହାଉସ ଛକସ୍ଥିତ ମହାରାଜ ଶ୍ରୀରାମ ଚନ୍ଦ୍ର ଭଞ୍ଜ, ନାଲକୋ ଛକରେ କବି ଗଙ୍ଗାଧର ମେହେର ଓ ଉତ୍କଳ ହସ୍ପିଟାଲ ନିକଟ ଶହୀଦ ଲକ୍ଷଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି।

# ଅଟୋ-ବାଇକ୍ ଧକ୍କା: ୨ ମୃତ

### ୪ ମହିଳା ଶ୍ରମିକ ଗୁରୁତର

**ବେଗୁନିଆ,୯।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଭୂଇଁପୁର ଛକ ନିକଟରେ ବୁଧବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଅଟୋ-ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ଜଣ ମହିଳା ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଏହି ଥାନା ଅଧୀନ ବୋଲଗଡ଼ ବ୍ଲକ ଚଟୁଆ ଗ୍ରାମର ବାଇକ୍ ଚାଳକ ନିରଞ୍ଜନ ପାତ୍ର (୩୦) ଓ ଦେବୀପ୍ରସାଦ ଆଦିବାସୀସାହିର ଧନୀ ନାୟକ(୪୮)। ଆହତଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ମୁତାବକ, ଛାଡ଼ଖାଇ ପାଇଁ ସକାଳ ୭ଟାରେ ବଜାର ଓ ରାସ୍ତାରେ ଗହଳି ରହିଥିଲା। ଏହି ସମୟରେ ଦେବୀପ୍ରସାଦ ଆଦିବାସୀସାହିରୁ ୬ଜଣ ମହିଳା ଶ୍ରମିକଙ୍କୁ ନେଇ ଏକ ଅଟୋ (ଓଡି୨୫ଏଚ-୧୧୬୧) ବେଗୁନିଆ ଅଭିମୁଖେ ଆସୁଥିଲା। ରଣପୁର ପୂର୍ତ୍ତ ବିଭାଗ ରାସ୍ତା ଅନ୍ତର୍ଗତ ଭୂଇଁପୁର ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ (ଓଡି ୦୨ଡବ୍ଲ୍ୟୁ ୫୫୯୦) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟଲୋକେ ସମସ୍ତ ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ନିରଞ୍ଜନ ଓ ଧନୀଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୨୯୨/୨୨)ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି।

# ଦୁଇ ପୁଅଙ୍କ ସହ ମିଶି ସ୍ୱାମୀଙ୍କୁ ହତ୍ୟା

**ଖଲ୍ଲିକୋଟ,୯।୧୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ଖଲ୍ଲିକୋଟ ଏନ୍‌ଏସି ଅନ୍ତର୍ଗତ ତୋଟାଗାଁରେ ମଙ୍ଗଳବାର ରାତିରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହରୁ ଜଣେ ମହିଳା ଦୁଇ ପୁଅଙ୍କ ସହ ମିଶି ସ୍ୱାମୀଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ତୋଟାଗାଁର ସୂର୍ଯ୍ୟ ପାହାନ (୫୫)। ପୋଲିସ ମୃତଦେହ ଜବତ କରିବା ସହ ଅଭିଯୁକ୍ତ ସ୍ତ୍ରୀ ସୁଜ୍ଞାନୀ ପାହାନ, ପୁଅ ରତ୍ନା ପାହାନ ଓ ବିଷ୍ଣୁ ପାହାନଙ୍କୁ ଗିରଫ କରିଛି। ସ୍ୱାମୀଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ହତ୍ୟା କଲେ ବୋଲି ସୁଜ୍ଞାନୀ ସ୍ୱୀକାର କରିଥିବା ପୋଲିସ କହିଛି।

ପ୍ରାୟ ୧୫ ବର୍ଷ ହେବ ସୂର୍ଯ୍ୟଙ୍କ ପରିବାରରେ ଅଶାନ୍ତି ଲାଗିରହିଥିଲା। ଅଧିକାଂଶ ସମୟରେ ସ୍ତ୍ରୀ, ପିଲାଙ୍କୁ ସୂର୍ଯ୍ୟ ମାଡ଼ ମାରୁଥିଲେ। କିଛିଦିନ ତଳେ ସ୍ୱାମୀଙ୍କ ମାଡ଼ରେ ସୁଜ୍ଞାନୀଙ୍କ ଗୋଡ଼ହାତ ଭାଙ୍ଗି ଯାଇଥିଲା। ସେବେଠୁ ସୂର୍ଯ୍ୟ ଭୁବନେଶ୍ୱର ପଳାଇ ଆସିଥିଲେ। ମଙ୍ଗଳବାର ସେ ଗାଁକୁ ଫେରି ପୂର୍ବପରି ସ୍ତ୍ରୀ, ପିଲାଙ୍କୁ ଗାଳିଗୁଲଜ କରିବା ସହ ପୁଣି ମାଡ଼ ମାରିଥିଲେ। ଏଥିରେ ଅତିଷ୍ଠ ହୋଇ ରାତିରେ ମା' ଓ ଦୁଇ ପୁଅ ମିଶି କାତିରେ ହାଣି ସୂର୍ଯ୍ୟଙ୍କୁ ହତ୍ୟା କରିଥିଲେ। ପରେ ସେମାନେ ମୃତଦେହକୁ ପୋଡିଦେବା ପାଇଁ ଶ୍ମଶାନକୁ ନେଇଥିଲେ। ଶ୍ମଶାନରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ପଡ଼ିଥିବା କୌଣସି ସୂତ୍ରରୁ ଖଲ୍ଲିକୋଟ ପୋଲିସ ଖବର ପାଇଥିଲା। ଆଇଆଇସି ଜଗନ୍ନାଥ ମଲ୍ଲିକ, ଏସ୍‌ଆଇ ଦେବାଶିଷ ମିଶ୍ର, ଅମ୍ବିକା ବେଣିଆ ପୋଲିସ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ମା', ପୁଅଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରିଥିଲା। ବୁଧବାର ସାଇଣ୍ଟିଫିକ ଟିମ୍, ସନ୍ଧାନୀ କୁକୁର ଆସି ତଦନ୍ତ କରିଛି। ହତ୍ୟାରେ ବ୍ୟବହୃତ କାତି ଜବତ ହୋଇଛି। ଏ ନେଇ ନଂ. ୬୭୬/୨୨ରେ ହତ୍ୟା ମାମଲା ରୁଜୁ ହୋଇଥିବା ପୋଲିସ ସୂଚନା ଦେଇଛି।

# ୧୦ହଜାରରେ ବିକ୍ରି ହୋଇଥିଲେ ୨୨ ଦିନର ଶିଶୁକନ୍ୟା

**ଭୁବନେଶ୍ୱର,୯।୧୧ବ୍ୟୁରୋ)**

### ଉଦ୍ଧାର କଲା ଚାଇଲ୍ଡଲାଇନ୍

ରାଜଧାନୀରେ ମା'ବାପା ନିଜ ଶିଶୁଙ୍କୁ ବିକ୍ରି କରିବା ଭଳି ସ୍ୱର୍ଶକାତର ଘଟଣା ବାରମ୍ବାର ଘଟୁଛି। ମଙ୍ଗଳବାର ବଡ଼ଗଡ଼ ଥାନାଞ୍ଚଳରୁ ୩ବର୍ଷର ଜଣେ ଶିଶୁକନ୍ୟାଙ୍କୁ ଚାଇଲ୍ଡଲାଇନ୍ ଉଦ୍ଧାର କରିଥିଲା। ବୁଧବାର ଖଣ୍ଡଗିରି ଥାନା ଅଞ୍ଚଳରେ ସମାନ ଧରଣର ଆଉଏକ ଘଟଣା ସାମ୍ନାକୁ ଆସିଛି। ଶିଶୁକନ୍ୟାଙ୍କୁ ୨୨ଦିନ ହୋଇଥିବାବେଳେ ମା'ବାପା ୧୦ହଜାର ଟଙ୍କାରେ ବିକ୍ରି କରିଦେଇଥିଲେ। ଚାଇଲ୍ଡ ଲାଇନ୍ ଓ ପୋଲିସ୍‌ର ମିଳିତ ଟିମ୍ ଚଢ଼ାଉ କରି ଏକ ଦମ୍ପତିଙ୍କଠାରୁ ଶିଶୁକନ୍ୟାଙ୍କୁ ଉଦ୍ଧାର କରିଛି। ଚାଇଲ୍ଡ ଲାଇନ୍‌ର ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୫୫୧/୨୦୨୨) ରୁଜୁ କରି ଘଟଣାର ତଦନ୍ତ କରୁଛି। ଶିଶୁକନ୍ୟାଙ୍କୁ କିଣିଥିବା ମହିଳା ଓ ତାଙ୍କ ସ୍ୱାମୀଙ୍କୁ ଥାନାରେ ପଚରାଉଚରା କରାଯାଇଥିବା ଜଣାପଡିଛି।

ସୂଚନାନୁସାରେ, ଶିଶୁକନ୍ୟାର ମା'ବାପା କଟକରେ ରୁହନ୍ତି। ସେମାନେ ଅତି ଗରିବ ହୋଇଥିବାରୁ ଦୁଇ ଦୁଇଟି ଶିଶୁକନ୍ୟାକୁ ଚଳାଇବା ତାଙ୍କ ପାଇଁ କଷ୍ଟକର ବ୍ୟାପାର ଥିଲା। ବରମୁଣ୍ଡାର ଜଣେ ମହିଳାଙ୍କର କୌଣସି ସନ୍ତାନ ନ ଥିବାରୁ ସେ ଜଣେ ମଧ୍ୟସ୍ଥ ମାଧ୍ୟମରେ କଟକରେ ରହୁଥିବା ସେହି ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିଥିଲେ। ଉକ୍ତ ମଧ୍ୟସ୍ଥ ଜଣକ କଟକର ସେହି ଦମ୍ପତିଙ୍କ ସହ କଥା ହୋଇ ୧୦ହଜାର ଟଙ୍କାରେ ଶିଶୁକନ୍ୟା କିଣିବାକୁ ସମସ୍ତ ପ୍ରକ୍ରିୟା ସାରିଥିଲେ। ନୋଟାରୀ ଏଗ୍ରିମେଣ୍ଟ କରି ଟଙ୍କା କାରବାର ଓ ଶିଶୁକନ୍ୟା ବିକ୍ରି ହୋଇଥିଲା। ଏଥିସହ ଶିଶୁଟିର ନକଲି ଜନ୍ମ ପ୍ରମାଣପତ୍ର ମଧ୍ୟ ପ୍ରସ୍ତୁତ କରାଯାଇଥିଲା।

# ବୀମା ରାଶି ତୁରନ୍ତ ପ୍ରଦାନ କର

### କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ଭେଟିଲେ ରାଜ୍ୟ ସମବାୟ ମନ୍ତ୍ରୀ

**ଭୁବନେଶ୍ୱର, ୯।୧୧(ବ୍ୟୁରୋ)**

ଫସଲ ବୀମା ପ୍ରଦାନ କ୍ଷେତ୍ରରେ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ ନ କରି ଯୁଦ୍ଧକାଳୀନ ଭିତ୍ତିରେ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରନ୍ତୁ। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବୁଧବାର ନୂଆଦିଲ୍ଲୀଠାରେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ସାକ୍ଷାତକରି ଦୃଢ଼ ଦାବି କରିଛନ୍ତି। ଚାଷୀଙ୍କ କଲ୍ୟାଣ ପାଇଁ ଓଡ଼ିଶା ସରକାର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସମେତ ଅନ୍ୟ କେନ୍ଦ୍ରୀୟ କ୍ଷେତ୍ର ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରୁଛନ୍ତି। ଓଡ଼ିଶା ଏକ ବିପର୍ଯ୍ୟୟପ୍ରବଣ ରାଜ୍ୟ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରାଜ୍ୟର ଚାଷୀଙ୍କ ପାଇଁ ବିପଦ ହ୍ରାସ କରିବାର ଏକ ପ୍ରମୁଖ କାର୍ଯ୍ୟକ୍ରମ। ଏନ୍‌ଡିଆର୍‌ଏଫ୍/ଏସ୍‌ଡିଆର୍‌ଏଫ୍ ନିୟମ ଅନୁଯାୟୀ ଚାଷୀଙ୍କୁ ଏହି ସହାୟତା ପ୍ରଦାନ କରାଯାଉଛି। ୨୦୧୬ରୁ ରାଜ୍ୟ ସରକାର ଏହି ଯୋଜନାକୁ ନିଷ୍ଠାପର ଭାବେ କାର୍ଯ୍ୟକାରୀ କରୁଛନ୍ତି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ବୈଷୟିକ ହସ୍ତକ୍ଷେପ ଗ୍ରହଣ କରାଯାଉଛି। ଏଠାରେ ଉଲ୍ଲେଖଯୋଗ୍ୟ, ପ୍ରିମିୟମ ସବ୍‌ସିଡିର ଅର୍ଥରାଶି ପ୍ରତିବର୍ଷ ବଢୁଥିବା ସତ୍ତ୍ୱେ ବୀମା କମ୍ପାନୀଗୁଡ଼ିକୁ ପ୍ରିମିୟମ ସବ୍‌ସିଡି ଅର୍ଥରାଶି ପ୍ରଦାନ କ୍ଷେତ୍ରରେ ରାଜ୍ୟ ସରକାର ସବୁବେଳେ ନିର୍ଦ୍ଧାରିତ ସମୟସୀମାକୁ ମାନି ଆସିଛନ୍ତି। ୨୦୨୧ ଖରିଫ୍ ଋତୁରେ ବୀମା କମ୍ପାନୀଗୁଡ଼ିକ ୨୬୩ ବୀମା ୟୁନିଟ୍‌ରେ (ଗ୍ରାମପଞ୍ଚାୟତ/ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା) ଫସଲ କଟା ଉପରେ ଆପତ୍ତି ଉଠାଇଥିଲେ। ଚାଷୀଙ୍କ ବୀମା ଦାବିକୁ ଅଟକାଇ ରଖିଥିଲେ। ରାଜ୍ୟସ୍ତରୀୟ କମିଟିର ହସ୍ତକ୍ଷେପ ପରେ କେବଳ ୩୮ ବୀମା ୟୁନିଟ୍ ପାଇଁ ବୀମା ରାଶି ମଞ୍ଜୁର ହୋଇଥିଲା। ଯଦିଓ ରାଜ୍ୟ ସରକାର ସମସ୍ତ ବୀମା ୟୁନିଟ୍ ସମ୍ବନ୍ଧୀୟ ମାମଲାର ବିସ୍ତୃତ ବିଶ୍ଳେଷଣ କରିଥିଲେ ତଥାପି ଅବଶିଷ୍ଟ ୨୨୫ଟି ବୀମା ୟୁନିଟ୍ ସମ୍ବନ୍ଧୀୟ ବୀମା ରାଶି ପ୍ରଦାନକୁ ବୀମା କମ୍ପାନୀ ଅଟକାଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ବିରୋଧରେ କେନ୍ଦ୍ର ସରକାରଙ୍କ ବୈଷୟିକ ପରାମର୍ଶଦାତା କମିଟିକୁ ଲେଖିଥିଲେ। ଏହି ୨୨୫ ମାମଲା ମଧ୍ୟରୁ ବୈଷୟିକ ପରାମର୍ଶଦାତା କମିଟି ୧୮୯ ମାମଲାର ଶୁଣାଣି ଗତ ୩ରେ ସରିଛି। ବୈଠକରେ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ରାଜ୍ୟର ଅନେକ ଚାଷୀଙ୍କ ସମସ୍ୟାର ସମାଧାନ କରୁନାହିଁ। ତେଣୁ ବୀମା ରାଶି ତୁରନ୍ତ ପ୍ରଦାନ କରିବାକୁ ବୈଷୟିକ ପରାମର୍ଶଦାତା କମିଟିକୁ ନିର୍ଦ୍ଦେଶ ଦେବାକୁ ମନ୍ତ୍ରୀ ତୋମାରଙ୍କ ନିକଟରେ ସେ ଦାବି କରିଛନ୍ତି।

# ୬ କି.ମି. ଘାଟିରାସ୍ତା ମରାମତି କଲେ ଗ୍ରାମବାସୀ

### ଶୁଣିଲାନି ପ୍ରଶାସନ

**ଦଶମନ୍ତପୁର,୯।୧୧ (ଡି.ଏନ୍.ଏ.)**

ଶୁଣିଲାନି ପ୍ରଶାସନ। ବାରମ୍ବାର ଜଣାଇବା ପରେ ବାଧ୍ୟ ହୋଇ ଏବେ ଗ୍ରାମବାସୀ ଶ୍ରମ ଦାନକରି ୬ କି.ମି. ଘାଟିରାସ୍ତା ମରାମତି କରି ନିର୍ମାଣ କରିଛନ୍ତି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗାଦିଆଗୁଡ଼ା ପଞ୍ଚାୟତର ପୁଟମାରି ଗ୍ରାମରେ। ପୁଟମାରି, ଲୁଲା ଘାଣ୍ଡାଗୁଡା ଘାଟି ରାସ୍ତା ଉପରେ ପୋଦୁଗୁଡ଼ା, ତବଜା ଗୁଡ଼ା, କୁଦାଲ, ଅଟାଲ, ଲୁଲା ପରି ୭/ ୮ ଖଣ୍ଡ ଗ୍ରାମର ଲୋକେ ନିର୍ଭର କରିଥାନ୍ତି। ଗ୍ରାମଠାରୁ ୧୦ କି.ମି. ଦୂର ପୋଡ଼ାଗଡ଼ ସାପ୍ତାହିକ ହାଟ, ଲ୍ୟାମ୍ପସ, ମଣ୍ଡି କିମ୍ବା କୋରାପୁଟ ଡାକ୍ତରଖାନା ଯିବାକୁ ହେଲେ ଗ୍ରାମବାସୀଙ୍କ ପାଇଁ ଏହି ରାସ୍ତା ସୁବିଧାଜନକ ହୋଇଥାଏ। ମାତ୍ର ରାସ୍ତା ଖରାପ ହୋଇପଡ଼ିବାରୁ ଏବେ ଉପରୋକ୍ତ ଗ୍ରାମବାସୀ ପୋଡ଼ାଗଡ଼ ହାଟ, ବଜାର ଏବଂ ଲ୍ୟାମ୍ପସ କାର୍ଯ୍ୟାଳୟକୁ ଯିବାକୁ ହେଲେ ୩୦/୪୦ କି.ମି. ଦୂର ବୁଲି ଯାଉଛନ୍ତି। ଏଥିପାଇଁ ଲୋକଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏହି ଘାଟିରାସ୍ତାକୁ ପକ୍କାରାସ୍ତାରେ ପରିଣତ କରି ନିର୍ମାଣ କରିବାକୁ ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ୍ୟ କେହି ନ ଶୁଣିବାରୁ ଶ୍ରମଦାନ କରି ଗ୍ରାମବାସୀ ଉକ୍ତ ରାସ୍ତାକୁ ଗ୍ରାମଠାରୁ ପୁଟମାରି, କଡ଼ମା ଝୋଲାଗାଁ ଦେଇ ପାଇକପୁକି ଶିବମନ୍ଦିର ଛକ ପର୍ଯ୍ୟନ୍ତ ୬ କି.ମି. ରାସ୍ତା ମରାମତି କରି ନିର୍ମାଣ କରିଛନ୍ତି।


ଗ୍ରାମବାସୀ ଘାଟିରାସ୍ତା ମରାମତି କରୁଛନ୍ତି।

ଯେ ପର୍ଯ୍ୟନ୍ତ ତୁମେ ନିଜକୁ ଠିକ୍ ଉପଦେଶଟିଏ ଦେଇ ନ ପାରିଛ- ସେ ପର୍ଯ୍ୟନ୍ତ ତୁମେ ତାହା ଅନ୍ୟକୁ ଦେଇପାରିବ ନାହିଁ। ଯେଉଁ ଉପଦେଶଟି ତୁମେ ନିଜେ ପାଳି ନାହଁ- ତାକୁ ତୁମେ ଅନ୍ୟକୁ ପାଳିବା ପାଇଁ କହିପାରିବ ନାହିଁ। **-ଶ୍ରୀମା**



# ଦିବ୍ୟ ଗଣିତ



ଦେବଦତ୍ତ ପଟ୍ଟନାୟକ

ବହୁ ସମୟରେ ଲୋକେ ଶୂନକୁ ନେଇ ପ୍ରଶ୍ନ ଉଠାନ୍ତି। ସେମାନେ କହନ୍ତି ଯେ, ଯଦି ଆର୍ଯ୍ୟଭଟ୍ଟ ଶୂନ ଆବିଷ୍କାର କରିଥିଲେ ,ତେବେ ତାଙ୍କ ପୂର୍ବରୁ ରାମାୟଣ ଓ ମହାଭାରତ ଯୁଗରେ ଲୋକେ କିଭଳି ରାବଣର ୧୦ ମୁଣ୍ଡ ଓ ଗାନ୍ଧାରୀଙ୍କର ୧୦୦ ପୁଅ ଥିଲା ବୋଲି ଗଣନା କରିପାରୁଥିଲେ। ଶୂନ ଆବିଷ୍କାର ହେବା ପୂର୍ବରୁ ନମ୍ବର ସିଷ୍ଟମ (ଅଙ୍କ କିମ୍ବା ଅନ୍ୟ ସଙ୍କେତ ବ୍ୟବହାର କରି ସଂଖ୍ୟାକୁ ପ୍ରତିପାଦିତ କରିବାର ପଦ୍ଧତି)କୁ ବୁଝି ନ ପାରିବା ହିଁ ଲୋକମାନଙ୍କର ଏକ ପ୍ରକାର ବୋକାମି। ଉଦାହରଣ ସ୍ୱରୂପ, ରୋମାନ ସଂଖ୍ୟା ପଦ୍ଧତିରେ ୧୦କୁ X (ଏକ୍ସ) ଏବଂ ୧୦୦କୁ C (ସି) ବୋଲି ଲେଖାଯାଇପାରିବ। ପୁରାତନ ବ୍ରାହ୍ମୀଲିପିରେ ସଂଖ୍ୟାଗୁଡ଼ିକ ଲାଗି ୧ରୁ ୯ ପର୍ଯ୍ୟନ୍ତ ସଂଖ୍ୟାର ସାଂଖ୍ୟିକ ସଙ୍କେତ ରହିଥିଲା। ଏହାବ୍ୟତୀତ ସେ ସମୟରେ ୧୦, ୨୦, ୩୦ ଏପରି କି ୧୦୦ ଓ ୧୦୦୦ର ସଙ୍କେତ ମଧ୍ୟ ଥିଲା। ଏଣୁ ଏସବୁ ସଙ୍କେତ ବ୍ୟବହାର କରି ତୁମେ ସହଜରେ ବିନା ଶୂନରେ ସଂଖ୍ୟାସବୁ ଲେଖିପାରିବ। କିନ୍ତୁ ବ୍ରାହ୍ମୀଲିପିର ସାଂଖ୍ୟିକ ସଙ୍କେତଗୁଡ଼ିକ ହେଉଛି ଜଟିଳ ଓ ମନ୍ଥର ପଦ୍ଧତି; ଯାହା କେବଳ ଲେଖିବା ପାଇଁ ଉଦ୍ଦିଷ୍ଟ, କିନ୍ତୁ ଭଲ ଭାବେ ଗଣନା ଲାଗି ସକ୍ଷମ ନ ଥିଲା।

ପ୍ରାୟ ୧୫୦୦ ବର୍ଷ ପୂର୍ବେ ଭାରତରେ ଶୂନ ଆବିଷ୍କାର ହୋଇଥିଲା। ଏହାର ଶ୍ରେୟ ଆର୍ଯ୍ୟଭଟ୍ଟ ଓ ବ୍ରହ୍ମଗୁପ୍ତଙ୍କର,ଏପରି କି ଶ୍ରୀଧରାଚାର୍ଯ୍ୟଙ୍କର ଯିଏ ଶୂନକୁ ସ୍ଥାନୀୟ ଅଙ୍କ ଭାବେ ବ୍ୟବହାର କରିଥିଲେ। ଫଳରେ ୧-୯ ସଂଖ୍ୟା ସହ ଶୂନ ଯୋଡ଼ି ଯେ କୌଣସି ସଂଖ୍ୟା ଲେଖାଯାଇପାରିଲା। ଏହି ପଦ୍ଧତି ଆରବ ଦେଇ ୟୁରୋପରେ ପହଞ୍ଚିଲା ; ଯାହାକୁ କୁହାଯାଏ ହିନ୍ଦୁ ଆରବିକ୍ ଅଙ୍କ ପଦ୍ଧତି। ଏହି ନୂତନ ଓ ସୁବିଧାଜନକ ପଦ୍ଧତିକୁ ବ୍ୟବସାୟୀମାନେ ଭୀଷଣ ବିରୋଧ କରିଥିଲେ। ପୁରୁଣାକାଳିଆ ଗଣନ ଢାଞ୍ଚାକୁ ଏହି ପଦ୍ଧତି ପ୍ରତିପାଦିତ କରେ ବୋଲି ଗଣିତଜ୍ଞ ଫିବୋନାସି ଦର୍ଶାଇବା ପରେ ବିରୋଧ ଥମିଥିଲା। ତ୍ରୟୋଦଶ ଶତାବ୍ଦୀରେ ଡେସିମାଲ ସିଷ୍ଟମ(ଦଶମିକ ପଦ୍ଧତି) ବ୍ୟାପକ ପ୍ରସାର ଲାଭ କରିଥିଲା। ଶୂନ ଆବିଷ୍କାରର ଅତି କମ୍‌ରେ ୧୦୦୦ ବର୍ଷ ପରେ ଏହା ଘଟିଥିଲା। ତେବେ ୟୁରୋପୀୟ ଦେଶଗୁଡ଼ିକ ସେମାନଙ୍କ ପଦ୍ଧତିକୁ ବଦଳାଇବା ଲାଗି କାହିଁକି ଅଧିକ ବର୍ଷ ଲାଗିଥିଲା ? ଏହା ସେତେବେଳର ଖ୍ରୀଷ୍ଟିଆନମାନଙ୍କ ମଧ୍ୟରେ ରହିଥିବା ଦୃଢ ଦର୍ଶନ ଏବଂ ପୌରାଣିକ ବିଶ୍ୱାସ ଯୋଗୁ ହୋଇଛି।

ରୋମ୍ ସାମ୍ରାଜ୍ୟରେ ଖ୍ରୀଷ୍ଟଧର୍ମ ବେଶ୍ ଲୋକପ୍ରିୟ ହୋଇଥିଲେ ମଧ୍ୟ ଏଥିରେ ଅନେକ ଗ୍ରୀକ୍ ବିଚାରଧାରା ରହିଥିଲା। ଗ୍ରୀକ୍‌ର ଅଧିବାସୀମାନେ ବିଶ୍ୱ ସସୀମ ଓ ପୂର୍ବାନୁମେୟ (ଏହାର ଭବିଷ୍ୟତ କଥା କହିହେବ) ବୋଲି ବିଚାର କରୁଥିଲେ। ବିଶ୍ୱ ମଧ୍ୟ ଈଶ୍ୱରଙ୍କ ନିୟନ୍ତ୍ରିତ ବୋଲି ସେମାନଙ୍କର ବିଶ୍ୱାସ ଥିଲା। ସେମାନେ ଅସୀମ କିମ୍ବା ଶୂନ ଅବଧାରଣା ଉପରେ ବିଶ୍ୱାସ କରୁ ନ ଥିଲେ। ସେମାନଙ୍କ ବିଶ୍ୱାସ ରହିଥିଲା ଏକ ପୂର୍ବାନୁମେୟ ଓ କ୍ରିୟାବିଧିକ ବିଶ୍ୱ ଦୃଷ୍ଟିକୋଣ ଉପରେ। ସେମାନଙ୍କ ଭଳି ହିନ୍ଦୁମାନେ ବିଶ୍ୱାସ ରଖୁ ନ ଥିଲେ। ହିନ୍ଦୁମାନେ ସମ୍ପୂର୍ଣ୍ଣ ଅନିଶ୍ଚିତ ଅସୀମ ବିଶ୍ୱର ବିଶ୍ୱାସୀ ଥିଲେ। ଗ୍ରୀକମାନଙ୍କ ପୂର୍ବାନୁମେୟ ଧାରଣାର ପ୍ରମାଣ ବାଇବେଲରୁ ମିଳେ। ବାଇବେଲ କହେ, ତୁମେ ଯେମିତି ବିହନ ବୁଣିବ ସେମିତି ଅମଳ କରିବ ;ଯାହା ପୂର୍ବାନୁମେୟ ଯୋଗ୍ୟ ବିଚାରକୁ ସିଦ୍ଧ କରେ। ଅନ୍ୟପକ୍ଷରେ ଗୀତା କହେ, କର୍ମ ଉପରେ ଧ୍ୟାନ ଦିଅ, ଫଳପ୍ରାପ୍ତି ଉପରେ ନୁହେଁ; ଯାହା ଏକ ଅନିଶ୍ଚିତତାକୁ ସୂଚିତ କରେ। ବୌଦ୍ଧ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ଶୂନ୍ୟ କିମ୍ବା ଅସ୍ତିତ୍ୱହୀନ ଧାରଣା ଦୃଢ ରହିଥିଲା। ହିନ୍ଦୁମାନେ ଈଶ୍ୱରଙ୍କୁ ଅନନ୍ତ କିମ୍ବା ଅସୀମ ବୋଲି କଳ୍ପନା କରୁଥିଲାବେଳେ ଖ୍ରୀଷ୍ଟିଆନମାନଙ୍କ ମତରେ ସମୟ (କାଳ)ର ଆରମ୍ଭ ଓ ଶେଷ ରହିଛି। ଜୈନ, ବୁଦ୍ଧ ଏବଂ ହିନ୍ଦୁ ସମୁଦାୟ ଈଶ୍ୱରଙ୍କୁ ଅନାଦି (ଯାହାର ଆରମ୍ଭ ନାହିଁ) ଓ ଅନନ୍ତ (ଯାହାର ଶେଷ ନାହିଁ) ବୋଲି ବିଶ୍ୱାସ କରିଥାନ୍ତି; ଯାହା ଏକ ସୀମାହୀନ ସଂଖ୍ୟା ରେଖାକୁ ପ୍ରତୀତ କରିଥାଏ।



ଆଉ ଏକ ଗୁରୁତ୍ୱପୂର୍ଣ୍ଣ ତଥା ଶକ୍ତିଶାଳୀ ଗାଣିତିକ ଭାଗକ୍ରିୟା ଧାରଣା ଭାରତରୁ ବାହାରକୁ ପ୍ରସାରିତ ହୋଇଥିଲା। ବହୁ ସମୟରେ ନିୟମିତ ଜୀବନରେ ମନେକରୁ ଯେ ଆମେ ଜନ୍ମ ନେଇ ଥରେ ମାତ୍ର ବଞ୍ଚିବୁ କିମ୍ବା ଆମେ ହିଁ କେବଳ ଜଣେ ଅଛୁ। କିନ୍ତୁ ବାସ୍ତବତା ହେଉଛି, ସଂଖ୍ୟାଗୁଡ଼ିକର ଭାଜକ ଥିଲା ଭଳି ସମୟଚକ୍ରରେ ଆମ ଜୀବନ ବିଭାଜିତ, ଅର୍ଥାତ୍ ଆମେ ଜୀବନରେ ବାରମ୍ବାର ଜନ୍ମ ନେଇଚାଲିଛୁ। ଆମେ ଅନେକ ଜୀବନ ଜିଇଥାଉ ଓ ସେତେବେଳେ ଅନେକ ଅଭିଜ୍ଞତାକୁ ଅନୁଭବ କରିଥାଉ। ଆମେ କେବେ ବି ଏକୁଟିଆ ରହି ନ ଥାଉ। ସବୁବେଳେ ଆମେ ଯେକୌଣସି ସମ୍ପର୍କ, ଗୋଷ୍ଠୀ କିମ୍ବା ଜାତିର ଅଂଶ ଭାବେ ରହିଥାଉ। ବିଭାଜ୍ୟ ସଂଖ୍ୟାକୁ ଭାଗ କଲାପରେ ଯେଉଁଭଳି ତା'ର ମୂଲ୍ୟ ଆସେ ଠିକ୍ ସେହିଭଳି ଆମ ବିଭାଜିତ ଜୀବନର କାର୍ଯ୍ୟ ହିଁ ଆମ ଜୀବନର ମୂଲ୍ୟ। ଏକ ସୀମାହୀନ ଜନସମୂହରେ ଜୀବନର ବିଭାଜନ ଅସୀମ ହୋଇଥିବାରୁ ଅର୍ଥାତ୍ ବାରମ୍ବାର ପୁନର୍ଜନ୍ମ ଲାଭ କରିଥିବାରୁ ଆମ ଜୀବନର ମୂଲ୍ୟ କିଛି ନୁହେଁ।

ସଂଖ୍ୟାଗୁଡ଼ିକ ଜୀବନ ଦର୍ଶନ ସହ ସମ୍ପର୍କିତ। ଯଦି ତୁମେ କେବଳ ଗୋଟିଏ ଜୀବନ ଜିଇବ ତା'ହେଲେ ତୁମର ଭାଜକ କେବଳ ୧ ହେବ ଏବଂ ସେହି ଜୀବନରେ ତୁମ ସଫଳତାଗୁଡ଼ିକର ମୋଟ ରାଶିକୁ ତୁମ ଜୀବନର ମୂଲ୍ୟ ବୋଲି କୁହାଯିବ। ଯଦି ପୁନର୍ଜନ୍ମ ଚକ୍ରରେ ବାରମ୍ବାର ଜନ୍ମ ନେଇ ଅସୀମ ଜୀବନ ଜିଇବ, ତେବେ ତୁମ ଜୀବନ ଅଗଣିତ ଥର ବିଭାଜିତ ହୋଇ ତୁମେ ଯାହା କରିଥିଲେ ମଧ୍ୟ ଜୀବନର ମୂଲ୍ୟ କମି ଶୂନ ହୋଇଯିବ। ଏଣୁ ଏଇ ଜନ୍ମ ମୂଲ୍ୟବାନ୍। ଅଧିକରୁ ଅଧିକ ଲୋକଙ୍କୁ ପ୍ରଭାବିତ କରି ଆମ ଜୀବନର ମୂଲ୍ୟ ବୃଦ୍ଧି କରିପାରିବା। ଯଦି ଆମେ ଅଗଣିତ ଲୋକଙ୍କୁ କାମରେ ପ୍ରଭାବିତ କରିପାରିବା, ତେବେ ଆମେ ଦିବ୍ୟ ତଥା ଅସୀମ ହୋଇଯିବା ଓ ପରେ ଅସୀମରେ ମିଶିଯିବା। ଅସୀମ (ଅନନ୍ତ)ରୁ ଅସୀମର ଜନ୍ମ ବୋଲି ବେଦର ଶ୍ଳୋକରେ କୁହାଯାଇଛି- ପୂର୍ଣ୍ଣମିଦ ପୂର୍ଣ୍ଣମିଦଂ.. ଯାହା ଅନନ୍ତ ବିଶ୍ୱକୁ ସୂଚିତ କରିଛି।

ତନ୍ତ୍ରରେ ଦେବୀମାତାଙ୍କୁ କଳ୍ପିତ କରାଯାଇଛି। ଏହି ଦେବୀମାନଙ୍କର ଅକ୍ଷରବର୍ଣ୍ଣ ସହ ସମ୍ପର୍କ ରହିଛି। ସଂଖ୍ୟାଗୁଡ଼ିକର ଭାଜକ ରହିଥିବା ଭଳି ଶବ୍ଦ କିମ୍ବା କଥିତ ଶବ୍ଦଗୁଡ଼ିକର ସ୍ୱରବର୍ଣ୍ଣ ବିଭାଜିତ ହୋଇ ଜୀବନ୍ତ ବର୍ଣ୍ଣମାଳା ସୃଷ୍ଟି କରିଥାଏ। ଚିରନ୍ତନ ବା ଦିବ୍ୟ ଶବ୍ଦଗୁଡ଼ିକ ବାସ୍ତବରେ ଅଦୃଶ୍ୟ। ଏହି ଅଦୃଶ୍ୟ ଶବ୍ଦଗୁଡ଼ିକ ଏକ ସ୍ୱର ବା ମନ୍ତ୍ର ଆକାରରେ ଶୁଣିବାକୁ ମିଳିଲେ ତାହାକୁ ଦୃଶ୍ୟ ଦୈବୀ ଶକ୍ତି ବୋଲି କୁହାଯିବ। ଶକ୍ତିରୁ ଉଦ୍ଭବ ଦେବୀ ମା' ଶବ (ମୃତକ)କୁ ଶିବ (ଦିବ୍ୟତା)ରେ ରୂପାନ୍ତର କରିଥାନ୍ତି। ସେହିଭଳି କୌଣସି ଏକ ବର୍ଣ୍ଣକୁ ଏକ ସ୍ୱର ଦେଲେ ଶବ୍ଦ ସଜୀବ ତଥା ଆନନ୍ଦଦାୟକ ତଥା ମୂଲ୍ୟବାନ ହୋଇଯାଏ। ଠିକ୍ ସେହିଭଳି ତୁମେ ଏକ ସଂଖ୍ୟାର ଭାଜକକୁ ବିଚାର କଲେ ତା'ର ବାସ୍ତବ ମୂଲ୍ୟ ଅନୁଭବ କରିପାରିବ। ଜୀବନରେ ପ୍ରତ୍ୟେକ କ୍ଷେତ୍ରରେ ବି ରହିଛି ଏକ ପୂର୍ବାପର ସମ୍ବନ୍ଧ। ଏଣୁ ଜୀବନର ଆରମ୍ଭ କିମ୍ବା ଶେଷ ନାହିଁ। ଜୀବନ କେବଳ ଅସୀମରୁ ଅସୀମ ପର୍ଯ୍ୟନ୍ତ ଲମ୍ବିଥିବା ଏକ ସଂଖ୍ୟା ରେଖା। ଏହି ଦିବ୍ୟ ଗଣିତକୁ ଉପଲବ୍ଧି କଲେ ଜୀବନର ମୂଲ୍ୟ ବୁଝିହେବ।

devduttofficial@gmail.com

# ପିଲା ଯାଉଥିଲେ ବାଲିଯାତ୍ରା



ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

ସର୍ବଭାରତୀୟ ସ୍ତରରେ କଟକ ବାଲିଯାତ୍ରାର ସ୍ଥାନ ସ୍ୱତନ୍ତ୍ର। ସପ୍ତାହବ୍ୟାପୀ ଏହି ବାଲିଯାତ୍ରାରେ ଆନନ୍ଦ ଓ ମନୋହରର ବିପଣୀରେ ସାମିଲ ହେବା ପାଇଁ ଜନସାଧାରଣଙ୍କ ଭିତରେ ପିଲାମାନେ ସାମିଲ ହୋଇଥାନ୍ତି। ପିଲାମାନଙ୍କ ପାଇଁ ବାଲିଯାତ୍ରାର ମହକ ବି ଏକ ସ୍ୱତନ୍ତ୍ର ସ୍ଥାନ ରଖିଥାଏ। ତେବେ ବଡ଼କଥା ହେଉଛି, ଅଭିଭାବକମାନେ ପିଲାଟିକୁ ଯେତେବେଳେ ବାଲିଯାତ୍ରା ବୁଲାଇ ନେଇଥାନ୍ତି ସଂପୂର୍ଣ୍ଣ ଭାବେ ତାହାର ସ୍ୱାସ୍ଥ୍ୟଗତ ଦିଗଟିକୁ ଭୁଲି ଯାଇଥାନ୍ତି। ଯାହାଦ୍ୱାରା ପିଲାଟି ଏହି ବାଲିଯାତ୍ରାର ରୋଶଣିର ଆନନ୍ଦରେ ସାମିଲ ହୋଇଥିଲେ ବି ପରବର୍ତ୍ତୀ ସମୟରେ ଦୁଃଖ ଓ ଯନ୍ତ୍ରଣା ପାଇଥାଏ। ତେବେ ପିଲାମାନଙ୍କୁ ବାଲିଯାତ୍ରା ବୁଲାଇ ନେବାବେଳେ କିଛି ସ୍ୱାସ୍ଥ୍ୟଗତ ଦିଗକୁ ଦୃଷ୍ଟିଦେଲେ ପରବର୍ତ୍ତୀ ସମୟରେ ଏହି ସୁଖ ଓ ଆନନ୍ଦ ଦୁଃଖର କାରଣ ପାଲଟନ୍ତା ନାହିଁ। ସର୍ବପ୍ରଥମେ ମନେରଖନ୍ତୁ ପିଲାମାନଙ୍କୁ ବିଳମ୍ବିତ ରାତ୍ରରେ ବୁଲାଇନେବା ଅପେକ୍ଷା ଦିନରେ ବା ଅପରାହ୍ନରେ ବୁଲାଇବା ପାଇଁ ଯୋଜନା ରଖନ୍ତୁ। ବାଲିଯାତ୍ରାଟି ଶୀତଦିନରେ ପଡୁଥିବାରୁ ଏବଂ ସହଜେ ବର୍ତ୍ତମାନ ଶୀତର ପ୍ରକୋପ ବଢ଼ିବା ସହ ନଦୀ କୂଳରେ ଏହାର କାକରଭିଜା ଯନ୍ତ୍ରଣା ପରବର୍ତ୍ତୀ ସମୟରେ ପିଲାଟିକୁ ଯେପରି କଷ୍ଟ ନ ଦିଏ ସେ ଦିଗକୁ ଚିନ୍ତା କରିବା ଦାୟିତ୍ୱ ଅଭିଭାବକଙ୍କର। ପିଲାମାନଙ୍କୁ ବାଲିଯାତ୍ରା ନେବାବେଳେ ବାହାରେ ପାଣି ପିଆଇବା ଅପେକ୍ଷା ଘରୁ ବରଂ ବିଶୋଧିତ ପାଣି ନେଇଥାନ୍ତୁ। ବାଲିଯାତ୍ରାରେ ସହଜେ ତ ନାନା ରକମର ଆକର୍ଷଣୀୟ ଖାଦ୍ୟ ପିଲାମାନଙ୍କୁ ସ୍ୱାଭାବିକ ଭାବେ ଟକଳା କରିଥାଏ। ଏଣୁ ଆପଣମାନେ ଏ ଦିଗ ପ୍ରତି ସଚେତନ ହୋଇ ଖାଦ୍ୟର ସ୍ୱାସ୍ଥ୍ୟଗତ ଦିଗକୁ ଦୃଷ୍ଟି ଦିଅନ୍ତୁ, ଯେପରି ଖାଦ୍ୟଟି ବାସି ବା ଭେଜାଲ ହୋଇ ନ ଥାଏ। ସେହିପରି ପିଲାମାନଙ୍କୁ ବାଲିଯାତ୍ରା ଗହଳିରେ ବୁଲାଇ ନେବାବେଳେ ନଈପଠାର ଧୂଳିର ଦିଗକୁ ଦୃଷ୍ଟି ଦିଅନ୍ତୁ। କେବଳ ଧୂଳି ନୁହଁ, ଧୂଳି ସହିତ ବିଭିନ୍ନ ବିପଣୀର ନିଷ୍କାସିତ ଧୂଆଁ ଯେପରି ପିଲାଟିକୁ ପ୍ରଭାବିତ ନ କରେ ସେଥିପ୍ରତି ଲକ୍ଷ୍ୟ ରଖନ୍ତୁ। ପିଲାମାନେ ସହଜେ ବିଭିନ୍ନ ଦୋଳି ଓ ବୁଲାବୁଲି ପାଇଁ ଆଗ୍ରହ ରଖୁଥିବାବେଳେ ଏହା ଯେପରି ସେମାନଙ୍କ ଦେହ ପ୍ରତି ଅହିତକର ନ ହୁଏ ସେ ଦିଗକୁ ଭୁଲନ୍ତୁ ନାହିଁ। କାରଣ ଅନେକ ସମୟରେ ଦୋଳିର ଉଚ୍ଚ ଚକ୍ରି ପ୍ରଭାବ ପିଲାମାନଙ୍କ ମଥା ଘୂରାଇବା ସହ ସେମାନଙ୍କୁ ଯନ୍ତ୍ରଣାଦାୟକ ହୋଇଥାଏ। ବଡ଼କଥା ହେଉଛି, ପିଲାମାନଙ୍କୁ ଏହି ସମୟରେ କେବେବି ହାତ ପାଆନ୍ତାରୁ ଛାଡ଼ନ୍ତୁ ନାହିଁ କାରଣ ଅଧିକାଂଶ ସମୟରେ ଦେଖାଯାଏ ପିଲାମାନେ ଏପରି ଏକ ବଡ଼ଯାତ୍ରାରେ ବୁଲି ବୁଲି ସହଜେ ତ ହାଲିଆ ହୋଇଥାନ୍ତି। ତେବେ ସେମାନେ ପରବର୍ତ୍ତୀ ସମୟରେ ଘର ଲୋକଙ୍କ ସହାନୁଭୂତିରୁ ବଞ୍ଚିତ ହୋଇଥାନ୍ତି।

ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ପିଲାମାନଙ୍କୁ ବୁଲାଇବା ଦ୍ୱାରା ସହଜେ ଥଣ୍ଡା ଓ ସର୍ଦ୍ଦି ଅନୁଭୂତ ହୋଇଥାଏ। ସେହିପରି ପିଲାମାନେ ବିଭିନ୍ନ ଖାଦ୍ୟ ପ୍ରତି ଆଗ୍ରହ ରଖୁଥିଲେ ବି ଏହାର ପ୍ରସ୍ତୁତିଗତ ଦିଗ ପ୍ରତି ଆପଣ ସଚେତନ ରୁହନ୍ତୁ। ବାଲିଯାତ୍ରା ପରି ଏକ ବଡ଼ଯାତ୍ରାରେ ପିଲାଟି କୌଣସି ପ୍ରକାର ଆଘାତ ପାଇଲେ ଅଧିକ ସମୟ ନ ବୁଲାଇ ବରଂ ତୁରନ୍ତ ପ୍ରାଥମିକ ସ୍ୱାସ୍ଥ୍ୟର ସହାୟତା ନିଅନ୍ତୁ। ପିଲାଟି ହୁଏତ ଆନନ୍ଦରେ ବୁଲିବା ପାଇଁ ମନ ରଖିପାରେ କିନ୍ତୁ ପରବର୍ତ୍ତୀ ସମୟରେ ଏହି ଛୋଟିଆ ଆଘାତଟି ତା' ପାଇଁ ବଡ଼ କ୍ଷତିକାରକ ଦୁର୍ଘଟଣାକୁ ନିମନ୍ତ୍ରଣ ଯେ ନ କରିବ, ତାହା କହିବା ସମ୍ଭବ ନୁହେଁ। ପିଲାମାନଙ୍କୁ ବାଲିଯାତ୍ରା ବୁଲାଇନେବା ବେଳେ କିଛି ଅଭିଭାବକ ଖାଲିପେଟରେ ନେଇଥାନ୍ତି। କାରଣ ପିଲାଟି ଯାତ୍ରାରେ ମନଭରି ଖାଇବ। କିନ୍ତୁ ଏହା ଠିକ୍ ନୁହେଁ। କାରଣ କିଛି ପିଲା ଖାଲିପେଟରେ ରହିବା ଦ୍ୱାରା ବାନ୍ତି କରିପକାଇଥାନ୍ତି। ତେଣୁ ଘରୁ ଯାହାବି ହେଲେ ପିଲାଟିକୁ କିଛି ଖୁଆଇ ବାଲିଯାତ୍ରା ନିଅନ୍ତୁ। ବାଲିଯାତ୍ରା ବୁଲାଇବା ସମୟରେ ପିଲାଟିର ସ୍କୁଲ, ପାଠପଢ଼ା ବା ସାନ୍ଧ୍ୟ ଟ୍ୟୁଶନ ଯେପରି ପ୍ରଭାବିତ ନ ହୁଏ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ। କିଛି ଅଭିଭାବକ ପିଲାମାନଙ୍କୁ ବାଲିଯାତ୍ରା ବୁଲାଇବାବେଳେ ଅଧିକ ରାସ୍ତା ଚଲାଇ ନେଇଥାନ୍ତି, ଯାହା ସେମାନଙ୍କ ସ୍ୱାସ୍ଥ୍ୟଗତ ଯନ୍ତ୍ରଣାର କାରଣ ପାଲଟିଥାଏ। ବାଲିଯାତ୍ରାରେ ବିଭିନ୍ନ ପ୍ରକାର ବାଣ ଓ ଆତସବାଜିଠାରୁ ସେମାନଙ୍କୁ ଦୂରେଇ ରଖନ୍ତୁ। କାରଣ ପରବର୍ତ୍ତୀ ସମୟରେ ଏହା ସେମାନଙ୍କ ପାଇଁ ଯନ୍ତ୍ରଣାର କାରଣ ପାଲଟିଥାଏ। ଯଦି ପିଲାମାନେ ଓଟ ବା ଘୋଡ଼ାରେ ବୁଲିବାକୁ ଚାହାନ୍ତି ତେବେ ଅଭିଭାବକମାନେ ସେମାନଙ୍କ ସହ ପାଖେ ପାଖେ ରହିବା ଭଲ। ଉପରୋକ୍ତ ସ୍ୱାସ୍ଥ୍ୟଗତ ଦିଗକୁ ଦୃଷ୍ଟିଦେଲେ ପିଲାଟି ନିଶ୍ଚିନ୍ତରେ ବାଲିଯାତ୍ରାର ଆନନ୍ଦ ପାଇବ।

**ଶିଶୁରୋଗ ବିଭାଗ, ଶିଶୁଭବନ, କଟକ,**
**ମୋ:୯୪୩୭୧୨୪୦୭୪**

## ଏଇ ଭାରତରେ

ରାଜସ୍ଥାନର ଏକ ଛୋଟ ଗାଁ ବିଳାସପୁର। ଉକ୍ତ ଗାଁର ପାନଦୋକାନୀ ବିଳାସ ରାମ ମେୱାଡ ପାନ ବିକ୍ରି କରିବା ସହ ଗାଁକୁ ପ୍ଲାଷ୍ଟିକ୍ ମୁକ୍ତ ରଖିବା ଲାଗି ଚଳାଇଥିବା ଅଭିଯାନ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇଛି। ସେ ପ୍ରତିମାସରେ ୫୦ କେ.ଜି. ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କରୁଛନ୍ତି। ତାଙ୍କ ଗାଁ ଜୱାଇ ଡ୍ୟାମ୍ ନିକଟରେ ରହିଥିବାରୁ ପ୍ରତିଦିନ ସେଠାକୁ ପର୍ଯ୍ୟଟକମାନେ ଆସନ୍ତି ଓ ସେମାନେ ବ୍ୟବହାର କରୁଥିବା ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ଯୋଗୁ ତାଙ୍କ ଗାଁ ପ୍ରଦୂଷିତ ହୋଇଥାଏ। ଏଣୁ ଗାଁକୁ ପ୍ଲାଷ୍ଟିକ୍ ମୁକ୍ତ କରିବାକୁ ସେ ବିଗତ ୧ ବର୍ଷ ହେଲା ଏହି ଅଭିଯାନ ଚଳାଇଛନ୍ତି। ପ୍ରଥମରୁ ବିଳାସ ରାମ ୧ କିମ୍ବା ୨ କେ.ଜି. ପ୍ଲାଷ୍ଟିକ୍ ସଂଗ୍ରହ କରୁଥିଲେ ଓ ଏବେ ୫୦ କେ.ଜି ସଂଗ୍ରହ କରୁଛନ୍ତି। ପ୍ରଥମେ ତାଙ୍କ ଦୋକାନରେ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ଏକାଠି କରୁଥିଲେ ଓ ପରେ ଗ୍ରାମବାସୀ, ସ୍କୁଲ ପିଲାଙ୍କୁ ଏହା କରିବା ଲାଗି ଉତ୍ସାହିତ କରିଥିଲେ। ଯେଉଁ ସ୍କୁଲ ପିଲା ଓ ଗ୍ରାମବାସୀ ତାଙ୍କ ନିକଟକୁ ପ୍ଲାଷ୍ଟିକ୍ ବର୍ଜ୍ୟ ନେଇ ଆସୁଛନ୍ତି ସେମାନଙ୍କୁ ସେ କିଛି ଜିନିଷ ଦେଉଛନ୍ତି। ୧ କେ.ଜି. ପ୍ଲାଷ୍ଟିକ ବର୍ଜ୍ୟ ବଦଳରେ ସେ ଲୋକଙ୍କୁ ଚିନି, ଗୋଟିଏ ଗଛ କିମ୍ବା ୨୫ ଟଙ୍କା ଦେଉଛନ୍ତି। ଏହି ଗାଁ ଜୱାଇ ଡ୍ୟାମ୍ ନିକଟରେ ରହିଥିବାରୁ ପ୍ରତିଦିନ ସେଠାକୁ ପର୍ଯ୍ୟଟକମାନେ ଆସନ୍ତି ଓ ସେମାନେ ବ୍ୟବହାର କରୁଥିବା ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ଯୋଗୁ ତାଙ୍କ ଗାଁ ପ୍ରଦୂଷିତ ହୋଇଥାଏ। ସେ ପ୍ରତିମାସରେ ସଂଗୃହୀତ ପ୍ଲାଷ୍ଟିକ୍ ବର୍ଜ୍ୟକୁ ରିସାଇକ୍ଲିଂ କମ୍ପାନୀକୁ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୦ ନଭେମ୍ବର ୧୯୯୭**

- ପଶ୍ଚିମ ଆଲଜେରିଆ ଅନ୍ତର୍ଗତ ତେଲିମସେନ ଅଞ୍ଚଳରେ ଥିବା ଏକ ଗ୍ରାମ ଉପରେ କଠୋରପନ୍ଥୀ ଇସଲାମୀୟ ଗୋଷ୍ଠୀଙ୍କ ସଶସ୍ତ୍ର ଆକ୍ରମଣ ଫଳରେ ୨୨ ଜଣଙ୍କ ମୃତ୍ୟୁ।
- ତାଇୱାନ ଏକ ସ୍ୱାଧୀନ ସାର୍ବଭୌମ ରାଷ୍ଟ୍ର ବୋଲି ପ୍ରଥମ ଥର ପାଇଁ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ହୋଇଥିବା ରାଷ୍ଟ୍ରପତି ଲି ତେଙ୍ଗ-ହୁଇଙ୍କ ଘୋଷଣା।
- ଶ୍ରୀନଗରରୁ ଜାମ୍ମୁ ଅଭିମୁଖେ ଯାଉଥିବା ଏକ ବସ୍ ବନିହାଲ ନିକଟସ୍ଥ ୱାଙ୍ଗୁରଠାରେ ଗଭୀର ନାଳ ମଧ୍ୟକୁ ଖସିପଡ଼ିବା ଫଳରେ ୧୨ ଯବାନଙ୍କ ମୃତ୍ୟୁ।

# ବଦଳୁଥିବା ସମୟ



ପ୍ରକାଶ ତ୍ରିପାଠୀ

ଯୁଗ ବଦଳୁଛି ଓ ତା' ସହ ବଦଳୁଛି ଆମ ଚାଲିଚଳନ, ବେଶଭୂଷା, ଖାଦ୍ୟପେୟ, ବୃତ୍ତି ଓ ଆମର ଦୈନନ୍ଦିନ ବ୍ୟବହାରରେ ଆସୁଥିବା ପ୍ରତିଟି ସାମଗ୍ରୀ। ଗତ ତିନି ଦଶନ୍ଧି ଧରି ଏ ସବୁର ପରିବର୍ତ୍ତନ କ୍ଷିପ୍ର ଗତିରେ ଘଟୁଛି। ନବେ ଦଶକରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପି ଭି ନରସିଂହ ରାଓଙ୍କ ମନ୍ତ୍ରିମଣ୍ଡଳରେ ଥିବା ଅର୍ଥମନ୍ତ୍ରୀ ଡ. ମନମୋହନ ସିଂ ଦେଶରେ ଉଦାର ଅର୍ଥନୀତିର ଶୁଭାରମ୍ଭ କଲେ। ଏହା ପରେ ଦେଶର ଅର୍ଥନୀତି ଓ ବାଣିଜ୍ୟରେ ଅନେକ ପରିବର୍ତ୍ତନ ଆସିଲା। ବିଦେଶୀ ବ୍ୟବସାୟିକ ସଂସ୍ଥାଗୁଡ଼ିକୁ ନିଜ ଦେଶରେ ବ୍ୟାପାର କରିବା ପାଇଁ ଭାରତ ସୁଯୋଗ ଦେଲା ଓ ଭାରତରେ ବିଦେଶୀ ନିବେଶକୁ ଆମନ୍ତ୍ରିତ କରିବା ସହ ବହୁ ରାଷ୍ଟ୍ରୀୟ କମ୍ପାନୀଗୁଡ଼ିକୁ ଅନେକ ସୁବିଧା ସୁଯୋଗ ପ୍ରଦାନ କଲା। ଉଦାର ଅର୍ଥନୀତିର ସୁଫଳ ଏବେ ଆମ ହାତରେ। ପରିବର୍ତ୍ତିତ ପରିସ୍ଥିତିରେ ଆମେ ଏବେ ଖାପ ଖୁଆଇ ଆଗକୁ ବଢି ଚାଲିଛୁ ।

କୁହାଯାଉଛି, ବଦଳୁଥିବା ସମୟ ସହ ତାଳ ଦେଇ ଯେଉଁମାନେ ଆଗଉଛନ୍ତି ସେମାନେ ସମାଜରେ ପ୍ରତିଷ୍ଠା ପାଇ ପାରୁଛନ୍ତି ଓ ଯେଉଁମାନେ ଏଥିରେ ତାଳ ଦେଇ ଚାଲି ପାରୁନାହାନ୍ତି ସେମାନେ ପଛେଇ ଯାଉଛନ୍ତି। କେବଳ ବ୍ୟକ୍ତି ବିଶେଷ ନୁହନ୍ତି, ଅନେକ ବଡ଼ ବଡ଼ ବ୍ୟବସାୟିକ କମ୍ପାନୀ ଯେମିତିକି କୋଡାକ, ଆଗଫା, ବଜାଜ ସ୍କୁଟର, ଆମ୍ବାସାଡର କାର୍,ଏଚ୍ଏମ୍‌ଟି ଘଡ଼ି ଭଳି ବଡ଼ ବଡ଼ ଶିଳ୍ପ ସଂସ୍ଥା ସମୟ ସହିତ ଆଗକୁ ବଢ଼ି ନ ପାରି ଦେବାଳିଆ ହୋଇଗଲେ। ଛୋଟ ଉଦାହରଣ ଭାବେ ଫଟୋ ପେପର କଥା ଦେଖାଯାଉ। ନବେ ଦଶକରେ କୋଡାକ୍ ଓ ଆଗଫା କମ୍ପାନୀରେ ଲକ୍ଷ ଲକ୍ଷ କର୍ମଚାରୀ ନିୟୋଜିତ ଥିଲେ ଏବଂ ବିଶ୍ୱର ଫଟୋ ପେପରର ଏକ ବୃହତ୍ ଅଂଶ ସେମାନେ ବିକ୍ରି କରୁଥିଲେ। କିଛି ବର୍ଷ ମଧ୍ୟରେ ଡିଜିଟାଲ ଫଟୋଗ୍ରାଫି ସେମାନଙ୍କୁ ବଜାରରୁ ଠେଲି ବାହାର କରି ଦେଇଥିଲା। ବର୍ତ୍ତମାନ ଏକ ଧାରଣା ହେଲାଣି ଯେ ଆସନ୍ତା ଦଶ ବର୍ଷ ମଧ୍ୟରେ ବିଶ୍ୱ ସମ୍ପୂର୍ଣ୍ଣ ରୂପେ ବଦଳିଯିବ ଏବଂ ଆଜି ଚାଲୁଥିବା ଶିଳ୍ପଗୁଡିକରୁ ଅନେକ ବନ୍ଦ ହୋଇଯିବ। ଏହାର ପରିଣାମ ମହାକାଳ ଫଳ ପରି ସୁନ୍ଦର ଦେଖାଯାଉଥିଲେ ମଧ୍ୟ ଭିତରଟା ନିଶ୍ଚିତ ସଙ୍କଟମୟ ହେବ ବୋଲି ଅନେକ ସମାଜ ବିଜ୍ଞାନୀ ଭବିଷ୍ୟବାଣୀ କଲେଣି।

ଏହା ନିଶ୍ଚିତ ଯେ ଅଟୋମେଶନ ବା ସ୍ୱୟଂଚାଳିତ ବ୍ୟବସ୍ଥା ବୃଦ୍ଧି ଯୋଗୁ ଅନେକ ନିଯୁକ୍ତି ହ୍ରାସ ପାଉଛି। କାରଣ ମେଶିନ ମଣିଷଠାରୁ ଭଲ ଓ ଶୀଘ୍ର କାମ କରୁଛି। ଆଗାମୀ ଦିନରେ ମଣିଷ ଅପେକ୍ଷା ମେଶିନ ଅନେକ କାର୍ଯ୍ୟ ସମ୍ପାଦନ କରିବ। ପାରମ୍ପରିକ ଉଦ୍ୟୋଗଗୁଡ଼ିକୁ ସଫ୍ଟୱେର ସର୍ବାଧିକ ପ୍ରଭାବିତ କରିବ। ଏପରିକି ଜ୍ଞାନୀ, ଗୁଣୀ, ବିଶେଷଜ୍ଞମାନଙ୍କୁ ବି କମ୍ପ୍ୟୁଟର ଧରାଶାୟୀ କରିବା ଆରମ୍ଭ କଲାଣି। ଭବିଷ୍ୟତରେ ଶିକ୍ଷାନୁଷ୍ଠାନ, ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟ ନାମକୁମାତ୍ର ରହିବ ଓ ସେଠାରେ କିଛି ମାତ୍ର କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ ହେବ। ୨୦୩୦ ସୁଦ୍ଧା ସମଗ୍ର ବିଶ୍ୱ ଡିଜିଟାଲକୁ ରୂପାନ୍ତରିତ ହୋଇଯିବ। ସବୁକିଛି ଅନ୍‌ଲାଇନରେ ଚାଲିବ। ପାଠପଢ଼ା, ବୀମା, ରୋଗ ଉପଚାର ସବୁକିଛି ଅନ୍‌ଲାଇନରେ ସମ୍ପାଦନ ହେବ। ବ୍ୟାଙ୍କ ମଧ୍ୟ ସଙ୍କୁଚିତ ହୋଇଯିବ। ଉଦାହରଣ ଭାବେ ଆମେରିକାରେ ଆଇନ ସେବା କଥା ଦେଖାଯାଉ। ଆମେରିକାରେ ନୂଆ ନୂଆ ଓକିଲମାନଙ୍କୁ ଆଉ କାମ ମିଳୁନାହିଁ, କାରଣ ଆଇବିଏମ୍ ୱାଟ୍ସନ ପକ୍ଷରୁ ଜନସାଧାରଣଙ୍କୁ ଆଇନ ସହାୟତା ପ୍ରଦାନ କରାଯାଇପାରୁଛି। ଏହା ଦ୍ୱାରା କେବଳ ଧୁରୀଣ ଆଇନଜୀବୀ ସେମାନଙ୍କ ପେସାରେ ତିଷ୍ଠି ପାରୁଛନ୍ତି।

ଏବେ କିଛି ଦେଶରେ ସ୍ୱୟଂଚାଳିତ କାର୍ ଉପଲବ୍ଧ ହେଲାଣି। ଆପଣ ଅନ୍‌ଲାଇନରେ କାର୍ ଡାକିବେ ଓ ତାହା ନିମିଷକ ମଧ୍ୟରେ ଘର ଆଗରେ ପହଞ୍ଚି ଆପଣଙ୍କୁ ଗନ୍ତବ୍ୟ ସ୍ଥାନରେ ପହଞ୍ଚାଇଦେବ। ଯେତିକି କିଲୋମିଟର ଆପଣ ଗସ୍ତ କରିଥିବେ ସେତିକି ଅର୍ଥ ଆପଣ ଅନ୍‌ଲାଇନରେ ପ୍ରଦାନ କରିଦେବେ। ଆପଣଙ୍କୁ କାର୍ ପାର୍କିଂ ଭଳି ସମସ୍ୟା ଦେଖିବାକୁ ପଡ଼ିବ ନାହିଁ । କାର୍ ଉପଯୋଗରେ ଏହା ଅଧିକ ସହଜ ହେବ। ନା ଗାଡ଼ି ଚଲାଇବା ପାଇଁ ଲାଇସେନ୍ସ ଦରକାର ନା କାର୍ ପାଇଁ ବୀମା ଅର୍ଥ ପଇଠ। କାର୍ କିଣା ବା ଏହାର ରକ୍ଷଣାବେକ୍ଷଣ ଝିନ୍‌ଝଟ୍‌ରୁ ବି ମୁକ୍ତି। ଏହାଦ୍ୱାରା ସହରଗୁଡ଼ିକରେ ଗାଡ଼ିସଂଖ୍ୟା କମିଯିବ ଓ ପ୍ରଦୂଷଣ ବି ସେହି ଅନୁପାତରେ ହ୍ରାସ ପାଇବ। ରାସ୍ତା ଦୁର୍ଘଟଣା କମିବ ଓ ଧନ ଜୀବନ କ୍ଷୟକ୍ଷତି ହ୍ରାସ ହେବ। ବୀମା କମ୍ପାନୀଗୁଡ଼ିକ ଉପରେ ଚାପ କମିବ ଓ କର୍ମଚାରୀ ହ୍ରାସ ହେବେ। ମାତ୍ର ଅନ୍ୟ ପଟରେ ଏହା ନିଯୁକ୍ତି ହ୍ରାସର ପ୍ରମୁଖ କାରଣ ହେବ। ଲକ୍ଷ ଲକ୍ଷ ଲୋକ ଗାଡ଼ିଚାଳକ ଭାବେ ପରିବାର ଭରଣପୋଷଣ ଜୀବିକାକୁ ଭୁଲି ଯିବାକୁ ବାଧ୍ୟ ହେବେ। ଆମେରିକାର ବୃହତ ବ୍ୟାଙ୍କ ଯେପରିକି ଏଚ୍ଏସ୍‌ବିସି, ବ୍ୟାଙ୍କ ଅଫ୍ ଆମେରିକା ଓ ଗୋଲ୍ଡମ୍ୟାନ ସାକ ଚେତାବନୀ ଦେଇ ଆସୁଛନ୍ତି ଯେ ଆମେରିକାର ଅର୍ଥ ବ୍ୟବସ୍ଥାରେ ଯଦି ସୁଧାର ନ ଆସେ ତେବେ ଦେଶର ସମସ୍ତ ଧନ ହାତଗଣତି କିଛି ପରିବାର ମଧ୍ୟରେ ସୀମିତ ହୋଇ ରହିଯିବ। ଏହା ମଧ୍ୟ ପ୍ରମାଣିତ ହେବାରେ ଲାଗିଛି। ସମସ୍ତ କ୍ଷେତ୍ରର ବ୍ୟବସାୟ କିଛି ପରିବାର ମଧ୍ୟରେ ସୀମିତ ହୋଇଗଲାଣି। ସ୍ୱାସ୍ଥ୍ୟ, ଶିକ୍ଷା, ରକ୍ଷା, ବ୍ୟାଙ୍କିଂ ଭଳି ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଏବେ କିଛି ଘରୋଇ ଉଦ୍ୟୋଗୀଙ୍କ ହାତରେ। କମ୍ ବେତନରେ ଚାକିରି କରିବାକୁ ଲୋକେ ବାଧ୍ୟ ହେଉଛନ୍ତି। ଅନେକ ବୃହତ୍ ମଲ୍ ଏବେ ବନ୍ଦ। ବେରୋଜଗାରରେ ଲୋକେ ହନ୍ତସନ୍ତ ହେଉଛନ୍ତି। ବିଶ୍ୱର ଶକ୍ତିଶାଳୀ ଅର୍ଥ ବ୍ୟବସ୍ଥା ଆମେରିକାର ଅବସ୍ଥା ଏପରି ହୋଇଛି। ଆମ ଦେଶ ଭାରତ ଏବେ ଆମେରିକା ପଥରେ ଅଗ୍ରସର। କରୋନା ସମୟରେ କୋଟି କୋଟି ପରିବାର ଦାରିଦ୍ର୍ୟ ଭିତରକୁ ଚାଲି ଯାଇଥିବା ବେଳେ ଓ ଛୋଟ ଛୋଟ ବ୍ୟବସାୟିକ ପ୍ରତିଷ୍ଠାନ ଭୁଶୁଡ଼ି ପଡ଼ିଥିବା ବେଳେ ଅମ୍ବାନୀ ଓ ଆଦାନୀଙ୍କ ଭଳି ପରିବାରମାନେ ବ୍ୟାପକ ଆର୍ଥିକ ଫାଇଦା ହାସଲ କରିଛନ୍ତି ଓ ବିଶ୍ୱର ସର୍ବବୃହତ ଆର୍ଥିକ ସ୍ୱଚ୍ଛଳ ଗ୍ରୁପ୍ ତାଲିକାରେ ଅନ୍ତର୍ଭୁକ୍ତ ହୋଇଛନ୍ତି।

ଛୋଟ ଛୋଟ ବ୍ୟବାସାୟୀଙ୍କ ସମ୍ମୁଖରେ ଅନେକ ସମସ୍ୟା । ଅନ୍‌ଲାଇନ ବ୍ୟବସାୟ ଓ ମଲ୍ ସଂସ୍କୃତି ପାଇଁ ସେମାନଙ୍କ ବ୍ୟବସାୟ ଆଜି ଠପ୍। ଆମେରିକା ଭଳି ଚରମ ପରିସ୍ଥିତି ପହଞ୍ଚି ନ ଥିଲେ ମଧ୍ୟ ସେଭଳି ସ୍ଥିତିରେ ପହଞ୍ଚିବାକୁ ଆମକୁ ବେଶି ସମୟ ଲାଗିବ ନାହିଁ। ଅନ୍‌ଲାଇନରେ ଶସ୍ତାରେ ସାମଗ୍ରୀ ମିଳୁଛି ବୋଲି ଲୋକେ ଖୁସି ହୋଇପାରନ୍ତି, ମାତ୍ର ସେ ଖୁସି ବେଶି ସମୟ ରହିବ ନାହିଁ। ରୋଜଗାର ହ୍ରାସ ଓ ତତ୍‌ସହିତ ମୂଲ୍ୟବୃଦ୍ଧି କ୍ରମଶଃ ସେମାନଙ୍କର କ୍ରୟ ଶକ୍ତିକୁ ହ୍ରାସ କରିବ। ନିମ୍ନ ଓ ନିମ୍ନମଧ୍ୟବିତ୍ତଙ୍କ ସ୍ଥିତି ଅଧିକ ଜଟିଳ ହେବ। ଉଚ୍ଚ ମଧ୍ୟମ ବର୍ଗ ପରିବାରଗୁଡ଼ିକ ନିଜର ଦେଖାଇହେବା ଆଚରଣ ଯୋଗୁ ସମସ୍ୟାରେ ପଡ଼ି ସେମାନଙ୍କ ଧନ ଉପଯୋଗ ହେବା ବଦଳରେ ପ୍ରଦର୍ଶନ ମନୋଭାବରେ ଖର୍ଚ୍ଚ ହେବ। ଯଦି ଆମେ ଆଜିଠାରୁ ସତର୍କ ନ ହେବା ତେବେ ଖୁବ୍ ନିକଟରେ ଏହାର ପରିଣାମ ଆମ ସମ୍ମୁଖରେ ପ୍ରତୀୟମାନ ହେବ। କୁଟିରଶିଳ୍ପ, ପାରମ୍ପରିକ କୃଷି ତଥା କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟିକ ସଂସ୍ଥାକୁ ବି ସମାନ ଗୁରୁତ୍ୱ ପ୍ରଦାନ କରିବାକୁ ପଡ଼ିବ। ମଲ୍ ସଂସ୍କୃତି ସହ ଛୋଟ ଛୋଟ ବ୍ୟବସାୟିକ ପ୍ରତିଷ୍ଠାନ ଓ ଖୁଚୁରା ବିପଣନକୁ ପ୍ରୋତ୍ସାହନ ଦେବାକୁ ପଡ଼ିବ। ଭାରତ ଭଳି ଏକ ଜନବହୁଳ ଦେଶରେ ମାନବ ସମ୍ବଳର ଠିକ୍ ବିନିଯୋଗର ଆବଶ୍ୟକତା ରହିଛି। ପଶ୍ଚିମ ଦେଶଗୁଡ଼ିକରେ କମ୍ ଲୋକସଂଖ୍ୟା ହୋଇ ମଧ୍ୟ ଯଦି ସେଠାରେ ଅଟୋମେଶନ ପାଇଁ ବେରୋଜଗାର ଓ କମ୍ ବେତନ ପ୍ରମୁଖ ସମସ୍ୟା ଭାବେ ଉଭା ହେଉଛି, ସେପରି ସ୍ଥଳେ ଭାରତର ସ୍ଥିତି କ'ଣ ହେବ ତାହା ସହଜରେ ଅନୁମେୟ।



**ମୋ:୯୪୩୭୨୩୨୪୬୩**

## ସୁ-ଡୋ-କୁ

su|do|ku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 2 | 6 | | | | |
| | | 9 | | | | | | |
| 8 | | 3 | 5 | | | | | 1 |
| | 5 | | 3 | | | | | |
| | | 1 | | 8 | | | | |
| 3 | | 2 | | | 5 | | | 4 |
| | 2 | 5 | | | 4 | | 6 | |
| | | 4 | | | | | 7 | |
| | | | | 9 | | | 5 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 9 | 8 | 7 | 1 | 6 | 4 | 5 | 2 |
| 4 | 2 | 6 | 8 | 3 | 5 | 7 | 9 | 1 |
| 7 | 5 | 1 | 9 | 4 | 2 | 8 | 3 | 6 |
| 1 | 6 | 3 | 4 | 7 | 9 | 5 | 2 | 8 |
| 9 | 8 | 4 | 2 | 5 | 1 | 3 | 6 | 7 |
| 2 | 7 | 5 | 6 | 8 | 3 | 1 | 4 | 9 |
| 5 | 1 | 9 | 3 | 2 | 8 | 6 | 7 | 4 |
| 6 | 3 | 7 | 1 | 9 | 4 | 2 | 8 | 5 |
| 8 | 4 | 2 | 5 | 6 | 7 | 9 | 1 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଯକ୍ଷ୍ମାରୋଗୀଙ୍କ ପୌଷ୍ଟିକ ଭତ୍ତା ବୃଦ୍ଧି ହେଉ

ମହାଶୟ,

ରାଜ୍ୟ ସରକାର ଯକ୍ଷ୍ମାରୋଗୀଙ୍କ ନୀରୋଗ ପାଇଁ ମାଗଣା ଔଷଧ ଓ ଅନ୍ୟାନ୍ୟ ସୁବିଧା ଦେଉଛନ୍ତି। କିନ୍ତୁ ରୋଗୀମାନଙ୍କୁ ୬ ମାସ ପାଇଁ ମାସକୁ ମାତ୍ର ୫ଶହ ଟଙ୍କା ପୁଷ୍ଟିକର ଖାଦ୍ୟ ବାବଦକୁ ଦେଉଛନ୍ତି। ଏହା ରୋଗୀଙ୍କ ରୋଗ ନିବାରଣରେ ସହାୟକ ହେଉ ନାହିଁ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ରୋଗୀ କଲ୍ୟାଣ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ ଗରିବ ଯକ୍ଷ୍ମାରୋଗୀଙ୍କ ସମସ୍ୟା ପ୍ରତି କର୍ତ୍ତବ୍ୟ ଓ ଦାୟିତ୍ୱକୁ ଏଡ଼ାଇ ଚାଲିଛନ୍ତି। ସରକାର ଯକ୍ଷ୍ମାମୁକ୍ତ ରାଜ୍ୟ ଗଠନ କରିବାକୁ ରୋଗୀମାନଙ୍କୁ ପୁଷ୍ଟିକର ଖାଦ୍ୟ ନିମିତ୍ତ ଅଧିକ ମାସ ଓ ମାସିକ ଭତ୍ତା ବୃଦ୍ଧି କଲେ ରୋଗୀ ଉପକୃତ ହେବେ। ଏଣୁ ଅନ୍ତତଃପକ୍ଷେ ୧ବର୍ଷ ପାଇଁ ଭତ୍ତା ମଞ୍ଜୁରକଲେ ରୋଗୀ ସମ୍ପୂର୍ଣ୍ଣ ରୋଗମୁକ୍ତ ହୋଇପାରିବେ।

**-ନିର୍ମଳ ଚନ୍ଦ୍ର ସାମଲ, ଚୌଧୁରୀ ଭବନ, ବିଦ୍ୟାଧରପୁର, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜଳେ ଥଳେ କେତେ ନିରେଖିଲି ନୂଆ ଭାବର
ନୂଆ ଛବି
ନୂଆ ନୂଆ ରୂପ କଲି ପୂଜା, କଲି ଆଦର
ସୁଖ ଲଭି।

-(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ନିର୍ବାଚନ ଲଢ଼ିବେନି ବିଜୟ ରୂପାନୀ**

ଅହମ୍ମଦାବାଦ: ଆସନ୍ତା ମାସ ହେବାକୁ ଯାଉଛି ଗୁଜରାଟ ବିଧାନସଭା ନିର୍ବାଚନ। ଏହି ନିର୍ବାଚନରେ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ ବୋଲି ମଙ୍ଗଳବାର ଘୋଷଣା କରିଛନ୍ତି। ଏ ସମ୍ପର୍କରେ ସେ ରାଜ୍ୟ ଏବଂ ଦିଲ୍ଲୀ ନେତାଙ୍କୁ ଅବଗତ କରାଇଥିବା କହିଛନ୍ତି। ତାଙ୍କ ଭଳି ପୂର୍ବତନ ଉପମୁଖ୍ୟମନ୍ତ୍ରୀ ନିତିନ ପଟେଲ ଓ ବରିଷ୍ଠ ଭାଜପା ବିଧାୟକ ଭୁପେନ୍ଦ୍ରସିଂ ଚୁଡାସ୍‌ମା ମଧ ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ନ କରିବା ଲାଗି ଦଳ ହାଇକମାଣ୍ଡଙ୍କୁ ଚିଠି ଲେଖିଥିବା କହିଛନ୍ତି।

# ଜି୨୦ ଲୋଗୋରେ ଭାଜପାର 'ପଦ୍ମ'

## ପ୍ରଶ୍ନ ଉଠାଇଲା କଂଗ୍ରେସ




**ନୂଆଦିଲ୍ଲୀ,୯।୧୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉନ୍ମୋଚିତ ଜି୨୦ ପ୍ରେସିଡେନ୍ସି ଲୋଗୋରେ ଥିବା ପଦ୍ମଫୁଲକୁ ନେଇ ବିବାଦ ସୃଷ୍ଟି ହୋଇଛି। ଭାଜପାର ନିର୍ବାଚନୀ ଚିହ୍ନ ପଦ୍ମ ହୋଇଥିବାରୁ କଂଗ୍ରେସ ଏହାକୁ କଡ଼ା ସମାଲୋଚନା କରିଛି। ଶାସକ ଦଳ ଏଥିରେ ନିଜକୁ ନିର୍ଲଜ ଭାବେ ପ୍ରମୋଟ୍ କରୁଛି। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଏକଦା ଏଭଳି ଉଦ୍ୟମକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ ବୋଲି ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି।

ଜି୨୦ ବା ଗ୍ରୁପ୍ ଟ୍ୱେଣ୍ଟି ହେଉଛି ୧୯ଟି ଦେଶ ଏବଂ ୟୁରୋପୀୟ ସଂଘ (ଇୟୁ)କୁ ନେଇ ଗଠିତ ଏକ ଆନ୍ତଃ ସରକାରୀ ମଞ୍ଚ। ଆମେରିକା, ଅଷ୍ଟ୍ରେଲିଆ, ସାଉଦି ଆରବ, କାନାଡା, ଭାରତ, ରୁଷିଆ, ଦକ୍ଷିଣ ଆଫ୍ରିକା, ତୁର୍କୀ, ଆର୍ଜେଣ୍ଟିନା, ବ୍ରାଜିଲ, ମେକ୍ସିକୋ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ବ୍ରିଟେନ, ଚାଇନା, ଇଣ୍ଡୋନେସିଆ, ଜାପାନ ଓ କୋରିଆ ହେଉଛନ୍ତି ଜି୨୦ର ସଦସ୍ୟ ରାଷ୍ଟ୍ର। ଅନ୍ତର୍ଜାତୀୟ ଆର୍ଥିକ ସ୍ଥିରତା, ଜଳବାୟୁ ପରିବର୍ତ୍ତନର ମୁକାବିଲା ଓ ନିରନ୍ତର ବିକାଶ ଭଳି ବିଶ୍ୱ ଅର୍ଥନୀତି ସମ୍ପର୍କିତ ପ୍ରସଙ୍ଗଗୁଡ଼ିକୁ ନେଇ ଏହି ରାଷ୍ଟ୍ର ସମୂହ କାର୍ଯ୍ୟ କରିଥାଏ। ଏଥିରେ ବିକଶିତ ଓ ବିକାଶଶୀଳ ରାଷ୍ଟ୍ର ସମେତ ସର୍ବବୃହତ୍ ଅର୍ଥନୀତିଗୁଡ଼ିକୁ ସାମିଲ କରାଯାଇଛି। ମୋଟ ବିଶ୍ୱ ଉତ୍ପାଦ (ଜିଡବ୍ଲ୍ୟୁପି)ରେ ଏହି ରାଷ୍ଟ୍ରଗୁଡ଼ିକର ଅବଦାନ ହେଉଛି ପ୍ରାୟ ୮୦%। ବର୍ତ୍ତମାନ ଜି୨୦ର ଅଧ୍ୟକ୍ଷତା ଇଣ୍ଡୋନେସିଆ ନିକଟରେ ଥିବାବେଳେ ନଭେମ୍ବର ୧୫ ଓ ୧୬ରେ ପ୍ରଧାନମନ୍ତ୍ରୀ ମୋଦି ବାଲିରେ ହେବାକୁ ଥିବା ସମ୍ମିଳନୀରେ ଯୋଗଦେବେ। ଭାରତ ଆସନ୍ତା ଡିସେମ୍ବର ୧ରୁ ଏଥିରେ ଅଧ୍ୟକ୍ଷତା କରିବାକୁ ଯାଉଛି। ନିଜ ଅଧ୍ୟକ୍ଷତା ଅବଧି ମଧ୍ୟରେ ଭାରତ ଆସନ୍ତା ବର୍ଷ ଜି୨୦ ସମିଟ୍ ସମେତ ଦେଶର ବିଭିନ୍ନ ସ୍ଥାନରେ ୩୨ଟି ବିଭିନ୍ନ କ୍ଷେତ୍ର ଉପରେ ୨୦୦ ବୈଠକ ଆୟୋଜନ କରିବ। ଏଥିପାଇଁ ପ୍ରଧାନମନ୍ତ୍ରୀ ମୋଦି ମଙ୍ଗଳବାର ନୂଆଦିଲ୍ଲୀରେ ଭାରତର ଜି୨୦ ପ୍ରେସିଡେନ୍ସି ଲୋଗୋ, ଥିମ୍ ଓ ୱେବ୍‌ସାଇଟ୍ ଉନ୍ମୋଚନ କରିଛନ୍ତି। 'ବସୁଧୈବ କୁଟୁମ୍ବକମ୍' ନୀତି ଭାରତର ଦୟାଭାବର ସ୍ୱାକ୍ଷର। ଏଥିସହିତ ଲୋଗୋରେ ରହିଥିବା ପଦ୍ମ ବିଶ୍ୱକୁ ଏକାଠି କରିବାରେ ଭାରତର ସାଂସ୍କୃତିକ ଐତିହ୍ୟ ଏବଂ ବିଶ୍ୱାସକୁ ଚିତ୍ରଣ କରୁଛି ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ। ଲୋଗୋର ରୂପରେଖ ପାଇଁ ପ୍ରସ୍ତାବ ଦେବାକୁ ଦେଶବାସୀଙ୍କୁ ଅନୁରୋଧ କରାଯାଇଥିଲା। ସେହି ପ୍ରସ୍ତାବଗୁଡ଼ିକ ଆଧାରରେ ଏହି ଲଗୋ ପ୍ରସ୍ତୁତ କରାଯାଇଥିବା ମୋଦି କହିଥିଲେ। ତେବେ ଉକ୍ତ ଲୋଗୋରେ ଭାଜପାର ନିର୍ବାଚନୀ ଚିହ୍ନ ପଦ୍ମକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି। କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ପ୍ରାୟ ୭୦ ବର୍ଷ ତଳେ ନେହେରୁ କଂଗ୍ରେସ ପତାକାକୁ ଭାରତର ଜାତୀୟ ପତାକା କରିବା ନେଇ ରହିଥିବା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ। ବର୍ତ୍ତମାନ ଭାଜପାର ନିର୍ବାଚନୀ ଚିହ୍ନକୁ ଜି୨୦ରେ ଭାରତର ପ୍ରେସିଡେନ୍ସି ପାଇଁ ଉଦ୍ଦିଷ୍ଟ ଲୋଗୋରେ ବ୍ୟବହାର କରାଯାଇଛି। ମୋଦି ଏବଂ ଭାଜପା ନିଜକୁ ପ୍ରୋତ୍ସାହିତ କରିବା ପାଇଁ କୌଣସି ସୁଯୋଗକୁ ହାତଛଡ଼ା କରିବାକୁ ଚାହୁଁ ନାହାନ୍ତି। ଏହା ଏକ ଲଜ୍ଜାଜନକ ବିଷୟ। ଏହାର ଜବାବରେ ଭାଜପା ମୁଖପାତ୍ର ଶେହଜାଦ ପୁନାୱାଲା କହିଛନ୍ତି, ପଦ୍ମ ହେଉଛି ଆମ ଜାତୀୟ ଫୁଲ। ଏହା ମା' ଲକ୍ଷ୍ମୀଙ୍କ ଆସନ ମଧ୍ୟ। କମଲ ନାଥଙ୍କ ନାମରୁ କମଲକୁ ବାଦ୍ ଦେଇପାରିବ କି? ରାଜୀବର ଅର୍ଥ ହେଉଛି ପଦ୍ମ। ତେଣୁ ଏଥିରେ କୌଣସି ଏଜେଣ୍ଡା ଦେଖାଯିବା ଅନୁଚିତ।

# ମୋଦିଙ୍କ ଭଳି ମିଥ୍ୟା ପ୍ରତିଶ୍ରୁତି ଦେଇପାରିବୁ ନାହିଁ: ଖାର୍ଗେ

**ଶିମଳା,୯।୧୧**



ହିମାଚଳପ୍ରଦେଶ ଶିମଳା ବାନୁତୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ନିର୍ବାଚନ ପ୍ରଚାର କରୁଛନ୍ତି।

ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ରାଜନୀତି ସରଗରମ ହୋଇଛି। ଭିନ୍ନ ଦଳ ପକ୍ଷରୁ ଭୋଟରଙ୍କ ମନ ଜିଣିବା ପାଇଁ ବିଭିନ୍ନ ପ୍ରକାର ପ୍ରତିଶ୍ରୁତି ଦେଉଛନ୍ତି। ଏହି କ୍ରମରେ ବୁଧବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଶିମଳା ବାନୁତୀରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି କହିଛନ୍ତି, କଂଗ୍ରେସ ଦଳ ହିମାଚଳ ପ୍ରଦେଶରେ ସରକାର ଗଠନ କରିବ। ପୁରୁଣା ପେନସନ ଯୋଜନାର ପୁନରୁଦ୍ଧାର ସହିତ ସମସ୍ତ ପ୍ରତିଶ୍ରୁତି ପୂରଣ ହେବ। ଭାରତୀୟ ଜନତା ପାର୍ଟି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଳି କଂଗ୍ରେସ ଏଭଳି ପ୍ରତିଶ୍ରୁତି ଦେଇ ନାହିଁ ଯାହା ପୂରଣ ହୋଇପାରିବ ନାହିଁ। ଆମେ କେବେ ମିଥ୍ୟା ପ୍ରତିଶ୍ରୁତି ଦେବାକୁ ଚେଷ୍ଟା କରୁନାହିଁ। ଭାଜପା ହିମାଚଳ ପ୍ରଦେଶର ଲୋକଙ୍କୁ ବୋକା ବନାଇ ପାରିବ ନାହିଁ,କାରଣ ଏଠାରେ ଲୋକମାନେ ଶିକ୍ଷିତ। ଅଧ୍ୟକ୍ଷ ହେବା ପରେ ଏହା ଖାର୍ଗେଙ୍କ ପ୍ରଥମ ନିର୍ବାଚନୀ ସଭା ଥିଲା।

ସୂଚନାଯୋଗ୍ୟ, ୬୮ ଆସନ ବିଶିଷ୍ଟ ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ନଭେମ୍ବର ୧୨ରେ ଅନୁଷ୍ଠିତ ହେବ। ନଭେମ୍ବର ୮ରେ ଫଳାଫଳ ଘୋଷଣା କରାଯିବ।

# ବିଧାୟକ ଭାବେ ଶପଥ ନେଲେ ସୂର୍ଯ୍ୟବଂଶୀ

**ଭୁବନେଶ୍ୱର, ୯।୧୧(ବ୍ୟୁରୋ)**



ସୂର୍ଯ୍ୟବଂଶୀ ସୂରଜଙ୍କୁ ଶପଥ ପାଠ କରାଉଛନ୍ତି ବାଚସ୍ପତି ବିକ୍ରମ କେଶରୀ ଆରୁଖ।

ଧାମନଗର ବିଧାନସଭା ଆସନ ପାଇଁ ନିକଟରେ ଉପନିର୍ବାଚନ ଶେଷ ହୋଇଥିବା ବେଳେ ଏଥିରେ ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୁରଜ ବିଜୟୀ ହୋଇଛନ୍ତି। ତେବେ ସେ ବିଧାୟକ ଭାବେ ବୁଧବାର ଶପଥ ଗ୍ରହଣ କରିଛନ୍ତି। ଓଡ଼ିଶା ବିଧାନସଭାର ବାଚସ୍ପତି ବିକ୍ରମ କେଶରୀ ଆରୁଖ ନବନିର୍ବାଚିତ ବିଧାୟକ ସୂର୍ଯ୍ୟବଂଶୀଙ୍କୁ ଶପଥ ଗ୍ରହଣ କରାଇଛନ୍ତି। ଏଥିସହ ସେ ମହାତ୍ମା ଗାନ୍ଧୀଙ୍କ ଏକ ପ୍ରତିକୃତି ଉପହାର ଦେଇ ଜଣେ ଭଲ ବିଧାୟକ ଭାବେ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଛନ୍ତି। ତେବେ ସୂର୍ଯ୍ୟବଂଶୀ ବିଧାନସଭା ଗୃହର ପ୍ରବେଶ ଦ୍ୱାରରେ ସାଷ୍ଟାଙ୍ଗ ପ୍ରଣାମକରି ଭିତରକୁ ପଶିଥିଲେ। ପ୍ରକାଶଯୋଗ୍ୟ, ଧାମନଗର (ଅନୁସୂଚିତ ଜାତି) ନିର୍ବାଚନମଣ୍ଡଳୀର ସଦସ୍ୟ ବିଷ୍ଣୁଚରଣ ସେଠୀଙ୍କ ପରଲୋକ ଯୋଗୁ ଏହି ଆସନଟି ଖାଲି ରହିଥିଲା। ଗତ ନଭେମ୍ବର ୩ରେ ଏହି ଆସନ ନିମନ୍ତେ ଅନୁଷ୍ଠିତ ଉପନିର୍ବାଚନରେ ସୂର୍ଯ୍ୟବଂଶୀ ସୂରଜ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବାଚସ୍ପତିଙ୍କ ପ୍ରକୋଷ୍ଠରେ ଆୟୋଜିତ ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ବିରୋଧୀଦଳ ନେତା ଜୟନାରାୟଣ ମିଶ୍ର, ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ଚରଣ ମାଝି, ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ବିଧାନସଭା ସଚିବ ଦାଶରଥୀ ଶତପଥୀ, ବିଧାନସଭାର ଅନ୍ୟ ପଦାଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ। ତେବେ ଏହା ପୂର୍ବରୁ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ସୂର୍ଯ୍ୟବଂଶୀଙ୍କୁ ବିଧାନସଭା ପର୍ଯ୍ୟନ୍ତ ନିଆଯାଇଥିଲା। ଏଥିରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲଖ ମହାପାତ୍ର, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ପ୍ରଭାତୀ ପରିଡ଼ା, ଭଦ୍ରକ ଜିଲା ସଭାପତି ହେମନ୍ତ ପାଢୀ, ବରିଷ୍ଠ ନେତା ଅଶୋକ ପୁହାଣ, ମନୋଜ ମଲ୍ଲିକ, ଶରତ ମହାନ୍ତି, ଚତୁର୍ଭୁଜ ନାୟକ, ଅରବିନ୍ଦ ପତି, ସଦାଶିବ ପୋଥାଳ, ଅନ୍ତର୍ଯ୍ୟାମୀ ପତି, ରାଜେନ୍ଦ୍ର ସାହୁ, ଦୁର୍ଗା ଚରଣ ନାୟକ, ପ୍ରଦୀପ ବଳ, ବୁଦ୍ଧଦେବ ଜେନା, ଶ୍ରୀକାନ୍ତ ନାୟକ, ରାଜୀବ ଦାସ, ମନୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବବିଙ୍କ ସପକ୍ଷରେ ବାହିନୀପତି

**ଭୁବନେଶ୍ୱର, ୯।୧୧(ବ୍ୟୁରୋ)**

ଧାମନଗର ଉପନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ହୋଇଥିବା ବେଳେ ଏହା ଉପରେ ପ୍ରତିକ୍ରିୟା ରଖି ଦଳର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି ବିସ୍ଫୋରକ ବୟାନ ଦେଇଛନ୍ତି। ଧାମନଗରରେ ବିଜେଡି-ବିଜେଡି ଲଢ଼େଇରେ କଂଗ୍ରେସ ବଳି ପଡ଼ିଗଲା ବୋଲି ତାରା କହିବା ସହିତ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ସପକ୍ଷରେ ବାହାରିଛନ୍ତି। ବିଜୁ ଜନତା ଦଳର କେତେଜଣ ନେତା ବିଧାୟକ ବବିଙ୍କୁ ବିରୋଧକରି ଓ ତାଙ୍କ ଆଧିପତ୍ୟ କମାଇବା ପାଇଁ ଧାମନଗରରେ କେତେଜଣ କଂଗ୍ରେସ ଲୋକଙ୍କୁ କିଣିନେଲେ। ଏଇଟା ସତ୍ୟ। ଆମ ଭୋଟ ସେଇଆଡ଼େ ପଳାଇଲା। କିଏ ଭାଜପାକୁ ତ କିଏ ସ୍ୱାଧୀନ ପ୍ରାର୍ଥୀଙ୍କୁ ଭୋଟ ଦେଲା। ଆମ ପ୍ରତି ଯେଉଁମାନଙ୍କ ସ୍ନେହ,ଶ୍ରଦ୍ଧା ଥିଲା ଓ ଯେଉଁମାନେ ଆମକୁ ଭୋଟ ଦେଇଥାଆନ୍ତେ ତାକୁ ରୋକିଦେଲେ। ଅର୍ଥାତ୍ ବିଜେଡି-ବିଜେଡି କଳିରେ କଂଗ୍ରେସ ବୁଡିଗଲା। ହେଲେ ବିଜେଡିର କେଉଁ ନେତାମାନେ ବବିଙ୍କ ବିରୋଧରେ ଯାଇ ଏମିତି କାମ କରିଥିଲେ ସେମାନଙ୍କ ନାଁ ତାରା କହିନାହାନ୍ତି। ସେମାନଙ୍କ ମଧ୍ୟରେ ଉଭୟ ବରିଷ୍ଠ ଓ କନିଷ୍ଠ ନେତା ଅଛନ୍ତି। ଅନ୍ୟପକ୍ଷରେ ପଦ୍ମପୁର ଉପନିର୍ବାଚନରେ କଂଗ୍ରେସର ସ୍ଥିତି ଭିନ୍ନ ରହିବ। ସେଠାରେ ଦଳ ୧ ନମ୍ବରରେ ରହିବ ବୋଲି କହିଛନ୍ତି। ପଦ୍ମପୁରରେ ଆମ ନେତା ସତ୍ୟଭୂଷଣ ସାହୁ ଗତ ନିର୍ବାଚନରେ ୩୨ ହଜାର ଭୋଟ ପାଇଥିଲେ। ତାଙ୍କର ସେଠାରେ ଦବଦବା ରହିଛି। ନିଶ୍ଚିତ ଭାବେ କଂଗ୍ରେସ ସେଠାରେ ୧ ନମ୍ବରରେ ରହିବ। ସେଠାରେ କେହି କଂଗ୍ରେସ ଭୋଟ ନେଇପାରିବେନାହିଁ ବୋଲି ତାରା କହିଛନ୍ତି।

# ପଦ୍ମପୁରରେ ପ୍ରଚାର କରିବେ ଧାମନଗର ବିଧାୟକ

**ଭୁବନେଶ୍ୱର, ୯।୧୧(ବ୍ୟୁରୋ)**

ଧାମନଗର ଉପନିର୍ବାଚନରେ ବିଜୟ ହାସଲକରି ଚର୍ଚ୍ଚାରେ ଥିବା ସୂର୍ଯ୍ୟବଂଶୀ ସୂରଜଙ୍କୁ ପଦ୍ମପୁର ପ୍ରଚାରରେ ଭାଜପା ଓହ୍ଲାଇବ। ପଦ୍ମପୁର ଉପନିର୍ବାଚନରେ ସୂର୍ଯ୍ୟବଂଶୀ ଦଳ ପାଇଁ ପ୍ରଚାର କରିବେ ବୋଲି ବୁଧବାର ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ସୂଚନା ଦେଇଛନ୍ତି। ଜୟନାରାୟଣ କହିଛନ୍ତି, ସୂର୍ଯ୍ୟବଂଶୀ ସୂରଜ ଉଚ୍ଚ ଶିକ୍ଷିତ। ସେ ନୂଆକରି ବିଧାନସଭାକୁ ଆସିଛନ୍ତି। ରାଜନୀତିରେ ନୂଆ ହେଲେ ବି ଜଣେ ପୋଖତ ରାଜନେତା ଭାବେ ନିଜକୁ ପ୍ରମାଣିତ କରିଛନ୍ତି। ତାଙ୍କର ପ୍ରଭାବ ନିଶ୍ଚିତ ଭାବେ ଭୋଟରଙ୍କ ଉପରେ ରହିବ। ପଦ୍ମପୁରରେ ଭାଜପା ପ୍ରାର୍ଥୀ ନିଶ୍ଚିତ ଜିତିବେ। ସେଥିପାଇଁ ସେମାନେ ସମସ୍ତ ପ୍ରକାର ବନ୍ଦୋବସ୍ତ କରିବେ। ଏଥିଲାଗି ରଣନୀତି ପ୍ରସ୍ତୁତ କରାଯାଇଛି। ସେଠାରେ ନିର୍ବାଚନ ପାଇଁ ପ୍ରଚାର ଆରମ୍ଭ ହୋଇଗଲାଣି। ଧାମନଗରରେ ଯେଭଳି ଆମେ ପ୍ରତ୍ୟେକ ଭୋଟରଙ୍କ ସହିତ ଯୋଗାଯୋଗ କରିଥିଲୁ ପଦ୍ମପୁରରେ ମଧ୍ୟ ସେମିତି କରିବୁ। ୨୨ ବର୍ଷ ଧରି ରାଜ୍ୟ ସରକାରଙ୍କ ଅରାଜକତା ବିଷୟରେ ଲୋକଙ୍କୁ କହିବୁ। ଚାଷୀଙ୍କ ପ୍ରତି ଅବହେଳା ମୁଖ୍ୟ ପ୍ରସଙ୍ଗ ହେବ। ପଦ୍ମପୁର ଉପନିର୍ବାଚନ ପାଇଁ ବିରୋଧୀ ଦଳ ନେତା ଜୟନାରାୟଣଙ୍କ ସହ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଓ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କୁ ଦଳ ଦାୟିତ୍ୱ ଦେଇଛି। ଏହାସହ ଓଡ଼ିଶାର ୩ କେନ୍ଦ୍ରମନ୍ତ୍ରୀ ମଧ୍ୟ ଦାୟିତ୍ୱ ନେବେ ବୋଲି ଜୟନାରାୟଣ କହିଛନ୍ତି। ଅନ୍ୟପଟେ ବୁଧବାର ଭାଜପା ରାଜ୍ୟ ପ୍ରଭାରୀ ପୁରନ୍ଦେଶ୍ୱରୀଙ୍କ ସମେତ ଦଳର ରାଜ୍ୟସ୍ତରୀୟ ନେତାମାନେ ଭିଡିଓ କନ୍‌ଫରେନ୍ସରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଦଳ ପଦ୍ମପୁର ଉପନିର୍ବାଚନରେ କିପରି ବିଜୟ ହାସଲ କରିବ ସେନେଇ ମଧ୍ୟ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଛନ୍ତି। ଏହାସହ କେଉଁ ନେତାଙ୍କୁ କେଉଁ ସବୁ ପଞ୍ଚାୟତ ଦାୟିତ୍ୱ ବଣ୍ଟାଯିବ ସେନେଇ ମଧ୍ୟ ଚୂଡ଼ାନ୍ତ ହୋଇଥିବା ଜଣାପଡିଛି। ବାହାରକୁ ଏହି ୩ ନେତାଙ୍କୁ ମୁଖ୍ୟ ଦାୟିତ୍ୱ ଦେଉଛି ବୋଲି କୁହାଯାଉଥିଲେ ମଧ୍ୟ ଦଳ ଧାମନଗର ଭଳି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଥିବା ସୂଚନା ମିଳିଛି। ଅନ୍ୟପଟେ ସୂର୍ଯ୍ୟବଂଶୀ ସୂରଜ ବୁଧବାର ଦଳୀୟ କାର୍ଯ୍ୟାଳୟଠାରେ ବରିଷ୍ଠ ନେତାମାନଙ୍କ ଆଶୀର୍ବାଦ ନେଇଛନ୍ତି।

**ADMISSION NOTICE-2022**
D.D.C.E., UTKAL UNIVERSITY
BHUBANESWAR-751007
NAAC Accredited A+ | nirf RANK 88
DIRECTORATE OF DISTANCE & CONTINUING EDUCATION

Management Courses (AICTE APPROVED)
- MBA with Dual Specialisation (HRM/MM/POM/FM/T&TM/BIM/DNM/ISM)
- BBA / IMBA

Contact for - 9437103110 in working days 10AM to 5 PM )

General Under Graduate and Post Graduate Courses in Distance Mode
- BA (HONS.) (Odia, English, Hindi, Sanskrit, Education, Economics, Pol. Science, History & Sociology)
- B.COM. (HONS.)
- MA in Sanskrit
- MA in Public Administration
- MA in Hindi.
- MA in Pol.Science
- MA in English
- M.A. in Economics
- MA in Odia
- MA in Sociology
- MA in History
- MA in Education
- M.Com.
- MSW

(Contact for - 9437156110 in working day 10AM to 5 PM )

For eligibility, fees structure, selection process and important date lines visit our website :
www.ddceutkal.ac.in
Revised Last Date of Admision 15.11.2022
DIRECTOR

**କଳିଙ୍ଗ ବୈଶ୍ୟ ମହାସଂଘ, ଓଡ଼ିଶା, ନିର୍ବାଚନ କମିଟି**
Website: www.kvms.in
ବିଜ୍ଞାପନ
ତା: ୦୯।୧୧।୨୦୨୨

ଏତଦ୍ୱାରା କଳିଙ୍ଗ ବୈଶ୍ୟ ମହାସଂଘ ଅନ୍ତର୍ଗତ ସମସ୍ତ ନିୟମିତ ସଭ୍ୟ, ମହାସଂଘ ସ୍ୱୀକୃତିପ୍ରାପ୍ତ ସମସ୍ତ ସଂଘ ଓ ଅଞ୍ଚଳମାନଙ୍କୁ ସୂଚିତ କରାଯାଉଅଛି ଯେ, ମହାସଂଘ କାର୍ଯ୍ୟନିର୍ବାହୀ କମିଟିର ନିଷ୍ପତ୍ତି କ୍ରମେ ଆଗାମୀ ତା୧୧।୧୨।୨୦୨୨ରିଖ ରବିବାର ଦିନ ମହାସଂଘର ସାଧାରଣ ଅଧିବେଶନ ସହ ମହାସଂଘ କର୍ମକର୍ତ୍ତା (ସଭାପତି, ଉପ-ସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ) ନିର୍ବାଚନ ଖେମୁଣ୍ଡି ଅଞ୍ଚଳ ଅନ୍ତର୍ଗତ ଦିଗପହଣ୍ଡି ବଡ଼ଦାଣ୍ଡ ରାଜନଗର ନିକଟସ୍ଥ ରାମଚନ୍ଦ୍ର ଦେବ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହେବ। ନିର୍ବାଚନ କମିଟି ଦ୍ୱାରା ପ୍ରଣୀତ ନିମ୍ନ କାର୍ଯ୍ୟସୂଚୀ ପ୍ରକାରେ ନିର୍ବାଚନ କାର୍ଯ୍ୟ ପରିଚାଳନା କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି।

**କାର୍ଯ୍ୟସୂଚୀ**

୧. ତା୧୧।୧୧।୨୦୨୨ (ଶୁକ୍ରବାର): ପୂର୍ବାହ୍ନ ଘ୧୧.୦୦ଟା ସମୟରେ ବ୍ରହ୍ମପୁର ମହାସଂଘ ମୁଖ୍ୟ କାର୍ଯ୍ୟାଳୟ ଓ ସମସ୍ତ ଅଞ୍ଚଳ କାର୍ଯ୍ୟାଳୟଠାରେ ଭୋଟର/ପ୍ରତିନିଧି ତାଲିକା ପ୍ରକାଶନ। (ଯାହାକି ମହାସଂଘର ଉପରୋକ୍ତ ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯିବ)।
୨. ତା୧୩।୧୧।୨୦୨୨ (ରବିବାର) ଓ ତା୧୪।୧୧।୨୦୨୨ (ସୋମବାର): ବ୍ରହ୍ମପୁର ଜୌରାସାହିସ୍ଥିତ ମହାସଂଘ ମୁଖ୍ୟ କାର୍ଯ୍ୟାଳୟଠାରେ ଭୋଟର/ପ୍ରତିନିଧି ତାଲିକା ସମ୍ପର୍କେ ଅଭିଯୋଗ ଗ୍ରହଣ ଓ ଶୁଣାଣି। ଅପରାହ୍ନ ଘ୦୨.୦୦ଟାଠାରୁ ଘ.୦୫.୦୦।
୩. ତା୧୫।୧୧।୨୦୨୨ (ମଙ୍ଗଳବାର): ପୂର୍ବାହ୍ନ ଘ୧୧.୦୦ଟା ସମୟରେ ଚୂଡ଼ାନ୍ତ ଭୋଟର/ପ୍ରତିନିଧି ତାଲିକା ପ୍ରକାଶନ।
୪. ତା୧୬।୧୧।୨୦୨୨ (ବୁଧବାର)ଠାରୁ ତା୧୭।୧୧।୨୦୨୨ (ଗୁରୁବାର): ମହାସଂଘ ମୁଖ୍ୟ କାର୍ଯ୍ୟାଳୟଠାରେ ପୂର୍ବାହ୍ନ ଘ୧୧.୦୦ଠାରୁ ଅପରାହ୍ନ ଘ୩.୦୦ ମଧ୍ୟରେ ନାମାଙ୍କନ ପତ୍ର ଉପଲବ୍ଧ।
୫. ତା୧୮।୧୧।୨୦୨୨ (ଶୁକ୍ରବାର) ଓ ତା୧୯।୧୧।୨୦୨୨ (ଶନିବାର) ପର୍ଯ୍ୟନ୍ତ: ବ୍ରହ୍ମପୁର ଜୌରାସାହିସ୍ଥିତ ମହାସଂଘ ମୁଖ୍ୟ କାର୍ଯ୍ୟାଳୟଠାରେ ପୂର୍ବାହ୍ନ ଘ୧୧.୦୦ଠାରୁ ଅପରାହ୍ନ ଘ.୦୪.୦୦ ପର୍ଯ୍ୟନ୍ତ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ।
୬. ତା୨୧।୧୧।୨୦୨୨ (ସୋମବାର): ଅପରାହ୍ନ ଘ୦୫.୦୦ ସମୟରେ ପ୍ରାର୍ଥୀପତ୍ର ଯାଞ୍ଚ ପରେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶନ।
୭. ତା୨୨।୧୧।୨୦୨୨ (ମଙ୍ଗଳବାର): ବ୍ରହ୍ମପୁର ଜୌରାସାହିସ୍ଥିତ ମହାସଂଘ ମୁଖ୍ୟ କାର୍ଯ୍ୟାଳୟଠାରେ ପୂର୍ବାହ୍ନ ଘ୧୦.୦୦ଠାରୁ ଅପରାହ୍ନ ଘ୦୩.୦୦ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ପ୍ରତ୍ୟାହାର।
୮. ତା୨୩।୧୧।୨୦୨୨ (ବୁଧବାର): ଅପରାହ୍ନ ଘ୦୫.୦୦ ସମୟରେ ସମସ୍ତ ପଦବୀ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶନ।
୯. ତା୧୧।୧୨।୨୦୨୨ (ରବିବାର): ସମୟ: ଘ୧୨.୦୦ଠାରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ। ଭୋଟ ଗ୍ରହଣ: ଅପରାହ୍ନ ଘ୧୨.୩୦ଠାରୁ ଘ.୪.୦୦ (ସ୍ଥାନ: ଦିଗପହଣ୍ଡି ବଡ଼ଦାଣ୍ଡ ରାଜନଗର ନିକଟସ୍ଥ ରାମଚନ୍ଦ୍ର ଦେବ କଲ୍ୟାଣ ମଣ୍ଡପ)
୧୦. ତା୧୧।୧୨।୨୦୨୨ (ରବିବାର): ଭୋଟ ଗ୍ରହଣ ସମାପ୍ତି ପରେ ପ୍ରାର୍ଥୀମାନଙ୍କ ଉପସ୍ଥିତିରେ ଭୋଟ ଗଣତି କାର୍ଯ୍ୟକ୍ରମ ଓ ତତ୍ପରେ ନିର୍ବାଚିତ ପ୍ରାର୍ଥୀମାନଙ୍କ ନାମ ଘୋଷଣା ଓ ଶପଥପାଠ।

ସ୍ୱା./- କେ. ଗୋପାଳକୃଷ୍ଣ ସେନାପତି
ଅଧ୍ୟକ୍ଷ, ନିର୍ବାଚନ କମିଟି

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. ST-OT-TELE-UP_GRAD-288, ତା.31.10.2022ରିଖ
**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଭଦ୍ରକ, ଯାଜପୁର କେନ୍ଦୁଝର ରୋଡ଼, କେନ୍ଦୁଝରଗଡ଼, ପାରାଦ୍ୱୀପ, ଢେଙ୍କାନାଳ, ତାଳଚେର ରୋଡ଼, ତାଳଚେର, ଅନୁଗୋଳ, ମଞ୍ଚେଶ୍ୱର, ଖୋର୍ଦ୍ଧା ରୋଡ଼ (ଦ୍ୱିତୀୟ ପ୍ରବେଶ ପଥ), ବାଲୁଗାଁ ଏବଂ ବ୍ରହ୍ମପୁର ଷ୍ଟେସନଗୁଡ଼ିକର ଉନ୍ନୟନ।
**ଟେଣ୍ଡର ମୂଲ୍ୟ (ଟଙ୍କାରେ) :** 1,61,29,285.27, EMD (ଟଙ୍କାରେ) : 2,30,700/-।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.22.11.2022 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼
PR-677/N/22-23

See Career Appointment on every Wednesday & Saturday

**ଏସ୍‌ଏଲ୍‌ଆର୍/ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**
ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୭/୨୮/୨୯-୨୨ ତାରିଖ: ୦୭।୧୧।୨୦୨୨
ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ୦୨ (ଦୁଇ) ବର୍ଷ ଅବଧି ପାଇଁ https://www.ireps.gov.in/websiteରେ ଅଧିସୂଚିତ ଟ୍ରେନ୍‌ଗୁଡ଼ିକରେ ପାର୍ସଲ ପରିବହନ ଲାଗି ଏସ୍‌ଏଲ୍‌ଆର୍ ଏବଂ ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ। **(୧) ବର୍ଗ:** ପାର୍ସଲ। **କାଟାଲଗ୍ ନଂ.:** ଲିଜ୍-କେଜିପି-୨୭-୨୨। **ନିଲାମ ତାରିଖ:** ୧୮।୧୧।୨୦୨୨। **ନିଲାମ ଆରମ୍ଭ ସମୟ:** ୧୦.୦୦ ଘଟିକା। **ନିଲାମ ସମାପ୍ତିର ତାରିଖ ଓ ସମୟ:** ୧୯।୧୧।୨୦୨୨, ୧୦.୩୦ ଘଟିକା। **(୨) ବର୍ଗ:** ପାର୍ସଲ। **କାଟାଲଗ୍ ନଂ.:** ଲିଜ୍-କେଜିପି-୨୮-୨୨। **ନିଲାମ ତାରିଖ:** ୨୧।୧୧।୨୦୨୨। **ନିଲାମ ଆରମ୍ଭ ସମୟ:** ୧୦.୦୦ ଘଟିକା। **ନିଲାମ ସମାପ୍ତିର ତାରିଖ ଓ ସମୟ:** ୨୧।୧୧।୨୦୨୨, ୧୮.୦୦ ଘଟିକା। **(୩) ବର୍ଗ:** ପାର୍ସଲ। **କାଟାଲଗ୍ ନଂ.:** ଲିଜ୍-କେଜିପି-୨୯-୨୨। **ନିଲାମ ତାରିଖ:** ୨୨।୧୧।୨୦୨୨। **ନିଲାମ ଆରମ୍ଭ ସମୟ:** ୧୨.୦୦ ଘଟିକା। **ନିଲାମ ସମାପ୍ତିର ତାରିଖ ଓ ସମୟ:** ୨୨।୧୧।୨୦୨୨, ୧୨.୫୦ ଘଟିକା। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ପାଇଁ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
ସ୍ଥାନ: ଖଡ଼ଗପୁର — **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର**
ତାରିଖ: ୦୭।୧୧।୨୦୨୨
ଦକ୍ଷିଣ ପୂର୍ବ ରେଳପଥ — ଆମେ ହର୍ଷର ସହ ସେବା କରୁ (PR-764)

**ବ୍ୟାଙ୍କ ଅଫ୍ ଇଣ୍ଡିଆ** — ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ନବକଳେବର ରୋଡ଼ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ **ଦଖଲକୁ** ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ନବକଳେବର ରୋଡ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ନବକଳେବର ରୋଡ଼ ଶାଖା / ଋଣଗ୍ରହୀତା/ ସହ-ଋଣଗ୍ରହୀତା/ବନ୍ଧକଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଋଣଗ୍ରହୀତା/ବନ୍ଧକଦାତା : ଶ୍ରୀ ଦେବେନ୍ଦ୍ର କୁମାର ନାୟକ, ସା: ମାତାଗୋସେଇଁ ଲେନ୍, ଚୁଡ଼ଙ୍ଗ ସାହି, ପୁରୀ, ଓଡ଼ିଶା - ୭୫୨୦୦୧ | ଟ.୯,୮୧,୪୫୪.୮୨ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୨.୦୮.୨୦୨୨/ ୦୪.୧୧.୨୦୨୨ | ଶ୍ରୀ ଦେବେନ୍ଦ୍ର କୁମାର ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୮, ପ୍ଲଟ୍ ନଂ.: ୩୨୯, କ୍ଷେତ୍ର: ଏକର୦.୦୧୮ ଡ଼ିସିମିଲି, କିସମ: ଘରବାରୀ, ମୌଜା: ଦାଣ୍ଡିମାଳ ସାହି, ଥାନା: ପୁରୀ ଟାଉନ୍, ଥାନା: ନଂ.: ୨୦, ଏସ୍‌ଆରଓ: ପୁରୀ, ମ୍ୟୁନିସପାଲ ହୋଲ୍ଡିଂ ନଂ.: ୪୪୨, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାମ ଚନ୍ଦ୍ର ନାୟକ, ଦକ୍ଷିଣ: ରାଜେନ୍ଦ୍ର ସାହୁ, ପୂର୍ବ: ଜଗନ୍ନାଥ ବଲ୍ଲଭ ମଠ, ପଶ୍ଚିମ: ରାସ୍ତା |
| ଋଣଗ୍ରହୀତା/ବନ୍ଧକଦାତା : ଶ୍ରୀମତୀ ଚିନ୍ମୟୀ ନାୟକ (ଦେଈ), ସ୍ୱାମୀ: ଶ୍ରୀ ଦେବେନ୍ଦ୍ର କୁମାର ନାୟକ / ସହ-ଋଣଗ୍ରହୀତା: ଶ୍ରୀ ଦେବେନ୍ଦ୍ର କୁମାର ନାୟକ, ଉଭୟଙ୍କ ଠିକଣା - ସା: ମାତାଗୋସେଇଁ ଲେନ୍, ଚୁଡ଼ଙ୍ଗ ସାହି, ପୁରୀ, ଓଡ଼ିଶା - ୭୫୨୦୦୧ | ଟ.୧୪,୭୭,୧୩୯.୯୦ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୨.୦୮.୨୦୨୨ / ୦୪.୧୧.୨୦୨୨ | ଶ୍ରୀମତୀ ଚିନ୍ମୟୀ ନାୟକ (ଦେଈ), ସ୍ୱାମୀ: ଶ୍ରୀ ଦେବେନ୍ଦ୍ର କୁମାର ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୪୦/୧୫୬, ପ୍ଲଟ୍ ନଂ.: ୭୯୩/୧୬୨୨, କ୍ଷେତ୍ର: ଏକର୦.୦୨୦.୨ ଡ଼ିସିମିଲି, କିସମ: ଘରବାରୀ, ମୌଜା: ମାର୍କଣ୍ଡେଶ୍ୱର ସାହି, ଥାନା: ପୁରୀ ଟାଉନ୍, ଥାନା ନଂ.: ୧୯, ଏସ୍‌ଆରଓ: ପୁରୀ, ତହସିଲ: ପୁରୀ, ଜିଲ୍ଲା: ପୁରୀ, ଅନୁରୂପ ସାବିକ ଖାତା ନଂ.: ୪୯୬, ପ୍ଲଟ୍ ନଂ.: ୭୯୩, କ୍ଷେତ୍ର: ଏକର୦.୦୨୦.୨ ଡ଼ିସିମିଲି, ମ୍ୟୁନିସପାଲିଟି ହୋଲ୍ଡିଂ ନଂ.: ୧୦୨୬/୪/୧, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା ଏବଂ ବିଶ୍ୱଜିତ୍ ଷେଣ୍ଢ, ଦକ୍ଷିଣ: ଚୁଡ଼ଙ୍ଗ ପୋଖରୀ, ପୂର୍ବ: ହାଡ଼ିବନ୍ଧୁ ନାୟକ ଏବଂ ସତ୍ୟଭାମା ମିଶ୍ର, ପଶ୍ଚିମ: ସସ୍ମିତା ସେନାପତି ଏବଂ ବିଜୟ ନାୟକ |

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୦.୧୧.୨୦୨୨ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

**SUIIT**
**Sambalpur University Institute of Information Technology**
Advt. No.: 1349/ SUIIT — Date: 09/ 11 / 2022

| SPOT ADMISSION | Date |
|---|---|
| • B. Tech Lateral Entry (CSE/ECE/EEE) | 14th November, 2022 |
| • M. Sc Computer Sc. (All Categories) | |
| • M. Tech Computer Sc. and Engg. (All Categories) | |

**INSTRUCTIONS**
Interested candidates for spot admission should report to the Administrative Officer, SUIIT during 10AM to 12 noon on 14.11.2022. There will be an entrance examination of one hour duration at 12:15 PM only for the Post Graduateprogrammes following COVID-19 guidelines. Admission will be done on the same day, as per SUIIT admission guidelines.

CONTACT NUMBERS: 9938983624 / 9438074077 / 9337347538
Email:admin.office@suiit.ac.in
Sd/ Director , SUIIT

# ଜାନୁୟାରୀ ୧୫ରୁ କଲ୍ଲୋଳ, ପୁସ୍ତକ, ପଲ୍ଲିଶ୍ରୀ ମେଳା

**ଜଗତ୍‌ସିଂହପୁର ଅଫିସ, ୯।୧୧**

■ ୩ ବର୍ଷ ପରେ ଜିଲାରେ ସୃଷ୍ଟି ହେବ ନିଆରା ପରିବେଶ
■ ବିଶ୍ୱକପ୍ ହକି ନେଇ ଜାନୁୟାରୀରେ ଓଡ଼ିଶା ହେବ ଉତ୍ସବ ମୁଖର

୨୦୨୩ରେ ପୁରୁଷ ହକି ବିଶ୍ୱକପ ଓଡ଼ିଶାରେ ହେବାକୁ ଯାଉଛି। ଜାନୁଆରୀ ୧୩ରୁ ୨୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଓ ରାଉରକେଲାରେ ଏହି ଆକର୍ଷଣୀୟ ମ୍ୟାଚ ଅନୁଷ୍ଠିତ ହେବ। ଏହା ଦେଖିବାକୁ କେବଳ ଓଡ଼ିଶା ନୁହେଁ ସାରା ଦେଶର ଲୋକେ ଅନାଇ ବସିଛନ୍ତି। ତେଣୁ ଓଡ଼ିଶାକୁ ଉତ୍ସବ ମୁଖର କରିବାକୁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ଏହି ସମୟ ମଧ୍ୟରେ ପ୍ରତି ଜିଲାରେ ଜିଲା ମହୋତ୍ସବ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ବୁଧବାର ଜଗତ୍‌ସିଂହପୁର ଜିଲା ମହୋତ୍ସବ କଲ୍ଲୋଳ, ପୁସ୍ତକ ମେଳା ନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲାପାଳ ପାରୁଲ ପଟାୱରୀ ଏକା ସଙ୍ଗେ ସବୁ ମେଳା କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସଙ୍ଗର ପ୍ରାସଙ୍ଗିକତାକୁ ଅନୁଭବ କରି ଉପସ୍ଥିତ ବ୍ୟକ୍ତିମାନେ ସହମତି ପ୍ରକାଶ କରିଥିଲେ। ଜାନୁୟାରୀ ୧୫ରୁ ୨୯ ତାରିଖ ମଧ୍ୟରେ ଜଗତ୍‌ସିଂହପୁର ଜିଲା ମହୋତ୍ସବ, ପୁସ୍ତକ ମେଳା ଓ ପଲ୍ଲିଶ୍ରୀ ମେଳା ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା।

ଏଥିରେ ମହୋତ୍ସବ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ, ଉପ କମିଟି, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁସ୍ତକ ମେଳା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ସରକାରୀ ଦଳ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇଥିଲେ। ସେ କହିଥିଲେ, ସାଧାରଣ ନିର୍ବାଚନ ଓ କରୋନା ମହାମାରୀ ଯୋଗୁ ୩ ବର୍ଷ ହେବ ଜିଲା ମହୋତ୍ସବ ହୋଇପାରିନାହିଁ। ପ୍ରତ୍ୟେକ ବର୍ଷ ଏପ୍ରିଲ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଅନୁଷ୍ଠିତ ହୁଏ। କିନ୍ତୁ ୨୦୨୩ରେ ଓଡ଼ିଶାରେ ବିଶ୍ୱକପ ହକି ହେଉଥିବାରୁ ଭୁବନେଶ୍ୱର ସମେତ ସମଗ୍ର ରାଜ୍ୟ ଏକ ମାସ ଧରି ଚଳଚଞ୍ଚଳ ରହିବ। ତେଣୁ ଏ ବର୍ଷ ଜିଲା ମହୋତ୍ସବ ବିଶ୍ୱକପ ସମୟରେ କରାଯିବା ନିଶ୍ଚିତ ଭାବରେ ନିଆରା ପରିବେଶ ସୃଷ୍ଟି କରିବ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ଜିଲା ପରିଷଦ ସଭାପତି ମନୋଜ ଭୋଇ, ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଚିନ୍ମୟୀ ବିଶ୍ୱାଳ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରମେଶ ଚନ୍ଦ୍ର ସିଂହ, ମହୋତ୍ସବ ପାଳନ କମିଟି ସଭ୍ୟାସଭ୍ୟ, ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଓ ସହରର ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ। ସେହିପରି ଜିଲା ସଂସ୍କୃତି ପରିଷଦ କାର୍ଯ୍ୟକାରୀ ସଭାପତି ବିପ୍ଳବ ଚୌଧୁରୀ, ଉପସଭାପତି ବିଜୟ କୁମାର ରାଉତ, ଗଣେଶ୍ୱର ମାଣିଆ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା ପ୍ରାରମ୍ଭିକ ସୂଚନା, ଶେଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।


ଜିଲା ମହୋତ୍ସବ ଲାଗି ପ୍ରସ୍ତୁତି ବୈଠକରେ ଏମ୍‌ପି, ବିଧାୟକ, ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## ସଂକ୍ଷେପରେ

### ଅମିତା ହେଲେ ଜଗତ୍‌ସିଂହପୁର ଜିଲା ବିଜେଡି ମହିଳା ସମ୍ପାଦିକା



**କୁଜଙ୍ଗ,୯।୧୧(ଡି.ଏନ.ଏ.):** କୁଜଙ୍ଗ ବ୍ଲକ ଫତେପୁର ପଞ୍ଚାୟତ ସମିତିସଭ୍ୟା ଅମିତା ସ୍ୱାଇଁ ଜଗତ୍‌ସିଂହପୁର ଜିଲା ବିଜେଡି ମହିଳା ସମ୍ପାଦିକା ହୋଇଛନ୍ତି। ତାଙ୍କର ଏହି ପଦବୀ ଖବର ଜଣାପଡିବା ପରେ ବ୍ଲକ ବିଜେଡି ସଭାପତି ନରେନ୍ଦ୍ର ପରିଡ଼ା, ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନାରାଣୀ ସାହୁ, ଉପାଧ୍ୟକ୍ଷ ଜ୍ଞାନଜିତ ସ୍ୱାଇଁ, ବ୍ଲକ ବିଜେଡି ମହିଳା ସଭାନେତ୍ରୀ ପୁଷ୍ପଲତା ବେହେରା, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ସମିତିସଭ୍ୟା ସସ୍ମିତା ନାୟକ, ପ୍ରଭାତୀ ଦାସ, ସାଂସଦ ପ୍ରତିନିଧି ସୁଜଳ ସ୍ୱାଇଁ, ବିଜୁ ଯୁବ ଜନତା ଦଳ ନିର୍ବାଚନ ମଣ୍ଡଳୀ ସଭାପତି ମାନଭଞ୍ଜନ ମଲ୍ଲ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଆଗାମୀଦିନରେ ବିଜେଡିକୁ କେମିତି ଅଧିକରୁ ଅଧିକ ମହିଳା ଆକୃଷ୍ଟ ହେବେ ସେଥିପାଇଁ ସେ କାମ କରିବେ ବୋଲି ଆଶା ପୋଷଣ କରିଛନ୍ତି। ଅନୁରୂପ ଭାବେ ଅମିତା ତାଙ୍କ ପଦବୀକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ଜଗତ୍‌ସିଂହପୁର ଜିଲା ବିଜେଡି ମହିଳା ସଭାନେତ୍ରୀ ସବିତା ମହାପାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣଙ୍କର ମୃତ୍ୟୁ

**ଚଣ୍ଡିଖୋଲ/ଛତିଆ, ୯।୧୧(ଡି.ଏନ.ଏ.):** ବଡ଼ଚଣା ବ୍ଲକ ବୈରୀ ଥାନା ଅନ୍ତର୍ଗତ ସମିଆ ପଞ୍ଚାୟତ ଅଧୀନ କେନ୍ଦୁ ଗାଡ଼ିଆ ଗ୍ରାମରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଜଗମୋହନ ଗାଗରାଇ। ଜଗମୋହନ ବୁଧବାର ଶୌଚ ପାଇଁ ବିଲକୁ ଯାଇଥିଲେ। ଶୌଚ ସାରି ଫେରିବା ସମୟରେ ଏକ ଜମି କଡ଼ ବାଡ଼ ସଂସ୍ପର୍ଶରେ ଆସିଥିଲେ। ତେବେ ବାଡ଼ ମଧ୍ୟରେ ବିଦ୍ୟୁତ୍ ତାର ସଂଯୋଗ ହୋଇଥିବାରୁ ଏହା ସଂସ୍ପର୍ଶରେ ଆସି ଅଚେତ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜଗମୋହନଙ୍କ ମୃତ୍ୟୁ ପାଇଁ ତାଙ୍କ ପରିବାର ଜମି ମାଲିକଙ୍କୁ ଦାୟୀ କରି ଥାନାରେ ଅଭିଯୋଗ କରିଛନ୍ତି।

### ବିରଳ କଇଁଛ ଉଦ୍ଧାର



**ବରୀ,୯।୧୧(ଡି.ଏନ.ଏ.):** ଯାଜପୁର ଜିଲା ବରୀ ବ୍ଲକ୍ ଅଧୀନ ବରୀ ପଞ୍ଚାୟତ ସୁବଳସାହିରୁ ବୁଧବାର ଏକ ବିରଳ କଇଁଛ ଉଦ୍ଧାର କରାଯାଇଛି। ସାହିର ରବୀନ୍ଦ୍ର ମଲିକ ନଦୀକୁ ମାଛ ଧରିବାକୁ ଯାଇଥିବା ବେଳେ ତାଙ୍କ ଛଡ଼ରେ ଏକ କଇଁଛ ଲାଗିଥିଲା। ତେବେ ଏହି କଇଁଛ ଦେହରେ ପ୍ରଭୁ ଜଗନ୍ନାଥ ଓ ପେଟରେ ସାଇଁ ବାବାଙ୍କ ଚିତ୍ର ଥିବା ଦେଖିବାକୁ ମିଳିଛି। ଫଳରେ କଇଁଛକୁ ସ୍ଥାନୀୟ ଲୋକେ ପୂଜାର୍ଚ୍ଚନା କରିଛନ୍ତି।

### ଚୋରି ସାମଗ୍ରୀ ଗ୍ରହୀତା ଗିରଫ

**ପାଣିକୋଇଲି,୯।୧୧(ଡି.ଏନ.ଏ.):** ପାଣିକୋଇଲି ପୋଲିସ ଜଣେ ଚୋରି ସାମଗ୍ରୀ ଗ୍ରହୀତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଯାଜପୁର ଥାନା ଅନ୍ତର୍ଗତ ଅକରପଡ଼ା ଗ୍ରାମର ନିମାଇଁ ଜେନା(୨୧)। ଅକ୍ଟୋବର ୧ ତାରିଖରେ ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଞ୍ଚାୟତ କୁରୁପଦା ଗ୍ରାମରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। କୁରୁପଦା ଗ୍ରାମର ରଘୁନାଥ ବେହେରାଙ୍କ ସିଡି ଘରବାଟେ ଦୁର୍ବୃତ୍ତ ପଶି ତାଙ୍କୁ ମାରଣାସ୍ତ୍ର ଯୋଗେ ଆକ୍ରମଣ କରିବା ସହ ତାଙ୍କ ଘରୁ ନଗଦ ୨୦ ହଜାର ଟଙ୍କା, ସୁନା, ରୂପା ଅଳଙ୍କାର ଓ ୨ଟି ମୋବାଇଲ ଚୋରି କରି ନେଇଥିଲେ। ସେହିପରି ତାଙ୍କ ପଡ଼ୋଶୀ ସୁଲୋଚନା ଦାସଙ୍କ ଗ୍ରୀଲ ଭାଙ୍ଗି ନଗଦ ୫ ହଜାର ଟଙ୍କା, ସୁନା ଓ ରୂପା ସମେତ ଗୁରୁତ୍ୱପୂର୍ଣ୍ଣ କାଗଜାତ୍ ଚୋରି ହୋଇଥିଲା। ଏନେଇ ପୋଲିସ ଏକ ମାମଲା ନଂ.୨୨୬/୨୨ ରୁଜୁ କରି ତଦନ୍ତ ଜାରି ରଖିଥିଲା। ନିମାଇଁଙ୍କଠାରୁ ମୋବାଇଲ ଜବତ ପରେ ଚୋରି ସାମଗ୍ରୀ ଗ୍ରହୀତା ଭାବେ ତାଙ୍କୁ ଗିରଫ କରାଯାଇଥିଲା।

# ଡିସେମ୍ବର ୮ ପର୍ଯ୍ୟନ୍ତ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ସଂଶୋଧନ

**ଜଗତ୍‌ସିଂହପୁର ଅଫିସ, ୯।୧୧**

ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ସଂଶୋଧନ କାର୍ଯ୍ୟକ୍ରମ ନଭେମ୍ବର ୯ରୁ ଆରମ୍ଭ ହୋଇ ଡିସେମ୍ବର ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଆସନ୍ତା ୧୨, ୧୩, ୨୬ ଓ ୨୭ ତାରିଖରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। ୨୦୨୩ ଜାନୁୟାରୀ ୧, ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧ ତାରିଖ ମଧ୍ୟରେ ଯେଉଁ ଯୁବତୀଯୁବକମାନଙ୍କ ବୟସ ୧୮ ବର୍ଷ ହୋଇଥିବ ସେମାନଙ୍କୁ ଉପରୋକ୍ତ ଅବଧି ମଧ୍ୟରେ ନାମ ପଞ୍ଜୀକରଣ ପାଇଁ ସୁଯୋଗ ମିଳିବ। ବିଶେଷକରି ଅନଲାଇନ୍ ପ୍ଲାଟଫର୍ମ ଅର୍ଥାତ୍ ଭୋଟର ହେଲ୍ପ ଲାଇନ ଆପ୍/ଏନ୍‌ଭିଏସ୍‌ପି.ଇନ୍/ଭୋଟର ପୋର୍ଟାଲ, ଇସିଆଇ. ଜିଓଭି. ଇନ ମାଧ୍ୟମରେ ଆବେଦନ କରିପାରିବେ। ୧୭ ବର୍ଷରୁ ଅଧିକ ସମସ୍ତ ଯୁବବର୍ଗ ବୁଧବାରଠାରୁ ଆଗୁଆ ଅନଲାଇନ୍ କିମ୍ବା ବ୍ଲକସ୍ତରୀୟ ଅଧିକାରୀଙ୍କ ସହାୟତାରେ ନିଜକୁ ଭୋଟର ପାଇଁ ଆବେଦନ କରିବା ଉଚିତ। ତେବେ ନୂଆ ଭୋଟର ଭାବେ ନାମ ପଞ୍ଜୀକରଣ ପାଇଁ ଫର୍ମ-୬, ଭୋଟର ତାଲିକାରେ ଥିବା ତଥ୍ୟର ସଂଶୋଧନ ପାଇଁ ଫର୍ମ-୮, ଏହି ତାଲିକାରୁ ନାମ ବାଦ ନେଇ ଫର୍ମ-୭ ଓ ଭୋଟର ପରିଚୟପତ୍ରକୁ ଆଧାର କାର୍ଡ ସହ ସଂଯୋଗ ନେଇ ଫର୍ମ-୬ (ଖ)ରେ ଆବେଦନ କରିପାରିବେ। ପୂର୍ବାହ୍ଣରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁଙ୍କ ପୌରୋହିତ୍ୟରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ କୁହାଯାଇଥିଲା, ଯେଉଁମାନଙ୍କ ବୟସ ୧।୧୦।୨୦୨୩ ସୁଦ୍ଧା ୧୮ବର୍ଷ ହେବ ସେମାନଙ୍କୁ ଭୋଟର ତାଲିକାରେ ପଞ୍ଜିକୃତ ପାଇଁ ଆବେଦନ ସୁଯୋଗ ଥିବାରୁ ରାଜନୈତିକ ଦଳଗୁଡ଼ିକ ସହଯୋଗ କରିବା ଉଚିତ। ଅଫଲାଇନ୍‌ରେ ଆବେଦନ ସୁଯୋଗ ଥିଲେ ସୁଦ୍ଧା ଅନଲାଇନ୍‌ର ବହୁଳ ବ୍ୟବହାର ପାଇଁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ସମ୍ପୃକ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷାଅଧ୍ୟକ୍ଷମାନଙ୍କୁ ଅବଗତ କରାଯିବ ବୋଲି କୁହାଯାଇଥିଲା। ବୈଠକରେ ରାଜନୈତିକ ଦଳ ପ୍ରତିନିଧିମାନଙ୍କ ସହ ଉପଜିଲାପାଳ, ଡେପୁଟି କଲେକ୍ଟର (ନିର୍ବାଚନ) ଓ ସହକାରୀ ଜିଲାପାଳ ଉପସ୍ଥିତ ଥିଲେ।


ଭୋଟର ତାଲିକା ସଂଶୋଧନ ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ଉତ୍ପାଦନରେ ପାରମ୍ପରିକ ଜୈବିକ ପଦ୍ଧତିକୁ ଗୁରୁତ୍ୱ

■ ଆଗ୍ରୋକ୍ଷେତ୍ର ଜରିଆରେ ୧୫ କୃଷିଜାତ ଦ୍ରବ୍ୟର ବଜାର ପ୍ରବେଶ
■ ୨୧ କୃଷି ଉତ୍ପାଦକ କମ୍ପାନୀ ବିକାଶ କାର୍ଯ୍ୟରେ ନିୟୋଜିତ

**ରଘୁନାଥପୁର, ୯।୧୧(ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ରେଣ୍ଡୁଆ ନୂଆଗଡ଼ସ୍ଥିତ କୃଷି ଓ କୃଷକଙ୍କ ପାଇଁ କାର୍ଯ୍ୟ କରୁଥିବା ଲାଲ ସଂସ୍ଥା (ଲିଭ ଆଣ୍ଡ ଲେଟଲିଭ) କେନ୍ଦ୍ରୀୟ ଯୋଜନାରେ ସାରା ରାଜ୍ୟରେ ଏକ ହଜାର କୃଷକ ଉତ୍ପାଦକ ସଙ୍ଗଠନ ଗଠନ କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା ପଥରେ ଅଗ୍ରସର ହେଉଛି। ଏମାନଙ୍କ ବିକାଶ ତଥା ତାଲିମ କ୍ଷେତ୍ରରେ ୮ ଜିଲାର ୨୧ ଟି କୃଷି ଉତ୍ପାଦକ କମ୍ପାନୀ ନିୟୋଜିତ ଅଛନ୍ତି। ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ କୃଷି ଉତ୍ପାଦକ କମ୍ପାନୀଙ୍କ ଦ୍ୱାରା ପ୍ରସ୍ତୁତ ୧୫ଟି କୃଷିଜାତ ଦ୍ରବ୍ୟର ବଜାର ପ୍ରବେଶର ଶୁଭାରମ୍ଭ ହୋଇଯାଇଛି। ଉକ୍ତ କୃଷିଦ୍ରବ୍ୟ ଆଗ୍ରୋକ୍ଷେତ୍ର ବ୍ରାଣ୍ଡରେ ପ୍ରଥମ ଥର ପାଇଁ କଟକ ବାଲିଯାତ୍ରା ପଡ଼ିଆରେ ଉପଲବ୍ଧ ହୋଇଛି। ପାରମ୍ପାରିକ, ପ୍ରାକୃତିକ ଓ ଜୈବିକ ପଦ୍ଧତିରେ ଚାଷ ହେଉଥିବା କୃଷିଜାତ ଦ୍ରବ୍ୟକୁ ଉପଯୁକ୍ତ ମୂଲ୍ୟରେ ସୁନିଶ୍ଚିତ କରି ଏହାର ବଜାର ବ୍ୟବସ୍ଥା ଯୋଗାଇବା ଆଗ୍ରୋକ୍ଷେତ୍ରର ମୂଳ ଲକ୍ଷ୍ୟ ବୋଲି ଲାଲର ସମ୍ପାଦକ କ୍ଷେତ୍ରମୋହନ ବେହେରା କହିଛନ୍ତି।

ପ୍ରଥମ ପର୍ଯ୍ୟାୟରେ ଜୈବିକ ପଦ୍ଧତିରେ ଉତ୍ପାଦନ ହୋଇଥିବା କୃଷିଜାତ ସାମଗ୍ରୀ ମୁଗ, ନାଲି ଚାଉଳ, ଶର୍କରା ବିହୀନ ଚାଉଳ, ହଳଦୀଗୁଣ୍ଡ, ମାଣ୍ଡିଆ, ସୁଆଁ, କୋଳଥ ଓ ଛତୁଆ ଆଦି ରହିଛି। ଆଗାମୀ ଦିନରେ ଆଗ୍ରୋକ୍ଷେତ୍ର ଜାତୀୟ ଓ ଆନ୍ତର୍ଜାତୀୟ ଚାହିଦାକୁ ଦୃଷ୍ଟିରେ ରଖି ଉତ୍ପାଦକ କମ୍ପାନୀ ଜରିଆରେ ବିଭିନ୍ନ କୃଷିଜାତ ଦ୍ରବ୍ୟ ପ୍ରସ୍ତୁତ କରି ମାର୍କେଟିଂ କରିବା ଲକ୍ଷ୍ୟ ରଖିଛି। ଯାହାଦ୍ୱାରା ରାଜ୍ୟର କୃଷକମାନେ ଉତ୍ପାଦନ କରୁଥିବା ଦ୍ରବ୍ୟକୁ ବିକ୍ରିକରି ଲାଭବାନ ହୋଇପାରିବେ ବୋଲି ସମ୍ପାଦକ ବେହେରା କହିଛନ୍ତି। ଏହାଛଡା ରାସାୟନିକ କୃଷି ପରିବର୍ତ୍ତେ ପାରମ୍ପାରିକ ଜୈବିକ ପଦ୍ଧତିରେ ଚାଷ କରିବାକୁ ବିକ୍ରୟ କେନ୍ଦ୍ରରେ ଲୋକଙ୍କୁ ସଚେତନ କରାଯିବ ବୋଲି କୁହାଯାଇଛି। ଆୟୋଜିତ ବଜାର ପ୍ରବେଶ ଉତ୍ସବରେ ସୁକାନ୍ତ ଜେନା, ପ୍ରକଳ୍ପ ପରିଚାଳକ ରଞ୍ଜନ ରାଉତ, ଅଞ୍ଜନ କୁମାର ଜେନା ଓ ସଞ୍ଜୀବ ରାୟ ଅତିଥି ଭାବେ ଯୋଗ ଦେଇଥିଲେ। ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଭଦ୍ରକ, ପୁରୀ, ନୂଆପଡା, ବାଲେଶ୍ୱର, ବରଗଡ଼ ଓ ନବରଙ୍ଗପୁର ଜିଲାର ୨୧ କୃଷି ଉତ୍ପାଦକ କମ୍ପାନୀର ନିର୍ଦ୍ଦେଶକ ଓ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏଥିରେ ଉପଦେଷ୍ଟା ସୁରେଶ ଚନ୍ଦ୍ର ରାଉତ, ଭଗବାନ ବିଶ୍ୱାଳ, କୃଷ୍ଣପ୍ରିୟା ବିଶ୍ୱାଳ, କାଦମ୍ବିନୀ ବେହେରା, ଗଜେନ୍ଦ୍ର ବେହେରା, ଶୁଦ୍ଧିରଞ୍ଜନ ବାରିକ, ମାଧବ ଚନ୍ଦ୍ର ପ୍ରଧାନ ଓ ଆଲୋକ ସ୍ୱାଇଁ ସହଯୋଗ କରିଥିଲେ।



କୃଷିଜାତ ଦ୍ରବ୍ୟର ପ୍ରବେଶ ଉତ୍ସବରେ ଅତିଥିମାନେ।

# ଗଡେଶ୍ୱର ଯୁବ ପରିଷଦର ବାର୍ଷିକ ଉତ୍ସବ

**ତିର୍ତ୍ତୋଲ, ୯।୧୨ (ଡି.ଏନ.ଏ.)**

### ପ୍ରୀତି ପୌର୍ଣ୍ଣମାସୀ ପତ୍ରିକା ଉନ୍ମୋଚନ

ତିର୍ତ୍ତୋଲ ବ୍ଲକ ଇଚ୍ଛପୁର ପଞ୍ଚାୟତ ଖନ୍ଦୋଳ ଗ୍ରାମରେ ଗଡେଶ୍ୱର ଯୁବ ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖପତ୍ର ପ୍ରୀତି ପୌର୍ଣ୍ଣମାସୀ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ଏଥିରେ ସାହିତ୍ୟ ସଙ୍ଗଠକ ପ୍ରେମ ତରଣ ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ଗଙ୍ଗାଧର ବିଶ୍ୱାଳ ଯୋଗଦେଇ ବକ୍ତବ୍ୟ ଦେବା ସହ ପରିଷଦର ବିଭିନ୍ନ ଦାବି ସମ୍ପର୍କରେ ଦୃଷ୍ଟି ଦିଆଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶ୍ରୀ ଶୁଭଶ୍ରୀର ସମ୍ପାଦିକା ତଥା ପ୍ରୀତି ପୌର୍ଣ୍ଣମାସୀର ସଭାପତି ବସନ୍ତ ମଞ୍ଜରୀ ଦାସ, ପରିଚାଳନା ସମ୍ପାଦକ ହେମନ୍ତ କୁମାର ନାୟକ, ମୁଖ୍ୟବକ୍ତା ଶିକ୍ଷାବିତ୍ ଲୋକନାଥ ବଡ଼ପଣ୍ଡା, ବରେଣ୍ୟ ଅତିଥି ଆଇନଜୀବୀ ମଞ୍ଜୁଲତା ରାଉତ, ପଦ୍ମନାଭ ବେହେରା, ଆଇନଜୀବୀ ପ୍ରଭାତ କୁମାର ବହିରା, କାର୍ଯ୍ୟକାରୀ ସଭାପତି ରଞ୍ଜନ କୁମାର ସାମଲ, କାର୍ଯ୍ୟକାରୀ ସମ୍ପାଦକ ନୀଳମଣି ମଲ୍ଲିକ, ଉପସଭାପତି ଅଶୋକ କୁମାର ଦାସ ଓ ସରୋଜ କୁମାର ବାରିକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁବ ପରିଷଦ ସଭାପତି ସଂଗ୍ରାମ କେଶରୀ ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥଲେ। ପରିଷଦର ସମ୍ପାଦକ ବିଭୁ ପ୍ରସାଦ ଦାଶ, ସଭ୍ୟ ଯଜ୍ଞଦତ୍ତ ଦାସ, ରଞ୍ଜନ ଦାସ, ନବଜ୍ୟୋତି ଦାସ, ଅନିଲ ନାୟକ, ନାଗେଶ୍ୱର ସହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଖବରଦାତା ଗୌରାଙ୍ଗ ସ୍ୱାଇଁ, ଶ୍ରୀକାନ୍ତ ଦାଶ, ପ୍ରଭାତ କୁମାର ପରିଡାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ମାନପତ୍ର, ପୁଷ୍ପ ଗୁଚ୍ଛ ଓ ଟ୍ରଫି ପ୍ରଦାନ କରିଥିଲେ। ଶେଷରେ ସଭ୍ୟ ଅମରଜିତ ସହୁ ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଚକ୍ଷୁ ଚିକିତ୍ସା ଶିବିର: ୯ ଜଣଙ୍କ ହେବ ଅସ୍ତ୍ରୋପଚାର

**ବିରିଡି,୯।୧୧(ଡି.ଏନ.ଏ.)**

ବିରିଡି ବ୍ଲକ ଅନ୍ତର୍ଗତ ହାଜିପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ବୁଧବାର ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁର ମହିଳୋଠାରେ ଥିବା ତ୍ରିଲୋଚନ ନେତ୍ରାଳୟ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିରକୁ ସରପଞ୍ଚ ଆରତି ଭୂୟାଁ ଉଦ୍‌ଘାଟନ କରିଥିଲେ। ନେତ୍ରାଳୟର ମୁଖ୍ୟ ଡା. ଶିବପ୍ରସାଦ ସାହୁ , ଡା. ମଧୁସ୍ମିତା ଦାଶ, ଡା. ବିଜୟ ପଟ୍ଟନାୟକ ଓ ଟେକ୍ନିସିଆନ ଦେବୀପ୍ରସାଦ ରାଉତ ୧୪ଜଣ ଚକ୍ଷୁରୋଗୀଙ୍କୁ ପରୀକ୍ଷା କରି ୯ଜଣଙ୍କ ଚକ୍ଷୁରେ ଅସ୍ତ୍ରୋପଚାର ପାଇଁ ସ୍ଥିର କରିଥିଲେ। ସେମାନଙ୍କୁ ମହିଳୋସ୍ଥିତ ନେତ୍ରାଳୟକୁ ନିଆଯାଇଥିଲା। ପଞ୍ଚାୟତର ବହୁ ଯୁବକ ଏଥିରେ ସହାୟତା କରିଥିଲେ।

# ଡାକ୍ତର ଅଭାବ, ରୋଗୀ ସେବାରେ ବାଧା

**ପଟ୍ଟାମୁଣ୍ଡାଇ, ୯।୧୧ (ସ୍ୱ.ପ୍ର.)**

### ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଅବ୍ୟବସ୍ଥା

କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଦୀର୍ଘଦିନ ହେଲା ବିଭିନ୍ନ ବିଭାଗରେ ଡାକ୍ତର, ବିଶେଷଜ୍ଞ ପଦବୀ ଖାଲିପଡିଛି। ଫଳରେ ରୋଗୀ ସେବା ବାଧାପ୍ରାପ୍ତ ହେଉଛି। ଏହା ଉପରେ ନିର୍ଭର କରୁଥିବା ଅଞ୍ଚଳବାସୀ ହଇରାଣ ହେଉଛନ୍ତି। ବିଶେଷକରି ଅଞ୍ଚଳରେ ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା ପାଇଁ ଅସ୍ଥିଶଲ୍ୟ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଡାକ୍ତର ନାହାନ୍ତି। ଏଥିଯୋଗୁ ଆହତମାନଙ୍କୁ ଚିକିତ୍ସା ପାଇଁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ସାମାଜିକ କର୍ମୀ ଦୁଷ୍ମନ୍ତ ସାହୁ କୁହନ୍ତି, ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତ୍ରୀୟ ଚିକିତ୍ସାଳୟ ଉପରେ ପଟ୍ଟାମୁଣ୍ଡାଇ, ଆଳି, ରାଜନଗର, ରାଜକନିକା, ମହାକାଳପଡ଼ା ଓ କେନ୍ଦ୍ରପଡ଼ା ବ୍ଲକ କେତେକ ଅଞ୍ଚଳର ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଚିକିତ୍ସା ପାଇଁ ନିର୍ଭର କରୁଛନ୍ତି। ଏହି ଚିକିତ୍ସାଳୟ ପାଇଁ ୧୯ ଜଣ ଡାକ୍ତର ଓ ବିଶେଷଜ୍ଞ ଡାକ୍ତର ପଦବୀ ସରକାରୀ ଭାବେ ମଞ୍ଜୁର କରାଯାଇଛି। ହେଲେ ବିଭିନ୍ନ ବିଭାଗରେ ଡାକ୍ତର ପଦବୀ ଖାଲି ପଡିଥିବାରୁ ରୋଗୀସେବା କ୍ଷେତ୍ରରେ ଅନ୍ତଃରାୟ ସୃଷ୍ଟି ହେଉଛି। ଭେଷଜ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, କର୍ଣ୍ଣ, ନାଶା ଓ ଗଳା ବିଶେଷଜ୍ଞ, ଅସ୍ଥିଶଲ୍ୟ ବିଶେଷଜ୍ଞ, ସର୍ଜରୀ ବିଶେଷଜ୍ଞ ଆଦି ବିଭିନ୍ନ ବିଶେଷଜ୍ଞ ଡାକ୍ତର ଓ ଆସିଷ୍ଟାଣ୍ଟ ସର୍ଜନ ପଦବୀ ଖାଲିପଡିଛି। ଚର୍ମ, ସ୍ନାୟୁ ଓ ଶିଶୁ ଆଦି ବିଭାଗରେ ମଧ୍ୟ ଡାକ୍ତର ନାହାନ୍ତି। ଏସବୁ ସ୍ଥାନରେ ଆୟୁଷ ଡାକ୍ତର କାମ ଚଳାଉଥିବା ଦେଖିବାକୁ ମିଳିଛି। ୨ଚକ୍ଷୁ ବିଭାଗ ଡାକ୍ତରଙ୍କ ସ୍ଥାନରେ ଜଣେ, ୨ ପାଥୋଲୋଜି ଡାକ୍ତର ବଦଳରେ ମାତ୍ର ଜଣେ କମ୍ପାଉଣ୍ଡର ସେବା ଯୋଗାଉଛନ୍ତି। କ୍ଷୀରୋଦ ମଲିକ କୁହନ୍ତି, ଅଞ୍ଚଳବାସୀଙ୍କ ଦୀର୍ଘଦିନ ଦାବିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱୀକୃତି ପ୍ରଦାନ କରି ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟର ମାନ୍ୟତା ଦେଇଛନ୍ତି। ଚିକିତ୍ସାଳୟ ପାଇଁ ଆବଶ୍ୟକ କୋଠାବାଡି କରାଯାଇଛି। ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟ କର୍ମଚାରୀ ଅଭାବ ଯୋଗୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବାରେ ବାଧକ ସାଜିଛି। ଏଥିଯୋଗୁ ସରକାରଙ୍କ ଆଭିମୁଖ୍ୟ ତଥା ଅଞ୍ଚଳବାସୀଙ୍କ ସ୍ୱପ୍ନ ପୂରଣ ହେବାରେ ବିଫଳ ହେଉଛି। ମାତ୍ର ସୋମବାର ମେଡିକାଲ ଅଫିସର ସାଧାରଣ ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସ୍ଥିତିର ସମୀକ୍ଷା କରୁଥଲେ। ସର୍ବାଧିକ ଗୁରୁତ୍ୱାରୋପ କରୁଥିବା ରୋଗୀ କଲ୍ୟାଣ ସମିତି ବୈଠକରେ କହିଥିଲେ। ଏଥିସହ ଯକ୍ଷ୍ମା ରୋଗୀଙ୍କ ପୋଷଣ ନିମନ୍ତେ ସହଭାଗିତା କାର୍ଯ୍ୟକ୍ରମ ମଧ୍ୟ କରିଥିଲେ। ମାତ୍ର ରୋଗୀଙ୍କୁ କାହିଁକି ରେଫର କରାଯାଉଛି ତା' ଉପରେ ଗୁରୁତ୍ୱ ଦେଇ ନ ଥିଲେ। ପ୍ରାୟ ଶହେ ଶଯ୍ୟା ବିଶିଷ୍ଟ ଏହି ଚିକିତ୍ସାଳୟରେ ଉନ୍ନତମାନର ଯନ୍ତ୍ରପାତିର ମଧ୍ୟ ଅଭାବ ରହିଛି। ସିଟି ସ୍କାନ ଓ ଏମ୍‌ଆର୍‌ଆଇ ବ୍ୟବସ୍ଥା ନ ଥିବାରୁ ବହୁ ରୋଗୀ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର ହେଉଛନ୍ତି। ରେଫର ବାବଦରେ ମଧ୍ୟ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏଥିସହ ବହୁ ଯନ୍ତ୍ରପାତି ପୁରୁଣା ହୋଇ ଅଚଳ ଅବସ୍ଥାକୁ ଆସିଗଲାଣି। ଚିକିତ୍ସାଳୟର ଇନ୍‌ଟେନ୍‌ସିଭ କେୟାର ୟୁନିଟ୍ (ଆଇସିୟୁ) ବ୍ୟବସ୍ଥା ନାହିଁ। ଫଳରେ ଦୁର୍ଘଟଣାଜନିତ କିମ୍ବା ଗୁରୁତର ହୃଦ୍‌ରୋଗୀଙ୍କୁ ବଞ୍ଚାଇ ରଖିବା ସମ୍ଭବ ହେଉନାହିଁ। ତୁରନ୍ତ ଚିକିତ୍ସାଳୟରେ ଆଇସିୟୁ ୟୁନିଟ୍ ଖୋଲିବାକୁ ଦାବି ହେଉଛି। ନଗର କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନ କହିଛନ୍ତି, ଏହି ଚିକିତ୍ସାଳୟ ଅଧୀନରେ ଅଳପୁଆ, ତୁଳସୀଡିଆ, ଅଣ୍ଟରା, ସାନଜରିଆ, ଅଢାଯୋରି (ଚନ୍ଦନନଗର), ବଡପଡା ଆଦି ଅଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଅଧିକାଂଶ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସାଙ୍ଗକୁ ନର୍ସ, ସ୍ୱାସ୍ଥ୍ୟ କର୍ମଚାରୀ ପଦବୀ ମଧ୍ୟ ଖାଲି ପଡିଛି। ଡାକ୍ତର ପଦବୀ ଖାଲି ଥିବାବେଳେ ଫାର୍ମାସିଷ୍ଟଙ୍କ ହାତରେ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି। ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ମାନ୍ୟତା ପାଇଥିଲେ ମଧ୍ୟ ପରିମଳ ଓ ଜଳ ନିଷ୍କାସନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଚିକିତ୍ସାଳୟ ପରିସରରେ ବର୍ଷକରୁ ୮ ମାସ ପାଣି ଜମି ରହି ପୂତି ଗନ୍ଧମୟ ପରିସ୍ଥିତି ସୃଷ୍ଟି ହେଉଛି। ବର୍ଷାଦିନେ ଜଳ ନିଷ୍କାସନ ଠିକଣା ଭାବେ ହୋଇପାରୁନାହିଁ। ଚିକିତ୍ସାଳୟ ଜଳ ନିଷ୍କାସନ ପଥ ଡ୍ରେନ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ନିରାମୟ କେନ୍ଦ୍ରରେ ରୋଗୀମାନଙ୍କୁ ଔଷଧ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଥିଲେ ବହୁ ସମୟରେ ଗୁରୁତ୍ୱପୂର୍ଣ୍ଣ ଔଷଧ ଓ ଇଞ୍ଜେକଶନର କୃତ୍ରିମ ଅଭାବ ଦେଖିବାକୁ ମିଳୁଛି। ଜରୁରୀକାଳୀନ ସେବା ପାଇଁ ଅଧିକ ଆମ୍ବୁଲାନ୍ସ ଆବଶ୍ୟକ। ଚିକିତ୍ସାଳୟରେ ଏକ୍ସରେ ମେଶିନ ଥିଲେ ମଧ୍ୟ ରୋଗୀମାନେ ବାହାରେ ଖର୍ଚ୍ଚାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। କରୁଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ହେବା ସହ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ସମେତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଖାଲିଥିବା ସ୍ଥାନରେ ଡାକ୍ତର ନିଯୁକ୍ତି ପାଇଁ ସାଧରଣରେ ଦାବି ହେଉଛି। ଏ ସମ୍ପର୍କରେ ଚିକିତ୍ସାଳୟର ମେଡିକାଲ ଅଫିସର ନିରାକାର ପରିଡାଙ୍କୁ ପଚାରିବାରେ ୪ ବିଶେଷଜ୍ଞ ପଦବୀ ପୂରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ଓ ସରକାରଙ୍କୁ ଚିଠି କରାଯାଇଛି। ଖୁବ୍‌ଶୀଘ୍ର ପୂରଣ ହେବ ବୋଲି ସେ କହିଛନ୍ତି।



## ସଂକ୍ଷେପରେ

### ଗୋଟିଏ ପ୍ରକଳ୍ପର ଲୋକାର୍ପଣ, ୨ ପ୍ରକଳ୍ପ ଶିଳାନ୍ୟାସ

ରାଜନଗର,୯।୧୧(ଡି.ଏନ.ଏ.): ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତରେ ରିଘାଗଡସ୍ଥିତ ମା' ଥାନପତି ମନ୍ଦିର ନିକଟରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିସହ ଦିଘିସ୍ଥିତ ବୀଣାପାଣି ଉଚ୍ଚ ବିଦ୍ୟାଳୟରେ ୫-ଟି ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ଏଥିସହିତ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଅନୁଦାନରୁ ନୂତନ ଶ୍ରେଣୀ ଗୃହର ଲୋକାର୍ପଣ କରିଛନ୍ତି ରାଜନଗର ବିଧାୟକ ଧ୍ରୁବ ସାହୁ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜିଲାପରିଷଦ ସଭ୍ୟା ଖୁକୁମିନା କୁଅଁର, ଈଶ୍ୱରପୁର ସମିତିସଭ୍ୟା ଶଶୀକଳା ବେହେରା, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମିନାକ୍ଷୀ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗ ଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର କ୍ରୀଡାଶିକ୍ଷକ ସୀତାକାନ୍ତ ରାଉଳ ପରିଚାଳନା କରିଥିଲେ। ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହିତ ଶତାଧିକ ଯୁବଛାତ୍ର ଉପସ୍ଥିତ ଥିଲେ।

# ପରିବେଶର ଶତ୍ରୁ ବେଆଇନ ଇଟାଭାଟି

କେନ୍ଦ୍ରାପଡ଼ା ଅଫିସ,୯।୧୧

- ଫ୍ଲାଏ ଆଶ୍ ଇଟା ନିର୍ମାତା ଶୁଝି ପାରୁନାହାନ୍ତି ଋଣ
- କାର୍ଯ୍ୟକାରୀ ହେଉନି ନଦୀ ଶଯ୍ୟାରୁ ମାଟିଉଠା କଟକଣା
- ପରିବହନ ହେରାଫେରି ବଢୁଛି

ନଭେମ୍ବର ଆରମ୍ଭରୁ କେନ୍ଦ୍ରାପଡ଼ା ଜିଲାରେ ମାଟି ଇଟାଭାଟି ବଢ଼ି ଚାଲିଛି। ନଦୀ ଶଯ୍ୟାର ୫୦୦ ମିଟର ମଧ୍ୟରେ ମାଟି ଓ ବାଲି ଉଠା ପାଇଁ କଟକଣାକୁ ସ୍ଥାନୀୟ ମାଟି ଇଟା ନିର୍ମାତା ମାନୁନାହାନ୍ତି। ଏହି ବେଆଇନ ଇଟାଭାଟି ପରିବେଶର ଶତ୍ରୁ ସାଜିଛି ଓ ଫ୍ଲାଏଆସ୍ ଇଟା ନିର୍ମାତାକାରୀଙ୍କ ମୁଣ୍ଡବିନ୍ଧାର କାରଣ ହୋଇଛି। ଏଥିସହିତ ନୂତନ ଭାବେ ପରିବହନ ହେରାଫେରି ଜିଲାରେ ବହୁଳ ଭାବେ ଦେଖିବାକୁ ମିଳୁଛି। କ୍ରେତାମାନେ ଗାଡ଼ିରୁ ଅନ୍‌ଲୋଡ ପରେ ଇଟାକୁ ଗଣିନେବାକୁ ବୁଦ୍ଧିଜୀବୀମାନେ ସଚେତନ କରାଇଛନ୍ତି।

ଏ ସମ୍ପର୍କରେ ଯୁବ ଶିଳ୍ପଦ୍ୟୋଗୀ ଦେବାଶିଷ ସାମଲ କହିଛନ୍ତି, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ରାଜ୍ୟ ସରକାରଙ୍କ ବିନା ଅନୁମତିରେ ମାଟିରେ ଇଟା ନିର୍ମାଣ ହୋଇପାରିବ ନାହିଁ। ଏଥିପାଇଁ ପାୱାର ଥର୍ମାଲ ପ୍ଲାଣ୍ଟରୁ ନିର୍ଗତ ସି ଗ୍ରେଡ ଫ୍ଲାଏ ଆସ୍‌କୁ ଇଟାରେ ପରିଣତ କରିବାକୁ ରାଜ୍ୟ ସରକାର ଜିଲା ଶିଳ୍ପ କେନ୍ଦ୍ର ମାଧ୍ୟମରେ ପ୍ରୋତ୍ସାହିତ କରୁଛନ୍ତି। ତେବେ ଏପରି କଟକଣାକୁ ଜିଲାରେ କେହି ମାନୁନାହାନ୍ତି। ମାଟି ଇଟା ନିର୍ମାଣ ଫଳରେ ସ୍ଥାନୀୟ ଅଞ୍ଚଳର ପରିବେଶ ପ୍ରଦୂଷିତ ହେଉଛି। ଏହା ଯୁବ ଶିଳ୍ପଦ୍ୟୋଗୀଙ୍କୁ ଚିନ୍ତାରେ ପକାଇଛି। ଫ୍ଲାଏଆସ୍ ଇଟା କାରଖାନା ମାଲିକ ବ୍ୟାଙ୍କ ଋଣ ସୁଝି ପାରୁ ନ ଥିବା ସେ କହିଛନ୍ତି। ଦୁତିଆଳର ଶିକ୍ଷାବିତ୍ ଅଜୟ କୁମାର ସାମଲ କୁହନ୍ତି, ଖରା ତାତି ସହିତ ଇଟାଭାଟିର ଧୂଆଁ ପରିଣତ ବୟସ ପାଇଁ ଅଭିଶାପ ପାଲଟିଛି। ଶ୍ୱାସ ରୋଗୀ ଏହାର ଧୂଆଁରେ ଅଣନିଃଶ୍ୱାସୀ ହେଉଛନ୍ତି। ଜିଲାରେ ଏବେ ମାଟିଇଟା ବ୍ୟବସାୟ ବଢ଼ିଚାଲିଛି। ଜିଲାରେ ପ୍ରବାହିତ ନଦୀ ପଠା ସେମାନଙ୍କ ବ୍ୟବସାୟ ପାଇଁ ମୂଳଧନ ହୋଇଛି। ମାଟିଇଟାକୁ ଜିଲାର ବିଭିନ୍ନ ଅଞ୍ଚଳ ସହିତ କଟକ, ଭୁବନେଶ୍ୱର, ଜଗତସିଂହପୁର, ପାରାଦୀପ, କଳିଙ୍ଗନଗର ଆଦିକୁ ଚାଲାଣ କରାଯାଉଛି। ସେହିପରି ଇଟାଭାଟି ନିର୍ମାତା ଶିଶୁ ଶ୍ରମିକ ସହିତ ବାହାର ରାଜ୍ୟର ଲୋକଙ୍କୁ ନିୟୋଜିତ କରୁଛନ୍ତି। ଡେରାବିଶର ବିଜୟ ପରିଡା କହିଛନ୍ତି, ନକଲି ଖାଦ୍ୟ, ସିମେଣ୍ଟ ପରି ଏବେ ପରିବହନରେ ହେରାଫେରି ବଢ଼ିଯାଇଛି। କୌଣସି କ୍ରେତା ଭାଟିରୁ ଇଟା ଆଣିବା ପାଇଁ ବ୍ୟବସାୟୀଙ୍କ ସହିତ ମୂଲଚାଲ କରି ଅର୍ଥ ପ୍ରଦାନ କରୁଛନ୍ତି। ତେବେ ନିର୍ଦ୍ଧାରିତ ଇଟା ପହଞ୍ଚିବା ପୂର୍ବରୁ ଗାଡ଼ି ଚାଳକ ସେଥିରୁ କିଛି କାଢ଼ି ଜାତୀୟ ରାଜପଥରେ କେତେଜଣ ବ୍ୟକ୍ତିଙ୍କୁ ବିକ୍ରି କରୁଛନ୍ତି। ଏହି ଚୋରି ରୋକିବା ପାଇଁ କ୍ରେତା ଇଟା ଅନ୍‌ଲୋଡ୍ ପରେ ଗଣି ନେବା ଉଚିତ୍। ମାଟି ଇଟା ନିର୍ମାଣ ସମ୍ପର୍କରେ ଜଣେ ଭାଟି ମାଲିକ କହିଛନ୍ତି, ମାଟି ଘର ବଦଳରେ ସମସ୍ତେ କୋଠା ଘରେ ରହିବାକୁ ଚାହୁଁଛନ୍ତି। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଆବାସ ଯୋଜନାରେ ଘର ଯୋଗାଉଛନ୍ତି। ଜିଲାରେ ଫ୍ଲାଏ ଆସ୍ ଶିଳ୍ପ କମ ଥିବାରୁ ଏହାର ଚାହିଦା ପୂରଣ ପାଇଁ ମାଟି ଇଟାକୁ କ୍ରେତା ଆଗ୍ରହ ପ୍ରକାଶ କରୁଛନ୍ତି। ଆଇନଜୀବୀ ସରୋଜରାଜ ସିଂହ କହିଛନ୍ତି, ମାଟି ଇଟା ନିର୍ମାଣ ବନ୍ଦ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ୧୯୮୬ରେ ନିର୍ଦ୍ଦେଶନାମା ଜାରି କରିଥିଲେ। ସେହିପରି ନଦୀ ପଠାର ୫୦୦ ମିଟର ପର୍ଯ୍ୟନ୍ତ ମାଟି ନ ଉଠାଇବାକୁ ୨୦୦୫ରେ ନିର୍ଦ୍ଦେଶ ଦେଇଛନ୍ତି। ମାଟି ଇଟା ନିର୍ମାଣ ସମୟରେ ପରିବେଶ ଉପରେ ପ୍ରଭାବ ପକାଉଥିବାରୁ ତାହା ବନ୍ଦ ରହିଛି ବୋଲି ସେ ମତ ଦେଇଛନ୍ତି। ଉପଜିଲାପାଳ ନିରଞ୍ଜନ ବେହେରା କହିଛନ୍ତି, ନଦୀପଠାରୁ ବେଆଇନ ଭାବେ ବାଲି ଚାଲାଣ ଓ ମାଟି ଇଟା ନିର୍ମାଣ ଉପରେ ରୋକ୍ ଲଗାଯାଇଛି। ଏନେଇ ପ୍ରତ୍ୟେକ ତହସିଲସ୍ତରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।


କେନ୍ଦ୍ରାପଡ଼ା ଜିଲା ଦୁତିଆଳରେ ଥିବା ମାଟିଇଟା ଭାଟି।

### ଆଳି ଗାନ୍ଧୀ ସହଦେବ ଦାସଙ୍କ ଜୟନ୍ତୀ



ଆଳି,୯।୧୧(ଡି.ଏନ୍.ଏ.): ଆଳି ଗାନ୍ଧୀ ସହଦେବ ଦାସଙ୍କ ୧୨୪ ତମ ଜୟନ୍ତୀ ସହଦେବ ଦାସ ସ୍ମୃତି ସଂସଦ ତରଫରୁ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନୂଆଗାଁ ଉଚ୍ଚ ମୌଳିକ ବିଦ୍ୟାଳୟ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସମାଧି ପୀଠରେ ରାମଧୁନ ଗାନ କରାଯାଇ ଥିଲା । ଚଳିତ ମାସ ଶେଷ ସପ୍ତାହରେ ସ୍ୱର୍ଗତ ଦାସ ଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ନିଆଳ ଦଶିପୁର ରାସ୍ତାର ନିଆଳଠାରେ ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚନ ହେବ ବୋଲି ସମ୍ପାଦକ ବୀରେନ୍ଦ୍ର କୁମାର ପଣ୍ଡା ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସଭାପତି ଗୋବିନ୍ଦ ଚନ୍ଦ୍ର ନନ୍ଦଙ୍କ ସମେତ ବିଦ୍ୟାଧର ପଣ୍ଡା, ବାମନ ଚରଣ ବେହେରା, ବିଷ୍ଣୁ ଚରଣ ଦାଶ, ମଧୁ ସୁଦନ ଦାସ, ତ୍ରୈଲୋକ୍ୟ ପଣ୍ଡା, ଉଷା ରାଣୀ ମଲ୍ଲିକ, ମନୋଜ ମହାନ୍ତି, ରବୀନ୍ଦ୍ର ବେହେରା, ବିଜୟ ମହି, ଭରତ ଚରଣ ସେଠି, ଅକ୍ଷୟ ଦାସ, ବୃନ୍ଦାବନ ପଣ୍ଡା, ଦର୍ପ ନାରାୟଣ ସାହୁ, ଜଗତ ଭୂଷଣ ରଥ, ରଙ୍ଗାଧର ମହାନ୍ତି, ବିଜୟ ସାମଲ ଶରତ ନାୟକ, ରତ୍ନାକର ମହାନ୍ତି, ଅମରେନ୍ଦ୍ର ଦାସ, ଦୀପକ ଦାସ, ଶୈଳେନ୍ଦ୍ର ମଲିକ, ଭଗବାନ ନାୟକ, ନିରଞ୍ଜନ ଦାସ, ନିତ୍ୟାନନ୍ଦ କର, ନରହରି ନାୟକ ପ୍ରଭୃତି ଯୋଗ ଦେଇ ସ୍ମୃତି ଚାରଣ କରିଥିଲେ ।

## ଲୁଚାଣିଆ ପୋଖରୀ ନିଲାମକୁ ସ୍ୱୟଂ ସହାୟକ ଗୋଷ୍ଠୀର ବିରୋଧ

ରାଜନଗର,୯।୧୧(ଡି.ଏନ.ଏ.)

ରାଜନଗର ବ୍ଲକ ହାତିନା ପଞ୍ଚାୟତ ଏଣ୍ଡୁଳାପୁର ଗାଁରେ ଥିବା ମାଝି ପୋଖରୀକୁ ନିଲାମ ଦେବାରେ ଚଞ୍ଚକତା କରାଯାଇଥିବା ଅଭିଯୋଗ ହୋଇଛି। ଏହି ପୋଖରୀ ନିଲାମ ପାଇଁ ବାରମ୍ବାର ନୋଟିସ କରାଯାଇଥିଲେ ମଧ୍ୟ ନିଲାମ କରାଯାଇ ନ ଥିଲା। ପୋଖରୀକୁ ଅମୃତ ସରୋବର ଯୋଜନାରେ ସୌନ୍ଦର୍ଯ୍ୟକରଣ ପାଇଁ ଅନୁମୋଦନ ପାଇଛି ଦର୍ଶାଇ ୪ଥର ନିଲାମ ବାତିଲ କରାଯାଇଥିଲା। ମାତ୍ର ପରବର୍ତ୍ତୀ ଅବସ୍ଥାରେ କାହାକୁ ନ ଜଣାଇ ଏହି ପୋଖରୀକୁ ନିଲାମ ଦିଆଯାଇଥିବାରୁ ଏହାକୁ ନେଇ ଗାଁରେ ବିବାଦ ସୃଷ୍ଟି ହୋଇଛି।

ଗାଁର ମା'ପାଟ୍ଟକୁମାରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଅଭିଯୋଗ ମୁତାବକ ଏଣ୍ଡୁଳାପୁର ଗାଁର ମଝିପୋଖରୀ ନିଲାମ କରିବାକୁ ୭ ସେପ୍ଟେମ୍ବର ୨୦୨୨, ୧୪ ସେପ୍ଟେମ୍ବର ୨୦୨୨, ୨୨ ସେପ୍ଟେମ୍ବର ୨୦୨୨ ଓ ୩୦ ସେପ୍ଟେମ୍ବର ୨୦୨୨ ରେ ପଂଚାୟତ ପକ୍ଷରୁ ନୋଟିସ ମରାଯାଇଥିଲା। ଏହି ସମସ୍ତ ତାରିଖରେ ଆମ ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲା। ମାତ୍ର ସରପଞ୍ଚ ଉକ୍ତ ତାରିଖରେ ଜାଣିଶୁଣି ପୋଖରୀ ନିଲାମ କରି ନ ଥିଲେ। ଏ ସମ୍ପର୍କରେ ଆମେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଅବଗତ କରିଥିଲୁ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ରାଜନଗର ବିଡିଓ ଏହି ପୋଖରୀ ଅମୃତ ସରୋବର ଯୋଜନାରେ ସୌନ୍ଦର୍ଯ୍ୟକରଣ ପାଇଁ ଅନୁମୋଦନ ଲାଭ କରିଛି। ସେହି କାର୍ଯ୍ୟ ନ ସରିବା ପର୍ଯ୍ୟନ୍ତ ପୋଖରୀ ନିଲାମ ଦିଆଯିବ ନାହିଁ ବୋଲି ଜଣାଇଥିଲେ। ମାତ୍ର ୧୦ ଅକ୍ଟୋବର ୨୦୨୨ରେ ହାତିନା ପଞ୍ଚାୟତର ଏକାଧିକ ପୋଖରୀ ନିଲାମ ପାଇଁ ପଞ୍ଚାୟତ ସମିତି ପକ୍ଷରୁ ନୋଟିସ ମରାଯାଇଥିଲା। ଏହି ନୋଟିସରେ ଏଣ୍ଡୁଳାପୁର ମଝିପୋଖରୀର ନାମ ନ ଥିଲା। ମାତ୍ର ସେଦିନ ଅତି ତରବରିଆ ଭାବେ ଉକ୍ତ ପୋଖରୀକୁ ନିଲାମ ଦିଆଯାଇଛି। ଏହି ପୋଖରୀ ନିଲାମ ହେବ ନାହିଁ ବୋଲି ବିଡିଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଜଣାଇଥିଲେ । ଆମ ସ୍ୱୟଂ ସହାୟକ ଗୋଷ୍ଠୀ ୪ଥର ନିଲାମ ପାଇଁ ଯାଇ ଫେରିଥିବା ବେଳେ କିପରି ଲୁଚାଣିଆ ଭାବେ ନିଲାମ ଦିଆଗଲା, ତାହାକୁ ନେଇ ମା' ପାଟ୍ଟକୁମାରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ମମତା ସାହୁ ଓ ସମ୍ପାଦିକା ତଅପୋଇ ଜେନାଙ୍କ ସମେତ ସମସ୍ତ ସଭ୍ୟାମାନେ ପ୍ରଶ୍ନ କରିଛନ୍ତି । ଏହି ନିଲାମ ବାତିଲ କରାଯାଇ ସବୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଜଣାଇ ପୋଖରୀ ନିଲାମ କରିବାକୁ ସେମାନେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପଞ୍ଚାୟତିରାଜ ସଚିବ ଓ କେନ୍ଦ୍ରାପଡା ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

## ଈଶ୍ୱରପୁର, ଘଡ଼ିଆମାଳରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ପଦଯାତ୍ରାରେ ବିଧାୟକ ଧ୍ରୁବ ସାହୁ, ନେତା ଓ କର୍ମୀମାନେ।

ରାଜନଗର,୯।୧୧(ଡି.ଏନ.ଏ.)

ରାଜନଗର ବ୍ଲକ ଘଡିଆମାଳ ଓ ଈଶ୍ୱରପୁର ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୨ ପଞ୍ଚାୟତରେ ବୁଲି ରାଜନଗର ବିଧାୟକ ଧ୍ରୁବ ସାହୁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଓ ଗତ ୩ ବର୍ଷରେ ରାଜନଗରର ବିକାଶ ପାଇଁ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଲୋକମାନଙ୍କୁ କହିଥିଲେ। ଘଡିଆମାଳରୁ ବାହାରି ଥିବା ଏହି ପଦଯାତ୍ରା ଦାରୁଓରା, ବଳରାମପୁର, ଜୁଣଗଡି, ପଞ୍ଚୁପଲ୍ଲୀ, ନୂଆଗାଁ ଏବଂ ଈଶ୍ୱରପୁର ପଞ୍ଚାୟତର ଈଶ୍ୱରପୁର,ମଧୁପୁର, ନୂଆଗାଁ, ଶିଳପୋଖରୀ, ତଅଁଳାକୋଲ୍ଲା, ବଳଭଦ୍ରପୁର, ଜୁନୁସନଗର, ଅଜଗରପାଟିଆ, ରାଜବିଜୟନଗର ଓ ରିଘାଗଡ ଗାଁ ପରିକ୍ରମା କରିଥିଲା । ଏହି ପଦଯାତ୍ରାରେ କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜିଲା ପରିଷଦ ସଭ୍ୟା ଖୁକୁମିନା କୁଅଁର, ଈଶ୍ୱରପୁର ସମିତିସଭ୍ୟା ଶଶୀକଳା ବେହେରା, ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟରାମ ସେଠୀ, ଉପାଧ୍ୟକ୍ଷ ସୁଦର୍ଶନ ଦାସ, ସରପଞ୍ଚ ଶୈଳେନ୍ଦ୍ର ମିଶ୍ର, ସମିତିସଭ୍ୟା ଗୁଚ୍ଛିସ୍ମିତା ନାୟକ, ସମିତିସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ବରିଷ୍ଠ ନେତା ଶୁଭ୍ରକାନ୍ତ ଭ୍ରମରବର ରାୟ ପ୍ରମୁଖଙ୍କ ସାମିଲ ହୋଇଥିଲେ।

## ଶିଆଳିରେ ବାଲିଯାତ୍ରା ମହୋତ୍ସବ



ଅତିଥିମାନେ ଦ୍ୱାରା ବାଲିଯାତ୍ରା ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

ଏରସମା,୯।୧୧(ସ୍ୱ.ପ୍ର.)

ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତଶିଆଳିସମୁଦ୍ରବେଳାଭୂମିରେ ବାଲିଯାତ୍ରା ମହୋତ୍ସବ ମଙ୍ଗଳବାର ରାତିରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସମ୍ପଦ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସୁଲିଲ କୁମାର ମାଇତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶେଷଦେବ ନନ୍ଦ, ଶଶାଙ୍କ ସାହାଣି, ଅଞ୍ଜୟ କୁମାର ପରିଡା ପ୍ରମୁଖ ଉପସ୍ଥିତ ହୋଇ ମହୋତ୍ସବର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବାଲିଯାତ୍ରା କମିଟିର ସଭାପତି ନିରାକାର ସ୍ୱାଇଁ ପ୍ରାରମ୍ଭିକ ସୂଚନା ଦେବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ଓଡିଶୀ ନୃତ୍ୟ, ରେକର୍ଡ ଡ୍ୟାନ୍ସ, ମେଲୋଡି ପ୍ରଭୃତି ବିଭିନ୍ନ ସାଂସ୍କୃତିକ ଅନୁଷ୍ଠିତ ହୋଇଥିଲା।

### ଶିକ୍ଷକଙ୍କ ପରଲୋକ

ରାଜନଗର,୯।୧୧(ଡି.ଏନ.ଏ.)

ରାଜନଗର ବ୍ଲକ ସାନଓର ଗାଁର ଆଦର୍ଶ ଶିକ୍ଷକ ଇନ୍ଦ୍ରମଣି ସାମଲଙ୍କ ମଙ୍ଗଳବାର ୭୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସ୍ୱର୍ଗତ ସାମଲ ଏହି ବ୍ଲକର ଗୋପାଳପୁରସ୍ଥିତ ବନବିହାରୀଜୀଉ ହାଇସ୍କୁଲ ଓ ରାଜନଗର ହାଇସ୍କୁଲରେ ଦୀର୍ଘ ୩୫ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସଂସ୍କୃତ ପଣ୍ଡିତ ଭାବେ ଶିକ୍ଷାଦାନ କରି ଆସିଥିଲେ। ଜଣେ ଆଦର୍ଶ ଶିକ୍ଷକ ଭାବେ ଛାତ୍ରମାନଙ୍କ ପ୍ରିୟଭାଜନ ହୋଇଥିଲେ। ତାଙ୍କ ପରଲୋକ ଖବର ଜଣାପଡିବା ପରେ ସମଗ୍ର ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା । ତାଙ୍କ ମୃତ୍ୟୁ ଶର୍ଯ୍ୟା ନିକଟରେ ବଡପୁଅ ଚିତ୍ତରଞ୍ଜନ ଓ ସାନପୁଅ ମନୋରଞ୍ଜନ ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ ଆଇନ ପ୍ରାଧିକରଣ ଦିବସ ପାଳିତ

ଆଳି,୯।୧୧(ଡି. ଏନ.ଏ.)

ବୁଧବାର ପୂର୍ବାହ୍ନରେ ରାଷ୍ଟ୍ରୀୟ ଆଇନ ପ୍ରାଧିକରଣ ଦିବସ ଆଳି କୋର୍ଟ ପରିସରରେ ଥିବା ବାର ଆସୋସିଏଶନ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଆଳି କୋର୍ଟର ବିଚାରପତି ଦୀପ୍ତିରଞ୍ଜନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବାର୍ ଆସୋସିଏଶନ ସଭାପତି ପ୍ରମୋଦ କୁମାର ରାୟ,ସମ୍ପାଦକ ନୃସିଂହ ଚରଣ ଦିକ୍ଷିତ, ଉପ ସଭାପତି ମୃତ୍ୟୁଞ୍ଜୟ ସାମଲ, ସରକାରୀ ଓକିଲ ବୃନ୍ଦାବନ ନନ୍ଦ,ବରିଷ୍ଠ ଓକିଲ କ୍ଷୀରୋଦ ଚନ୍ଦ୍ର ପରିଡା, ଓକିଲ ପ୍ରମୋଦ କୁମାର ସ୍ୱାଇଁ ପ୍ରମୁଖ ଅଂଶ ଗ୍ରହଣ କରି ଲିଗାଲ ସର୍ଭିସ୍ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ ।

## ଜନସଚେତନତା ଶୋଭାଯାତ୍ରା

ଆଳି,୯।୧୧(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ମାଣିକପାଟଣାର ସାଥୀ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ବୁଧବାର ଏକ ଜନସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆଳି ଥାନା ଆଇଆଇସି ଦିଲ୍ଲୀପ ସାହୁ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଟ୍ରଷ୍ଟର ସଦସ୍ୟ ସଦସ୍ୟାମାନେ ଗ୍ରାମାଞ୍ଚଳରୁ ନିଶା ହଟାଇବା, ଗାଡ଼ି ଚାଳନା ବେଳେ କିପରି ସଡ଼କ ସୁରକ୍ଷା ନିୟମ ପାଳନ କରି ସୁରକ୍ଷିତ ରହିବେ ସେଥି ପ୍ରତି ଦୃଷ୍ଟି ଦେବା, ସୁସ୍ଥ ସମାଜ ଗଠନ କରିବା ଲକ୍ଷ୍ୟ ନେଇ ମାଣିକପାଟଣା ପଞ୍ଚାୟତ ପରିକ୍ରମା କରିଥିଲେ । ନିଶାଠାରୁ କିପରି ଯୁବପିଢ଼ି ଦୁରେଇ ରହିବେ ତାହା ହିଁ ଏହି ଶୋଭାଯାତ୍ରାର ମୂଳଲକ୍ଷ୍ୟ ବୋଲି ଟ୍ରଷ୍ଟର ସଭାପତି ସଞ୍ଜୟ ପରିଡ଼ା ପ୍ରକାଶ କରିଛନ୍ତି। ଏହି ଅବସରରେ ମା'ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଗାଳ୍ପିକ ବନମାଳୀ ସେନାପତି ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଭାସ୍କର ନାୟକ ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସାଥୀ ଫାଉଣ୍ଡେସନ ଟ୍ରଷ୍ଟର ସଦସ୍ୟମାନେ ପରିଚାଳନା କରିଥିଲେ ।



ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ଲୋକମାନେ।

## ବର୍ଦ୍ଧିତ ବିଦ୍ୟୁତ୍ ବିଲ୍, କୃଷି, ଆବାସ ଯୋଜନାକୁ ଗୁରୁତ୍ୱ

### ଗରଦପୁର ପଞ୍ଚାୟତ ସମିତିର ଦ୍ୱିତୀୟ ବୈଠକ

ପାଟକୁରା, ୯।୧୧ (ଡି.ଏନ.ଏ.)

ଗରଦପୁର ବ୍ଲକର ଦ୍ୱିତୀୟ ପଞ୍ଚାୟତ ସମିତି ବୈଠକ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ଅଭୟ ମହାରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ, ବିଡିଓ ଧର୍ମ ରଞ୍ଜନ ପଣ୍ଡା, ଜିଲା ପରିଷଦ ସଭ୍ୟା ଡଲି ଶତପଥୀ, ଏଲିଜା ସ୍ୱାଇଁ, ସଭ୍ୟ ସତ୍ୟାନନ୍ଦ ରାଉତ, ଜିପିଓ ମୃତ୍ୟୁଞ୍ଜୟ ରାଉତ, ପାଟକୁରା ସ୍ୱାସ୍ଥ୍ୟ ଅଧିକାରୀ ଡା. ହିମାଂଶୁ ଭୂଷଣ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ରହିଥିଲେ। ବୈଠକ ଆରମ୍ଭରୁ ବେଶ୍ ସରଗମ ହୋଇଥିଲା। ବ୍ଲକରେ ବିଦ୍ୟୁତ୍ ବିଭାଗ ବା ଓପିଡିସିଲର ମନମାନୀ ଯୋଗୁ ଜନହିତାକାରୀ ବର୍ଦ୍ଧିତ ବିଲ୍ ଦେବାକୁ ବାଧ ହେଉଛନ୍ତି ବୋଲି ପାଟକୁରା ସମିତି ସଭ୍ୟ ରାକେଶ ମହାପାତ୍ର ଓ ସରପଞ୍ଚ ଗୀତାଞ୍ଜଳି ମହାନ୍ତି, ତଳକୁସମାର ସରପଞ୍ଚ ପ୍ରଭାତ ନଳିନୀ ଜେନା, ବଙ୍ଗାଳପୁରର ସରପଞ୍ଚ ଅମୀୟ ଜେନା ପ୍ରମୁଖ ଅଭିଯୋଗ କରିଥିଲେ।

କୃଷି ବିଭାଗ ଆଲୋଚନାରେ ଚଳିତବର୍ଷ କେବେ ବାଦାମ ବିହନ ଆସିବ, ରବି ଫସଲ ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ବୋଲି ଆଲୋଚନା ହୋଇଥିଲା। ଉଦ୍ୟାନ କୃଷି ବିଭାଗ ପକ୍ଷରୁ କେଉଁ ପଞ୍ଚାୟତରେ ପନିପରିବା ମଞ୍ଜି ଓ ଚାରା ବଣ୍ଟନ କରାଯାଇଛି ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାଛଡା କେତେଜଣ କାଳିଆ ଓ ପିଏମ୍ କିଷାନ ଯୋଜନାର ଲାଭ ଉଠାଇ ପାରୁନାହାନ୍ତି। ଆବେଦନ ବେଳେ ଅନ୍‌ଲାଇନ ବନ୍ଦ ରହିବା ଯୋଗୁ ଜନସାଧାରଣ ହଇରାଣ ହେଉଛନ୍ତି । ତେବେ କିଭଳି ହିତାଧିକାରୀମାନେ ସୁବିଧା ପାଇବେ ସେନେଇ ଆଲୋଚନା କରାଯାଇଥିଲା । ସେହିପରି ମହିଳା ଶିଶୁ ବିକାଶ ଆଲୋଚନାରେ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରକୁ ବିଦ୍ୟୁତକରଣ କରାଯାଉନାହିଁ । ଏହାଛଡା କେନ୍ଦ୍ରରେ କେତେ ପିଲା ଅଛନ୍ତି ଓ ସେମାନେଙ୍କ ନାମରେ ଆସୁଥିବା ଅର୍ଥ ଓ ବିଭିନ୍ନ ସୁବିଧା କିପରି ବିନିଯୋଗ ହେଉଛି ସେନେଇ ସମିତି ସଭ୍ୟ ଦିଲ୍ଲୀପ କୁମାର ପଣ୍ଡା , ବାସୁଦେବ ବେହେରା ପ୍ରମୁଖ ଆଲୋଚନା କରିଥିଲେ । ପରେ ମିଶନ ଶକ୍ତି ଆଲୋଚନାରେ ବିଭିନ୍ନ ମହିଳା ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତା ୨୦୦୯ରୁ ଥିଲେ ମଧ ସେମାନଙ୍କୁ ଅଦ୍ୟାବଧି ହଟାଯାଉ ନାହିଁ, କି ନୂତନ ଭାବେ କର୍ମକର୍ତ୍ତା ଚୟନ କରାଯାଉ ନାହିଁ । ଏହାର ଉତ୍ତରରେ ସରକାରଙ୍କ ଗାଇଡ୍ ଲାଇନ୍ ଆସିଲେ କର୍ମକର୍ତ୍ତା ଚୟନ କରାଯିବ ବୋଲି ମିଶନ ଶକ୍ତି ସଂଯୋଜକ ଅଖିଳ ଆଚାର୍ଯ୍ୟ କହିଥିଲେ । ଏହାଛଡା ଦୀର୍ଘ ବର୍ଷ ଧରି ଆବାସ ଓ ବିଜୁ ପକ୍କାଘର ପାଇବା ପାଇଁ ହିତାଧିକାରୀ ଚୟନ ହୋଇଥିଲେ । ହେଲେ ଚୟନରେ ଚଞ୍ଚକତା କରାଯାଇଛି । ତେଣୁ ନୂତନ ଭାବେ ଅନୁଧାନ କରି ହିତାଧିକାରୀ ଚୟନ କରି ଗୃହ ଯୋଗାଇ ଦେବାକୁ ସରପଞ୍ଚ ଓ ସମିତି ସଭ୍ୟା,ସଭ୍ୟମାନେ ଦାବି କରିଥିଲେ । ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ ଗତ ଜନପ୍ରତିନିଧୀଙ୍କ ସମୟରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଏପରିକି ସାନଅଡଙ୍ଗା ପଞ୍ଚାୟତର ସରପଞ୍ଚ ଅଭୟ କୁମାର ମଲ୍ଲଙ୍କୁ ନ ଜଣାଇ ବିଲ୍ ପେମେଣ୍ଟ ହୋଇଥିବା କଥା ଉଠିଥିଲା । ହେଲେ ସେହି ଟଙ୍କା ୧୧ ମାସ ହେବ ପଇଠ ହୋଇ ନ ଥିବାରୁ ସରକାର ଅର୍ଥ ଦେଇଥିବା ହେତୁ ଅର୍ଥ ପଇଠ କରାଯାଇଛି ବୋଲି ଏପିଓ ଆଲୋକ ପତି ଉତ୍ତର ଦେଇଥିଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ୫–ଟି ବିଦ୍ୟାଳୟ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସମିତି ସଭ୍ୟ ଦିଲ୍ଲୀପ ପଣ୍ଡା, ଦିଲ୍ଲୀପ ସାହୁ, ରାକେଶ ମହାପାତ୍ର ଓ ପ୍ରଭାସ ସାହୁ ପ୍ରମୁଖ ଅଭିଯୋଗ କରିଥିଲେ । ଏହି ବିଦ୍ୟାଳୟକୁ କିଏ ଠିକା ନେଇଥିଲେ ଓ କିଏ ବିଭିନ୍ନ ସାମଗ୍ରୀ ଯୋଗାଇ ଥିଲେ ତାହା ଗୃହକୁ ଜଣାଇବା ଜନ ପ୍ରତିନିଧିମାନେ ଜିଦ୍ ଧରିଥିଲେ । ଏହାର ଉତ୍ତରରେ ସବୁ ଠିକ୍ ଅଛି ବୋଲି ବିଡ଼ିଓ ଧର୍ମ ରଞ୍ଜନ ପଣ୍ଡା କହିଥିଲେ । ପାନୀୟଜଳ ସମେତ,ଭିତ୍ତି ଓ ସ୍ୱାସ୍ଥ୍ୟ ବିଭାଗ ବିଷୟରେ ଆଲୋଚନା ହୋଇଥିଲା । ବୈଠକରେ ସ୍ୱାସ୍ଥ୍ୟ ଅଧିକାରୀ ହିମାଂଶୁ ଭୂଷଣ ଷଡ଼ଙ୍ଗୀ, ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ , କନିଷ୍ଠ ଯନ୍ତ୍ରୀ , ସମସ୍ତ ପଞ୍ଚାୟତ ର ସରପଞ୍ଚ ଓ ସମିତି ସଭ୍ୟ ଓ ସଭ୍ୟା ଉପସ୍ଥିତ ରହି ଆଲୋଚନା କରିଥିବା ବେଳେ ଉନ୍ନୟନ ଅଧିକାରୀ ଚୈତନ୍ୟ ବିଶ୍ୱାଳ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।


ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।



ଆମେରିକାର ପେନ୍‌ସିଲ୍‌ଭାନିଆରେ ଡେମୋକ୍ରାଟିକ୍ ପାର୍ଟିର ଗଭର୍ନର ପ୍ରାର୍ଥୀ ଆର୍ଟର୍ନି ଜେନେରାଲ ଜୋଶ୍ ଶାପିରୋ ମିଡ୍‌ଟର୍ମ୍ସରେ ବିଜୟୀ ହେବା ପରେ ପିଟର୍ସବର୍ଗରେ ତାଙ୍କ ସମର୍ଥକମାନେ ଉତ୍ସବ ମନାଉଛନ୍ତି।


ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ତ୍ରୀ ମେଲାନିଆ ଟ୍ରମ୍ପ ଫ୍ଲୋରିଡାର ପାମ୍ ବିଚ୍‌ସ୍ଥିତ ଏକ ମତଦାନ କେନ୍ଦ୍ର ନିକଟରେ ଛିଡ଼ା ହୋଇଛନ୍ତି। ତାଙ୍କ ସନ୍‌ଗ୍ଲାସ୍‌ରେ ରିପବ୍ଲିକାନ୍ ଟ୍ରମ୍ପଙ୍କ ମୁହଁ ଦେଖାଯାଉଛି।

## ସଂକ୍ଷେପରେ

### ସଞ୍ଜୀୟ୍ ରାଉତଙ୍କୁ ଜାମିନ



**ମୁମ୍ବାଇ, ୯।୧୧:** ମନିଲଣ୍ଡରିଂ ମାମଲାରେ ଗିରଫ ହୋଇଥିବା ଶିବସେନା ନେତା ତଥା ରାଜ୍ୟ ସଭା ସଦସ୍ୟ ସଞ୍ଜୟ୍ ରାଉତଙ୍କୁ ବୁଧବାର ମୁମ୍ବାଇର ଏକ ସ୍ୱତନ୍ତ୍ର କୋର୍ଟ ଜମିନ ପ୍ରଦାନ କରିଛନ୍ତି। ଜୁଲାଇ ୩୧ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସଞ୍ଜୟ୍ ରାଉତଙ୍କୁ ଗିରଫ କରିଥିଲା। ଜାମିନ ମଞ୍ଜୁର ହେବା ପରେ ଏମ୍‌ପି ସଞ୍ଜୟ୍ ରାଉତ କୋର୍ଟ ପରିସରରେ ହାତ ଯୋଡ଼ି ଜଜ୍ ଏମ୍.ଜି. ଦେଶପାଣ୍ଡେଙ୍କୁ ଧନ୍ୟବାଦ ଜଣାଉଥିବା ଦେଖିବାକୁ ମିଳିଥିଲା। ସଞ୍ଜୟଙ୍କ ଜାମିନ ଆବେଦନ ମଞ୍ଜୁର ହେବା ପରେ ଉଦ୍ଧବ ବାଲାସାହେବ ଠାକରେଙ୍କ ଶିବସେନା ଦଳରେ ଉତ୍ସାହ ଦେଖିବାକୁ ମିଳିଛି। ଦଳ ମୁଖପାତ୍ର ସୁଷମା ଅନ୍ଧାରେ କହିଛନ୍ତି ଯେ, ଏବେ ଭୟର କୌଣସି କାରଣ ନାହିଁ। ବାଘ ଫେରିଛନ୍ତି। ଅନ୍ୟପକ୍ଷେ ସଞ୍ଜୟଙ୍କ ଜାମିନ ଖାରଜ ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି କହିଛି।

### ତେଲଙ୍ଗାନା ମନ୍ତ୍ରୀଙ୍କ ଫାର୍ମରେ ଇଡି ଚଢ଼ାଉ

**ହାଇଦ୍ରାବାଦ୍, ୯।୧୧:** ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ବିଧାୟକ ତଥା ରାଜ୍ୟର କ୍ୟାବିନେଟ ମନ୍ତ୍ରୀ ଗଙ୍ଗୁଲା କମଲାକାରଙ୍କ କେତେକ ସମ୍ପତ୍ତିକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବୁଧବାର କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବେଆଇନ୍ ଖଣି ଖନନ ତଥା ମନି ଲଣ୍ଡରିଂ ମାମଲାରେ ଇଡି ଅଧିକାରୀମାନେ କରିମନଗରସ୍ଥିତ ୨୦ଟି ସ୍ଥାନରେ ଚଢ଼ାଉ କରିଥିଲେ। ସେଠାରେ ଥିବା କମଲାକାରଙ୍କ ଗ୍ରେନାଇଟ୍ ଫାର୍ମରେ ମଧ ଇଡି ଚଢ଼ାଉ କରିଥିଲା। ସୂଚନାଯୋଗ୍ୟ, ଗଙ୍ଗୁଲା ଏବେ ପରିବାର ସହ ଦୁବାଇରେ ଅଛନ୍ତି। କରିମନଗର ବିଧାନସଭା ଆସନରୁ ବିଧାୟକ ଥିବା ଗଙ୍ଗୁଲା ରାଜ୍ୟ ଖାଦ୍ୟମନ୍ତ୍ରୀ ଦାୟିତ୍ୱରେ ଅଛନ୍ତି।


ଗଙ୍ଗୁଲା କମଲାକାର

### ଆଜମ୍ ଖାନ୍‌ଙ୍କ ଶୁଣାଣି ଆଜି



**ନୂଆଦିଲ୍ଲୀ, ୯।୧୧:** ଘୃଣା ମନ୍ତବ୍ୟ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଉତ୍ତର ପ୍ରଦେଶ ବିଧାନସଭାର ସଦସ୍ୟତା ହରାଇଥିବା ସମାଜବାଦୀ ପାର୍ଟି (ଏସ୍‌ପି) ବିଧାୟକ ଆଜମ୍ ଖାନ୍‌ଙ୍କ ଆବେଦନର ଶୁଣାଣି ଗୁରୁବାର କରିବାକୁ ସୁପ୍ରିମକୋର୍ଟ ଏକ ସ୍ୱତନ୍ତ୍ର ସେସନ୍ସ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରାମପୁର ସଦର ଉପନିର୍ବାଚନ ପାଇଁ ନଭେମ୍ବର ୧୦ ପର୍ଯ୍ୟନ୍ତ ବିଜ୍ଞପ୍ତି ଜାରି ନ କରିବାକୁ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେସନ୍ସ କୋର୍ଟ ଆଜମ୍ ଖାନ୍‌ଙ୍କ ଅପିଲ ପିଟିଶନ ଉପରେ ରାୟ ଦେବା ପରେ ୧୧ ତାରିଖରେ କମିଶନ ବିଜ୍ଞପ୍ତି ଜାରି କରିପାରିବେ ବୋଲି ଶୀର୍ଷ ଅଦାଲତ କହିଛନ୍ତି। ପ୍ରକାଶ ଯେ, ଗତ ୨୭ ତାରିଖରେ ଆଜମ୍ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ରାମପୁର ଜେଲ୍‌କୁ ୩ ବର୍ଷ ପାଇଁ ପଠାଇଦିଆଯାଇଛି।

# ଲଣ୍ଡନ ହାଇକୋର୍ଟରେ ହାରିଲେ ନୀରବ

**ଲଣ୍ଡନ/ନୂଆଦିଲ୍ଲୀ, ୯।୧୧**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଦୁର୍ନୀତିରେ ଜଡ଼ିତ ଗୁଜରାଟର ପଳାତକ ହୀରା ବ୍ୟବସାୟୀ ନୀରବ ମୋଦି ଭାରତକୁ ପ୍ରତ୍ୟର୍ପିତ ହୋଇ ୧୧,୦୦୦ କୋଟି ଟଙ୍କାର ଠକେଇ ମାମଲାରେ କାଠଗଡ଼ାରେ ଛିଡ଼ା ହେବାକୁ ଚାହୁଁ ନ ଥିଲେ। ସେ ପ୍ରତ୍ୟର୍ପଣ ଏଡ଼ାଇବା ଲାଗି ଲଣ୍ଡନ ହାଇକୋର୍ଟରେ ଆବେଦନ କରିଥିଲେ। ହାଇକୋର୍ଟ ବୁଧବାର ନୀରବଙ୍କ ଅପିଲ୍ ପିଟିଶନକୁ ଖାରଜ କରିଦେଇଛନ୍ତି। ଏହି ରାୟ ପରେ ନୀରବଙ୍କୁ ଭାରତକୁ ଅଣାଯାଇପାରେ। ତେବେ ତାଙ୍କ ନିକଟରେ ଆଉ କେତେକ ଆଇନଗତ ବିକଳ୍ପ ଥିବାରୁ ଭାରତୀୟ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ପକ୍ଷେ ତାହା ଏତେ ସହଜ ହୋଇ ନ ପାରେ ବୋଲି କୁହାଯାଉଛି।

୫୧ ବର୍ଷୀୟ ନୀରବ ମୋଦି ଜାଲିଆତି କରି ବ୍ୟାଙ୍କରୁ ଋଣ ନେଇଥିଲେ। ତାଙ୍କ ଅଧୀନରେ ଥିବା ୩ଟି ଫାର୍ମ ପାଇଁ ବିଦେଶରୁ କଞ୍ଚାମାଲ ଆମଦାନୀ ସକାଶେ ପିଏନ୍‌ବି ପକ୍ଷରୁ ଜାରି ଲେଟର ଅଫ୍ ଅଣ୍ଡରଟେକିଂ (ଏଲ୍‌ଓୟୁ)କୁ ବ୍ୟାଙ୍କ ଗ୍ୟାରେଣ୍ଟି ଭାବେ ଦିଆଯାଇଥିଲା। ୨୦୧୮ ଜାନୁୟାରୀ ୧ରେ


ନୀରବ ମୋଦି

### ଭାରତକୁ ପ୍ରତ୍ୟର୍ପଣ ସୁଗମ ହୋଇପାରେ

ନୀରବ ଦେଶ ଛାଡ଼ି ବ୍ରିଟେନ ଚାଲିଯିବା ପରେ ୨୯ ତାରିଖରେ ପିଏନ୍‌ବି ପୋଲିସ ନିକଟରେ ଅଭିଯୋଗ କରିଥିଲା। ଏନେଇ ନୀରବ ଏବଂ ଆଣ୍ଟିଗୁଆ ଓ ବରବୁଡାର ନାଗରିକତ୍ୱ ଗ୍ରହଣ କରିଥିବା ତାଙ୍କ ମାମୁ ମେହୁଲ ଚୋକ୍ସିଙ୍କ ବିରୋଧରେ ୨ ବିଲିୟନ୍ ଡଲାରର ଠକେଇ ମାମଲା ରୁଜୁ ହୋଇଛି। ସେହିବର୍ଷ ଫେବୃୟାରୀ ୫ରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ୧୬ ତାରିଖରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା। ଅଗଷ୍ଟ ୨୦ରେ ସିବିଆଇ ଅଧିକାରୀମାନେ ଲଣ୍ଡନରେ ନୀରବଙ୍କୁ ଅଟକ ରଖିବାକୁ ଅନୁରୋଧ କରିଥିଲେ। ଲଣ୍ଡନର ୱେଷ୍ଟ ମିନିଷ୍ଟର କୋର୍ଟ ୱାରେଣ୍ଟ ଜାରି କରିବା ପରେ ୨୦୧୯ ମାର୍ଚ୍ଚ ୨୦ରେ ତାଙ୍କୁ ଗିରଫ କରାଯାଇଥିଲା। ନୀରବଙ୍କୁ ଭାରତକୁ ପ୍ରତ୍ୟର୍ପଣ କରାଯାଇପାରିବ ବୋଲି ଗତବର୍ଷ ଫେବୃୟାରୀ ୨୫ରେ ସ୍ଥାନୀୟ କୋର୍ଟ ରାୟ ଦେଇଥିଲେ। ସମ୍ଭାବ୍ୟ ପ୍ରତ୍ୟର୍ପଣ ବିରୋଧରେ ରୟାଲ କୋର୍ଟ୍ସ ଅଫ୍ ଜଷ୍ଟିସ୍‌ରେ ସେ ଆବେଦନ କରିଥିଲେ। ସେଠାରୁ ନିରାଶ ହେବା ପରେ ନୀରବ ଲଣ୍ଡନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଲର୍ଡ ଜଷ୍ଟିସ୍ ଜେରେମି ଷ୍ଟୁଆର୍ଟ-ସ୍ମିଥ୍ ଏବଂ ଜଷ୍ଟିସ୍ ରବର୍ଟ ଜୟଙ୍କ ଖଣ୍ଡପୀଠ ନୀରବଙ୍କ ପିଟିଶନର ଶୁଣାଣି କରି ତାଙ୍କ ବିରୋଧରେ ରାୟ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ନୀରବଙ୍କ ମାନସିକ ସ୍ଥିତି ଏବଂ ସେ ଆତ୍ମହତ୍ୟା କରିବା ନେଇ ଆଶଙ୍କା ନାହିଁ। କିନ୍ତୁ ଏହି ଆଧାରରେ ନୀରବଙ୍କୁ ପ୍ରତ୍ୟର୍ପଣ କରାଯିବ ନାହିଁ ବୋଲି ଯୁକ୍ତି ବାଢ଼ିବା ଅନୁଚିତ। ହାଇକୋର୍ଟ ରାୟର ୧୪ ଦିନ ମଧ୍ୟରେ ସେ ବ୍ରିଟେନ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବେ। କିନ୍ତୁ ସେଥିରେ ଏକ ସର୍ତ୍ତ ରହିଛି। ତାହା ହେଲା, ନୀରବ ସମ୍ପୃକ୍ତ ଥିବା ମାମଲା ସାଧାରଣ ଜନତାଙ୍କ ପାଇଁ ଗୁରୁତ୍ୱ ବହନ କରେ ବୋଲି ହାଇକୋର୍ଟ ବିବେଚନା କରିବେ। ହାଇକୋର୍ଟ ତାଙ୍କୁ ଏହି ବିକଳ୍ପ ନ ଦେଲେ ନୀରବ ୟୁରୋପିଆନ୍ କୋର୍ଟ ଅଫ୍ ହ୍ୟୁମାନ୍ ରାଇଟ୍ସରେ ଏହାକୁ ଚ୍ୟାଲେଞ୍ଜ କରିପାରିବେ। ତେବେ ନୀରବଙ୍କୁ ଅଦାଲତୀ ଝଟକା ଲାଗିବା ପରେ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ତାଙ୍କ ଓକିଲ ଟିମ୍ କିଛି କହିନାହାନ୍ତି। ଇତିମଧ୍ୟରେ ନୀରବ ଲଣ୍ଡନର ୱାଣ୍ଡ୍ସୱର୍ଥ ଜେଲ୍‌ରେ ରହିବେ, ଯେଉଁଠି ପ୍ରଥମେ ଗିରଫ କରାଯିବା ପରେ ତାଙ୍କୁ ରଖାଯାଇଥିଲା। ବର୍ତ୍ତମାନ ସୁଦ୍ଧା ନୀରବଙ୍କୁ ଲଣ୍ଡନରୁ ମୁମ୍ବାଇର ଆର୍ଥର ରୋଡ୍ ଜେଲକୁ ଅଣାଯିବା ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇନାହିଁ।


ନେପାଳର ଦୋତିରେ ଭୂକମ୍ପ ଯୋଗୁ ଧ୍ୱସ୍ତବିଧ୍ୱସ୍ତ ଘର।

# ନେପାଳରେ ଭୂକମ୍ପ: ୬ ମୃତ

**କାଠମାଣ୍ଡୁ, ୯।୧୧:** ନେପାଳ ଦୋତି ଜିଲାରେ ବୁଧବାର ଭୋରରୁ ବଡ଼ ଧରଣ ଭୂକମ୍ପ ହୋଇଥିବାବେଳେ ଏଥିରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ୫ ଜଣ ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ସ୍ଥାନୀୟ ପ୍ରଶାସନିକ ଅଧିକାରୀ ସୂଚନା ଦେଇଛନ୍ତି। ଭୂମିକମ୍ପର ତୀବ୍ରତା ଏତେ ଅଧିକ ଥିଲା ଯେ, ନେପାଳ ଓ ଏହାର ଆଖପାଖ ଅଞ୍ଚଳରେ ମଧ ଏହା ଅନୁଭୂତ ହୋଇଥିବା କୁହାଯାଇଛି। ହିମାଳୟ ଏବଂ ନୂଆଦିଲ୍ଲୀର ସୀମାବର୍ତ୍ତୀ ଅଞ୍ଚଳରେ ଏହା ଅନୁଭୂତ ହୋଇଛି। ଗ୍ରାମର ବହୁଘର ନଷ୍ଟ ହୋଇଥିବା ଜଣାପଡ଼ିଛି।

ଦୁଇଟି ହେଲିକପ୍ଟର ଯୋଗେ ନେପାଳ ଆର୍ମି ପକ୍ଷରୁ ରେସ୍କ୍ୟୁ ଅପରେଶନ୍ କରାଯାଇଥିବାବେଳେ ନେପାଳଗଞ୍ଜ, ନାରାୟଣ ସିଲ୍‌ୱାରେ ଜରୁରିକାଳୀନ ସ୍ଥିତି ପାଇଁ ରେସ୍କ୍ୟୁ ଟିମ୍ ମୁତୟନ କରାଯାଇଛି। ନେପାଳ ପ୍ରଧାନମନ୍ତ୍ରୀ ଶେର୍ ବାହାଦୁର ଦେଉବା ଟୁଇଟର ପୋଷ୍ଟ ଯୋଗେ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏଥିସହ ଆହତମାନଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ବୋଲି ଶେର ବାହାଦୁର ପୋଷ୍ଟ ଜରିଆରେ କହିଛନ୍ତି। ୬.୬ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିବାବେଳେ ଆମେରିକା ଭୌଗୋଳିକ ସର୍ଭେ ପକ୍ଷରୁ ଜାରି ରିପୋର୍ଟ ଅନୁସାରେ ନେପାଳରେ ଅନୁଭୂତ ଭୂକମ୍ପର ତୀବ୍ରତା ୫.୬ କୁହାଯାଇଛି। ୨୦୧୫ରେ ନେପାଳରେ ଏକ ବିରାଟ ଭୂମିକମ୍ପ ହୋଇଥିବାବେଳେ ୯ ହଜାର ଲୋକଙ୍କର ମୃତ୍ୟୁ ହୋଇଥିଲା।

# ପ୍ରେମ ପାଇଁ ରାଜକାର୍ଯ୍ୟ ଛାଡ଼ିଲେ ପ୍ରିନ୍ସେସ୍

**ଓସ୍‌ଲୋ**

ନରୱେ ପ୍ରିନ୍ସେସ୍ ମାର୍ଥା ଲୁଇସ୍ ତାଙ୍କ ପ୍ରେମିକଙ୍କ ପାଇଁ ରାଜକାର୍ଯ୍ୟ ପରିତ୍ୟାଗ କରିଛନ୍ତି। ହଲିଉଡ୍‌ର ଆଧ୍ୟାତ୍ମିକ ଗୁରୁ ଡୁରେକ୍ ଭେରେଟ୍‌ଙ୍କ ସହ ୨୧ବର୍ଷୀୟା ରାଜକୁମାରୀଙ୍କ ସମ୍ବନ୍ଧକୁ ନେଇ ଦେଶସାରା ଚର୍ଚ୍ଚା। ଆତ୍ମଘୋଷିତ ଗଡ୍‌ମ୍ୟାନ୍ ଡୁରେକ୍‌ଙ୍କ ସାଙ୍ଗରେ ସେ ନିଜ ଅଲ୍‌ଟରନେଟିଭ୍ ମେଡିସିନ୍ ବ୍ୟବସାୟ ଉପରେ ଫୋକସ୍ କରିବା ପାଇଁ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। ୪୭ ବର୍ଷୀୟ ଆଫ୍ରିକୀୟ-ଆମେରିକୀୟ ଅଲ୍‌ଟରନେଟିଭ୍ ଥେରାପିଷ୍ଟ ଡୁରେକ୍ ନିଜ ପୁସ୍ତକ ‘ସ୍ପିରିଟ୍ ହ୍ୟାକିଂ’ରେ କ୍ୟାନ୍ସର ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ତାଙ୍କ ୱେବ୍ ସାଇଟ୍ ଜରିଆରେ ସେ ‘ସ୍ପିରିଟ୍ ଅପ୍ଟିମାଇଜର୍’ ନାମରେ ଏକ ଲକେଟ୍ ବିକ୍ରି କରନ୍ତି। ଏହାର ଦାମ୍ ୨୨୨ ଡଲାର। ଏହି ଲକେଟ୍ ପିନ୍ଧି କୋଭିଡ୍-୧୯ ମହାମାରୀ କବଳରୁ ସେ ମୁକ୍ତ ହୋଇଥିବା ଦାବି କରିଛନ୍ତି। ଗତ ସେପ୍ଟେମ୍ବରରେ ନରୱେରେ କରାଯାଇଥିବା ଏକ ଜନମତ ସର୍ଭେରେ ଜଣାପଡ଼ିଛି ଯେ, ପ୍ରିନ୍ସେସ୍ ଏବଂ ସ୍ପିରିଚୁଆଲ ଗୁରୁଙ୍କ ଏହି ସମ୍ପର୍କ ଯୋଗୁ ରାଜ ପରିବାର ଲୋକପ୍ରିୟତା ହରାଇ ଦେଇଛି। ପ୍ରିନ୍ସେସ୍ ମାର୍ଥା ଲୁଇସ ଇନ୍‌ଷ୍ଟାଗ୍ରାମରେ ରୟାଲ୍ ହାଉସ୍ (ରାଜପ୍ରାସାଦ)ରେ ଶାନ୍ତି ଆଣିବା ପାଇଁ ରାଜକୀୟ କର୍ତ୍ତବ୍ୟରୁ ଓହରିଯିବା ନେଇ ମଙ୍ଗଳବାର ସୂଚନା ଦେଇଛନ୍ତି। ଉକ୍ତ ଭିଡିଓରେ ସେ କହିଛନ୍ତି, ବର୍ତ୍ତମାନ ସମୟରେ ସେ ଆଉ ରୟାଲ୍ ହାଉସ୍‌ର ପ୍ରତିନିଧିତ୍ୱ କରିବେ ନାହିଁ। ତେବେ ରାଜାଙ୍କ ଇଚ୍ଛା ଅନୁସାରେ ତାଙ୍କ ପ୍ରିନ୍ସେସ୍ ଟାଇଟଲ ବଳବତ୍ତର ରହିବ। କୁଇନ୍ ସୋନ୍‌ଜାଙ୍କ ସହ କିଙ୍ଗ୍ ହରାଲ୍ଡ ଗଣମାଧ୍ୟମ ଆଗରେ ଝିଅଙ୍କ ଏହି ନିଷ୍ପତ୍ତିକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି। ପରୀମାନଙ୍କ ସହ କଥା ହୁଅନ୍ତି ବୋଲି ଦାବି କରୁଥିବା ମାର୍ଥା ୨୦୦୨ରେ ଭବିଷ୍ୟବକ୍ତା ସାଜିଥିଲେ। ଏଥିଯୋଗୁ ତାଙ୍କୁ ‘ହର୍ ରୟାଲ୍ ହାଇନେସ୍’ ଉପାଧି ହରାଇବାକୁ ପଡ଼ିଥିଲା। ୩ ସନ୍ତାନଙ୍କ ଜନନୀ ମାର୍ଥା ଲେଖକ ଆରି ମିକାଏଲ ବେନ୍‌ଙ୍କୁ ୨୦୧୭ରେ ଛାଡ଼ପତ୍ର ଦେଇଥିଲେ।


ମାର୍ଥା ଲୁଇସ୍

# ଭାରତରେ ୨.୪୯ ଲକ୍ଷ ଶତାୟୁ ଭୋଟର


ରାଜୀବ କୁମାର

**ପୁଣେ, ୯।୧୧**

ସହରାଞ୍ଚଳରେ ମୋଟ ୨.୪୯ ଲକ୍ଷ ଶତାୟୁ ଭୋଟର ରହିଥିବା ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ରାଜୀବ କୁମାର କହିଛନ୍ତି। ଭୋଟର ତାଲିକା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ନେଇ ବୁଧବାର ମହାରାଷ୍ଟ୍ର ପୁଣେରେ ଆୟୋଜିତ ବାଇସାଇକେଲ ରାଲିରେ ଯୋଗଦେବା ଅବସରରେ ରାଜୀବ କୁମାର ଏହି ସୂଚନା ଦେଇଛନ୍ତି। ସହରାଞ୍ଚଳରେ ଭୋଟର ତାଲିକା ବୃଦ୍ଧି କରିବା ଦିଗରେ ସିଇସି କାର୍ଯ୍ୟ କରୁଛନ୍ତି। ଦେଶରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ୧.୮୦ କୋଟି ଭୋଟର ଥିବାବେଳେ ହିମାଳୟରେ ସର୍ବାଧିକ ବୟସ୍କ ଭୋଟର ଥିବା ରାଜୀବ କୁମାର କହିଛନ୍ତି। ରାଲିକୁ ସମ୍ବୋଧନବେଳେ ରାଜୀବ କୁମାର ଦେଶର ପ୍ରଥମ ଭୋଟର ଶ୍ୟାମ ସରଣ ନେଗିଙ୍କ କଥା କହିଥିଲେ। କୋଣଅନୁକୋଣରେ ଥିବା ପ୍ରତ୍ୟେକ ବ୍ୟକ୍ତି ଦେଶର ଜଣେ ଜଣେ ନାଗରିକ। ସେମାନେ ନିଜ ନାମ ପଞ୍ଜୀକରଣ କରି ମତଦନ କରିବା ଜରୁରୀ। ଭୋଟ ଜରିଆରେ ହିଁ ଦେଶରେ ଗଣତନ୍ତ୍ର ମଜଭୁତ ହୋଇ ପାରିବ ବୋଲି ସେ ପ୍ରକାଶ କରିଛନ୍ତି।

# ଦୁର୍ନୀତିଗ୍ରସ୍ତ ଲୋକେ ଦେଶକୁ ଧ୍ୱଂସ କରୁଛନ୍ତି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୯।୧୧**

ଦୁର୍ନୀତିଗ୍ରସ୍ତ ଲୋକେ ଦେଶକୁ ଧ୍ୱଂସ କରୁଛନ୍ତି। ସେମାନେ ଦୁର୍ନୀତି ଟଙ୍କା ବଳରେ ମାମଲାରୁ ଖସିଯାଉଛନ୍ତି ବୋଲି ବୁଧବାର ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଲ୍‌ଗାର ପରିଷଦ ମାମଲାର ଅଭିଯୁକ୍ତ ଆକ୍ଟିଭିଷ୍ଟ ଗୌତମ ନଭଲଖାଙ୍କୁ ବିଚାରବିଭାଗୀୟ ହାଜତରେ ରଖାଯାଇଛି। ସେ ଏହା ପରିବର୍ତ୍ତେ ଗୃହବନ୍ଦୀ ରହିବା ପାଇଁ କରିଥିବା ଏକ ଆବେଦନର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଏହି ଟିପ୍ପଣୀ ଦେଇଛନ୍ତି। ନଭଲଖାଙ୍କ ଭଳି ଲୋକେ ଦେଶକୁ ଧ୍ୱଂସ କରିବାକୁ ଚାହୁଁଛନ୍ତି। ସେମାନଙ୍କ ବିଚାରଧାରା ସେହି ଧରଣର। ସେମାନେ ନିରୀହ ଲୋକ ନୁହନ୍ତି, ବରଂ ଅନେକ ଆକ୍ରମଣରେ ସମ୍ପୃକ୍ତ ବୋଲି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ.ଭି. ରାଜୁ ଅଦାଲତରେ ଯୁକ୍ତି ବାଢ଼ିଥିଲେ। ଜଷ୍ଟିସ୍ କେ.ଏମ୍. ଜୋସେଫ୍ ଏବଂ ହୃଷିକେଶ ରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହା ଉପରେ କହିଥିଲେ, ଦେଶକୁ କିଏ ଧ୍ୱଂସ କରିବାକୁ ଚାହୁଁଛନ୍ତି ଆପଣ ତାହା ଜାଣିବାକୁ ଚାହାଁନ୍ତି କି? ଦୁର୍ନୀତିଗ୍ରସ୍ତ ଲୋକେ ହିଁ ଏପରି କରୁଛନ୍ତି। ଯେଉଁ ଅଫିସକୁ ଗଲେ ଦୁର୍ନୀତି ଦେଖିବାକୁ ମିଳୁଛି। ସେମାନଙ୍କ ବିରୋଧରେ କିଏ କାର୍ଯ୍ୟାନୁଷ୍ଠାନ ନେଉଛି। ଲାଞ୍ଚ ଦେଉଥିବା ବ୍ୟକ୍ତି ମଧ ଅଭିଯୁକ୍ତ।

## ବନ୍ଧନ ବ୍ୟାଙ୍କର ସ୍ୱତନ୍ତ୍ର ଅଫର

**ନୂଆଦିଲ୍ଲୀ:** ବନ୍ଧନ ବ୍ୟାଙ୍କ ପକ୍ଷରୁ ଫିକ୍ସଡ୍ ଡିପୋଜିଟ୍ (ଏଫ୍‌ଡି) ଉପରେ ସର୍ବାଧିକ ସୁଧ ହାରର ଏକ ସ୍ୱତନ୍ତ୍ର ସୀମିତ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨କୋଟି ଟଙ୍କା ପର୍ଯ୍ୟନ୍ତର ରିଟେଲ ଜମା ଉପରେ ଉକ୍ତ ସୁଧ ହାର ଲାଗୁ ହେବ ବୋଲି ଜଣାପଡ଼ିଛି। ସେହିଭଳି ନୂଆ ଜମା ତଥା ମାଚ୍ୟୁରିଟି ପରେ ନବୀକରଣ ହେଉଥିବା ଜମା ଉପରେ ଏହା ଲାଗୁ ହେବ। ଏହି ବୃଦ୍ଧି ସହ ଗ୍ରାହକମାନେ ୬୦୦ ଦିନିଆ ଅବଧିର ଜମା ଉପରେ ୭.୫%ର ଉଚ୍ଚ ହାରର ସୁଧ ପାଇବେ। ସେହିପରି ବରିଷ୍ଠ ନାଗରିକମାନେ ୦.୫୦% ଅଧିକ ଲାଭ ପାଇବେ, ଯାହା ୬୦୦ ଦିନିଆ ଅବଧିର ଏଫ୍‌ଡି ଉପରେ ସେମାନଙ୍କୁ ୮%ର ଉଚ୍ଚ ସୁଧ ପ୍ରଦାନ କରିବ। ଏକ ବର୍ଷ ଅବଧିର ଏଫ୍‌ଡି ଉପରେ ବରିଷ୍ଠ ନାଗରିକମାନେ ୦.୭୫%ର ଉଚ୍ଚ ହାରରେ ସୁଧ ପାଇବେ।

# ଭାରତୀୟ ମୁଦ୍ରାରେ ଅନ୍ତର୍ଜାତୀୟ ବାଣିଜ୍ୟ କାରବାରକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୯।୧୧**



ସାରା ବିଶ୍ୱ ଏପରିକି ଭାରତରେ ମଧ ମାନ୍ଦାବସ୍ଥା ଜାରି ରହିଛି। ଦେଶରେ ଉଭୟ ଅନ୍ତଃରାଷ୍ଟ୍ରୀୟ ଓ ସ୍ଥାନୀୟ ସମସ୍ୟା ମଧ ବୃଦ୍ଧି ପାଇ ଚାଲିଛି। ଏଭଳି ପରିସ୍ଥିତିରେ କେନ୍ଦ୍ର ସରକାର ବୁଧବାର ଭାରତୀୟ ମୁଦ୍ରା ବା ଟଙ୍କା (ଆଇଏନ୍‌ଆର୍) ରେ ଅନ୍ତର୍ଜାତୀୟ ବାଣିଜ୍ୟ କାରବାର ପାଇଁ ଅନୁମତି ପ୍ରଦାନ (ମଞ୍ଜୁରୀ) ସହ ବୈଦେଶିକ ବାଣିଜ୍ୟ ନୀତି ଏବଂ ପଦ୍ଧତି ପୁସ୍ତିକାରେ ଆବଶ୍ୟକ ସଂଶୋଧନ କରିଛନ୍ତି। ଏହାଦ୍ୱାରା ଭାରତୀୟ ମୁଦ୍ରାରେ ଇନ୍‌ଭଏସ୍ ପ୍ରସ୍ତୁତି ସହ ଅର୍ଥ ପୈଠ ଏବଂ ରପ୍ତାନି-ଆମଦାନୀ କାରବାର କରାଯାଇପାରିବ। ବିଶେଷକରି ଏ ଦିଗରେ ଏକ ପଦକ୍ଷେପ ସ୍ୱରୂପ ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) ପକ୍ଷରୁ ଅନୁଚ୍ଛେଦ ସଂଖ୍ୟା ୨.୫୨ (ଡି) ବୈଧ ବିଜ୍ଞପ୍ତି ସଂଖ୍ୟା ୩୩-୨୦୧୫-୨୦ ଜରିଆରେ ୨୦୨୨ ସେପ୍ଟେମ୍ବର ୧୬ରେ ଭାରତୀୟ ମୁଦ୍ରାରେ ଇନ୍‌ଭଏସ୍ ପ୍ରସ୍ତୁତି ସହ ଅର୍ଥ ପୈଠ ଏବଂ ରପ୍ତାନି ଓ ଆମଦାନୀ କାରବାରକୁ ଅନୁମତି ଦିଆଯାଇଥିଲା। ଏହା ପୂର୍ବରୁ ୨୦୨୨ ଜୁଲାଇ ୧୧ରେ ମଧ ଭାରତୀୟ ରିଜର୍ଭ ବ୍ୟାଙ୍କ ଏ.ପି. (ଡିଆଇଆର୍ ସିରିଜ) ବିଜ୍ଞପ୍ତି ସଂଖ୍ୟା ୧୦ ଜରିଆରେ ଭାରତୀୟ ମୁଦ୍ରାରେ ଅନ୍ତର୍ଜାତୀୟ ବାଣିଜ୍ୟ କାରବାରକୁ ମଞ୍ଜୁର କରିଥିଲା ଏବଂ ଡିଜିଏଫ୍‌ଟି ସେହି ଅନୁଯାୟୀ ପଦକ୍ଷେପ ମଧ ଗ୍ରହଣ କରିଥିଲା। ସେହିପରି ଉପରୋକ୍ତ ବିଜ୍ଞପ୍ତିକୁ ଆଗକୁ ବଢ଼ାଇ ବୈଦେଶିକ ବାଣିଜ୍ୟ ନୀତିର ଅନୁଚ୍ଛେଦ ୨.୫୩ ରେ ଆବଶ୍ୟକ ପରିବର୍ତ୍ତନ ମଧ କରାଯାଇଛି। ରପ୍ତାନି ପାଇଁ ଆମଦାନୀ (ଏଫ୍‌ଟିପିର ଅନୁଚ୍ଛେଦ୨.୪୬), ଷ୍ଟାଟସ ହୋଲ୍‌ଡର ବା ସ୍ଥିତି ଧାରକ ଭାବେ ମାନ୍ୟତା ପାଇଁ ରପ୍ତାନି ପ୍ରଦର୍ଶନ (ଏଫ୍‌ଟିପିର ଅନୁଚ୍ଛେଦ ୩.୨୦), ଅଗ୍ରିମ ପ୍ରାଧିକରଣ (ଏଏ) ଏବଂ ଶୁଳ୍କ ମୁକ୍ତ ଆମଦାନୀ ପ୍ରାଧିକରଣ (ଡିଏଫ୍‌ଆଇଏ) ଯୋଜନା ଅଧୀନରେ ରପ୍ତାନି କାରବାର ପ୍ରାପ୍ତି ପାଇଁ (ଏଫ୍‌ଟିପିର ଅନୁଚ୍ଛେଦ ୪.୨୧) ଏବଂ ରପ୍ତାନି ପ୍ରୋତ୍ସାହନ ପୁଞ୍ଜିଗତ ବସ୍ତୁ (ଇପିସିଜି) ଯୋଜନା (ଏଚ୍‌ବିପିର ଅନୁଚ୍ଛେଦ ୫.୧୧) ଅଧୀନରେ ରପ୍ତାନି କାରବାରର ପ୍ରାପ୍ତି ନିମନ୍ତେ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି। ସେହି ଅନୁଯାୟୀ ବୈଦେଶିକ ବାଣିଜ୍ୟ ନୀତି ଅଧୀନରେ ଲାଭ, ରିହାତି, ରପ୍ତାନି ବାଧ୍ୟତା ପୂରଣକୁ ୨୦୨୨ଜୁଲାଇ ୧୧ରେ ପ୍ରକାଶିତ ଭାରତୀୟ ରିଜର୍ଭ ବ୍ୟାଙ୍କର ମାର୍ଗଦର୍ଶିକା ଅନୁଯାୟୀ ଭାରତୀୟ ଟଙ୍କାର ପ୍ରାପ୍ତି ନିମନ୍ତେ ସମ୍ପ୍ରସାରଣ କରାଯାଇଛି।

## ଖସିଲା ଶେୟାର ବଜାର କାରବାର

**ନୂଆଦିଲ୍ଲୀ,୯।୧୧**

ଚଳିତ ସପ୍ତାହର ଦିନକର କାରବାର ପରେ ପୁଣି ଥରେ ଷ୍ଟକ୍ ବଜାରର କାରବାର ହ୍ରାସ ପାଇଛି। ଫଳରେ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୫୨ (୧୫୧.୬୦) ପଏଣ୍ଟ ଖସି ୬୧,୦୩୪(୬୧,୦୩୩.୫୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ ୪୬ (୪୫.୮୦) ପଏଣ୍ଟ ହ୍ରାସ ଘଟି ୧୮,୧୫୭ (୧୮,୧୫୭.୦୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଏବଂ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ଜାରି ଯୋଗୁ ଶେୟାର ବଜାର କାରବାର ହ୍ରାସ ପାଉଥିବା ଆଶଙ୍କା କରାଯାଉଛି।

## ଭିଜିଲାନ୍ସ ସଚେତନତା ସପ୍ତାହ ଉଦ୍‌ଯାପିତ

**ନୂଆଦିଲ୍ଲୀ,୯।୧୧**



କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି)ର ଗୁଜରାଟ ଆଞ୍ଚଳିକ କାର୍ଯ୍ୟାଳୟ ଅହମଦାବାଦ ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏପରିକି ଇଏସ୍‌ଆଇସି ମୁଖ୍ୟ କାର୍ଯ୍ୟାଳୟ ସମେତ ଦେଶର ସମସ୍ତ ଶାଖା କାର୍ଯ୍ୟାଳୟରେ ମଧ୍ୟ 'ଭିଜିଲାନ୍ସ ସଚେତନତା ସପ୍ତାହ' ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗୁଜରାଟ ଇଏସ୍‌ଆଇସି ପକ୍ଷରୁ ବ୍ୟାପକ ଜନସଚେତନତା ସାଙ୍ଗକୁ ବିଭାଗୀୟ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଯାଇଛି। ବିଶେଷକରି ଉଦ୍‌ଯାପନୀ ଉତ୍ସବରେ ଇଏସ୍‌ଆଇସିର ଗୁଜରାଟ ଆଞ୍ଚଳିକ କାର୍ଯ୍ୟାଳୟର ଅତିରିକ୍ତ କମିଶନର ଆର୍.କେ. ଗୌତମ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ସେ ଆଞ୍ଚଳିକ ଓ ଶାଖା କାର୍ଯ୍ୟାଳୟର ସମସ୍ତ ବରିଷ୍ଠ ଅଧିକାରୀ ଓ ଅନ୍ୟ କର୍ମଚାରୀଙ୍କୁ ଶପଥ ପାଠ କରାଇବା ସହ ସପ୍ତାହବ୍ୟାପୀ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ କର୍ମଚାରୀଙ୍କୁ ସମ୍ମାନିତ କରିଥିଲେ। ଉଲ୍ଲେଖଯୋଗ୍ୟ, ଭିଜିଲାନ୍ସ ସଚେତନତା ସପ୍ତାହ-୨୦୨୨ ପରିପ୍ରେକ୍ଷୀରେ ଇଏସ୍‌ଆଇସି ଗୁଜରାଟର ଅହମ୍ମଦବାଦ ଆଞ୍ଚଳିକ କାର୍ଯ୍ୟାଳୟ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଅବସ୍ଥିତ ଶାଖା କାର୍ଯ୍ୟାଳୟଗୁଡ଼ିକରେ ମଧ୍ୟ ଅକ୍ଟୋବର ୩୧ରୁ ନଭେମ୍ବର ୬ ପର୍ଯ୍ୟନ୍ତ ଉକ୍ତ ସପ୍ତାହ ସାଙ୍ଗକୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ପାଳନ କରାଯାଇଥିଲା।

## 'ମାଗଣା ସେବା ଯୋଗାଉଛି କଳିଙ୍ଗ ହସ୍ପିଟାଲ'

**କଟକ,୯।୧୧**

ରାଜ୍ୟର ସର୍ବପୁରାତନ ଘରୋଇ ଚିକିତ୍ସାଳୟ 'କଳିଙ୍ଗ ହସ୍ପିଟାଲ' ପକ୍ଷରୁ କଟକ ବାଲିଯାତ୍ରାରେ ମାଗଣା ଆମ୍ବୁଲାନ୍ସ ସାଙ୍ଗକୁ ସ୍ୱାସ୍ଥ୍ୟସେବା ମଧ ଯୋଗାଇ ଦିଆଯାଉଛି। ବିଶେଷକରି ହସ୍ପିଟାଲର ନୂତନ ମ୍ୟାନେଜମେଣ୍ଟର ଚେୟାରମ୍ୟାନ ଡା. ଶିତିକଣ୍ଠ ଦାଶଙ୍କ ଆହ୍ୱାନକ୍ରମେ ପ୍ରଥମ ଥର ପାଇଁ ବାଲିଯାତ୍ରାରେ ଏକ ଆପତ୍‌କାଳୀନ ଜରୁରୀ ସେବା ସହ ଅତ୍ୟାଧୁନିକ ଆମ୍ବୁଲାନ୍ସର ମଧ ପ୍ରାବଧାନ କରାଯାଇଛି। ଏପରିକି ବାଲିଯାତ୍ରା ପଡ଼ିଆର ଗଡ଼ଗଡିଆ ମୁଖ୍ୟଦ୍ୱାର ନିକଟରେ କଳିଙ୍ଗ ହସ୍ପିଟାଲର ଏକ ବୃହତ୍ ଷ୍ଟଲ୍ (ମେଡିକାଲ ସେବା ମଣ୍ଡପ) ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ହସ୍ପିଟାଲରର ପରିଚାଳନା ନିର୍ଦ୍ଦେଶକ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଡା. ଏସ୍.ଡି. ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହସ୍ପିଟାଲର ନିର୍ଦ୍ଦେଶକ ଡା. ଜ୍ଞାନେନ୍ଦୁ କୁମାର ମହାପାତ୍ରଙ୍କ ସମେତ ହସ୍ପିଟାଲର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ମଧ ଉପସ୍ଥିତ ଥିଲେ।




## ବାଲିଯାତ୍ରାରେ ଡିଅନ୍ ଗ୍ରୁପ୍‌ର ଆକର୍ଷଣୀୟ ମଣ୍ଡପ

**କଟକ,୯।୧୧**



ରାଜ୍ୟର ପ୍ରମୁଖ ବାଣିଜ୍ୟିକ ସଂସ୍ଥା (କମ୍ପାନୀ) ଡିଅନ୍ ଗ୍ରୁପ୍ ପକ୍ଷରୁ ୨ଟି ଆକର୍ଷଣୀୟ ଷ୍ଟଲ୍ (ମଣ୍ଡପ) କଟକ ବାଲିଯାତ୍ରା ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଇଣ୍ଡିଆନ୍ ବ୍ୟାଙ୍କର କ୍ଷେତ୍ର ପରିଚାଳକ ମନୋଜ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ନିକଟରେ ଉଦ୍‌ଘାଟିତ ହୋଇଥିବା ଡିଅନ୍ ଗ୍ରୁପ୍‌ର ୨ଟି ଷ୍ଟଲ୍‌ରୁ ପ୍ରଥମ ଷ୍ଟଲ୍‌ରେ କମ୍ପାନୀର ହାଉସିଂ ମେପ୍ରାଜେକ୍ଟ ରହିଥିବା ବେଳେ ଅଟୋମୋବାଇଲ ସଂସ୍ଥାର ୨ୟ ଷ୍ଟଲ ରହିଛି। ଉଲ୍ଲେଖଯୋଗ୍ୟ, କମ୍ପାନୀର ନୂତନ ହାଉସିଂ ପ୍ରକଳ୍ପ 'ସ୍କାଏ ୱାକ୍' ନାମରେ ସେକ୍ଟର ୮୦ାରେ ନିର୍ମାଣ ହେବାକୁ ଥିବା ୨୪ ତାଲା ବିଶିଷ୍ଟ ଆପାର୍ଟମେଣ୍ଟର ଡମି ଫ୍ଲାଟ୍ ବାଲିଯାତ୍ରାରେ ପ୍ରଦର୍ଶିତ ହେଉଛି। ସୂଚନାଯୋଗ୍ୟ, କଟକ ସହରରେ ପୂର୍ବରୁ ଏଭଳି ସୁଉଚ୍ଚ ଆପାର୍ଟମେଣ୍ଟ ନିର୍ମାଣ କରାଯାଇ ନ ଥିବା ବେଳେ ଏହା ସମ୍ପୂର୍ଣ୍ଣ ଭାବେ କଟକକୁ ଏକ ଭିନ୍ନ ପରିଚୟ ଦେବ ବୋଲି ଡିଅନ୍ ଗ୍ରୁପ୍‌ର ନିର୍ଦ୍ଦେଶକ ମନୋଜ ସାହୁ କହିଛନ୍ତି। ସେହିଭଳି ଡିଅନ୍ ଅଟୋମେଟିଭ୍ ଷ୍ଟଲ୍‌ରେ ଟାଟା ମୋଟର ପକ୍ଷରୁ ବିଭିନ୍ନ ମଡେଲର ଗାଡି ପ୍ରଦର୍ଶିତ ହେଉଛି। ଏପରିକି ସବୁ ବର୍ଗର ଗ୍ରାହକଙ୍କୁ ଆକର୍ଷିତ କରିବା ପାଇଁ ଡିଅନ୍ ଗ୍ରୁପ୍ ପକ୍ଷରୁ ମଧ ବିଭିନ୍ନ ପ୍ରକାର ଅଫର ଉପଭୋକ୍ତାଙ୍କୁ ଦିଆଯାଉଥିବା ଗ୍ରୁପ୍‌ର ମୁଖ୍ୟ ପରିଚାଳକ ବିଶ୍ୱଜିତ ଦାସ ମତବ୍ୟକ୍ତ କରିଛନ୍ତି। କରୋନା ଯୋଗୁ ୨ବର୍ଷ ପରେ ଐତିହାସିକ କଟକ ବାଲିଯାତ୍ରାର ଆୟୋଜନ ଜିଲା ପ୍ରଶାସନ ପକ୍ଷରୁ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗ୍ରାହକଙ୍କ ନିକଟତର ହେବାକୁ ଏକ ଭଲ ସୁଯୋଗ ରହିଥିବାରୁ ଡିଅନ୍ ଗ୍ରୁପ୍‌ର ୨ଟି ଷ୍ଟଲ୍ ବାଲିଯାତ୍ରା ପଡ଼ିଆରେ ପକାଯାଇଥିବା ଗ୍ରୁପ୍ ପକ୍ଷରୁ କୁହାଯାଇଛି।

## ଓଏବି ପକ୍ଷରୁ ମାଗଣାରେ ଔଷଧ ବଣ୍ଟନ

**କଟକ,୯।୧୧**




ରାଜ୍ୟର ସର୍ବପୁରାତନ ତଥା ଜଣାଶୁଣା ଆୟୁର୍ବେଦିକ ପ୍ରତିଷ୍ଠାନ ଓଡ଼ିଶା ଆୟୁର୍ବେଦ ଭବନ (ଓଏବି) ପକ୍ଷରୁ ବାଲିଯାତ୍ରା ପରିପ୍ରେକ୍ଷୀରେ ଏକ ବୃହତ୍ ଷ୍ଟଲର ଶୁଭାରମ୍ଭ କରାଯାଇଛି। ଏପରିକି କଟକ ବାଲିଯାତ୍ରା ତଳପଡ଼ିଆଠାରେ ନିକଟରେ ଓଏବିର ଷ୍ଟଲ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଏବିର ଏମ୍‌ଡି ମନୋଜ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଏବିର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି ଶୁଦ୍ଧ ଓ ଗୁଣବତ୍ତା ଆୟୁର୍ବେଦ ଔଷଧ ପ୍ରଦାନରେ ପ୍ରତିଷ୍ଠାନର ଦୀର୍ଘଦିନର ଅଭିଜ୍ଞତା ରହିଛି। ସେହିଭଳି ଦୀର୍ଘ ଗବେଷଣା ପରେ ଗ୍ୟାସ୍-ଏସିଡିଟି,ବଦହଜମି ପାଇଁ ଓଏବି ଦ୍ୱାରା ପ୍ରସ୍ତୁତ ଓଡ଼ିଶା ଶିବାଷ୍ଟକ ଚୂର୍ଣ୍ଣ ରୋଗୀଙ୍କ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି ବୋଲି ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି। ସେହିପରି ବାଲିଯାତ୍ରା ଅବସରରେ ଉକ୍ତ ଔଷଧ ମାଗାଣାରେ ବଣ୍ଟନ କରାଯାଉଛି। ତା'ସହ ପୁରୁଣା ଆଣ୍ଠୁଗଣ୍ଠି ବାତ ପାଇଁ ରୁମ୍ରାଟିକ ଅଏଲ (ତେଲ) ଓ ରାସ୍ନାଦୀବଟି ଭଳି ଆୟୁର୍ବେଦ ଔଷଧ ମଧ ମାଗାଣାରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କୁ ଦିଆଯାଉଛି। ଏହି ସୁବିଧା କେବଳ କଟକ ବାଲିଯାତ୍ରା ପଡ଼ିଆରେ ପଡିଥିବା ଷ୍ଟଲ୍‌ରେ ଉପଲବ୍ଧ ହେଉଛି ବୋଲି ଓଏବି ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, କଟକ କଲେଜଛକଠାରେ ଓଡ଼ିଶା ଆୟୁର୍ବେଦ ଭବନର ବୃହତ୍ ଷ୍ଟୋର ଦୀର୍ଘ ବର୍ଷ ହେବ ରହିଛି।

ଫୁରସତ୍

# ମେଦବହୁଳତା ଯୋଗୁ ଜାମିନ ମିଳିଲା

**ଚଣ୍ଡିଗଡ଼**


ବିଚାରପତି ଜି.ଏସ୍. ଗିଲ୍

ମୋଟାପଣ ବା ମେଦବହୁଳତା ଅଧିକାଂଶ ଲୋକଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏହାଯୋଗୁ ଲୋକଙ୍କ ଶରୀରରେ ନାନା ରୋଗବ୍ୟାଧି ଦେଖିବାକୁ ମିଳୁଛି। କିନ୍ତୁ ମେଦବହୁଳତାକୁ ନେଇ ହରିୟାଣାର ଜଣେ କଏଦୀଙ୍କୁ ଆଶ୍ୱସ୍ତି ମିଳିଛି। ତାଙ୍କ ନାମ ପ୍ରଞ୍ଜିଲ ବାତ୍ରା। ଅମ୍ବାଲା ଜେଲରେ ଥିବା ପ୍ରଞ୍ଜିଲଙ୍କ ଓଜନ ବଢ଼ି ୧୫୩ କିଲୋଗ୍ରାମ ହୋଇଥଯାଇଥିବାରୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି।

ଏକ ମନିଲଣ୍ଡରିଂ ମାମଲାରେ ୩୮ ବର୍ଷୀୟ ପ୍ରଞ୍ଜିଲଙ୍କୁ ଗତ ମାର୍ଚ୍ଚରେ ପୋଲିସ ଗିରଫ କରିଥିଲା। ଏ ନେଇ ସେ ଜୁନ୍ ୨ରେ ହାଇକୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ। ଜଷ୍ଟିସ୍ ଜି.ଏସ୍. ଗିଲ୍‌ଙ୍କ ଖଣ୍ଡପୀଠ ତାଙ୍କ ଜାମିନ ଆବେଦନର ଶୁଣାଣି କରି କହିଥିଲେ, ମେଦବହୁଳତା ଅନେକ ରୋଗର ମୂଳ କାରଣ। ଏହାଦ୍ୱାରା ଶରୀରରେ ରୋଗପ୍ରତିରୋଧକ ଶକ୍ତି ହ୍ରାସ ପାଇବା ସହ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ଠିକ୍ ଭାବେ କାମ କରିବା ବନ୍ଦ କରି ଦେଇଥାଏ। ଅନ୍ୟପଟେ ମଧୁମେହ ଓ ହାଇପର ଟେନ୍‌ଶନ୍ ପାଇଁ ପ୍ରଞ୍ଜିଲଙ୍କ ଶରୀରର ଓଜନ କ୍ରମାଗତ ବଢୁଥିବା ମେଡିକାଲ ରିପୋର୍ଟରୁ ଜଣାପଡ଼ିଛି। କରୋନାରି ଆର୍ଟେରି ରୋଗରେ ଆକ୍ରାନ୍ତ ପ୍ରଞ୍ଜିଲଙ୍କ ଚିକିତ୍ସା ପାଇଁ ଜେଲରେ କୌଣସି ଡାକ୍ତରୀ ସୁବିଧା ନାହିଁ। ପ୍ରଞ୍ଜିଲଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ବାହାରେ ଅଧିକ ଚିକିତ୍ସା ପାଇଁ ତାଙ୍କ ଜାମିନ ଆବେଦନକୁ ମଞ୍ଜୁର କରାଯାଇଛି ବୋଲି ଖଣ୍ଡପୀଠ କହିଥିଲେ।

୨୦୨୧ରେ ହରିୟାଣାରେ ଚିଟ୍‌ଫଣ୍ଡ ଦୁର୍ନୀତିରେ ୩ ହଜାର କୋଟି ଟଙ୍କାର ଠକେଇ ହୋଇଥିଲା। ଏହି ମାମଲାରେ ପ୍ରଞ୍ଜିଲଙ୍କୁ ଗିରଫ କରାଯାଇଥିଲା। ପାଖାପାଖି ୩୩ ଲକ୍ଷ ଲୋକ ଠକେଇର ଶିକାର ହୋଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ କୁହାଯାଇଛି। ତଦନ୍ତ ବେଳେ ପ୍ରଞ୍ଜିଲଙ୍କ ବ୍ୟାଙ୍କ ଖାତାରୁ ଇଡି ୫୩ କୋଟି ଟଙ୍କା ଜବତ କରିଥିଲା। ସଫ୍ଟୱେର ଡେଭଲପର ଭାବେ କାମ କରୁଥିବା ପ୍ରଞ୍ଜିଲ ଏହି ରାଶି ନିଜ ରୋଜଗାରରୁ ଠୁଳ କରିଥିବା ପ୍ରକାଶ କରିଥିଲେ। କିନ୍ତୁ ଏ ନେଇ ପ୍ରଞ୍ଜିଲ ତଦନ୍ତକାରୀ ଦଳ ନିକଟରେ ଉପଯୁକ୍ତ ତଥ୍ୟ ପ୍ରମାଣ ଉପସ୍ଥାପନ କରିପାରି ନ ଥିଲେ। ହରିୟାଣା ପୋଲିସ ଆଇପିସି ଦଫା ୪୫ ବଳରେ ମାମଲା ରୁଜୁ କରି ପ୍ରଞ୍ଜିଲଙ୍କୁ ଗିରଫ କରିଥିଲା। ତାଙ୍କୁ ପାଖାପାଖି ୮ ମାସ ଅମ୍ବାଲା ଜେଲରେ ରହିବାକୁ ପଡ଼ିଛି।

## ସୋସିଆଲ ମିଡିଆରୁ ଋଣ ଶୁଝୁଛି



**ମୁମ୍ବାଇ:** ସୋସିଆଲ ମିଡିଆ ୟୁଜର୍ସଙ୍କ ଦ୍ୱାରା ଅନେକେ ସେଲିବ୍ରିଟି ଟ୍ରୋଲର ଶିକାର ହେଉଛନ୍ତି। ଏହାକୁ କେନ୍ଦ୍ରକରି କଳାକାର ସୋସିଆଲ ମିଡିଆକୁ ନିଜଠାରୁ ଦୂରରେ ରଖନ୍ତି। କିନ୍ତୁ ଏହି ସାମାଜିକ ଗଣମାଧ୍ୟମ ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁରଙ୍କ ପାଇଁ ସାହାଯ୍ୟକାରୀ ସାବ୍ୟସ୍ତ ହୋଇଛି। ନିଜର ଏକ ସଦ୍ୟ ଇଣ୍ଟରଭ୍ୟୁରେ ଜାହ୍ନବୀ କହିଛନ୍ତିଯେ, ସୋସିଆଲ ମଡିଆ ତାଙ୍କୁ ଇଏମ୍‌ଆଇ ବା ଋଣ ପରିଶୋଧ କରିବାରେ ସାହାଯ୍ୟ କରୁଛି। ଜାହ୍ନବୀ ପାଖାପାଖି ପ୍ରତ୍ୟେକ ଦିନ ସୋସିଆଲ ମିଡିଆରେ ନୂଆ ନୂଆ ରକମର ଫଟୋ ଅପ୍‌ଲୋଡ୍ କରନ୍ତି। ଖାଲି ଫଟୋ ନୁହେଁ ଅନେକ ସମୟରେ ସେ ମେକ୍‌ଅପ୍ ଟ୍ୟୁଟରିଆଲ ସାଙ୍ଗକୁ ଫନୀ ଭିଡିଓ ମଧ ଶେୟାର କରନ୍ତି। ଫ୍ରି ଟାଇମ୍‌ରେ ସୋସିଆଲ ମିଡିଆ ତାଙ୍କୁ ମନୋରଞ୍ଜନର ଖୋରାକ ଯୋଗାଉଥିବା ସେ କହିଛନ୍ତି। ନିକଟରେ ଜାହ୍ନବୀ କପୁରଙ୍କ ଅଭିନୀତ ଫିଲ୍ମ ମିଲି ରିଲିଜ୍ ହୋଇଛି। ଏହି ହାଇଡ୍ରାମା ଫିଲ୍ମକୁ ଦର୍ଶକଙ୍କ ଖୁବ୍ ଭଲପାଇବା ମଧ ମିଳିଛି। ଆସନ୍ତା ବର୍ଷ ଅଗଷ୍ଟ ୩ରେ ତାଙ୍କ ଅଭିନୀତ 'ଜନ ଗଣ ମନ' ରିଲିଜ୍ ହେବ । ବିଜୟ ଦେବରକୋଣ୍ଡା,ପୂଜା ହେଗ୍‌ଡେ ପ୍ରମୁଖ କଳାକାର ଫିଲ୍ମରେ ଅଭିନୟ କରିଥିବାବେଳେ ପୁରୀ ଜଗନ୍ନାଥ ଏହାର ନିର୍ଦ୍ଦେଶନା ଦେଇଛନ୍ତି।

## ଘଣ୍ଟାକରେ ୨୩ ଥର ଡେଇଁ ରେକର୍ଡ



**ଓସ୍‌ଲୋ:** ଦକ୍ଷିଣ ଆଫ୍ରିକାର ଜଣେ ୫୦ ବର୍ଷୀୟା ମହିଳା ବିରଳ ରେକର୍ଡର ଅଧିକାରିଣୀ ହୋଇଛନ୍ତି। ଲିଣ୍ଡା ପୋଟ୍‌ଗିଟେର୍ ଦେଶର ସର୍ବୋଚ୍ଚ ସେତୁ ବ୍ଲୋଉକ୍ରାନ୍ସ ବ୍ରିଜ୍ ୧ ଘଣ୍ଟାରେ ୨୩ ଥର ବିମ୍ପି ଜମ୍ପ କରିଥିବା ଗିନିଜ୍ ୱାର୍ଲ୍ଡ ରେକର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅର୍ଥାତ୍ ବ୍ଲୋଉକ୍ରାନ୍ସ ନଦୀ ଉପରେ ନିର୍ମିତ ଏହି ବ୍ରିଜ୍‌ରୁ ସେ ପ୍ରତି ୨ ମିନିଟ୍‌ରେ ୨୧୬ ମିଟର ତଳକୁ ଥରେ ଲେଖାଏଁ ଡେଇଁଛନ୍ତି।



୧୯ ବର୍ଷ ତଳେ ଭେରୋନିକା ଡିନ୍ ନାମକ ଆଉଜଣେ ଦକ୍ଷିଣ ଆଫ୍ରିକୀୟ ଏହି ସ୍ଥାନରୁ ଜମ୍ପ କରି ରେକର୍ଡ ସୃଷ୍ଟି କରିଥିଲେ।

## ୧,୪୦୦ ଶିଶୁଙ୍କୁ ୪୨ ଲିଟର ବ୍ରେଷ୍ଟ ମିଲ୍କ ଦାନ

**ଚେନ୍ନାଇ**

ତାମିଲନାଡୁସ୍ଥିତ କୋଏମ୍ବାଟୁରର ଜଣେ ମହିଳା ୭ ମାସ ମଧ୍ୟରେ ୪୨ଲିଟର ବ୍ରେଷ୍ଟ ମିଲ୍କ (ନିଜ କ୍ଷୀର) ଦାନ କରିଛନ୍ତି। ସେହି କ୍ଷୀରକୁ ରାଜ୍ୟ ସରକାରଙ୍କ ନିଓନାଟାଲ (ନବଜାତ) ଇନ୍‌ଟେନ୍ସ କେୟାର୍ ୟୁନିଟ୍ (ଏନ୍‌ଆଇସିୟୁ)ର ଶିଶୁମାନଙ୍କୁ ପିଇବାକୁ ଦିଆଯାଇଛି। ୨୯ ବର୍ଷୀୟା ଟି. ସିନ୍ଧୁ ମୋନିକା ଜଣେ ଗୃହିଣୀ। ୨୦୨୧ ଜୁଲାଇରେ ସେ ଏନ୍‌ଆଇସିୟୁକୁ କ୍ଷୀର ଦେବା ଆରମ୍ଭ କରିଥିଲେ। ୨୦୨୨ ଏପ୍ରିଲ ସୁଦ୍ଧା ସେ ଦେଇଥିବା ୪୨ ହଜାର ମିଲିଲିଟର କ୍ଷୀରକୁ ୧,୪୦୦ ଶିଶୁଙ୍କୁ ପାନ କରାଯାଇଛି। ସିନ୍ଧୁଙ୍କ ଏହି ଜୀବନ ରକ୍ଷକ ପଦକ୍ଷେପ ପାଇଁ ଏସିଆନ୍ ବୁକ୍ ଅଫ୍ ରେକର୍ଡ୍ସ ଏବଂ ଇଣ୍ଡିଆନ୍ ବୁକ୍ ଅଫ୍ ରେକର୍ଡ୍ସ ପକ୍ଷରୁ ତାଙ୍କୁ ପ୍ରମାଣପତ୍ର ସହ ସ୍ୱୀକୃତି ମିଳିଛି । ଇଞ୍ଜିନିୟରିଂରେ ସ୍ନାତକ ସିନ୍ଧୁ ନିଜ ଝିଅକୁ ଜନ୍ମ ଦେବାର ୧୦୦ ଦିନ ପରେ କ୍ଷୀର ଦାନ ଆରମ୍ଭ କରିଥିଲେ। କେବଳ ଏତିକି ନୁହେଁ ଅମିରଥାମ୍ ଏନ୍‌ଜିଓର ଅନ୍ୟ ମହିଳାମାନଙ୍କୁ ମଧ ସେ ଏଭଳି କରିବାକୁ ପ୍ରେରଣା ଯୋଗାଇ ଆସୁଛନ୍ତି। ସେମାନଙ୍କ ବ୍ରେଷ୍ଟ ମିଲ୍କକୁ ମିଲ୍କ ବ୍ୟାଙ୍କ୍‌ଗୁଡ଼ିକରେ ସୁରକ୍ଷିତ ଭାବେ ରଖାଯାଉଛି। ନୂଆ କରି ଜନ୍ମ ନେଇଥିବା ଶିଶୁଙ୍କ ପାଇଁ ଏହା ଅମୃତ ସାଜିଛି। ଭାରତରେ ମାତ୍ର ୭୦ ବ୍ରେଷ୍ଟ ମିଲ୍କ ବ୍ୟାଙ୍କ ରହିଛି ସେଥିମଧ୍ୟରୁ ୪୫ଟି ତାମିଲନାଡୁରେ ଅବସ୍ଥିତ। ସେଥିରୁ ୩୫ଟି ବ୍ୟାଙ୍କ ସରକାରୀ ମେଡିକାଲ କଲେଜରେ ଥିବାବେଳେ ଅବଶିଷ୍ଟ ୧୦ଟି ଛୋଟ ହସ୍ପିଟାଲରେ ଅଛି। ସିନ୍ଧୁଙ୍କ ଏହି ବଦାନ୍ୟତା ତାମିଲନାଡୁରେ ଆଲୋଚ୍ୟ ବିଷୟ ହୋଇଛି।




## ଶାନ୍ତି ବିକାଶ କ୍ଷେତ୍ରରେ ବିଜ୍ଞାନ

### ବିଶ୍ୱ ବିଜ୍ଞାନ ଦିବସ

**ଶା**ନ୍ତି ଏବଂ ବିକାଶ ପାଇଁ ବିଜ୍ଞାନର ଉପଯୋଗ କରାଯିବା ଜରୁରୀ। ଏ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ନଭେମ୍ବର ୧୦ରେ 'ବିଶ୍ୱ ବିଜ୍ଞାନ ଦିବସ' ପାଳନ କରାଯାଇଥାଏ। ଏହା ହେଉଛି ଏକ ଅନ୍ତର୍ଜାତୀୟ ଦିବସ, ଯାହା ସମାଜରେ ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଅବଗତ କରାଇଥାଏ। ମିଳିତ ଜାତିସଂଘର ଶିକ୍ଷା, ବୈଜ୍ଞାନିକ ଏବଂ ସାଂସ୍କୃତିକ ସଂଗଠନ (ୟୁନେସ୍କୋ) ଦ୍ୱାରା ବିଶ୍ୱ ବିଜ୍ଞାନ ଦିବସ ପାଳନ ପାଇଁ ୨୦୦୧ରେ ଘୋଷିତ ହୋଇଥିଲା। ୨୦୦୨ରେ ପ୍ରଥମଥର ପାଇଁ ଏହା ପାଳନ କରାଯାଇଥିଲା। ବିଜ୍ଞାନକୁ ସମାଜ ସହ ଅଧିକ ଘନିଷ୍ଠ କରି ବିଶ୍ୱ ବିଜ୍ଞାନ ଦିବସର ଲକ୍ଷ୍ୟ ହେଉଛି ନାଗରିକମାନଙ୍କୁ ବିଜ୍ଞାନର ବିକାଶ ବିଷୟରେ ଅବଗତ କରାଇବା। ଆମେ ଘର ବୋଲି କହୁଥିବା ଗ୍ରହ ବିଷୟରେ ଆମର ବୁଝାମଣାକୁ ବିସ୍ତାର କରିବାରେ ଏବଂ ଆମ ସମାଜକୁ ଅଧିକ ସ୍ଥାୟୀ କରିବାରେ ବୈଜ୍ଞାନିକମାନଙ୍କ ଭୂମିକାକୁ ଏହି ଦିବସ ସୂଚିତ କରିଥାଏ। ବିଶ୍ୱ ବିଜ୍ଞାନ ଦିବସରେ ବିଶ୍ୱସ୍ତରରେ ବିଭିନ୍ନ ସଚେତନମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଲୋକଙ୍କ ଦୈନନ୍ଦିନ ଜୀବନ ଉପରେ ବିଜ୍ଞାନର ପ୍ରତିଫଳନ ଏବଂ ଏହାର ଗଭୀର ସାମାଜିକ ପ୍ରଭାବ, ଏକ ନୈତିକ ପ୍ରକୃତି ସହିତ ବୈଜ୍ଞାନିକ ସାକ୍ଷରତାକୁ ପ୍ରଭାବଶାଳୀ ଗଣତାନ୍ତ୍ରିକ ପ୍ରକ୍ରିୟା ପାଇଁ ଏକ ପୂର୍ବ ସର୍ତ୍ତ ଭାବରେ ପରିଣତ କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ବିଜ୍ଞାନ ବିଷୟରେ ଅଧିକ ସଚେତନ ହେବା ପାଇଁ ଏହା କାର୍ଯ୍ୟ କରିଥାଏ।

# ଆଦାୟ ହୋଇପାରେ ୭ଶହ କୋଟି

ଯାଜପୁର ଅଫିସ/ଧର୍ମଶାଳା/ଚଢ଼େଇଧରା,୯ା୧୧ (ଡି.ଏନ.ଏ.)

- ରାହାଡ଼ପୁର ପାହାଡ଼ରେ ମାପଚୁପ ସରିଲା
- ୫ ବର୍ଷରେ ଅଧିକ ଦେଢ଼କୋଟି ଘନମିଟର ଉତ୍ତୋଳନ
- କଳାଟଙ୍କାରେ ଦବିଯାଉଛି କଳା ବେପାର

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ବହୁଚର୍ଚ୍ଚିତ ରାହାଡ଼ପୁର ପାହାଡ଼ରୁ ଅନୁମୋଦନଠାରୁ ଢେର ଗୁଣ ଅଧିକ କଳାପଥର ଲୁଟ ଅଭିଯୋଗ ଉପରେ ସାଟେଲାଇଟ ମାପଚୁପ ସମ୍ପନ୍ନ ହୋଇଛି। ବୁଧବାର ଯାଜପୁର ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, ତହସିଲଦାର ସ୍ୱାଗତ କୁମାର ଦାସଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ମାପଚୁପ ସଂସ୍ଥା ମାଇଁ ୱାର୍ଲଡ କନ୍ସଲଟେନ୍ସି ଡ୍ରୋନ କ୍ୟାମେରା ଲଗାଇ କଳାପଥର ଲୁଟ୍ ଉପରେ ଆକଳନ କରିଛି। ଆସନ୍ତା ୭ ଦିନ ମଧ୍ୟରେ ଆକଳନ ରିପୋର୍ଟ ମିଳିବା ପରେ ପ୍ରଶାସନ ପକ୍ଷରୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

୨୦୧୬-୧୭ରୁ ରାହାଡପୁର ଖାଦାନରୁ ଅନୁମୋଦନଠାରୁ ପ୍ରାୟ ୩୫୦ କୋଟି ଟଙ୍କାର କଳାପଥର ଅଧିକ ଉତ୍ତୋଳନ କରାଯାଇଥିବା ଅଭିଯୋଗ ହୋଇଛି । ତେବେ ଆଇନ ଅନୁସାରେ ଏହାର ଦୁଇ ଗୁଣ ପ୍ରାୟ ୭୦୦ କୋଟି ଟଙ୍କା ଜରିମାନା ଆଦାୟର ସମ୍ଭାବନା ରହିଛି। ତେବେ ଉକ୍ତ କଳା କାରବାରକୁ ଚପାଇ ଦେବାକୁ କେତେଜଣ ପ୍ରଶାସନିକ ଅଧିକାରୀ, ମାପଚୁପ ସଂସ୍ଥା ଏବଂ ଲିଜ୍‌ଧାରୀଙ୍କ ମଧ୍ୟରେ ପ୍ରାୟ ୨୦ କୋଟି ଟଙ୍କାର ଭିତିରି ବୁଝାମଣା ହୋଇଥିବା ଅଞ୍ଚଳବାସୀଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି। ପୂର୍ବରୁ କଳାପଥର ଲୁଟ ଅଭିଯୋଗରେ ସଂପୃକ୍ତ ଥିବା ୧୦ ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ଏବଂ ୬ ଉପଜିଲାପାଳଙ୍କ ନାମରେ ହୋଇଥିବା ମାମଲା ଯେପରି ଚାପି ଦିଆଗଲା, ଏହା ମଧ୍ୟ ଫାଇଲ ଭିତରେ ରହିଯିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଗତ ଅଗଷ୍ଟରେ ସାଟେ ଲାଇଟ୍ ତଦନ୍ତ କରି ୪ ଲିଜ୍‌ଧାରୀଙ୍କଠାରୁ ୧୦୫ କୋଟି ୮୭ ଲକ୍ଷ ଟଙ୍କା ଜରିମାନା ଆଦାୟ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତହସିଲଦାର ଡିମାଣ୍ଡ ନୋଟିସ ଜାରି କରିଥିଲେ। ଏଥିରେ ଲୁଣିବର ପଥର ଖାଦାନରୁ ଲିଜ୍‌ଧାରୀ ଚନ୍ଦ୍ରମଣି ପରିଡ଼ାଙ୍କଠାରୁ ୧ କୋଟି ୮୭ ଲକ୍ଷ ଓ ସାବିତ୍ରୀ ପରିଡ଼ାଙ୍କଠାରୁ ୧୬ କୋଟି ୫୭ ଲକ୍ଷ, ଡଙ୍କାରୀ ପଥର ଖାଦାନରୁ ରଞ୍ଜନ ଜେନାଙ୍କଠାରୁ ୨୩ କୋଟି ୩୨ ଲକ୍ଷ ଓ ଲୁଣିବର ଖାଦାନରୁ ଶରତ ରାଉତଙ୍କଠାରୁ ୬୩ କୋଟି ୩୭ ଲକ୍ଷ ଟଙ୍କା ଜରିମାନା ଆଦାୟ ନିର୍ଦ୍ଦେଶ ରହିଛି। ଆକଳନ ଅନୁଯାୟୀ ଯେତେ ପରିମାଣର କଳାପଥର ଅଧିକ ଲୁଟ୍ ହୋଇଛି ସେଥିରୁ ୨ ଗୁଣ ଜରିମାନା ଆଦାୟ କରାଯାଉଛି। ଏହି କ୍ରମରେ ୨୦୧୬-୧୭ରେ ରାହାଡ଼ପୁର ପାହାଡ଼ର ୨୫ ଏକର ଅଞ୍ଚଳରୁ ୫ ବର୍ଷ ପାଇଁ ୨ ଲକ୍ଷ ୩୫ ହଜାର ଘନମିଟର କଳାପଥର ଉତ୍ତୋଳନ କରିବାକୁ ପ୍ରହ୍ଲାଦ ଲେଙ୍କାଙ୍କୁ ଲିଜ୍ ଦିଆଯାଇଥିଲା। କିନ୍ତୁ ଗତ ୫ ବର୍ଷ ମଧ୍ୟରେ ପ୍ରାୟ ଦେଢ଼ କୋଟି ଘନମିଟର କଳାପଥର ଉତ୍ତୋଳନ ହୋଇଥିବା ଅଭିଯୋଗ ହୋଇଛି। ସରକାରୀ ହିସାବରେ ଘନମିଟର ପିଛା ୨୪୫ ଟଙ୍କା ଦରରେ ଏହା ୩୬୭ କୋଟି ଟଙ୍କା ହେଉଛି। ଅନ୍ୟପକ୍ଷେ ପୂର୍ବ ମାମଲାଗୁଡ଼ିକ ଭଳି ଯଦି ଭିତିରି ବୁଝାମଣା କରି ଆପୋସ ସମାଧାନ କରାଯାଏ ତେବେ ରାଜ୍ୟ ସରକାର ଉପରୋକ୍ତ ପରିମାଣର ରାଜସ୍ୱ ହରାଇବେ ବୋଲି ମତପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ପୂର୍ବରୁ ଧର୍ମଶାଳା ତହସିଲ ଅଧୀନ ବିଭିନ୍ନ ପାହାଡ଼ରୁ କଳାପଥର ଲୁଟରେ ସହଯୋଗ କରିଥିବା ୧୦ ରାଜସ୍ୱ ନିରୀକ୍ଷକ ଓ ଧର୍ମଶାଳା ତହସିଲଦାରଙ୍କ ସମେତ ୧୦ ଜଣ ତହସିଲଦାର ଓ ୬ ଜଣ ଯାଜପୁର ଉପଜିଲାପାଳଙ୍କ ନାମରେ ୨୩।୮।୨୦୧୬ରେ ଓଡିଶା ସିଭିଲ ସର୍ଭିସ ଧାରା-୧୫ ଅନୁଯାୟୀ ତଦନ୍ତ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀ ବିଜ୍ଞପ୍ତି ପ୍ରକାଶ କରିଥିଲେ । ଏଥିରେ ରାଜସ୍ୱ ନିରୀକ୍ଷକ ଭାବେ ଶଙ୍କର୍ଷଣ ଶତପଥୀ, ମହେଶ୍ୱର ପଣ୍ଡା, ଦାଶରଥି ରାଉତ, ପଦ୍ମନାଭ ପଣ୍ଡା, ଉତ୍ସବ ଚରଣ ଜେନା, ସୁଶାନ୍ତ କୁମାର ସ୍ୱାଇଁ, ସୁନୀଲ କୁମାର ନାୟକ, ବୀରକିଶୋର ମହାପାତ୍ର, ନୀଳଲୋହିତ ନାଥ ଓ ବସନ୍ତ ଦେହୁରୀଙ୍କ ନାମ ଉଲ୍ଲେଖ ଥିଲା। ସେହିପରି ତହସିଲଦାର ପଦବୀରେ ଥିବା ଶରତଚନ୍ଦ୍ର ପଣ୍ଡା, ନିରାକାର ସାମଲ, ବ୍ରଜକିଶୋର ପଟ୍ଟନାୟକ, ହରିଶ ଚନ୍ଦ୍ର ନାୟକ, ଅଜୟ କୁମାର ଦାସ, ଅଶୋକ କୁମାର ବେହୁରା, ଦିଲୀପ କୁମାର ବଳ, ରବୀନ୍ଦ୍ର କୁମାର ସାବତ, ଅରୁଣ କୁମାର ବେହେରା ଓ ରଞ୍ଜନ କୁମାର ଜେନା ରହିଥିଲେ । ଗତ ୨।୯।୨୦୧୬ରୁ ୩୧।୮।୨୦୧୮ ପର୍ଯ୍ୟନ୍ତ ରହିଥିବା ଧର୍ମଶାଳା ତହସିଲଦାର ପ୍ରଭାସ ବେହୁରା ଏଥିରେ ସଂପୃକ୍ତ ଥିବା ଅଭିଯୋଗ ହୋଇଥିଲା । ଅନ୍ୟପକ୍ଷେ ଯାଜପୁର ଉପଜିଲାପାଳ ଭାବେ ଗୌତମ ଚନ୍ଦ୍ର ନାୟକ, ଅମରେନ୍ଦ୍ର କୁମାର ରଥ, ସୁଶାନ୍ତ କୁମାର ମହାନ୍ତି, ବିନୋଦ ଚନ୍ଦ୍ର ମିଶ୍ର, ଧନଞ୍ଜୟ ସ୍ୱାଇଁ ଓ ମହେଶ୍ୱର ପାଣିଗ୍ରାହୀଙ୍କ ନାମ ରହିଥିଲା । ୩୦ ଦିନ ମଧ୍ୟରେ ନିଜର ପକ୍ଷ ରଖିବାକୁ ସେତେବେଳେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ୬ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ । ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ଦାସଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ କଲ ଗ୍ରହଣ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।


ଡ୍ରୋନ୍ କ୍ୟାମେରା ଦ୍ୱାରା ରାହାଡ଼ପୁର ପାହାଡ଼ ମାପଚୁପ ଚାଲିଛି।

## ବ୍ରାଉନସୁଗାର, ଟଙ୍କା ଜବତ: ଜଣେ ଗିରଫ

**କଳିଙ୍ଗନଗର,୯ା୧୧(ଡି.ଏନ.ଏ.):** ବ୍ୟାସନଗର ସହର ବ୍ରାଉନ ସୁଗାରର ପେଣ୍ଠସ୍ଥଳୀରେ ପରିଣତି ହୋଇଗଲାଣି। ସହରର ଗଳି କନ୍ଦିରେ ମାଦକ ଦ୍ରବ୍ୟ ଅତି ସହଜରେ ମିଳୁଛି। ହେଲେ ସ୍ଥାନୀୟ ପୋଲିସ କିମ୍ବା ଅବକାରୀ ବିଭାଗ ଏହାର ଟେର ପାଉ ନ ଥିବା ବେଳେ ଜିଲା ସ୍ପେଶାଲ ପୋଲିସ ପକ୍ଷରୁ କେତେବେଳେ କେମିତି ଚଢ଼ାଉ କରି ଧରାଯାଉଛି। ମଙ୍ଗଳବାର ରାତିରେ ଯାଜପୁର ରୋଡ ଥାନା ଅଧୀନ ପଦ୍ମପୁର ସାହିରେ ଜିଲା ପୋଲିସ ସ୍ପେଶାଲ ସ୍କ୍ୱାଡ୍ ଓ ଯାଜପୁର ରୋଡ ପୋଲିସ ଚଢ଼ାଉ କରି ୩ ଗ୍ରାମ ବ୍ରାଉନସୁଗାର ଓ ୪୪ ହଜାର ଟଙ୍କା ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଗ୍ରାମର ରାଜୁ ଦାସ। ସୂଚନା ମୁତାବକ, ପଦ୍ମପୁର ଅଞ୍ଚଳରେ କିଛି ଦୁର୍ବୃତ୍ତ ଆସି ବିଭିନ୍ନ ସମୟରେ ମାଦକ ଦ୍ରବ୍ୟ ବିକ୍ରି କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ଜିଲା ପୋଲିସ ସ୍ପେଶାଲ ସ୍କ୍ୱାଡ୍ ଓ ଯାଜପୁର ରୋଡ୍ ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଗାଁର ରାଜୁ ଏକ ଘରେ ବ୍ରାଉନସୁଗାର ବିକ୍ରି କରୁଥିବା ଜଣା ପଡ଼ିଥିଲା। ତେଣୁ ପୋଲିସ ଟିମ୍ ରାଜୁଙ୍କ ନିକଟରୁ ବ୍ରାଉନସୁଗାର ଓ ଟଙ୍କା ଜବତ କରିବା ସହ ତାଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ମାମଲା ନଂ.୫୬୬/୨୨ରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଯାଜପୁର ରୋଡ୍ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ବିଗୁଡୁଛି ଅନଶନକାରୀ ସ୍ୱାସ୍ଥ୍ୟାବସ୍ଥା

- ଶାରଳା ସମବାୟ ସୂତାକଳ ପୁନରୁଦ୍ଧାର ଦାବି
- ୩ ଦିନରେ କଂଗ୍ରେସ ପକ୍ଷରୁ ଆମରଣ ଅନଶନ
- ପ୍ରଶାସନିକ ଅଧିକାରୀଙ୍କ ଆଲୋଚନା


ଆମରଣ ଅନଶନରେ ବସିଥିବା କଂଗ୍ରେସ ନେତା ଓ କର୍ମୀ ।

ତିର୍ତ୍ତୋଲ, ୯ା୧୧ (ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ନାଉସିରାସ୍ଥିତ ଶାରଳା ସୂତାକଳ ପୁନଃରୁଦ୍ଧାର ଦାବିରେ ୭ ତାରିଖରୁ କଂଗ୍ରେସ ପକ୍ଷରୁ ଆମରଣ ଅନଶନ ଆରମ୍ଭ ହୋଇଛି। ସୂତାକଳ ସମ୍ମୁଖରେ ଚାଲିଥିବା ଅନଶନର ୩ୟ ଦିନରେ ବୁଧବାର ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଅନଶନକାରୀଙ୍କ ସହ ଆଲୋଚନା କରିଛନ୍ତି। କଂଗ୍ରେସ ନେତା ହିମାଂଶୁ ଭୂଷଣ ମଲ୍ଲିକ ଓ ସାମାଜିକ କର୍ମୀ ଜ୍ୟୋତି ରଞ୍ଜନ ମଲ୍ଲିକ ଆମରଣ ଅନଶନରେ ବସିଥିବା ବେଳେ କର୍ମୀମାନେ ସେମାନଙ୍କୁ ସମର୍ଥନ ଜଣାଇଛନ୍ତି। ଦିନକୁ ଦିନ ଅନଶନକାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରେ ଲାଗିଛି।

ଦୀର୍ଘ ୩ଦିନ ପରେ ପ୍ରଶାସନର ନିଦ ଭାଙ୍ଗିଛି। ତିର୍ତ୍ତୋଲ ତହସିଲଦାର ଅମୂଲ୍ୟ କୁମାର ସାହୁ ଅନଶନସ୍ଥଳରେ ପହଞ୍ଚି ଅନଶନକାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏଥିସହ ଅନଶନ ଭଙ୍ଗ କରିବାକୁ କହିଥିଲେ। କିନ୍ତୁ ହିମାଂଶୁ ମଲ୍ଲିକ ଦାବି ପୂରଣ ନ ହେବା ଯାଏ ଅନଶନ ଭଙ୍ଗ କରିବି ନାହିଁ ବୋଲି ତହସିଲଦାରଙ୍କୁ କହିଥିଲେ। ପରେ ତହସିଲଦାର ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହି ଚାଲି ଯାଇଥିଲେ। ଅପରାହ୍ନରେ ଜଗତ୍‌ସିଂହପୁର ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ ଓ ତିର୍ତ୍ତୋଲ ତହସିଲଦାର ଅନଶନସ୍ଥଳୀରେ ପହଞ୍ଚି ଅନଶନକାରୀଙ୍କୁ ଅନଶନ ଭଙ୍ଗ କରି ଧାରଣା କି ପ୍ରତିବାଦ ଦେବା ପାଇଁ ପରାମର୍ଶ ଦେଇଥିଲେ।ହେଲେ ହିମାଂସୁ କହିଥିଲେ, ସୂତାକଳର ଷ୍ଟେଟ ବ୍ୟାଙ୍କରେ ଥିବା ଋଣ ପରିଶୋଧ, ଶିଳ୍ପ ସାଂସ୍ଥଟିର ପୁନଃରୁଦ୍ଧାର ଓ ପୂର୍ବ କର୍ମଚାରୀମାନଙ୍କୁ ଉଚିତ ପେନସନ ଆଦି ଦାବି ସରକାର ପୂରଣ କରିବାକୁ ବିଧିବଦ୍ଧ ଭାବେ ଘୋଷଣା ନ କରିବା ଯାଏ ସେ ଅନଶନ ଭଙ୍ଗ କରିବେ ନାହିଁ ବୋଲି କହିଥିଲେ। ପୂର୍ବରୁ ଦୀର୍ଘ ୬ ମାସ ଧରି ଆମେ ବହୁ ଆନ୍ଦୋଳନ କରିଥିଲେ ମଧ୍ୟ ସରକାର କିଛି ପଦକ୍ଷେପ ନ ନେବାରୁ ଆମରଣ ଅନଶନ କରିବାକୁ ନିଷ୍ପତ୍ତି ନେଇଛୁ। ଉପଜିଲାପାଳ ସେପରି କିଛି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇ ନ ପାରି ଜିଲାପାଳଙ୍କ ସହ ଏହି ବିଷୟରେ ଆଲୋଚନା କରିବେ ଓ ଅନଶନକାରୀଙ୍କ ଦାବି ଜଣାଇବେ କହି ଫେରି ଯାଇଛନ୍ତି। ଅନଶନରେ ବ୍ଲକ କଂଗ୍ରେସ ସଭାପତି ନିହାର ରଞ୍ଜନ ନାୟକ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ତଥା ଜିଲା କଂଗ୍ରେସ ସମ୍ପାଦକ ଅକ୍ଷୟ ଦାସ, ଗୋପାଳପୁର ସରପଞ୍ଚ ରଶ୍ମୀରଞ୍ଜନ ଦାଶ, କଟରା ସରପଞ୍ଚ ସଂହିତା ବଳ, ଗରାମ ସରପଞ୍ଚ ପ୍ରଦ୍ୟୁମ୍ନ ଚୟନି, ତିର୍ତ୍ତୋଲ ନିବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ବେଦଦ୍ୟୁତି ପୃଷ୍ଟି, ବ୍ଲକ କଂଗ୍ରେସ କାର୍ଯ୍ୟକରୀ ସଦସ୍ୟ ସୁଭାଶିଷ ସ୍ୱାଇଁ, ଶ୍ରୀପତି ଲେଙ୍କା, ପ୍ରସାଦ କୁମାର ସ୍ୱାଇଁ, ସ୍ମୃତି ରଞ୍ଜନ ସ୍ୱାଇଁ, ବିଷ୍ଣୁ ଚରଣ ଦାସ, ବିଶ୍ୱଜିତ ବାରିକ, ଧନେଶ୍ୱର ଓଝା, ଧୀରେନ୍ଦ୍ର ବିଶ୍ୱାଳ, କାଳନ୍ଦୀ ପରିଡା ଓ ସୂତାକଳ ର ଅନେକ ପୂର୍ବତନ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିଲ। ସକାଳ ଓ ସନ୍ଧ୍ୟାରେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତରୀ ଟିମ୍ ଆସି ଅନଶନକାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ନିରୀକ୍ଷଣ କରିଥିଲେ।

# ଲୋକ ଆସୁ ନାହାନ୍ତି, ବେପାର ମାନ୍ଦା

## କଳିଙ୍ଗ ବାଲିଯାତ୍ରାର ତୃତୀୟ ସନ୍ଧ୍ୟା

ପାରାଦୀପ,୯ା୧୧(ସ୍ୱ.ପ୍ର.)

ପାରାଦୀପର ସମୁଦ୍ର ବେଳାଭୂମିରେ ଚାଲିଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବ ବୁଧବାର ୩ ଦିନରେ ପହଞ୍ଚିଛି। ସନ୍ଧ୍ୟାରେ ଲୋକଙ୍କ ଗହଳି ଟିକିଏ ଅଧିକ ହୋଇଥିଲେ ହେଁ ବ୍ୟବସାୟୀମାନେ କିନ୍ତୁ ଖୁସି ନାହାନ୍ତି। କାରଣ ଯେଉଁଭଳି ବେପାର ହେବ ବୋଲି ଆଶା କରୁଥିଲେ ସେପରି ହେଉନାହିଁ ବୋଲି ଅନେକ କହୁଛନ୍ତି। ଏପରି ହେବା ପଛରେ କରୋନା ପରେ ଅର୍ଥ ସଙ୍କଟକୁ ଦାୟୀ କରାଯାଇଛି। ଅନେକ ଲୋକଙ୍କ ରୋଜଗାର ହ୍ରାସ ପାଇଛି। ଏଥିସହ ପୂର୍ବବର୍ଷ ତୁଳନାରେ ଅଧିକ ଷ୍ଟଲ ଖୋଲିଛି। ଚଳିତବର୍ଷ ବାଲିଯାତ୍ରାରେ ୬୦୦ରୁ ଅଧିକ ଷ୍ଟଲ ହୋଇଛି ବୋଲି ଜିଲାପାଳ ପାରୁଲ ପଟାୱାରୀ ଉଦ୍‌ଘାଟନୀ ସଭାରେ ଘୋଷଣା କରିଥିଲେ। କିନ୍ତୁ ବାସ୍ତବରେ ହଜାରରୁ ଅଧିକ ଷ୍ଟଲ ଖୋଲିଛି। ସେଥିମଧ୍ୟରେ ବତିଘର ରାସ୍ତାର ଉଭୟ ପାର୍ଶ୍ୱରେ ୮୫, ବେଳାଭୂମି ରାସ୍ତାରେ ୬୨, ଶୌଚାଳୟ ପାଖରୁ କୂଳ ପର୍ଯ୍ୟନ୍ତ ୨୬୫, କାଠପୋଲ ପାଖ ୧୭୦, ହସ୍ତଶିଳ୍ପର ୨୨, ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ଶିଳ୍ପର ୧୦, ନୂଆବଜାର କ୍ଲବ ପିଲାଙ୍କ ଦ୍ୱାରା ୪୦, ମୀନାବଜାର ଅଞ୍ଚଳରେ ୬୦, ପଲ୍ଲିଶ୍ରୀ ମେଳା ୧୬୦, ରୁଚି କମ୍ପାନୀର ୫୨, ଖାଇବା ଷ୍ଟଲ ୭୫ ଏବଂ ବାଲିଯାତ୍ରା କମିଟିର ୩୦୫ଷ୍ଟଲ ବୋଲି ଜଣାପଡିଛି। ଏହାବାଦ ୩୦୦ ଅଧିକ ବେପାରୀ ବାଲି ଉପରେ ବିଭିନ୍ନ ସାମଗ୍ରୀ ପକାଇଛନ୍ତି। ଏଥିରୁ ଅଧିକାଂଶ ଷ୍ଟଲ ୩ ଦିନ ପରେ ମଧ୍ୟ ଖାଲି ରହିଛି।

କେତେକ କ୍ଲବ ପିଲା ଅଲଗା ଭାବେ ଷ୍ଟଲ ନିର୍ମାଣ କରି ଦୋକାନୀକୁ ଭଡା ଦେଇଛନ୍ତି। ପୂର୍ବବର୍ଷ ବାଲିଯାତ୍ରାରେ ହସ୍ତଶିଳ୍ପ ଓ ଶିଳ୍ପକେନ୍ଦ୍ର ଷ୍ଟଲଗୁଡିକ ପଲ୍ଲିଶ୍ରୀ ମେଳା ଭଳି ଗୋଟିଏ ଆବଦ୍ଧ ଅଞ୍ଚଳରେ ହେଉଥିଲା। ଏଥର ସେହି ସ୍ଥାନରେ ଏକ କମ୍ପାନୀ ଷ୍ଟଲ କରି ଥିବାରୁ ଦୁଇ ବିଭାଗର ଷ୍ଟଲ ବିଜୁ ମୀନାର ପାଖରେ ଖୋଲାରେ କରାଯାଇଛି। ମଞ୍ଚରେ ସ୍ଥାନୀୟ କଳାକାର ଗ୍ରୁପକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ରାତି ୯ରୁ ସାଢେ ୧୧ଟା ପର୍ଯ୍ୟନ୍ତ ମେଲୋଡି ହୋଇଥିଲା।


ବାଲିଯାତ୍ରାରେ ପଡିଥିବା ଷ୍ଟଲକୁ ଲୋକମାନେ ଯାଉଛନ୍ତି।


ଆୟୋଜିତ ସଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦୀପ୍ତିମୟୀ


@ ରାଜିମୟୀ


@ ଶ୍ୱେତପଦ୍ମା


@ ସ୍ୱରୂପ


@ ସୁବାସ


@ ଦୀପକ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୨୧ କିଲୋ ଗଞ୍ଜେଇ ଜବତ, ୨ କଲେଜ ଛାତ୍ର ଗିରଫ

**ଚଣ୍ଡିଖୋଲ,୯ା୧୧(ଡି.ଏନ.ଏ.):** ଦିନକୁ ଦିନ ଅନେକ କଲେଜ ଛାତ୍ର ବିଶୃଙ୍ଖଳିତ ହେବା ସହ ଅବାଟରେ ପାଦ ଥାପୁଛନ୍ତି। ସେମାନେ ଲକ୍ଷ୍ୟଚ୍ୟୁତ ହୋଇ ବିପଥଗାମୀ ହେଉଛନ୍ତି, ଯାହା ଦେଖିବାକୁ ମିଳିଛି ଯାଜପୁର ଜିଲାର ବଡ଼ଚଣା ଥାନା ଅଞ୍ଚଳରେ। ସୋମବାର ରାତିରେ ବଡ଼ଚଣା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ସନ୍ଦେହଜନକ ଭାବେ ବଡ଼ଚଣା-ଦର୍ପଣ ପୂର୍ତ୍ତ ବିଭାଗ ରାସ୍ତାରେ ଏକ ଅଟୋ ଯାଉଥିବା ଦେଖି ତାହାକୁ ଅଟକାଇଥିଲା। ପୋଲିସକୁ ଦେଖି ଅଟୋ ଡ୍ରାଇଭର ଗାଡ଼ି ଛାଡି ପଳାଇଥିଲେ। ପୋଲିସ ଅଟୋକୁ ଖାନତଲାସ କରିବା ପରେ ସେଥିରେ ୨୧ କିଲୋ ଗଞ୍ଜେଇ ଭର୍ତ୍ତି ବସ୍ତା ମିଳିଥିଲା। ଏଥିସହିତ ଗଞ୍ଜେଇ ଚାଲାଣ କରୁଥିବା ୨ କଲେଜ ଛାତ୍ରଙ୍କୁ ଧରିଥିଲା। ସେମାନେ ହେଲେ ବଡ଼ଚଣା ଥାନା ଅନ୍ତର୍ଗତ ବାତୋ ଗ୍ରାମର କମଳାକାନ୍ତ ରାଉତ ଓ ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଅଢ଼ସାହି ଗ୍ରାମର ଦେବାଶିଷ ଜେନା। ଉଭୟେ ଏକ କଲେଜର ଯୁକ୍ତ ୩ ଛାତ୍ର ବୋଲି ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, ଛାତ୍ର ଦ୍ୱୟ ଘରୁ ନେଉଥିବା ପଇସା ଖର୍ଚ୍ଚ କରିବାକୁ ନିଅଣ୍ଟ ହେବାରୁ ଏଭଳି ନିଶାଦ୍ରବ୍ୟ କାରବାର କରିବାକୁ ମନ ବଳାଇଥିଲେ। ସେମାନେ କୋରାପୁଟରୁ ବସରେ ଗଞ୍ଜେଇ ଧରି ଆସି କଟକ ବାଦାମବାଡ଼ିରେ ଓହ୍ଲାଇଥିଲେ। ସେଠାରୁ ଏକ ଅଟୋ (ଓଆର-୦୨-ବିଇ-୪୩୪୧)ରେ ଗଞ୍ଜେଇ ବସ୍ତା ଧରି ଆସି ଚଣ୍ଡିଖୋଲ ଦେଇ ଦର୍ପଣୀ ଆଡ଼କୁ ଯାଉଥିଲେ। ତାଙ୍କ ଗତି ବିଧିରେ ସନ୍ଦେହ ହେବାରୁ ପୋଲିସ ଅଟୋକୁ ଅଟକାଇ ଯାଞ୍ଚ କରିଥିଲା। ପରେ ପୋଲିସ ମାମଲା ନଂ.୩୩୦/୨୨ରେ ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ଟି୨୦ ବିଶ୍ୱକପ୍: ଫାଇନାଲରେ ପାକିସ୍ତାନ

**ସିଡ୍‌ନୀ, ୯।୧୧**

ଶାହିନ ଶାହା ଆଫ୍ରିଦୀଙ୍କ ଆକର୍ଷଣୀୟ ବୋଲିଂ ପରେ ଅଧିନାୟକ ବାବର ଆଜମ ଓ ମହମ୍ମଦ ରିଜୱାନଙ୍କ ଅର୍ଦ୍ଧଶତକ ବଳରେ ପାକିସ୍ତାନ ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ସେମିଫାଇନାଲରେ ଏହି ଦଳ ନ୍ୟୁଜିଲାଣ୍ଡକୁ ୭ ଉଇକେଟରେ ପରାସ୍ତ କରିଛି। ଫଳରେ ୨୦୦୯ ପରେ ଦ୍ୱିତୀୟ ଥର ପାଇଁ ପାକିସ୍ତାନ ଟୁର୍ନାମେଣ୍ଟର ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛି। କ୍ରିକେଟ ଯେ ଏକ ଅନିଶ୍ଚିତତାର ଖେଳ ତାହା ଏହି ମ୍ୟାଚରୁ ପ୍ରମାଣିତ ହୋଇଥିଲା। ଗ୍ରୁପ୍ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ କରିଥିବା ନ୍ୟୁଜିଲାଣ୍ଡ ସେମିଫାଇନାଲ ପରି ଏକ ବଡ଼ ମ୍ୟାଚରେ ନୈରାଶ୍ୟଜନକ ପ୍ରଦର୍ଶନ କରି ୨୦ ଓଭରରେ ୪ ଉଇକେଟ ହରାଇ ୧୫୨ ରନ କରିଥିଲା। ଅନ୍ୟପକ୍ଷରେ ଗ୍ରୁପ୍ ମ୍ୟାଚ୍‌ରେ ନେଦରଲାଣ୍ଡ୍ସଠାରୁ ଦକ୍ଷିଣ ଆଫ୍ରିକା ପରାସ୍ତ ହେବା ଯୋଗୁ ଭାଗ୍ୟ ବଳରେ ସେମିଫାଇନାଲରେ ପ୍ରବେଶ କରିଥିବା ପାକିସ୍ତାନ ୧୯.୧ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଫର୍ମକୁ ଫେରିଥିବା ରିଜୱାନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଗୁରୁବାର ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ହେବ। ଏହାର ବିଜେତାକୁ ପାକିସ୍ତାନ ଫାଇନାଲରେ ଭେଟିବ।



ମ୍ୟାଚ ଜିତିବାପରେ ଉଲ୍ଲସିତ ପାକିସ୍ତାନ ଖେଳାଳି।

## ନ୍ୟୁଜିଲାଣ୍ଡ ଆଶା ଅଧୁରା

ଟୁର୍ନାମେଣ୍ଟ ଇତିହାସରେ ନ୍ୟୁଜିଲାଣ୍ଡ କେବେହେଲେ ଟି୨୦ ବିଶ୍ୱକପ୍ ଟ୍ରଫି ଜିତିପାରି ନାହିଁ। ଏଥର ଗ୍ରୁପ୍ ପର୍ଯ୍ୟାୟରେ ଦମ୍‌ଦାର ପ୍ରଦର୍ଶନ କରିଥିବାରୁ ଦଳର ଆଶା ବଢ଼ିଥିଲା। ମାତ୍ର ସେମିଫାଇନାଲରେ ମାନ୍ଦା ଖେଳ ଯୋଗୁ ଦଳର ଆଶା ପୁଣି ଅଧୁରା ରହିଗଲା। ଗତ ସଂସ୍କରଣର ଫାଇନାଲରେ ପ୍ରବେଶ କରିଥିବା ନ୍ୟୁଜିଲାଣ୍ଡ ଏହା ପୂର୍ବରୁ ୨୦୦୭ ଓ ୨୦୧୬ରେ ମଧ୍ୟ ସେମିଫାଇନାଲରୁ ବିଦାୟ ନେଇଥିଲା। ଏଥର ମଧ୍ୟ ଦଳର ଅଭିଯାନ ସେମିଫାଇନାଲରୁ ଶେଷ ହୋଇଛି। ମାତ୍ର ୪ ରନରେ ଫିନ୍ ଆଲେନ (୪)ଙ୍କ ଉଇକେଟ ହରାଇ ନ୍ୟୁଜିଲାଣ୍ଡ ଯେଉଁ ଝଟକା ଖାଇଥିଲା ଇନିଂସ ଶେଷ ପର୍ଯ୍ୟନ୍ତ ସେଥିରୁ ମୁକୁଳି ପାରି ନ ଥିଲା। ଶେଷଭାଗରେ ଡାରେଲ ମିଚେଲଙ୍କ ଦ୍ରୁତ ୫୩ (୩୫ ବଲ, ୩ ଚୌକା, ୧ ଛକା) ରନ ଯୋଗୁ ଦଳ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚି ପାରିଥିଲେ। ଅଧିନାୟକ କେନ୍ ୱିଲିୟମସନ ୪୬ ରନ ପାଇଁ ୪୨ ବଲ୍ ଓ ଡେଭନ କନ୍‌ୱେ ୨୧ ରନ ଲାଗି ୨୦ଟି ବଲ୍ ଖେଳି ଦଳକୁ ବ୍ୟାକ୍‌ଫୁଟ୍‌ରେ ରଖିଥିଲେ। ଫର୍ମରେ ଥିବା ଗ୍ଲେନ ଫିଲିପ୍ସ ମାତ୍ର ୬ ରନକରି ଆଉଟ ହେବା ଦଳ ପାଇଁ ମହଙ୍ଗା ପଡ଼ିଥିଲା। ଦଳ ପାକିସ୍ତାନ ଆଗରେ ଏକ ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିପାରି ନ ଥିଲା। ପାକିସ୍ତାନର ଶାହିନ ଆଫ୍ରିଦୀ ୨ଟି ଓ ମହମ୍ମଦ ନୱାଜ ଗୋଟିଏ ଉଇକେଟ ନେଇଥିଲେ।

## ଶତକୀୟ ଭାଗୀଦାରିରୁ ସହଜ ବିଜୟ

ବଡ଼ ମ୍ୟାଚରେ ଦଳର ଆବଶ୍ୟକ ସମୟରେ ଦମ୍ ଦେଖାଇଲେ ଅଧିନାୟକ ବାବର ଆଜମ ଓ ତାଙ୍କ ଓପନିଂ ପାର୍ଟନର ମହମ୍ମଦ ରିଜୱାନ। ଦୁହେଁ ଓପନିଂ ଯୋଡ଼ିରେ ୭୬ ବଲ୍‌ରୁ ୧୦୫ ରନ ସଂଗ୍ରହ କରି ଦଳର ବିଜୟକୁ ସହଜ କରି ଦେଇଥିଲେ। ବାବର ୫୩ (୪୨ ବଲ, ୭ ଚୌକା) ଓ ରିଜୱାନ ୫୭ (୪୩ ବଲ, ୫ ଚୌକା) ରନକରି ନ୍ୟୁଜିଲାଣ୍ଡ ବୋଲରଙ୍କୁ ନିରାଶ କରିଥିଲେ। ମହମ୍ମଦ ହାରିସ ୨ ଚୌକା ଓ ୧ ଛକା ସହ ୩୦ ରନକରି ଦଳକୁ ବିଜୟ ଦ୍ୱାରରେ ପହଞ୍ଚାଇ ଦେଇଥିଲେ। ବଡ଼ ସ୍କୋର ଚେଜ୍ କରିବାକୁ ନ ଥିବାରୁ ପାକ୍ ବ୍ୟାଟରଙ୍କ ଆଗରେ ନ୍ୟୁଜିଲାଣ୍ଡ ବୋଲରମାନେ ଅସହାୟ ମନେ ହୋଇଥିଲେ। କେବଳ ଟ୍ରେଣ୍ଟ ବୋଲ୍ଟଙ୍କୁ ୨ଟି ଏବଂ ମିଚେଲ ସାଣ୍ଟନରଙ୍କୁ ଗୋଟିଏ ଉଇକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୫୨/୪ (ଡାରେଲ ମିଚେଲ-୫୩*, କେନ୍ ୱିଲିୟମସନ-୪୬, ଶାହିନ ଆଫ୍ରିଦୀ-୨/୨୪, ମହମ୍ମଦ ନୱାଜ-୧/୧୨)। ପାକିସ୍ତାନ ୧୯.୧ ଓଭରରେ ୧୫୩/୩ (ମହମ୍ମଦ ରିଜୱାନ-୫୭, ବାବର ଆଜମ-୫୩, ମହମ୍ମଦ ହାରିସ-୩୦, ଟ୍ରେଣ୍ଟ ବୋଲ୍ଟ-୨/୩୩, ମିଚେଲ ସାଣ୍ଟନର-୧/୨୬)।


ପାକିସ୍ତାନଠାରୁ ନ୍ୟୁଜିଲାଣ୍ଡର ପରାଜୟ ପରେ ମର୍ମାହତ ଟିମ୍ ସୌଦୀ।

# ନ୍ୟୁଜିଲାଣ୍ଡ ବିପକ୍ଷରେ ପାକିସ୍ତାନର ୧୮ତମ ବିଜୟ

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ସେମିଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇ ଦେଇଛି ପାକିସ୍ତାନ। ଟି୨୦ ଫର୍ମାଟରେ ନ୍ୟୁଜିଲାଣ୍ଡ ବିପକ୍ଷରେ ପାକିସ୍ତାନର ଏହା ଥିଲା ୧୮ତମ ବିଜୟ, ଯାହାକି ଅନ୍ୟ କୌଣସି ଦଳଠାରୁ ସର୍ବାଧିକ। ୱେଷ୍ଟଇଣ୍ଡିଜ ଓ ଶ୍ରୀଲଙ୍କା ବିପକ୍ଷରେ ଭାରତ ୧୭ ଥର ଲେଖାଏ ବିଜୟୀ ହୋଇଛି। ସେହିପରି ପାକିସ୍ତାନ ବିପକ୍ଷରେ ଇଂଲଣ୍ଡ ମଧ୍ୟ ୧୭ ଥର ବିଜୟୀ ହୋଇଛି। ମାତ୍ର ବୁଧବାର ମ୍ୟାଚ ପରେ ପାକିସ୍ତାନ ଗୋଟିଏ ପାଦ ଆଗକୁ ବଢ଼ିଛି। ପାକିସ୍ତାନ ୨୦୦୭ ଟୁର୍ନାମେଣ୍ଟର ପ୍ରଥମ ସଂସ୍କରଣରେ ରନରଅପ୍ ହୋଇଥିବାବେଳେ ୨୦୦୯ରେ ଚାମ୍ପିୟନ ହୋଇଥିଲା। ଏହାପରେ ୨୦୧୦, ୨୦୧୨ ଓ ୨୦୨୧ରେ ସେମିଫାଇନାଲରୁ ବିଦାୟ ନେଇଥିଲା। ଏଥର କିନ୍ତୁ ଦଳ ପାଇଁ ଦ୍ୱିତୀୟ ଥର ଲାଗି ଟ୍ରଫି ଜିତିବାର ସୁଯୋଗ ଆସିଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ୨୦୦୭ ଓ ୨୦୧୬ ପରି ଏଥର ମଧ୍ୟ ସେମିଫାଇନାଲରୁ ଅଭିଯାନ ଶେଷ କରିଛି। କେବଳ ୨୦୨୧ରେ ଦଳ ଫାଇନାଲ ଖେଳିଥିଲା। ତେବେ ଏଥିରେ ଅଷ୍ଟ୍ରେଲିଆଠାରୁ ହାରି ରନରଅପ୍ ହୋଇଥିଲା।

# ଶ୍ୱାସରୁଦ୍ଧ ଉଦ୍ୟମ କରିଥିଲେ ଗୁଣତିଲକା

**ସିଡ୍‌ନୀ,୯।୧୧(ପି.ଟି):** ଯୌନ ନିର୍ଯାତନା ମାମଲାରେ ଗିରଫ ହୋଇଥିବା ଶ୍ରୀଲଙ୍କା କ୍ରିକେଟର ଦନୁଷ୍କା ଗୁଣତିଲକାଙ୍କ ଅଡୁଆ ବଢ଼ିବାରେ ଲାଗିଛି। ଯୌନ ନିର୍ଯାତନା ମାମଲାରେ ଗିରଫ ହୋଇଥିବା ୩୧ ବର୍ଷୀୟ ଶ୍ରୀଲଙ୍କା କ୍ରିକେଟର ଉକ୍ତ ମହିଳାଙ୍କ ଶ୍ୱାସରୁଦ୍ଧ କରିବାକୁ ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଛି। ଅନ୍‌ଲାଇନ ଡେଟିଂ ଆପ୍‌ରେ ପରିଚୟ ପରେ ଉଭୟ ଡେଟ୍‌ରେ ଯାଇଥିଲେ। ରୋଜ ବେରେ ମହିଳାଙ୍କ ଘରେ ହିଁ ଗୁଣତିଲକା ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ବଳାତ୍କାର ଉଦ୍ୟମ ସମୟରେ ସେ ମହିଳାଙ୍କ ଶ୍ୱାସରୁଦ୍ଧ କରିବାକୁ ପ୍ରୟାସ କରିଥିବା ନେଇ ଅଭିଯୋଗ କରାଯାଇଛି। ବଳାତ୍କାର ଉଦ୍ୟମ ସମୟରେ ଗୁଣତିଲକା ୩ ଥର ତଣ୍ଟି ଚିପି ଶ୍ୱାସରୁଦ୍ଧ ଉଦ୍ୟମ କରିଥିଲେ ବୋଲି ମହିଳା ଜଣଙ୍କ ନିଜ ଅଭିଯୋଗରେ ଲେଖିଥିଲେ। ନିଜକୁ ମୁକ୍ତ କରିବା ପାଇଁ ପ୍ରୟାସ କରିଥିଲେ ମଧ୍ୟ ଏହା ସମ୍ଭବ ହୋଇ ନ ଥିଲା। ଅନ୍ୟପକ୍ଷରେ ଗୁଣତିଲକା ଜବରଦସ୍ତି ତାଙ୍କ ଇଚ୍ଛା ବିରୋଧରେ ସମ୍ପର୍କ ସ୍ଥାପନ ପାଇଁ ପ୍ରୟାସ କରିଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ କରାଯାଇଛି। ସୋମବାର ବେଲ୍ ନାମଞ୍ଜୁର ହୋଇଥିବା ବେଳେ ସେ ୧୪ ବର୍ଷ ଯାଏ ଜେଲ ଦଣ୍ଡାଦେଶ ଭୋଗିପାରନ୍ତି। ସୁପର-୧୨ ପର୍ଯ୍ୟାୟରୁ ଶ୍ରୀଲଙ୍କା ଦଳରୁ ବାଦ୍ ପଡିବା ପରେ ହୋଟେଲ ରୁମ୍‌ରୁ ହିଁ ତାଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାକୁ ନେଇ ସୋମବାର ଶ୍ରୀଲଙ୍କା କ୍ରିକେଟ ବୋର୍ଡ ପକ୍ଷରୁ ତାଙ୍କୁ ନିଲମ୍ବିତ କରାଯାଇଥିଲା। ଶ୍ରୀଲଙ୍କା ପକ୍ଷରୁ ସେ ୮ ଟେଷ୍ଟ, ୪୭ ଦିନିକିଆ ଓ ୪୬ ଟେଷ୍ଟ ମ୍ୟାଚ ଖେଳିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୧୨ ତାରିଖରେ ହେବ। ଉଲ୍ଲେଖଯୋଗ୍ୟ ଯେ, ଏହା ପୂର୍ବରୁ ୨୦୨୧ରେ ବାୟୋ ବବଲ ଉଲ୍ଲଂଘନ ପାଇଁ ତାଙ୍କୁ ବର୍ଷେ ବାସନ୍ଦ କରାଯାଇଥିଲା। ୨୦୧୮ରେ ଟିମ୍ କର୍ଫ୍ୟୁ ନ ମାନିବା କାରଣରୁ ୬ ମାସ ପାଇଁ ବାସନ୍ଦ ହୋଇଥିବା ବେଳେ ଟ୍ରେନିଂ ସେସନ୍ ମିସ୍ କରିବା କାରଣରୁ ସୀମିତ ଓଭର ଖେଳରୁ ୬ ମାସ ପାଇଁ ବାସନ୍ଦ କରାଯାଇଥିଲା।

CLASSIFIED DISPLAY
ALL EDITION - BW (Everyday)
MORE SPACE ' SAME PRICE
for Booking Contact 0674-2580385, 8637280816, 7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 6371569368

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଏଫ୍‌ଆଇଏଚ୍ ମହିଳା ନେସନ୍ସ କପ୍ ପାଇଁ ମନୋନୀତ ଭାରତୀୟ ହକି ଦଳ।

# ଓଡ଼ିଶାର ଦୀପ୍‌ଗ୍ରେସ୍ ଉପ ଅଧିନାୟିକା

**ନୂଆଦିଲ୍ଲୀ, ୯।୧୧**

ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପକ୍ଷରୁ ପ୍ରଥମଥର ପାଇଁ ମହିଳା ନେସନ୍ସ କପ୍ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଛି। ସ୍ପେନ୍‌ର ଭାଲେନ୍ସିଆଠାରେ ଏହା ଡିସେମ୍ବର ୧୧ରୁ ୧୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଅନ୍ତର୍ଜାତୀୟ କ୍ୟାଲେଣ୍ଡରରେ ଏହା ଗୁରୁତ୍ୱପୂର୍ଣ୍ଣ ଫିକ୍ସଚର। କାରଣ ଏଥିରେ ପ୍ରମୋଶନ ଏବଂ ରେଲିଗେଶନ ସିଷ୍ଟମ ରହିବ। ପ୍ରତିଯୋଗିତାର ଚାମ୍ପିୟନ ଦଳ ଏଫ୍‌ଆଇଏଚ୍ ହକି ମହିଳା ପ୍ରୋ-ଲିଗ୍‌ର ୨୦୨୩-୨୪ ସିଜନ ପାଇଁ ଯୋଗ୍ୟତା ଅର୍ଜନ କରିବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ବୁଧବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଗୋଲକିପର ସବିତାଙ୍କୁ ଅଧିନାୟିକା ଏବଂ ଓଡ଼ିଶାର ତାରକା ଡିଫେଣ୍ଡର ଦୀପ୍‌ଗ୍ରେସ୍ ଏକ୍କାଙ୍କୁ ଉପ-ଅଧିନାୟିକା ଦାୟିତ୍ୱ ପ୍ରଦାନ କରାଯାଇଛି। ଭାରତ ଗ୍ରୁପ୍ 'ବି'ରେ କାନାଡ଼ା, ଜାପାନ ଓ ଦକ୍ଷିଣ ଆଫ୍ରିକା ସହିତ ସ୍ଥାନ ପାଇଛି। ଆୟର୍ଲାଣ୍ଡ, ଇଟାଲୀ, କୋରିଆ ଓ ସ୍ପେନ୍ ଗ୍ରୁପ୍ 'ଏ'ରେ ରହିଛନ୍ତି। କୋଭିଡ୍-୧୯ରେ ସଂକ୍ରମିତ ହୋଇଥିବା ଯୋଗୁ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଖେଳିପାରି ନ ଥିବା ନବଜୋତ କୌର ଦଳକୁ ଫେରିଛନ୍ତି। ସେହିପରି ଯୁବ ଫରୱାର୍ଡ ବିୟୁଟି ଡୁଙ୍ଗଡୁଙ୍ଗ ଅନ୍ତର୍ଜାତୀୟ ପଦାର୍ପଣ କରିବାର ସୁଯୋଗ ପାଇଛନ୍ତି। ଗତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ମହିଳା ଦଳ ୨୦୨୧-୨୨ରେ ପ୍ରୋ ଲିଗ୍ ପଦାର୍ପଣ କରିଥିଲା। ପ୍ରଥମ ବର୍ଷରେ ଭାରତ ପ୍ରଭାବୀ ପ୍ରଦର୍ଶନ କରି ଆର୍ଜେଣ୍ଟିନା ଓ ନେଦରଲାଣ୍ଡ୍ସ ପଛକୁ ତୃତୀୟ ସ୍ଥାନରେ ରହିଥିଲା। ଆଗାମୀ ନେସନ୍ସ କପ୍ ଜିତିଲେ ଦଳ ଦ୍ୱିତୀୟ ଥର ପାଇଁ ପ୍ରୋ ଲିଗ୍ ଖେଳିପାରିବ।

**ଏଫ୍‌ଆଇଏଚ୍ ମହିଳା ନେସନ୍ସ କପ୍**

**ଭାରତୀୟ ଦଳ**

ଗୋଲକିପର୍ସ: ସବିତା (ଅଧିନାୟିକା), ବିଚ୍ଚୁ ଦେବୀ ଖାରିବାମ। ଡିଫେଣ୍ଡର୍ସ: ଦୀପ୍‌ଗ୍ରେସ୍ ଏକ୍କା (ଉପ ଅଧିନାୟିକା), ଗୁରଜିତ କୌର, ନିକ୍କି ପ୍ରଧାନ, ଉଦିତା, ଇଶିକା ଚୌଧାରୀ। ମିଡ୍‌ଫିଲ୍ଡର୍ସ: ନିଶା, ସାଲିମା ଟେଟେ, ସୁଶୀଳା ଚାନୁ ପୁଖରାମବାମ, ମୋନିକା, ନେହା, ସୋନିକା, ଜ୍ୟୋତି, ନବଜୋତ କୌର। ଫରୱାର୍ଡ୍ସ: ବନ୍ଦନା କାଟାରିୟା, ଲାଲରେମସିଆମି, ନବନୀତ କୌର, ସଙ୍ଗୀତା କୁମାରୀ, ବିୟୁଟି ଡୁଙ୍ଗଡୁଙ୍ଗ।

# ଫିଫା ବିଶ୍ୱକପ୍




## ସୁଇଜରଲାଣ୍ଡ ଦଳରେ ୪ ଗୋଲକିପର

ନଭେମ୍ବର ୨୦ରୁ କାତାରରେ ଆରମ୍ଭ ହେବାକୁ ଯାଉଥିବା ଫିଫା ବିଶ୍ୱକପ ପାଇଁ ବୁଧବାର ସୁଇଜରଲାଣ୍ଡ ଦଳ ଘୋଷଣା କରାଯାଇଛି। ଦଳରେ ୪ ଜଣ ଗୋଲକିପରଙ୍କୁ ସାମିଲ କରାଯାଇଛି। ପ୍ରଥମ ପସନ୍ଦ ଗୋଲକିପର ୟାନ ସୋମେର ଓ ବ୍ୟାକ୍‌ଅପ୍ ଜୋନାସ ଓମଲିନ୍ ଆହତ ସମସ୍ୟାରୁ ସମ୍ପୂର୍ଣ୍ଣ ମୁକୁଳି ନ ଥିବାରୁ କୋଚ୍ ମୁରାଟ ୟାକିନ ଏପରି ନିଷ୍ପତ୍ତି ନେଇଛନ୍ତି। ଅନ୍‌କ୍ୟାପେଡ ଖେଳାଳିଭାବେ ୨୬ ବର୍ଷୀୟ ସାଲ୍ସବର୍ଗ ଗୋଲକିପର ଫିଲିପ୍ କୋନ ଦଳରେ ସ୍ଥାନ ପାଇଛନ୍ତି। କୋଭିଡ-୧୯ ମହାମାରୀ ପାଇଁ ଫୁଟବଲ କ୍ଷତିଗ୍ରସ୍ତ ହୋଇଥିବାରୁ ଫିଫା ଅଂଶଗ୍ରହଣକାରୀ ଦଳ ଗୁଡ଼ିକୁ ଅତିରିକ୍ତ ୩ ଜଣ ଲେଖାଏ ଖେଳାଳି ସାମିଲ କରିବାକୁ ଅନୁମତି ଦେଇଛି। ଫଳରେ ଦଳର ସଦସ୍ୟ ସଂଖ୍ୟା ୨୩କୁ ବୃଦ୍ଧି ପାଇଛି। ମାତ୍ର ବ୍ରାଜିଲ ଓ ଅଷ୍ଟ୍ରେଲିଆ ପରି ଦଳ ଗୁଡ଼ିକ ଦଳରେ ସ୍ୱାଭାବିକଭାବେ ୩ ଜଣ ଲେଖାଏ ଗୋଲକିପର ନେଇଛନ୍ତି।

ସୋମେର ସୁଇଜରଲାଣ୍ଡ ପାଇଁ ୭୬ଟି ମ୍ୟାଚ ଖେଳି ସାରିଛନ୍ତି। ଗତ ମାସରେ ସେ ବୋରୁସିଆ ମନଚେନ୍‌ଗ୍ଲାଡ୍‌ବ୍ୟାକ୍ ପକ୍ଷରୁ ଖେଳୁଥିବାବେଳେ ପାଦରେ ଆଘାତ ପାଇଥିଲେ। ନଭେମ୍ବର ୨୪ରେ କାମେରୁନ ବିପକ୍ଷ ମ୍ୟାଚ ବେଳକୁ ସେ ସୁସ୍ଥ ହୋଇ ଯାଇଥିବେ ବୋଲି ଅନୁମାନ କରାଯାଉଛି। ଏହାପରେ ସୁଇସ୍ ଦଳ ବ୍ରାଜିଲ ଓ ସର୍ବିୟା ବିପକ୍ଷରେ ଖେଳିବାର ଅଛି। ଯଦି ସୋମେର ବାହାରେ ବସନ୍ତି ତେବେ ତାଙ୍କ ବଦଳ ଗୋଲକିପରଭାବେ ଗ୍ରେଗୋର କୋବେଲଙ୍କୁ ଚୟନ କରାଯାଇପାରେ। ବୋରୁସିଆ ଡର୍ଟମୁଣ୍ଡ ପକ୍ଷରୁ ଖେଳି କୋବେଲ ଚାମ୍ପିୟନ୍ସ ଲିଗ୍‌ରେ ସମସ୍ତଙ୍କୁ ପ୍ରଭାବିତ କରି ପାରିଥିଲେ। ମାଞ୍ଚେଷ୍ଟର ସିଟି ବିପକ୍ଷ ମ୍ୟାଚ ଗୋଲଶୂନ୍ୟ ରହିବାପରେ ପେନାଲ୍ଟି ଶୁଟ୍‌ଆଉଟରେ ତାଙ୍କ ପ୍ରଦର୍ଶନ ଚମତ୍କାର ରହିଥିଲା। ଏମ୍‌ଏଲ୍‌ଏସ୍‌ରେ ଚିକାଗୋ ଫାୟାର ପକ୍ଷରୁ ଖେଳୁଥିବା ଜେର୍ଡାନ ଶାକିରି ୩୧ ବର୍ଷରେ କ୍ୟାରିୟରର ୪ର୍ଥ ବିଶ୍ୱକପ ପାଇଁ ମନୋନୀତ ହୋଇଛନ୍ତି। ତୃତୀୟ ବିଶ୍ୱକପ ଖେଳିବାକୁ ଯାଉଥିବା ଗ୍ରାନିଟ ଖାକା ଦଳର ନେତୃତ୍ୱ ନେବେ। ୨୦ ବର୍ଷୀୟ ଯୁବ ମିଡ୍‌ଫିଲ୍ଡର ଫାବିଆନ ରାଇଡର ଅନ୍ୟ ଅନ୍‌କ୍ୟାପେଡ ଖେଳାଳିଭାବେ ବିଶ୍ୱକପ ଦଳରେ ଚୟନ ହୋଇଛନ୍ତି। ସେ ହେଉଛନ୍ତି ସୁଇଜରଲାଣ୍ଡ ଦଳର ସର୍ବକନିଷ୍ଠ ଖେଳାଳି।




ଗତ ୨ଟି ବିଶ୍ୱକପରେ ସୁଇଜରଲାଣ୍ଡ ରାଉଣ୍ଡ ଅଫ୍ ୧୬ରେ ପରାସ୍ତ ହୋଇ ବିଦାୟ ନେଇଥିଲା। ତେବେ ଗତବର୍ଷ ୟୁରୋପିଆନ ଚାମ୍ପିୟନଶିପ୍‌ରେ ଦଳ ଏହି ଧାରା ଭାଙ୍ଗି କ୍ୱାର୍ଟର ଫାଇନାଲ ଖେଳିଥିଲା। ତେବେ ସ୍ପେନ୍ ବିପକ୍ଷ କ୍ୱାର୍ଟର ଫାଇନାଲ ୧-୧ ଗୋଲରେ ଡ୍ର ରହିବାପରେ ଶୁଟ୍‌ଆଉଟରେ ପରାଜିତ ହୋଇଥିଲା। ପୂର୍ବରୁ ୨୦୧୮ ବିଶ୍ୱକପରେ ମଧ୍ୟ ବ୍ରାଜିଲ ଓ ସର୍ବିୟା ସହିତ ସୁଇଜରଲାଣ୍ଡ ଗୋଟିଏ ଗ୍ରୁପ୍‌ରେ ରହିଥିଲା। ସେତେବେଳେ ୫ ଥର ଚାମ୍ପିୟନ ବ୍ରାଜିଲ ସହିତ ମ୍ୟାଚ ୧-୧ରେ ଡ୍ର ରଖିଥିବାବେଳେ ସର୍ବିୟାକୁ ୨-୧ ଗୋଲରେ ପରାସ୍ତ କରିଥିଲା। ସର୍ବିୟା ବିପକ୍ଷ ମ୍ୟାଚ ନିଶ୍ଚିତ ଦଳପାଇଁ ସ୍ମରଣରେ ଥିବ। କାରଣ ଆଲବାନିଆନ ପରିବାର ଭିତ୍ତିକ ଖାକା ଓ ଶାକିରି ଗୋଲଦେବାପରେ କ୍ରୋଧପୂର୍ଣ୍ଣ ସେଲିବ୍ରେଶନ କରିଥିବାରୁ ଫିଫାଦ୍ୱାରା ଦଣ୍ଡିତ ହୋଇଥିଲେ। କାତାରରେ ସର୍ବିୟା ବିପକ୍ଷ ମ୍ୟାଚ ନିର୍ଣ୍ଣାୟକ ହେବାର ଥିବାରୁ ସମସ୍ତଙ୍କ ନଜର ରହିବ। ସୁଇଜରଲାଣ୍ଡ ଦଳ ଆସନ୍ତା ସୋମବାର କାତାର ଯିବ ବୋଲି ସୁଇସ ସକର ଫେଡେରେଶନ ପକ୍ଷରୁ ପ୍ରକାଶ କରାଯାଇଛି। ଏହାର ଦୁଇ ଦିନପରେ ଦଳ ଆବୁଧାବି ଯାଇ ଘାନା ବିପକ୍ଷରେ ଅନ୍ତିମ ୱାର୍ମଅପ୍ ମ୍ୟାଚ ଖେଳିବ। ଘାନା ରାଉଣ୍ଡ ଅଫ୍ ୧୬ରେ ସୁଇଜରଲାଣ୍ଡର ପ୍ରତିଦ୍ୱନ୍ଦ୍ୱୀ ହେବା ସମ୍ଭାବନା ରହିଛି।

# ଜାତୀୟ ପାରା ସନ୍ତରଣରେ ଓଡ଼ିଶାର ୧୦ ଭାଗନେବେ

**ଭୁବନେଶ୍ୱର, ୯।୧୧ (କ୍ରୀଡ଼ା ପ୍ରତିନିଧି)**

ଆସାମର ଗୁଆହାଟୀସ୍ଥିତ ଡକ୍ଟର ଜାକିର ହୁସେନ ଆକ୍ୱାଟିକ୍ କମ୍ପ୍ଲେକ୍ସରେ ଚଳିତ ମାସ ୧୧ରୁ ୧୩ ପର୍ଯ୍ୟନ୍ତ ୨୨ତମ ଜାତୀୟ ପାରା ସନ୍ତରଣ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୧୦ ଜଣ ସନ୍ତରଣକାରୀ ପ୍ରତିନିଧିତ୍ୱ କରିବେ। ଗୁଆହାଟୀ ଯିବା ପୂର୍ବରୁ ଓଡ଼ିଶା ଦଳର ସଦସ୍ୟମାନଙ୍କୁ ବୁଧବାର ଏଠାରେ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପାରା ସ୍ପୋର୍ଟ୍ସ ସଂଘର ସଭାପତି କମଳା କାନ୍ତ ରଥ, ଉପ ସଭାପତି ଚିତ୍ତରଞ୍ଜନ ବୈରୀସାଲ, କୋଷାଧ୍ୟକ୍ଷ ସୁନୀଲ ପ୍ରଧାନ, ପାରା ସନ୍ତରଣ ଅଧ୍ୟକ୍ଷ ସୁଶାନ୍ତ କୁମାର ମଲିକ, ହୁଇଲ୍ ଚେୟାର ଫେନସିଂ ଅଧ୍ୟକ୍ଷା ବେଲା ଜେଶ୍ୱଲ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ଓଡ଼ିଶାର ପ୍ରତିଯୋଗୀମାନେ ହେଲେ ପ୍ରମୋଦ କୁମାର ସାହୁ, ଶଙ୍କର ମହାନ୍ତି, ଜ୍ଞାନ ରଞ୍ଜନ ସାହୁ, ଦୀନେଶ ମୋହନ ମାଝି, ପୂର୍ଣ୍ଣ ଚନ୍ଦ୍ର ସେଠୀ, ସୁଶାନ୍ତ କୁମାର ମଲିକ, ବଙ୍କିମ ଚନ୍ଦ୍ର ମହାନ୍ତି, ସ୍ୱାଧୀନ ମାହାର, ନିଖିଲ ଚରଣ ଗୋଚ୍ଛାୟତ, ସୁମିତ କୁମାର ପଣ୍ଡା।

# ଫାଇନାଲରେ ଲଭଲିନା, ଆଲଫିୟା

**ନୂଆଦିଲ୍ଲୀ,୯।୧୧(ପି.ଟି)**

ଏସିଆନ୍ ଏଲିଟ୍ ବକ୍ସିଂ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଛନ୍ତି ଲଭଲିନା ବୋର୍ଗୋହେନ୍ ଓ ଆଲଫିୟା ପଠାନ୍। ୭୫ କିଗ୍ରା ବର୍ଗ ସେମିରେ ଲଭଲିନା ଉନ୍ନତ ଟେକ୍‌ନିକ୍ ଓ ଚତୁରତା ଦେଖାଇବା ସହିତ ୫-୦ରେ ଦକ୍ଷିଣ କୋରିଆର ସିଓଙ୍ଗ ସୁୟେଅନଙ୍କୁ ପରାସ୍ତ କରିଥିଲେ। ଅପର ପକ୍ଷରେ ୮୧+ କିଗ୍ରା ବର୍ଗରେ ଆଲଫିୟା ପଠାନ ୨୦୧୬ ବିଶ୍ୱ ଚାମ୍ପିୟନ୍ କାଜାଖସ୍ତାନର ଲଜ୍ଜାତ କୁଙ୍ଗେଇବାୟେଭାଙ୍କୁ ୫-୦ରେ ପରାସ୍ତ କରିଛନ୍ତି।



ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ରେଫରି ପ୍ରଶିକ୍ଷଣ ଏବଂ ପରୀକ୍ଷାରେ ଅଂଶଗ୍ରହଣ କରିଥିବା କରାଟେକାମାନେ କର୍ମକର୍ତ୍ତାଙ୍କ ଗହଣରେ।

# କରାଟେ ରେଫରି ପ୍ରଶିକ୍ଷଣ, ପରୀକ୍ଷା

**ଭୁବନେଶ୍ୱର, ୯।୧୧ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ କରାଟେ-ଡୋ ଆସୋସିଏଶନ ଆନୁକୂଲ୍ୟରେ ଜାତୀୟ ସ୍ତରୀୟ ରେଫରି ଓ ଜଜ୍ ପ୍ରଶିକ୍ଷଣ ଏବଂ ପରୀକ୍ଷା ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ କରାଟେ ସଂଘର ରେଫରି ତଥା କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କିଓ) ରେଫରି କମିଶନ ଚେୟାରମ୍ୟାନ ହାନ୍‌ସି ପ୍ରେମ୍‌ଜିତ ସେନ୍ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ବ୍ଲାକ୍ ବେଲ୍ଟ କରାଟେକାମାନେ ଜଜ୍ 'ଏ' ଓ 'ବି' ଏବଂ ରେଫରି 'ଏ' ଓ 'ବି' ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ କରାଟେ ସଂଘ ସମ୍ପାଦକ ଗୌରୀ ମହାନ୍ତି ଓ ସଭାପତି ହାନ୍‌ସି ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଶିକ୍ଷଣ ଓ ପରୀକ୍ଷାରେ ମୋଟ ୬୬ ଜଣ କରାଟେକା କୃତକାର୍ଯ୍ୟ ହୋଇଥିଲେ।

**ମନେ ପଡ଼ନ୍ତି**

**ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰କାହ୍ନୁ ଚରଣ ମିଶ୍ର**
ରାଷ୍ଟ୍ରପତି ପୁରସ୍କୃତ ଅବସରପ୍ରାପ୍ତ ପୋଲିସ ଡି.ଏସ୍.ପି.
ଆବିର୍ଭାବ- ୦୨।୧୧।୧୯୪୦
(ଗଣ୍ଡରପୁର, ବାରଙ୍ଗ)
ତିରୋଧାନ- ୦୧।୧୧।୨୦୨୨
(ବୃନ୍ଦାବନ ଗାର୍ଡେନ୍, ସାମନ୍ତରାପୁର, ଭୁବନେଶ୍ୱର)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୭୩୭୨୭

**ତୁମ ସ୍ମୃତିରେ**



**୰ ନିରଞ୍ଜନ ମିଶ୍ର**
ଆବିର୍ଭାବ- ୨୭.୦୮.୧୯୩୩
ତିରୋଧାନ- ୧୦.୧୧.୨୦୧୯
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ
ଧର୍ମପତ୍ନୀ (ସୁରମା) ଓ ଆତ୍ମୀୟସ୍ୱଜନ
ଧ-୭୩୮୯୩


କିଆରା

## ହଁ-ନାହିଁର ଖେଳ

କଥାରେ ଅଛି ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା। ଆଉ ଠିକ୍ ସେହିଭଳି ଏକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି କିଆରା ଆଡଭାନୀ। କଥା କ'ଣ କି ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କୁ ସାଇନ୍ କରିବାକୁ ଯାଇଥିଲେ। ଏହି ନୂଆ ପ୍ରୋଜେକ୍ଟର କାହାଣୀ ଏବଂ ସେଥିରେ ନିଜ ଭୂମିକା ସମ୍ପର୍କରେ ବେଶ୍ ଭଲ ଭାବରେ ଅବଗତ ହୋଇଥିଲେ। ହେଲେ ଏହି ଫିଲ୍ମ ପାଇଁ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛନ୍ତି କିଆରା। ଶୁଣିବାକୁ ମିଳୁଛି ଯେ ଏଥିରେ ସଂଯୋଜିତ ଏକ ବିକିନି ଶଟ୍ ପାଇଁ କିଆରା କୁଆଡ଼େ ଡବଲ ପାରିଶ୍ରମିକ ଡିମାଣ୍ଡ କରୁଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ନୂଆ ସିନେମାର କାହାଣୀ ମୋ ମନକୁ ଛୁଇଁଛି। ଏଥିରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡ଼ିବ। ସେଥିପାଇଁ ମୋତେ ଅଧିକ ପାରିଶ୍ରମିକ ଦେବାକୁ ପ୍ରଯୋଜକ ନିଜ ପଟରୁ ସୂଚନା ଦେଇଛନ୍ତି। ହେଲେ ଯାହା ଆଲୋଚନା ହେଉଛି ଯେ, ଏହି ଫିଲ୍ମ ପାଇଁ ମୁଁ ମୋ ପାରିଶ୍ରମିକ ବଢ଼ାଇ ଦେଇଛି ତାହା ଆଦୌ ସତ ନୁହେଁ। କେହି ମୋତେ ବଦନାମ କରିବାକୁ ଏଭଳି ଅପପ୍ରଚାର ଚଳାଇଛି। ହେଲେ ତାହା ଆଦୌ ସତ ନୁହେଁ। ମୁଁ ଯେ ମୋର ରେମ୍ୟୁନିନେଶକୁ ଏକାଥରେ ଡବଲ କରିଦେବି-ଏକଥା କଦାପି ସମ୍ଭବ ନୁହେଁ। ତେବେ ଏହି ହଁ-ନାହିଁର ଖେଳ ଭିତରେ କି ରହସ୍ୟ ଲୁଚି ରହିଛି ତାହା କିଆରାଙ୍କୁ ହିଁ ଜଣା।

**ଅପେରା ହାଲଚାଲ**

## କାମକୁ ସବୁବେଳେ ଗୁରୁତ୍ୱ ଦିଏ

'ଅଭିନୟ ତ ଚାଲିଛି। ପ୍ରଥମେ ଥିଏଟର, ତା'ପରେ ଧାରାବାହିକ ଆଉ ଏବେ ଅପେରା। ମୁଁ ସବୁବେଳେ କାମକୁ ଗୁରୁତ୍ୱ ଦିଏ। କାରଣ ମୋ ମତରେ ୱାର୍କ ଇଜ ଗଡ, ଡୁ ଇୟୋର ବେଷ୍ଟ। ଆଗକୁ ଆହୁରି ଭଲ କାମ କରିବାକୁ ଚେଷ୍ଟା କରିବି ବୋଲି କହନ୍ତି ଜଲିଉଡ୍‌ର ୟଙ୍ଗ ସେନସେସନ ଅନୁଭବ ପୃଷ୍ଟି ଓରଫ ଆକାଶ। ବର୍ତ୍ତମାନ ସେ ଯାତ୍ରା ମାୟାନଗରୀରେ ନିଜ ଅଭିନୟ କ୍ୟାରିୟର ଜାରି ରଖିଛନ୍ତି। ଅନେକ ଥିଏଟର ନାଟକରେ ଅଭିନୟ କରିବା ପରେ 'ପରୀ', 'ରାନୀ', 'ମଙ୍ଗୁଳାକନ୍ୟା' ଏବଂ 'ସିଂହଦ୍ୱାର' ମେଗା ଧାରାବାହିକରେ ଅଭିନୟ କରି ସେ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲେ। ଆକାଶଙ୍କର ଅପେରା ଜୀବନ ଆରମ୍ଭ ହୁଏ ୨୦୧୭ରୁ ପୁଣି ଯାତ୍ରା ସଚ୍ଚିଦାନନ୍ଦମ ଅପେରା ପାର୍ଟିରୁ। ତା'ପରେ ବାଘାଯତୀନ ଲୋକନାଟ୍ୟ, ଧଉଳି ଗଣନାଟ୍ୟରେ ସେ ନିଜର ଅଭିନୟ ଦକ୍ଷତା ଦେଖାଇସାରିଛନ୍ତି। ଯାତ୍ରା ମାୟାନଗରୀ ଦ୍ୱାରା ଚଳିତବର୍ଷ ପରିବେଷିତ ତଥା ହିଟ୍ ନାଟକ 'ତୁମେ ହିଁ ସ୍ୱର୍ଗ ମୋର' ତାଙ୍କୁ ଦେଇଛି ଆଶାତୀତ ମାଇଲେଜ। ଅନ୍ୟତମ ଆଗଧାଡ଼ିର ନାଟ୍ୟକାର ସୁଧାଂଶୁ ନାୟକଙ୍କ ରଚିତ ଏବଂ ରଞ୍ଜନ ବିଶ୍ୱାଳଙ୍କ ନିର୍ଦ୍ଦେଶିତ ଏହି ନାଟକଟି ବାପ-ପୁଅର କାହାଣୀ ଉପରେ ପର୍ଯ୍ୟବସିତ। ଏଥିରେ ଆକାଶ ପୁଅ ଭୂମିକାରେ ଅଭିନୟ କରିଛନ୍ତି।


ଆକାଶ

**ନାଟକ ସମୀକ୍ଷା**

## ନବକଳେବର

ଜଗତର ନାଥ ଜଗନ୍ନାଥ। ତାଙ୍କର ଲୀଳା ଅପାର। ସର୍ବବ୍ୟାପୀ ସେ। ଅତୀତକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଜଗନ୍ନାଥ ମନ୍ଦିର ଉପରେ ଅନେକ ଥର ଆକ୍ରମଣ ହୋଇଛି। ମୁକୁନ୍ଦ ଦେବଙ୍କ ସମୟରେ କଳାପାହାଡ଼ର କ୍ରୂରତା କାହାକୁ ଅଜଣା ନୁହେଁ। ହିନ୍ଦୁମନ୍ଦିର ଭାଙ୍ଗିବାକୁ ପଣ କରିଥିଲା ସେ। ଯୁଦ୍ଧରେ ମୁକୁନ୍ଦ ଦେବଙ୍କୁ ପରାସ୍ତ ତଥା ହତ୍ୟା କରିବା ପରେ ତିନି ଠାକୁରଙ୍କୁ ନେଇଯାଇଛି। ଗଙ୍ଗା ନଦୀ କୂଳରେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅର୍ଦ୍ଧଦଗ୍ଧ ପିଣ୍ଡକୁ ଫୋପାଡ଼ି ଦେଇଥିଲା ସେ। ଜଣେ ସେଠାରୁ ତାଙ୍କର ବ୍ରହ୍ମ ସଂଗ୍ରହ କରି ଗଜପତି ରାମଚନ୍ଦ୍ର ଦେବଙ୍କୁ ଦେଇଛନ୍ତି। ଆଉ ତା'ପରେ ଆରମ୍ଭ ହୋଇଛି ତିନି ଠାକୁରଙ୍କ ନବକଳେବର। ଏଭଳି ଏକ କଥାବସ୍ତୁକୁ ନେଇ ପ୍ରସ୍ତୁତ ନାଟକ 'ନବକଳେବର' ସମ୍ପ୍ରତି ତିନି ଦିନ ଧରି ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପରେ ପରିବେଷିତ ହୋଇ ସାଉଁଟିଛି ଅନେକ ପ୍ରଶଂସା। ସାଇ ଶ୍ରଦ୍ଧା ପ୍ରଡକ୍ସନ ବ୍ୟାନରରେ ତଥା ବିନି ସାମଲଙ୍କ ଦ୍ୱାରା ପ୍ରଯୋଜିତ ଏହି ପୌରାଣିକ ନାଟକଟିକୁ ନିର୍ଦ୍ଦେଶନା ଦେଇଥିଲେ ଆଗଧାଡ଼ିର ନିର୍ଦ୍ଦେଶକ ଧୀର ମଲ୍ଲିକ। ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ମନଛୁଆଁ ସଂଳାପ ସାଙ୍ଗକୁ ମଳୟ ମିଶ୍ରଙ୍କ ସ୍ୱର ସଂଯୋଜନାରେ ଡା. ନିର୍ମଳ ନାୟକଙ୍କ ଗୀତ ନାଟକଟିକୁ ଆହୁରି ଆକର୍ଷଣୀୟ କରିବାରେ ସକ୍ଷମ ହୋଇଥିଲା। ନିର୍ଦ୍ଦେଶକଙ୍କ ବଳିଷ୍ଠ ନିର୍ଦ୍ଦେଶନା, କଳାକାରଙ୍କ ନିଖୁଣ ଅଭିନୟ ଏବଂ ମନକୁ ଛୁଇଁଲା ଭଳି ମଞ୍ଚ ସଜା ଦର୍ଶକଙ୍କୁ ନାଟକର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅଡିଟୋରିୟମ ଭିତରେ ବାନ୍ଧି ରଖିବାରେ ସକ୍ଷମ ହୋଇଥିଲା। ଏଥିରେ ଅଖିଳ ପଟ୍ଟନାୟକ, ଉଷସୀ ମିଶ୍ର, ଶୁଭାଶିଷ ଦାଶ, ଜଲିଉଡ୍‌ର ବରିଷ୍ଠ ନିର୍ଦ୍ଦେଶକ କିଶୋର ଖଣ୍ଡୁଆଳଙ୍କ ବ୍ୟତୀତ ଅନ୍ୟାନ୍ୟ ଚରିତ୍ରରେ ଅଭିନୟ କରିଥିବା କଳାକାରଙ୍କ ଅଭିନୟ ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା।


ନାଟକ 'ନବକଳେବର'ର ଏକ ଦୃଶ୍ୟରେ ଅଖିଳ (ବାମ)

## ନୂଆ ଅବତାର


ମନୋଜ

ତ୍ରେତୟା ଯୁଗରେ ରାବଣର ଆତଙ୍କରାଜର ଅନ୍ତ ଘଟାଇଥିଲେ ପ୍ରଭୁ ରାମଚନ୍ଦ୍ର। ହେଲେ ବର୍ତ୍ତମାନ ସମାଜରେ ଅନେକ ରାବଣ ଘୂରିବୁଲୁଛନ୍ତି। ସେପରି ଜଣେ ରାବଣକୁ ଖୁବ୍ ଶୀଘ୍ର ବଡ଼ ପରଦାରେ ଦର୍ଶକ ଦେଖିବାକୁ ପାଇବେ। ଆଉ ଏଭଳି ଏକ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି ମନୋଜ ମିଶ୍ର। କାହାଣୀ ଅନୁସାରେ ରାବଣ ଜଣେ ସାଇକୋ କିଲର। ତରୁଣୀମାନଙ୍କୁ କିଡ୍‌ନାପ କରି ସେମାନଙ୍କ ରକ୍ତରେ ସ୍ନାନ କରିବା ତାଙ୍କର ମୂଳ ଲକ୍ଷ୍ୟ। ପୁଣି ଡିଜିଟାଲ ଦୁନିଆକୁ ନିଜ ହାତମୁଠାରେ ରଖିଛି। ଏଭଳି କୁକର୍ମର ଶେଷ ପରିଣତି କିପରି ହେଉଛି ତାହା ଫିଲ୍ମଟି ଦେଖିଲେ ଜାଣିପାରିବେ। ଉକ୍ତ ଓଡ଼ିଆ ସିନେମାର ଟାଇଟଲ ରହିଛି 'ଆରମର'। ଶୁଭେନ୍ଦୁ କୁମାର ଏହାକୁ ପ୍ରଯୋଜନା କରିଛନ୍ତି। ଚିତ୍ରଟିର ସହ-ପ୍ରଯୋଜକ ସାଜିଛନ୍ତି କେଦାର ତରଣୀ ପଣ୍ଡା। ସୁବ୍ରତ ଦିଗଲଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମରେ ମନୋଜଙ୍କ ବ୍ୟତୀତ ମେଘନା ମିଶ୍ର, ଅକ୍ଷୟ ବସ୍ତିଆ, ଈଶା ବେବର୍ତ୍ତା ଏବଂ ଜୀବନ ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଏହାବ୍ୟତୀତ ନବାଗତ କଳାକାର ସ୍ୱସ୍ତିକ ମହାନ୍ତି, ବିକାଶ ଶତପଥୀ ଏବଂ ହିତେଷା ବାଗ୍‌ଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ।

## ଅଠା ବୋତଲ କଥା ଭୁଲିପାରିବି ନାହିଁ

ସୈଫ ତନୟା ସାରା ଅଲ୍ଲୀ ଖାଁ ନିଜ ସ୍କୁଲ ସମୟର ଏକ ଘଟଣାକୁ ଏବେ ବି ମନେପକାଇଥାଆନ୍ତି। କେବଳ ସେତିକି ନୁହେଁ, ଏହି କଥାକୁ ସେ ସାରା ଜୀବନ କଦାପି ଭୁଲି ପାରିବେ ନାହିଁ ବୋଲି କହି ବୁଲୁଛନ୍ତି। କାହିଁକି, କଥାଟି ଏମିତି କ'ଣ କି, ଯାହା ଏବେ ମଧ୍ୟ ତାଙ୍କ ମନ ଭିତରେ ସତେଜ ହୋଇରହିଛି? ଏ ନେଇ ସାରା କହନ୍ତି, 'ମୁଁ ସେତେବେଳେ ସ୍କୁଲରେ ପଢୁଥାଏ। ଥରେ ମୁଁ ସାଙ୍ଗରେ ଏକ ଅଠା ବୋତଲ ନେଇ ଯାଇଥିଲି। ରିସେସ ସମୟରେ କ୍ଲାସରେ କେବଳ ମୁଁ ଏକୁଟିଆ ଥାଏ। ସେତେବେଳେ ମୋ ମୁଣ୍ଡକୁ ଏକ ଆଇଡିଆ ଜୁଟିଲା। ଅଠା ବୋତଲଟିକୁ ମୁଁ ଘୂରୁଥିବା ଫ୍ୟାନ୍ ଉପରକୁ ଫୋପାଡ଼ି ଦେଲି। ଆଉ ତା'ପରେ ବୋତଲଟି ଫାଟି ଅଠାଗୁଡ଼ିକ କ୍ଲାସ ସାରା ବିଛାଡ଼ି ହୋଇ ପଡ଼ିଲା। ଏହି ଘଟଣା ପାଇଁ ସ୍କୁଲର ପ୍ରିନ୍ସିପାଲ ମୋତେ ବେଶ୍ ଆକଟ କରିଥିଲେ। ଏପରି କି କଥା ମୋତେ ସ୍କୁଲରୁ ରଷ୍ଟିକେଟ୍ କରିବା ପର୍ଯ୍ୟନ୍ତ ଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ମୁଁ ଲିଖିତ ଭୁଲ୍ ମାଗିବା ପରେ ଘଟଣାଟିର ପରିସମାପ୍ତି ଘଟିଥିଲା।

**ରିଲିଜ ଅପେକ୍ଷାରେ**

## ଜୟୀ ରାଜଗୁରୁ

ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ଚର୍ଚ୍ଚିତ ଥିଲେ ଜୟୀ ରାଜଗୁରୁ। ବ୍ରିଟିଶ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ ଆଉ ତାଙ୍କର ରଣ ହୁଙ୍କାରରେ ଉତ୍ସାହିତ ହୋଇ ଅନେକ ଲୋକ ତାଙ୍କ ସହ ହାତ ମିଳାଇଥିଲେ। ଏପରି ଜଣେ ବୀର ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଜୟୀ ରାଜଗୁରୁ'। ଜେଏଚ୍‌ବି ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ପ୍ରଯୋଜନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଜଲସେନ୍। ଲିଟନ ପଟ୍ଟନାୟକ ସହଯୋଗୀ ନିର୍ଦ୍ଦେଶକ ସାଜିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି କ୍ରିଷ୍ଣା। ଏହି ଐତିହାସିକ ଚିତ୍ରର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ବିଶ୍ୱରୂପ। ଉକ୍ତ ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଅଶ୍ରୁମୋଚନ ମହାନ୍ତି, ମିତା ଚକ୍ରବର୍ତ୍ତୀ, ତାମିଲନାଡୁର ମୃତ୍ୟୁଲିଙ୍ଗନମ୍, ଆନ୍ଧ୍ରପ୍ରଦେଶର ଭବାନୀ, ମହାରାଷ୍ଟ୍ରର ଗୌରବ କୁମାରଙ୍କ ବ୍ୟତୀତ ଇନ୍ଦ୍ରଜିତ, ଦୀପକ, ସୁଶାନ୍ତ, ସମୀର, ଚିତ୍ତ, ବୁଲୁ, ଜିତୁ, ନିଲୁ, ଅଖିଳ, ଡ. ବିଦ୍ୟୁତପ୍ରଭା ରଥ, ସଦାମ ବିଷୋୟୀ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।


ବିଶ୍ୱରୂପ

## ଟାଇଟଲ ପାଇଁ...

ଶକ୍ତି ତନୟା ଶ୍ରଦ୍ଧା କପୁର ଏବେ ମାଲେସିୟାରେ ଅଛନ୍ତି। ହେଲେ ସେ ସେଠାକୁ ମାଇଣ୍ଡ ଫ୍ରେଶ୍ କରିବାକୁ ଯାଇନାହାନ୍ତି। ତେବେ କ'ଣ ପାଇଁ ସେ ଯାଇଛନ୍ତି ଜାଣିବେନି? ଶ୍ରଦ୍ଧା ଏବେ ଏକ ନୂଆ ସିନେମାରେ ଅଭିନୟ କରୁଛନ୍ତି, ଯାହାର ନନ୍ ଷ୍ଟପ୍ ଶୁଟିଂ ମାଲେସିୟାରେ ଚାଲିଛି। ଏହି ଫିଲ୍ମରେ ତାଙ୍କର ନାୟକ ସାଜିଛନ୍ତି ରଣବୀର କପୁର। ହେଲେ ଲଭ୍ ରଞ୍ଜନଙ୍କ ଉକ୍ତ ସିନେମାର ଟାଇଟଲ ଫାଇନାଲ ହୋଇନାହିଁ। ଏହି ଚିତ୍ରର ଟାଇଟଲ କ'ଣ ରହିଲେ ତାହା ଦର୍ଶକଙ୍କୁ ଆକର୍ଷିତ କରିପାରିବ ସେ ନେଇ ମାନସ ମନ୍ଥନ ଚାଲିଛି। ଏ ନେଇ ଶ୍ରଦ୍ଧା କହନ୍ତି, 'ଏକ ଭିନ୍ନ ଧରଣର ଲଭ୍ ଷ୍ଟୋରିକୁ ଆଧାର କରି ଏହାର କାହାଣୀ ଗତିଶୀଳ। ତେବେ ଫିଲ୍ମଟିର ପାଖାପାଖି ୪୦ ପ୍ରତିଶତ ଶୁଟିଂ ଶେଷ ହୋଇଯାଇଥିଲେ ମଧ୍ୟ ଟାଇଟଲ କ'ଣ ଦିଆଯିବ ତାହା ଠିକ୍ ହୋଇପାରୁନାହିଁ। ବିଶେଷଭାବରେ ଯୁବପିଢ଼ିଙ୍କୁ ଲକ୍ଷ୍ୟ କରି ଏକ କ୍ୟାଚି ଟାଇଟଲ ସନ୍ଧାନରେ ନିର୍ଦ୍ଦେଶକ ଅଛନ୍ତି। ଖାସ୍ କଥା ହେଲା ପ୍ରଥମ ଥର ପାଇଁ ଏହି ଯୋଡ଼ିକୁ ବଡ଼ ପରଦାରେ ଦେଖିବାକୁ ମିଳିବ। ରଣବୀର-ଶ୍ରଦ୍ଧାଙ୍କ ବ୍ୟତୀତ ବୋନି କପୁର ଏବଂ ଡିମ୍ପଲ କାପାଡ଼ିଆ ମଧ୍ୟ ଏଥିରେ ଅଭିନୟ କରୁଛନ୍ତି। ଫିଲ୍ମଟି ଆସନ୍ତା ବର୍ଷ ମାର୍ଚ୍ଚ ୮ରେ ମୁକ୍ତିଲାଭ କରିବ।


ଶ୍ରଦ୍ଧା

## ରହିଗଲା ଅବସୋସ

ଜଣେ କେତେ ସ୍ୱପ୍ନ ଦେଖିଥାଏ। ହେଲେ ସବୁ କ'ଣ ସତ ହୁଏ। ଅନେକ ସ୍ୱପ୍ନ କେବଳ ଆଶାରେ ହିଁ ରହିଯାଇଥାଏ। ପାଠ ପଢ଼ିବା ସମୟରେ ଠିକ୍ ସେମିତି ତାରା ସୁତାରିଆ ଏକ ଆଶା ରଖିଥିଲେ। ଷ୍ଟୁଡେଣ୍ଟ କ୍ୟାରିୟର ଶେଷ ହେବା ପରେ ସେ ଓକିଲ ହେବାକୁ ଚାହିଁଥିଲେ। ହେଲେ ତାହା ପୂରଣ ହୋଇପାରି ନ ଥିଲା। ଶେଷରେ ଅଭିନୟକୁ ଆଦରି ନେଇଛନ୍ତି ସେ। ନିଜ ବଲିଉଡ୍ କ୍ୟାରିୟରକୁ ସୁରୁଖୁରୁରେ ଆଗେଇ ନେବାକୁ ସେ ବେଶ୍ ସିରିୟସ। ସେଥିଲାଗି କୌଣସି ନୂଆ ଅଫର ପାଇବା ମାତ୍ରେ ତାହାକୁ ଭଲ ଭାବରେ ତର୍ଜମା କରିବାକୁ ଭୁଲୁନାହାନ୍ତି ଏହି ଅଭିନେତ୍ରୀ। ଏଭଳି ଆଭିମୁଖ୍ୟ ବିଷୟରେ ତାରା କହନ୍ତି, 'ଆକ୍ଟିଂ ଏପରି ଏକ ଲାଇନ୍ ଯେଉଁଥିପାଇଁ ବେଶ୍ ସତର୍କ ହେବାକୁ ପଡିବ। ଏକାଥରେ ପୁଳାଏ ସିନେମାରେ ଅଭିନୟ କରିବା ପୁଣି ସେଗୁଡିକ ବକ୍ସ ଅଫିସରେ ଫ୍ଲପ୍ ହେବା-କ୍ୟାରିୟର ପାଇଁ ଆଦୌ ଶୁଭପ୍ରଦ ନୁହେଁ। ତେଣୁ ମୁଁ ସ୍ଥିର କରିଛି, ଦେଖିଚାହିଁ ଫିଲ୍ମ ସାଇନ୍ କରିବି।' ଅଭିନୟ ସହ ଜଡ଼ିତ ହେବା ପୂର୍ବରୁ ସେ ଗୀତ ଗାଉଥିଲେ। ୨୦୧୯ରେ ପରଦା ଉପରକୁ ଆସିଥିବା କରନ୍ ଜୋହରଙ୍କ ପ୍ରଯୋଜିତ ଏବଂ ପୁନିତ ମାଲହୋତ୍ରାଙ୍କ ନିର୍ଦ୍ଦେଶିତ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ରୁ ସେ ଆରମ୍ଭ କରିଥିଲେ ନିଜର ବଲିଉଡ୍ କ୍ୟାରିୟର। ତା'ପରେ ତାରା ମାତ୍ର ହାତଗଣତି କେତୋଟି ସିନେମାରେ ଅଭିନୟ କରିସାରିଛନ୍ତି।


ତାରା


ସାରା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୦/୨୦୨୨ Bhubaneswar, Thursday, November 10/ 2022

# ଭାରତ ଆଜି ଇଂଲଣ୍ଡକୁ ଭେଟିବ

## ଟି୨୦ ବିଶ୍ୱକପ୍ ଦ୍ୱିତୀୟ ସେମିଫାଇନାଲ

### ନକ୍‌ଆଉଟ ପରାଜୟ ଧାରା ଭାଙ୍ଗିବା ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

ଆଡିଲେଡ୍,୯।୧୧(ପି.ଟି)

ଚଳିତ ଟି୨୦ ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ ଗୁରୁବାର ଆଡିଲେଡରେ ଖେଳାଯିବ। ଭାରତ ଓ ଇଂଲଣ୍ଡ ଏହି ମ୍ୟାଚରେ ସାମ୍ନାସାମ୍ନି ହେବାକୁ ଯାଉଛନ୍ତି। ଏହି ମ୍ୟାଚ ସହିତ ଭାରତ ନିଜର ପରାଜୟ ଧାରା ଭାଙ୍ଗିବା ଲକ୍ଷ୍ୟରେ ରହିବ। ଚଳିତ ଟୁର୍ନାମେଣ୍ଟର ସୁପର-୧୨ ପର୍ଯ୍ୟାୟରେ ଇଂଲଣ୍ଡ ତୁଳନାରେ ଭାରତର ପ୍ରଦର୍ଶନ ବେଶ୍ ଭଲ ରହିଛି। ମାତ୍ର ଇଂଲଣ୍ଡ ନିକଟରେ ବେନ୍ ଷ୍ଟୋକ୍ସ ଓ ଜୋସ୍ ବଟଲରଙ୍କ ପରି ମ୍ୟାଚ ବିଜେତା ରହିଛନ୍ତି। ସେମିଫାଇନାଲରେ ମୁକାବିଲାରେ ଭଲ ପ୍ରଦର୍ଶନ କରିବା ଦଳ ହିଁ ପୁରସ୍କୃତ ହେବ। ତେଣୁ ଗ୍ରୁପ୍ ପର୍ଯ୍ୟାୟ ପ୍ରଦର୍ଶନର କୌଣସି ମୂଲ୍ୟ ରହି ନ ଥାଏ। ଇଂଲଣ୍ଡ ଚଳିତ ବିଶ୍ୱକପ୍‌ରେ ଏହାର ଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ସମର୍ଥ ହୋଇନାହିଁ ବୋଲି ସ୍ୱୀକାର କରିଛନ୍ତି ବେନ୍ ଷ୍ଟୋକ୍ସ। ତେବେ ଇତିହାସ ମଧ୍ୟ ଭାରତ ସପକ୍ଷରେ ନାହିଁ। ବିଗତ ୯ ବର୍ଷ ହେବ ଭାରତ ବିଭିନ୍ନ ଆଇସିସି ଟୁର୍ନାମେଣ୍ଟର ନକ୍‌ଆଉଟ ଷ୍ଟେଜରେ ପହଞ୍ଚୁଥିଲେ ମଧ୍ୟ ଜିତିବାରେ ସମର୍ଥ ହେଉନାହିଁ। ୨୦୧୪ ଟି୨୦ ବିଶ୍ୱକପ୍ ଫାଇନାଲ, ୨୦୧୬ ଟି୨୦ ବିଶ୍ୱକପ୍ ସେମିଫାଇନାଲ, ୨୦୧୭ ଚାମ୍ପିୟନ୍ସ ଟ୍ରଫି ଫାଇନାଲ ଓ ୨୦୧୯ ଦିନିକିଆ ବିଶ୍ୱକପ୍ ସେମି ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଭାରତ ଟାଇଟଲ ହାସଲରେ ସମର୍ଥ ହୋଇନାହିଁ। ରୋହିତ ଶର୍ମା ଉକ୍ତ ୪ଟି ଦଳରେ ସାମିଲ ଥିଲେ ମଧ୍ୟ ଅଧିନାୟକ ନ ଥିଲେ। ଫୁଲ୍‌ଟାଇମ୍ ଅଧିନାୟକ ହେବା ପରେ ରୋହିତଙ୍କ ନିକଟରେ ଇତିହାସ ସୃଷ୍ଟି କରିବାରେ ଏହା ଏକ ସୁବର୍ଣ୍ଣ ସୁଯୋଗ। ଏହି ଟୁର୍ନାମେଣ୍ଟରେ ୫ ମ୍ୟାଚରୁ ମାତ୍ର ୮୯ ରନ୍ କରିଥିବା ରୋହିତଙ୍କ ହାତରେ ଆଘାତ ସତ୍ତ୍ୱେ ନିଜ ପସନ୍ଦର ପୁଲ୍ ଶଟ୍ ଖେଳିବା ଆଶା କରାଯାଉଛି। ଅନ୍ୟପକ୍ଷରେ ବିରାଟ କୋହଲି ଏବଂ ସୂର୍ଯ୍ୟକୁମାର ଯାଦବଙ୍କ ଉପରେ ସଭିଙ୍କ ନଜର ରହିବ। ଆଦିଲ ରଶିଦ୍ ଓ ଟୁର୍ନାମେଣ୍ଟର ଟପ୍ ସ୍କୋରର କୋହଲିଙ୍କ ମଧ୍ୟରେ ହେବାକୁ ଥିବା ଲଢେଇ ଓ ସାମ୍ କୁରାନ୍ ଏବଂ ଭାରତର ନୂଆ ମିଷ୍ଟର ୩୬୦ ଡିଗ୍ରୀ ସୂର୍ଯ୍ୟକୁମାର ଯାଦବଙ୍କ ମଧ୍ୟରେ ହେବାକୁ ଥିବା ଲଢେଇ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିବ। ସେହିପରି ବେନ୍ ଷ୍ଟୋକ୍ସ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଲରାଉଣ୍ଡ ଦକ୍ଷତା ମଧ୍ୟରେ ଏକ କଡା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ଫ୍ୟାନମାନେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ(ଏମ୍‌ସିଜି)ରେ ଭାରତ-ପାକିସ୍ତାନ ମ୍ୟାଚ ଦେଖିବାକୁ ସବୁଠୁ ଉତ୍ସାହୀ ରହିଛନ୍ତି।

କାର୍ତ୍ତିକ/ପନ୍ତ, ଚହଲ/ଅକ୍ଷର: ଏହି ମ୍ୟାଚ ପୂର୍ବରୁ ଭାରତୀୟ ଦଳ ଉଇକେଟକିପର ରିଷଭ ପନ୍ତ ଓ ଦୀନେଶ କାର୍ତ୍ତିକଙ୍କ ମଧ୍ୟରୁ କାହାକୁ ଚୂଡାନ୍ତ ଏକାଦଶରେ ସାମିଲ କରାଯିବ ତାହା ଉପରୁ ପରଦା ହଟୁନାହିଁ। ଏହା ସହିତ ସ୍ପିନ୍ ବିଭାଗରେ ଯୁଜବେନ୍ଦ୍ର ଚହଲ ଓ ଅକ୍ଷର ପଟେଲଙ୍କ ସାମିଲକୁ ନେଇ ଦ୍ୱନ୍ଦ୍ୱରେ ରହିଛି ଭାରତ। ୫ ନମ୍ବର ସ୍ଥାନରେ ଭାରତୀୟ ଦଳ ଏଯାଏ ଏହାର ଶ୍ରେଷ୍ଠ ବିକଳ୍ପ ପାଇନାହିଁ। ଦୀନେଶ କାର୍ତ୍ତିକ ବିଫଳ ହୋଇଥିବା ବେଳେ ଜିମ୍ବାୱେ ବିପକ୍ଷ ମ୍ୟାଚରେ ପନ୍ତଙ୍କୁ ସୁଯୋଗ ମିଳିଥିଲା। ପନ୍ତ ବିଫଳ ହେବା ପରେ ଭାରତୀୟ ଦଳ ବର୍ତ୍ତମାନ ଚିନ୍ତାରେ ପଡିଛି। ଭାରତୀୟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାଭିଡ୍ ଫିନିଶର ଭାବରେ ଦୀନେଶ କାର୍ତ୍ତିକଙ୍କୁ ପସନ୍ଦ କରୁଥିବାରୁ ତାଙ୍କୁ ଏହି ମ୍ୟାଚରେ ସୁଯୋଗ ମିଳିପାରେ। ସେହିପରି ଅକ୍ଷର ପଟେଲଙ୍କ ଇକୋନୋମି ହାର ୯ ରନ୍ ଉପରେ ରହିଥିବା ବେଳେ ମାତ୍ର ୩ ଉଇକେଟ ନେଇଛନ୍ତି। ଏହି ମ୍ୟାଚଟି ପୂର୍ବରୁ ବ୍ୟବହୃତ ହୋଇ ସାରିଥିବା ପିଚ୍‌ରେ ଖେଳା ଯାଉଥିବାରୁ ଚହଲ ଅଧିକ ଘାତକ ସାବ୍ୟସ୍ତ ହୋଇପାରନ୍ତି। ମାର୍କ ଉଡ୍ ପିଠିରେ ଆଘାତ କାରଣରୁ ବାଦ୍ ପଡିପାରନ୍ତି। ଟାଇମାଲ୍ ମିଲ୍ସ ଓ କ୍ରିସ୍ ଜୋର୍ଡାନ ତାଙ୍କର ବିକଳ୍ପ ଭାବରେ ସାମିଲ ହେବେ। ସାମ୍ କୁରାନ୍ ଓ ବେନ୍ ଷ୍ଟୋକ୍ସ ଚମତ୍କାର ଫର୍ମରେ ରହିଥିବା ବେଳେ ଭାରତ ପାଇଁ ସମସ୍ୟା ସୃଷ୍ଟି କରିପାରନ୍ତି। ଆଲେକ୍ସ ହେଲ୍ସ, ଲିଆମ ଲିଭିଙ୍ଗଷ୍ଟୋନ୍ ଏବଂ ଜୋସ ବଟଲର ଯେକୌଣସି ବୋଲିଂ ଲାଇନଅପ୍‌କୁ ଧ୍ୱସ୍ତ କରିପାରନ୍ତି। ଆଡିଲେଡ ପିଚ୍‌ରେ ୧୭୦ ରନ୍ ହାରାହାରି ସ୍କୋର ରହିଛି। ଗ୍ରୁପ୍ ପର୍ଯ୍ୟାୟରେ ଭାରତ ୪ଟି ଓ ଇଂଲଣ୍ଡ ୩ଟି ମ୍ୟାଚ ଜିତିଥିଲା। ଦୁଇ ଦଳ ଗୋଟିଏ ଲେଖାଏ ମ୍ୟାଚରେ ପରାଜିତ ହୋଇଥିଲେ।

**ମ୍ୟାଚ୍ ସମୟ: ଅପରାହ୍ନ ୧.୩୦**
**ସ୍ଥାନ: ଆଡିଲେଡ୍ ଓଭାଲ କ୍ରିକେଟ ଗ୍ରାଉଣ୍ଡ**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ଓ ହଟ୍ ଷ୍ଟାର**



କୋଚ୍ ରାହୁଲ ଦ୍ରାଭିଡଙ୍କ ସହ ଦୀପକ ହୁଡା ଓ ବିରାଟ କୋହଲି।

## ଭାରତ ପଲା ଭାରି

ଟି୨୦ ରେକର୍ଡ ଦୃଷ୍ଟିରୁ ଇଂଲଣ୍ଡ ବିପକ୍ଷରେ ଭାରତର ପଲା ଭାରି ରହିଛି। ଭାରତ ଓ ଇଂଲଣ୍ଡ ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୨୨ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳାଯାଇଛି। ଏଥିରୁ ଭାରତ ୧୨ଟି ଏବଂ ଇଂଲଣ୍ଡ ୧୦ଟିରେ ବିଜୟୀ ହୋଇଛି। ଘରୋଇ ପରିବେଶରେ ଭାରତ ୬ଟି, ଇଂଲଣ୍ଡରେ ୪ଟି ଏବଂ ନିରପେକ୍ଷ ଭେନ୍ୟୁରେ ୨ଟି ମ୍ୟାଚ ଜିତିଛି। ଇଂଲଣ୍ଡ ଘରୋଇ ଏବଂ ଭାରତ ମାଟିରେ ୫ଟି ଲେଖାଏ ଟି୨୦ ଜିତିଛି। ନିରପେକ୍ଷ ଭେନ୍ୟୁରେ ଏହି ଦଳ ଭାରତକୁ ହରାଇ ପାରିନାହିଁ। ସେହିପରି ଟି୨୦ ବିଶ୍ୱକପରେ ଭାରତ ଓ ଇଂଲଣ୍ଡ ପରସ୍ପରକୁ ୩ଟି ମ୍ୟାଚରେ ଭେଟିଛନ୍ତି। ଏଥିରୁ ଭାରତ ୨ଟିରେ ବିଜୟୀ ହୋଇଥିବାବେଳେ ଇଂଲଣ୍ଡ ଗୋଟିଏ ମ୍ୟାଚ ଜିତିବାକୁ ସକ୍ଷମ ହୋଇଛି। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ବିଶ୍ୱକପ ମ୍ୟାଚରେ ଭାରତର ସର୍ବାଧିକ ସ୍କୋର ୨୧୮ ଏବଂ ଇଂଲଣ୍ଡର ୨୦୦ ରହିଛି। ଭାରତର ସର୍ବନିମ୍ନ ସ୍କୋର ୧୫୦ ଥିବାବେଳେ ଇଂଲଣ୍ଡର ୮୦ ରହିଛି।

# ପେନାଲ୍ କଲୋନୀରେ ବ୍ରିଟନୀ ଗ୍ରୀନର

ମସ୍କୋ,୯।୧୧(ପି.ଟି)



ଡ୍ରଗ୍ସ ଚାଲାଣ ମାମଲାରେ ରୁଷିଆରେ ଗିରଫ ହୋଇଥିବା ଆମେରିକୀୟ ବାସ୍କେଟବଲ ଷ୍ଟାର ବ୍ରିଟନୀ ଗ୍ରୀନରଙ୍କୁ ପେନାଲ କଲୋନୀ(ସ୍ୱତନ୍ତ୍ର କାରାଗାର)କୁ ପଠାଇ ଦିଆଯାଇଛି। ୮ଥର ଅଲଷ୍ଟାର ସେଣ୍ଟର ଓ ୨ ଥର ଅଲିମ୍ପିକ୍ସ ପଦକ ହାସଲ କରିଥିବା ଗ୍ରୀନରଙ୍କୁ ଅଗଷ୍ଟ ୪ ତାରିଖରେ ମସ୍କୋର ଶେରେମେଟ୍ୟୋଭୋ ବିମାନବନ୍ଦରରୁ ଗିରଫ କରାଯାଇଥିଲା। ବୁଧବାର ବ୍ରିଟନୀଙ୍କ ଲିଗାଲ ଟିମ୍ ଏ ସମ୍ପର୍କରେ ସୂଚନା ଦେଇଛି। ରଷୀୟ ଫେଡେରାଲ କୋର୍ଟ ତାଙ୍କୁ ୯ ବର୍ଷର ଜେଲ ଦଣ୍ଡାଦେଶ ଶୁଣାଇଥିବା ବେଳେ ଏହା ବିରୋଧରେ ଗ୍ରୀନର ଆବେଦନ କରିଥିଲେ। ଏହି ଆବେଦନ ଖାରଜ ହୋଇ ଯାଇଥିବା ବେଳେ କାରାଗାରର ଭିଡକୁ ଏଡାଇବା ପାଇଁ ଗ୍ରୀନରଙ୍କୁ ସ୍ୱତନ୍ତ୍ର କାରାଗାରକୁ ପଠାଯାଇଛି। ନଭେମ୍ବର ୪ ତାରିଖ ଯାଏଁ ଗ୍ରୀନରଙ୍କୁ ଡିଟେନସନ୍ ସେଣ୍ଟରରେ ରଖା ଯାଇଥିବା ବେଳେ ପରେ ତାଙ୍କୁ ପେନାଲ କଲୋନୀକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ତାଙ୍କୁ କେଉଁ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ସେ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ଏପରି ସ୍ଥାନାନ୍ତର ପାଇଁ ୪-୫ ଦିନ ସମୟ ଲାଗୁଥିବା ବେଳେ ପେନାଲ କଲୋନୀରେ ପହଞ୍ଚିବା ପରେ ସମସ୍ତ ସୂଚନା ମିଳିପାରିବ ବୋଲି କହିଛି ଗ୍ରୀନରଙ୍କ ଲିଗାଲ ଟିମ୍। ୩୨ ବର୍ଷୀୟ ଗ୍ରୀନର ଦୋଷ ସ୍ୱୀକାର କରିଥିଲେ। ତରବରରେ ସେ ଏହି ଡ୍ରଗ୍ସ ପ୍ୟାକ କରିଥିଲେ ଓ ଏହା ପଛରେ କୌଣସି ଅପରାଧିକ ଷଡଯନ୍ତ୍ର ନଥିବା ମଧ୍ୟ ସେ କହିଥିଲେ।











E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

TUSHI MOTORS
CUTTACK: 9078076450. PANIKOILI: 9078076450. ATHAGARH: 9078076450.

ODYSSEY MOTORS
ANGUL: 7752076136, 9776901481. PALLAHARA: 7873565435, 9437831123.

JYOTE MOTORS
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

NARAYANI MOTORS
BHUBANESHWAR: RASULGARH: 9583022019, 7440019592, 9583022013. JAGATSINGHPUR: 9583022090. PURI: 9583022035. NIMPARA: 7381094851. PARADEEP: 9583022034/ 48.

SKY AUTOMOBILES
BHUBANESWAR: PATIA: 7381045356. CUTTACK: 9776677771, 7381873818, DHENKANAL: 7381045357. NARSINGHPUR: 7381045357. KAMAKHYANAGAR: 7381045357. JAJPUR: 9776900777. SALEPUR: 9583544555. CHANDIKHOL : 9583544555. TANGI: 7381045356.

*Offer includes consumer offer, exchange bonus, institutional offer or rural offer and spot booking offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 30th November, 2022.


1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# କାର୍ଯ୍ୟକାରୀ ହେଉନି ଯୋଜନା

ଯାଜପୁର ଅଫିସ,୯।୧୧

■ କଳିଙ୍ଗନଗର ଜାତୀୟ ଉତ୍ପାଦନ ବିନିଯୋଗ କ୍ଷେତ୍ର
■ ୩୫ ନୂଆ କାରଖାନା ସ୍ଥାପନ ସ୍ୱପ୍ନ
■ ରିପୋର୍ଟରେ ସୀମିତ ସ୍ୱତନ୍ତ୍ର ଡ୍ରେନେଜ ବ୍ୟବସ୍ଥା
■ ପରିବେଶ ସମସ୍ୟାରେ ରୁନ୍ଧି ହେଉଛି ଶିଳ୍ପ କାରଖାନା

ରାଜ୍ୟ ସରକାରଙ୍କ ସୁପାରିସକ୍ରମେ କେନ୍ଦ୍ର ସରକାରଙ୍କ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ୨୦୧୯ରେ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଜାତୀୟ ଉତ୍ପାଦନ ବିନିଯୋଗ କ୍ଷେତ୍ର (ନ୍ୟାଶନାଲ ମ୍ୟାନୁଫାକ୍ଚରିଂ ଇନ୍‌ଭେଷ୍ଟମେଣ୍ଟ ଜୋନ୍) ଭାବେ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରାଯାଇଥିଲା। ସାରା ଭାରତ ବର୍ଷରେ ଥିବା ୧୭ଟି ଜାତୀୟ ଉତ୍ପାଦନ ବିନିଯୋଗ କ୍ଷେତ୍ର ମଧ୍ୟରେ କଳିଙ୍ଗନଗର ଶିଳ୍ପାଞ୍ଚଳ ସ୍ଥାନ ପାଇଥିଲା। ଏହି ଯୋଜନା କାର୍ଯ୍ୟକାରୀ ହେଲେ ନିଯୁକ୍ତି ସୁଯୋଗ ସୃଷ୍ଟିର ସମ୍ଭାବନା ରହିଛି। ହେଲେ ସେହି ଘୋଷଣାକୁ ଇତିମଧ୍ୟରେ ୩ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ତାହା କେବଳ ରିପୋର୍ଟରେ ସୀମିତ ରହିଛି। ଫଳରେ ଆବଶ୍ୟକ ଭିତ୍ତିଭୂମି ଅଭାବରୁ ଶିଳ୍ପାଞ୍ଚଳରେ ଗମନାଗମନ, ଯୋଗାଯୋଗ, ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ ପରାହତ ହେଉଛି। ଏଭଳି ସ୍ଥିତିରେ ରାଜ୍ୟ ସରକାର କଳିଙ୍ଗନଗରରେ ଶିଳ୍ପର ବିକାଶ ପାଇଁ ୩୫ଟି ନୂଆ କାରଖାନା ସ୍ଥାପନ କରିବାକୁ ଯେଉଁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି ତାହା ଏବେ ସ୍ୱପ୍ନ ଭଳି ଲାଗୁଛି। ଏହି କ୍ରମରେ କଳିଙ୍ଗ ନଗର ଶିଳ୍ପ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ହସ୍ତକ୍ଷେପ ଲୋଡ଼ାଯାଇଛି।

ଅଭିଯୋଗ ଅନୁଯାୟୀ, ଗୋଟିଏ ପଟେ ରାଜ୍ୟ ସରକାର ନିବେଶକମାନଙ୍କୁ ଓଡ଼ିଶାରେ ପୁଞ୍ଜି ବିନିଯୋଗ କରିବା ପାଇଁ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରୁଛନ୍ତି। ଚଳିତ ମାସ ଶେଷ ଆଡକୁ ଏହି କାର୍ଯ୍ୟକ୍ରମ ଆୟୋଜନ ହେଉଥିବା ସୂଚନା ରହିଛି। ଅନ୍ୟପଟେ ଜାତୀୟ ଉତ୍ପାଦନ ବିନିଯୋଗ କ୍ଷେତ୍ରର ସ୍ୱତନ୍ତ୍ର ମାନ୍ୟତା ପାଇଥିବା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଗଢ଼ି ଉଠିଥିବା କାରଖାନାଗୁଡିକ ବିଭିନ୍ନ ସମସ୍ୟାରେ ଚାଲିଛି। ତେଣୁ ରାଜ୍ୟ ସରକାରଙ୍କ ନୋଡାଲ ଏଜେନ୍ସି ଇଡ୍‌କୋ ଜାତୀୟ ଉତ୍ପାଦନ ବିନିଯୋଗ କ୍ଷେତ୍ର ଯୋଜନାକୁ କାର୍ଯ୍ୟକାରୀ କରିବାକୁ ୱାପ୍‌କୋସ ନାମକ ଏକ ସଂସ୍ଥାକୁ ଦାୟିତ୍ୱ ଦେଇଛି। ଏହି ସଂସ୍ଥା କଳିଙ୍ଗନଗରରେ ୧୬୫.୨୫ ବର୍ଗ କି.ମି. ପରିବ୍ୟାପ୍ତ ଅଞ୍ଚଳରେ ଶିଳ୍ପାଞ୍ଚଳର ଆବଶ୍ୟକତାକୁ ନଜରରେ ରଖି ବିଶ୍ୱସ୍ତରୀୟ ଭିତ୍ତିଭୂମି ବିକାଶ ଯଥା ସଡ଼କ ପଥ, ରେଳ, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ବର୍ଜ୍ୟଜଳ ପରିଚାଳନା ପାଇଁ ସ୍ୱତନ୍ତ୍ର ଡ୍ରେନେଜ ବ୍ୟବସ୍ଥା ଓ ବର୍ଜ୍ୟ ଜଳକୁ ଟ୍ରିଟ୍‌ମେଣ୍ଟ କରାଯାଇ ପୁନଃ ବ୍ୟବହାର ଉପଯୋଗୀ କରିବା ପାଇଁ ନୀଳନକ୍ସା ପ୍ରସ୍ତୁତ କରିଛି। ଏହି ଯୋଜନାଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ୧୦ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା। ଏହି ମର୍ମରେ କଳିଙ୍ଗନଗର ଶିଳ୍ପ ସଂଘର ସଭାପତି ପି.ଏଲ୍. କଣ୍ଡେଇ ମୁଖ୍ୟ ଶାସନ ସଚିବଙ୍କୁ ଦେଇଥିବା ପତ୍ରରେ ଆହୁରି ଦର୍ଶାଇଛନ୍ତି, କଳିଙ୍ଗନଗରରେ ଟାଟା, ଜିନ୍ଦଲ, ଟିଏସ୍ଏମ୍ଏଲ୍, ଭିସା, ମଇଥାନ, ବିଆର୍‌ପିଏଲ୍, ସାଗର ସିମେଣ୍ଟ, ୟାଜଦାନୀ, ନ୍ୟୁଭିସ୍ତା ଆଦି ଶିଳ୍ପ ସଂସ୍ଥା ସେମାନଙ୍କ କାରଖାନା ସ୍ଥାପନ କରିଛନ୍ତି। କିନ୍ତୁ ବିଡମ୍ବନା ଯେ ଆବଶ୍ୟକ ଭିତ୍ତିଭୂମିର ଅଭାବରୁ ଏହି କାରଖାନାଗୁଡ଼ିକ ପରିଚାଳନା ଓ ସମ୍ପ୍ରସାରଣ ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଅଞ୍ଚଳରେ ବାର୍ଷିକ ହାରାହାରି ୫୫୦ ମିଲିମିଟର ବର୍ଷା ହେଉଛି। ଉକ୍ତ ସ୍ଥାନ ଅସମତଳ ଏବଂ ପାହାଡିଆ ହୋଇଥିବାରୁ ମୌସୁମୀ ଓ ଲଘୁଚାପ ପ୍ରଭାବରେ ହେଉଥିବା ବର୍ଷାର ଜଳ ଉପରମୁଣ୍ଡରେ ଗଢ଼ି ଉଠିଥିବା କାରଖାନାରୁ ତଳିଆ ଅଞ୍ଚଳରେ ରହିଥିବା କାରଖାନା ମଧ୍ୟ ଦେଇ ନିକଟସ୍ଥ ଅଞ୍ଚଳକୁ ପ୍ରବାହିତ ହେଉଛି। ଟାଟା କାରଖାନା ସମୁଦ୍ର ପତ୍ତନଠାରୁ ୫୭ ମିଟର, ଜିନ୍ଦଲ ୪୯ ମିଟର, ଟିଏସ୍ଏମ୍ଏଲ୍ (ରୋହିତ) ୫୫ ମିଟର, କେଜେ ୪୭ ମିଟର ଓ ଭିସା ଷ୍ଟିଲ ୩୫ ମିଟର ଉଚ୍ଚତାରେ ରହିଛି। ଫଳରେ ବର୍ଷାଜଳ ଉପର ମୁଣ୍ଡରୁ ପ୍ରବାହିତ ହୋଇ ନିକଟସ୍ଥ କଚେରିଗାଁ, ଆରାସାହି ମଧ୍ୟଦେଇ ଗଣ୍ଡନାଳାକୁ ପ୍ରବାହିତ ହେଉଛି। କାରଖାନାଗୁଡିକ ପ୍ରଦୂଷଣ ନିୟମ ପାଳନ କରିବା ପାଇଁ ଆବଶ୍ୟକ ଯନ୍ତ୍ରପାତି ସ୍ଥାପନ କରାଯାଇଛି। କିନ୍ତୁ ଉପର ମୁଣ୍ଡରୁ ପ୍ରବାହିତ ଜଳର ମାତ୍ରା ଏତେ ଅଧିକ ଯେ ସେଥିପାଇଁ ସ୍ୱତନ୍ତ୍ର ଡ୍ରେନେଜ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି ବୋଲି ସଂଘ ଦାବି କରିଛି।

ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଜାତୀୟ ଉତ୍ପାଦନ ବିନିଯୋଗ କ୍ଷେତ୍ର ଯୋଜନାକୁ କାର୍ଯ୍ୟକାରୀ କରିବାକୁ ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ କରୁଛି।



କଳିଙ୍ଗନଗର ଶିଳ୍ପାଞ୍ଚଳର ପ୍ରବେଶ ଦ୍ୱାର।

## ସଂକ୍ଷେପରେ

### ବିରଳ କଇଁଛ ଉଦ୍ଧାର



ବରୀ,୯।୧୧(ଡି.ଏନ.ଏ.): ଯାଜପୁର ଜିଲା ବରୀ ବ୍ଲକ୍ ଅଧୀନ ବରୀ ପଞ୍ଚାୟତ ସୁବଳସାହିରୁ ବୁଧବାର ଏକ ବିରଳ କଇଁଛ ଉଦ୍ଧାର କରାଯାଇଛି। ସାହିର ରବୀନ୍ଦ୍ର ମଲିକ ନଦୀକୁ ମାଛ ଧରିବାକୁ ଯାଇଥିବା ବେଳେ ତାଙ୍କ ଛଡ଼ରେ ଏକ କଇଁଛ ଲାଗିଥିଲା। ତେବେ ଏହି କଇଁଛ ଦେହରେ ପ୍ରଭୁ ଜଗନ୍ନାଥ ଓ ପେଟରେ ସାଇଁ ବାବାଙ୍କ ଚିତ୍ର ଥିବା ଦେଖିବାକୁ ମିଳିଛି। ଫଳରେ କଇଁଛକୁ ସ୍ଥାନୀୟ ଲୋକେ ପୂଜାର୍ଚ୍ଚନା କରିଛନ୍ତି।

### ଶିଶୁ ସାହିତ୍ୟ ଶୁଭ ସକାଳର ପୁରସ୍କାର ଘୋଷଣା

ଧର୍ମଶାଳା,୯।୧୧(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଜାରକାସ୍ଥିତ ଶିଶୁ ସାହିତ୍ୟ ଅନୁଷ୍ଠାନ ଶୁଭ ସକାଳର ପୁରସ୍କାର ଘୋଷଣା କରାଯାଇଛି। ଆସନ୍ତା ୧୨ ତାରିଖରେ ଏହି ଅନୁଷ୍ଠାନର ବାର୍ଷିକ ଉତ୍ସବ ଜାରକା ଟ୍ୟାକ୍ସି ଷ୍ଟାଣ୍ଡସ୍ଥିତ ସିଭିକ ସେଣ୍ଟରଠାରେ ଅନୁଷ୍ଠିତ ହେବ। ଏଥିଲାଗି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନ ଉପସଭାପତି ମିନତି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ବ୍ରଜବନ୍ଧୁ ଶତପଥୀ ବିବରଣୀପାଠ କରି ସୂଚନା ପ୍ରଦାନ କରିଥିଲେ। ଚଳିତ ବର୍ଷର ଶୁଭସକାଳ ପୁରସ୍କାର ବିଶିଷ୍ଟ ଶିଶୁ ସାହିତ୍ୟ ସ୍ରଷ୍ଟା ଦାଶ ବେହେନୁରଙ୍କୁ ପ୍ରଦାନ କରାଯିବ। ଏହି ଅବସରରେ କବାଟବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରର ଡ. ନିହାର ରଞ୍ଜନ କରଙ୍କୁ ଡାକ୍ତର ରମେଶ ଚନ୍ଦ୍ର ସାହୁ ସ୍ମୃତି ସମ୍ମାନ, ଶିଶୁ ସାହିତ୍ୟ ସ୍ରଷ୍ଟା ରବୀନ୍ଦ୍ର ମାଝିଙ୍କୁ ବଂଶୀଧର ସେଠୀ ସ୍ମୃତି ସମ୍ମାନ, ଆଦର୍ଶ ଶିକ୍ଷକ ଅଦିକନ୍ଦ ସ୍ୱାଇଁଙ୍କୁ ବଂଶୀଧର ସେଠୀ ଶିକ୍ଷକ ସମ୍ମାନ ପ୍ରଦାନ କରାଯିବ ବୋଲି ଉପସଭାପତି ସାହୁ ଘୋଷଣା କରିଛନ୍ତି। ପ୍ରସ୍ତୁତି ବୈଠକରେ ଉପଦେଷ୍ଟା ରମାକାନ୍ତ ଜେନା, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ପଦ୍ମଜା ଶରଣ, ପ୍ରତାପରୁଦ୍ର ପଣ୍ଡା, ପ୍ରେମଲତା ମହାରଣା, ଅଖିଳ କୁମାର ସ୍ୱାଇଁ, ସତ୍ୟାନନ୍ଦ ପ୍ରଧାନ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ସବିତା ମିଶ୍ର ଓ ଦେବେନ୍ଦ୍ର ପଟ୍ଟନାୟକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ବିନୋଦ ଚିନାରା ଧନ୍ୟବାଦ ଦେଇଥିଲେ।

### ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପରଲୋକ



ବରୀ,୯।୧୧(ଡି.ଏନ.ଏ.): ବରୀ ବ୍ଲକ୍ ଅଧୀନ ବାଲିବିଲ ପଞ୍ଚାୟତ କରୋଡ଼ାପିପଲ ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ବିଚିତ୍ର ସାମଲଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା। ତାଙ୍କ ଗୋଡ଼ରେ ଆଘାତ ଲାଗିଥିବାରୁ ଉକ୍ତ କ୍ଷତ ସ୍ଥାନକୁ ଡ୍ରେସିଂ କରିବା ନିମନ୍ତେ ସେ ବାରମ୍ବାର ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିଲେ। ମଙ୍ଗଳବାର ଡ୍ରେସିଂ କରିବାକୁ ଯାଇଥିବା ବେଳେ ଉକ୍ତ କ୍ଷତ ସ୍ଥାନ ଶୁଖିବା ନିମନ୍ତେ ଡାକ୍ତରଙ୍କୁ ଇଞ୍ଜେକସନ୍ ଦେବାକୁ ଅନୁରୋଧ କରିଥିଲେ। ଡାକ୍ତରଙ୍କ ଅନୁମତିକ୍ରମେ ତାଙ୍କୁ ଇଞ୍ଜେକସନ୍ ଦିଆଯିବା ପରେ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ଫଳରେ ତାଙ୍କୁ ଯାଜପୁର ଜିଲା ମୁଖ୍ୟା ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ବାଲିବିଲ ସରପଞ୍ଚ ମଧୁସ୍ମିତା ସାମଲ, ସମିତିସଭ୍ୟା ସୁଧାଂଶୁବାଳା ସାମଲ, ପୂର୍ବତନ ସରପଞ୍ଚ ନବଘନ ପରିଡ଼ା, ଯୁବ ସାମାଜିକ କର୍ମୀ ମାନଗୋବିନ୍ଦ ସାମଲ, ପୂର୍ବତନ ସରପଞ୍ଚ ସୁଧାଂଶୁ ସାମଲଙ୍କ ସମେତ ବହୁ ଅବସରପ୍ରାପ୍ତ ସେନା କର୍ମଚାରୀ ତାଙ୍କ ଘରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁତୁରା ଜ୍ଞାନରଞ୍ଜନ ସାମଲ ମୁଖାଗ୍ନି ଦେଇଛନ୍ତି। ଅବସରପ୍ରାପ୍ତ ସେନା କର୍ମଚାରୀ ବିଚିତ୍ରଙ୍କ ୨ ଝିଅ ଓ ସ୍ତ୍ରୀ ଅଛନ୍ତି।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣଙ୍କର ମୃତ୍ୟୁ

ଚଣ୍ଡିଖୋଲ/ଛତିଆ, ୯।୧୧(ଡି.ଏନ.ଏ.)

ବଡ଼ଚଣା ବ୍ଲକ ବୈରୀ ଥାନା ଅନ୍ତର୍ଗତ ସମିଆ ପଞ୍ଚାୟତ ଅଧୀନ କେନ୍ଦୁ ଗାଡ଼ିଆ ଗ୍ରାମରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଜଗମୋହନ ଗାଗରାଇ। ଜଗମୋହନ ବୁଧବାର ଶୌଚ ପାଇଁ ବିଲକୁ ଯାଇଥିଲେ। ଶୌଚ ସାରି ଫେରିବା ସମୟରେ ଏକ ଜମି କଡ଼ ବାଡ଼ ସଂସ୍ପର୍ଶରେ ଆସିଥିଲେ। ତେବେ ବାଡ଼ ମଧ୍ୟରେ ବିଦ୍ୟୁତ୍ ତାର ସଂଯୋଗ ହୋଇଥିବାରୁ ଏହା ସଂସ୍ପର୍ଶରେ ଆସି ଅଚେତ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜଗମୋହନଙ୍କ ମୃତ୍ୟୁ ପାଇଁ ତାଙ୍କ ପରିବାର ଜମି ମାଲିକଙ୍କୁ ଦାୟୀ କରି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ମନାଇପାରୁନି ପ୍ରଶାସନ



ବିସ୍ଥାପିତମାନେ ଧାରଣାରେ ବସିଛନ୍ତି।

ଲିଙ୍ଗନଗର,୯।୧୧ (ଡି.ଏନ.ଏ.)

### ଦ୍ୱିତୀୟ ଦିନରେ ବିସ୍ଥାପିତଙ୍କ ଆନ୍ଦୋଳନ

କଳିଙ୍ଗନଗରସ୍ଥିତ ଜିନ୍ଦଲ ଷ୍ଟେନ୍‌ଲେସ୍ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ମଙ୍ଗଳବାରଠାରୁ ବିସ୍ଥାପିତ ପରିବାର ପକ୍ଷରୁ ଚାଲିଥିବା ଆନ୍ଦୋଳନ ବୁଧବାର ୨ୟ ଦିନରେ ପହଞ୍ଚିଛି। ଏହା ଭିତରେ ୪୦ ଘଣ୍ଟାରୁ ଅଧିକ ସମୟ ବିତିଥିଲେ ମଧ ପ୍ରଶାସନ ଆନ୍ଦୋଳନକାରୀଙ୍କୁ ମନାଇ ପାରିନାହିଁ। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଦାନଗଦି ତହସିଲଦାର ନମ୍ରତା ମୋଦି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିବାବେଳେ ଜିଲା ପ୍ରଶାସନ ପକ୍ଷରୁ କଳିଙ୍ଗନଗର ଏଡିଏମ୍ କିମ୍ବା ଯାଜପୁର ଜିଲାପାଳ ଆନ୍ଦୋଳନସ୍ଥଳକୁ ଯାଇ ନ ଥିବା ଧାରଣାରେ ବସିଥିବା ବିସ୍ଥାପିତମାନେ କହିଛନ୍ତି।

ବିସ୍ଥାପିତ ଶୀତ କାକରରେ ବସି ରହିଥିବାବେଳେ ସେମାନଙ୍କ ସହିତ ପ୍ରଶାସନ ଆଲୋଚନା କରୁ ନ ଥିବାରୁ ଆଗକୁ ଆନ୍ଦୋଳନକୁ ଅଧିକ ଶକ୍ତିଶାଳୀ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଆନ୍ଦୋଳନକାରୀଙ୍କ ଦାବି ମୁତାବକ, କାରଖାନା ପାଇଁ ବିସ୍ଥାପିତ ହୋଇଥିବା ଓ ସମସ୍ତ ଜମିହରାଙ୍କ ପରିବାରକୁ ଯୋଗ୍ୟତା ଆଧାରରେ କାରଖାନାରେ ସ୍ଥାୟୀ ନିଯୁକ୍ତି ଦିଆଯାଉ। ବିସ୍ଥାପିତ ପରିବାର ଲୋକେ ଚାକିରି ସମୟ ମଧ୍ୟରେ ଯଦି ମୃତ୍ୟୁବରଣ କରନ୍ତି କିମ୍ବା ଶାରୀରିକ ଅକ୍ଷମ ହୁଅନ୍ତି ସେହି ପରିବାରରୁ ଅନ୍ୟ ଜଣେ ସଦସ୍ୟଙ୍କୁ କାରଖାନା କର୍ତ୍ତୃପକ୍ଷ ନିଯୁକ୍ତି ପ୍ରଦାନ କରିବେ। ବିସ୍ଥାପିତ ଓ ଜମିହରା ପରିବାର ସଦସ୍ୟଙ୍କୁ ପୁରୁଷାନୁକ୍ରମିକ ଭାବେ ସ୍ଥାୟୀ ନିଯୁକ୍ତି ଦେବା ଆଦି ନେଇ ସେମାନେ ଦାବି ରଖିଛନ୍ତି। ଦାବି ପୂରଣ ସମ୍ପର୍କରେ ଲିଖିତ ପ୍ରତିଶ୍ରୁତି ଦିଆଗଲେ ଆନ୍ଦୋଳନ ହଟାଇ ଦିଆଯିବ ବୋଲି ସେମାନେ କହିଛନ୍ତି। ଏନେଇ ଜିଲା ପ୍ରଶାସନର ପ୍ରତିକ୍ରିୟା ମିଳି ପାରିନାହିଁ।

## ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମା'ଙ୍କ ପରଲୋକ

ପାଣିକୋଇଲି,୯।୧୧(ଡି.ଏନ.ଏ.)

ପାଣିକୋଇଲିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ରମେଶ ଚନ୍ଦ୍ର ରାଉତଙ୍କ ସହଧର୍ମିଣୀ ତଥା କେନ୍ଦ୍ରର ମା' ଭାବେ ପରିଚିତ ସୁଷମାରାଣି ରାଉତ(୭୯)ଙ୍କ ପରଲୋକ ହୋଇଛି। ସେ ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଥିଲେ। ଆଶ୍ରମକୁ ଯାଉଥିବା ସମସ୍ତ ଭକ୍ତ ଓ ଦର୍ଶକଙ୍କୁ ନିଜ ମା'ଭଳି ବ୍ୟବହାର ପ୍ରଦର୍ଶନ କରି ସମସ୍ତଙ୍କ ପାଇଁ ମା' ପାଲଟି ଯାଇଥିଲେ। କିଛିଦିନ ହେବ ସେ ଶଯ୍ୟାଶାୟୀ ଥିଲେ। ତାଙ୍କ ମୃତ୍ୟୁ ଖବର ପାଣିକୋଇଲି ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି। ଶ୍ରୀମା ଓ ଶ୍ରୀଅରବିନ୍ଦ ପ୍ରେମୀ ତଥା ବହୁ ବ୍ୟକ୍ତି ବିଶେଷ ତାଙ୍କ ମରଶରୀର ନିକଟରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମରଶରୀରକୁ ଶୋଭାଯାତ୍ରାରେ ଗୋପୀନାଥପୁର ଓ କଟକସ୍ଥିତ ମାତୃ ଭବନକୁ ନିଆଯାଇଥିଲା। ଗୋପୀନାଥପୁର ଆଶ୍ରମ ସମ୍ପାଦକ ବୀରବର ସାହୁ, କଟକ ମାତୃ ଭବନ ଆଶ୍ରମର ସମ୍ପାଦକ ପ୍ରସାଦ ତ୍ରିପାଠୀ, ଗଦାଧର ମିଶ୍ର, ପୁରୀ ଆଶ୍ରମର ସମ୍ପାଦକ ଡ. ବିପିନାନନ୍ଦ ମିଶ୍ର ସମେତ ଭୁବନ, ଜଗତ୍‌ସିଂହପୁର, କେନ୍ଦୁଝର, ଧାମନଗର, ଭଦ୍ରକ ସମେତ ବହୁ ସ୍ଥାନରୁ ମାତୃ ପ୍ରେମୀମାନେ ଆସି ତାଙ୍କ ଶେଷଦର୍ଶନ କରିଥିଲେ। ଶବଧାରରେ ସୂର୍ଯ୍ୟମଣି ପଣ୍ଡା, ସନ୍ତୋଷ କୁମାର ବେହେରା, ନିରଞ୍ଜନ ରାଉତ, ଅନିରୁଦ୍ଧ ଦାଶ, ମଧୁସୂଦନ ସାହୁ, ରଘୁନାଥ ମାଝୀ ଓ ପରିବାର ବର୍ଗ ଯୋଗଦେଇଥିବାବେଳେ ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସାନପୁଅ ଯୋଗାନନ୍ଦ ମୁଖାଗ୍ନି ଦେଇଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା



ବିଜେଡି ନେତା ଓ କର୍ମୀ ପଦଯାତ୍ରାରେ ଯାଉଛନ୍ତି।

ଯାଜପୁର ସଦର,୯।୧୧(ଡି.ଏନ.ଏ.)

ଯାଜପୁର ବ୍ଲକ ଅନ୍ତର୍ଗତ ଯମଧର ପଞ୍ଚାୟତ ବିଜେଡି ପକ୍ଷରୁ ଏକ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା ପଞ୍ଚାୟତ କାର୍ଯ୍ୟାଳୟଠାରୁ ବାହାରି ଯମଧର, ରେକାବିବଜାର, ପାଣ୍ଡିଆ ଗୋପୀନାଥପୁର, ମହାପୁର ଓ ସପ୍ତେଶ୍ୱପୁର ପର୍ଯ୍ୟନ୍ତ ଯାଇଥିଲା। ଯାଜପୁର ବିଧାୟକଙ୍କ ପ୍ରତିନିଧି ଭବପ୍ରସାଦ ଦାସ ପଞ୍ଚାୟତ କାର୍ଯ୍ୟାଳୟଠାରେ ମହାତ୍ମା ଗାନ୍ଧୀ ଓ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବା ସହ ଲୋକଙ୍କ ସୁଖ ଦୁଃଖରେ ସାମିଲ ହେବା ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି କୁହାଯାଇଛି।

ଉକ୍ତ ପଦଯାତ୍ରାରେ ଯମଧର ସରପଞ୍ଚ ବାଦଲ ଖୁଣ୍ଟିଆ, ସମିତିସଭ୍ୟ ସେକ୍ ମୋଜାହିଦ, ପୂର୍ବତନ ସରପଞ୍ଚ ଝରଣା ସେଠୀ, ସୁମତି ମାଝି, ସମର୍ଜିତ ପୃଷ୍ଟି, ଜିଲା ବିଜେଡି ସମ୍ପାଦକ ପ୍ରଦୀପ ନାୟକ, ଯାଜପୁର ବ୍ଲକ ବିଜେଡି ସଭାପତି ପରେଶ ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ନାୟକ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ତୁଷାର କାନ୍ତ ପରିଡ଼ା, ଶ୍ରୀଧର ଜେନା, ଗଣେଶ ମହାକୁଡ଼, ଅନିଲ ସାହାଣୀ, ଅଜୟ ମହାନ୍ତି, ସୁଭସ୍ମିତା ନାୟକ, ପ୍ରମିଳା ରାଉତ ଓ ଅନିତା ସାହୁଙ୍କ ସହ ଶତାଧିକ କର୍ମୀ ସାମିଲ ହୋଇଥିଲେ।

## କ୍ୟାପିଟାଲ ହସ୍ପିଟାଲରେ ମିଳିବ ସୁପର ସ୍ପେଶାଲିଟି ସେବା

ଭୁବନେଶ୍ୱର, ୯।୧୧(ବ୍ୟୁରୋ)

ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ବିଏମ୍‌ସି ହସ୍ପିଟାଲରେ ମିଳିବ ସୁପର ସ୍ପେଶାଲିଟି ଚିକିତ୍ସା ସେବା। ଏଥିପାଇଁ ସ୍ପେଶାଲିଷ୍ଟ ଡାକ୍ତରଙ୍କୁ ନିଯୁକ୍ତି ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଅନୁମୋଦନ କରିଛନ୍ତି। ଏହି ଡାକ୍ତରମାନଙ୍କୁ ଠିକା ନିଯୁକ୍ତି ଦିଆଯିବ ଓ ଏମାନଙ୍କୁ କର୍ପସ ପାଣ୍ଠିରୁ ଟଙ୍କା ମିଳିବ। ଏହି ଫଣ୍ଡ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକଙ୍କ ପାଖରେ ରହିବ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନରଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ପିଜିଆଇଏମ୍‌ଇଆର୍ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଏବଂ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକଙ୍କୁ ନେଇ ଏକ କମିଟି ଗଠନ ହୋଇଛି। ଏହି କମିଟି ଉପଯୁକ୍ତ ଡାକ୍ତରଙ୍କୁ ନିଯୁକ୍ତି ଦେବା ପାଇଁ ଚୟନ କରିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କର୍ପସ ପାଣ୍ଠିରୁ ଖର୍ଚ୍ଚ ହେବ। ଏ ନେଇ ବୁଧବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ରାଜ୍ୟ ଯୁବ କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା



ରାଜ୍ୟ ଯୁବ କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପାଣିକୋଇଲି,୯।୧୧(ଡି.ଏନ.ଏ.)

ଓଡ଼ିଶାରେ ଭାରତ ଯୋଡ଼ୋ ପଦଯାତ୍ରା ଚାଲିଥିବା ବେଳେ ଏଥିରେ ଯୋଗଦେବାକୁ ଆସିଥିବା ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କାକୁ ପାଣିକୋଇଲିରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ରାକେଶ ସାହୁଙ୍କ ନେତୃତ୍ୱରେ ଶତାଧିକ ଯୁବ, ଛାତ୍ର ନେତୃମଣ୍ଡଳୀ ଯୋଗଦେଇ ଲେଙ୍କାଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଅମିତ ଜେନା, ସୌରଭ ସାହୁ, ପ୍ରତାପ ତରାଇ, ଉମାକାନ୍ତ ବେହେରା, ଅଭୟ ସ୍ୱାଇଁ, ନୀଳମଣି ମହାପାତ୍ର, ସୁଧାଂଶୁ ନାୟକ, ହରିହର ବାରିକ, ବାଦଲ ବେହେରା, ମକର ମାଝି, ସୁରେନ୍ଦ୍ର ସ୍ୱାଇଁ ଓ ରମେଶ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ଗାନ୍ଧୀଙ୍କ ବିଚାରଧାରା ସମାଜକୁ ପ୍ରେରଣା ଯୋଗାଇଛି'

ଚଣ୍ଡିଖୋଲ,୯।୧୧(ଡି.ଏନ.ଏ.)

ପୃଥିବୀରେ ଥିବା ୭ଟି ମହାଦେଶ ମଧ୍ୟରୁ ମହାତ୍ମା ଗାନ୍ଧୀ ୩ଟି ମହାଦେଶରେ ନିଜର ସ୍ୱତନ୍ତ୍ରତା ବଜାୟ ରଖିଥିଲେ। ତାଙ୍କ ବିଚାରଧାରା ଓ ଦର୍ଶନ ସମାଜକୁ ପ୍ରେରଣା ଯୋଗାଇଛି। ତେବେ ଏବେର ସାମାଜିକ ବ୍ୟବସ୍ଥାରେ ଗାନ୍ଧୀଙ୍କ ବିଚାରଧାରା ଓ ବୈଶିଷ୍ଟ୍ୟର ଆବଶ୍ୟକତା ରହିଛି ବୋଲି ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଜେବି କଲେଜ ପୂର୍ବତନ ପ୍ରଫେସର ଅଭିରାମ ବିଶ୍ୱାଳ ମତ ରଖିଛନ୍ତି। ଛତିଆସ୍ଥିତ ମହାପୁରୁଷ ହାଡ଼ି ଦାସ ମହାବିଦ୍ୟାଳୟରେ ରିଙ୍କୁ ମେମୋରିଆଲ ଟ୍ରଷ୍ଟର ବକ୍ତୃତା ମାଳା କଲେଜ ପରିଚାଳନା କମିଟି ସଭାପତି ଡ. କେଦାର ନାଥ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ଡ. ରାମଚନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ପ୍ରାଧ୍ୟାପକ ରବୀନ୍ଦ୍ର ନାଥ ସାମଲଙ୍କ ଲିଖିତ ପୁସ୍ତକ 'ଅପର୍ଣ୍ଣା ମହାନ୍ତିଙ୍କ କବି ଓ କବିତାର କଥା'କୁ ଉନ୍ମୋଚନ କରିଥିଲେ। ପୁସ୍ତକ ସମୀକ୍ଷା କରିଥିଲେ କବି ପ୍ରଭାକର ଶତପଥୀ। ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ପ୍ରଫେସର ଡ. ସସ୍ମିତ ପାଣି, ଛତିଆ ମହାବିଦ୍ୟାଳୟ ଅଧ୍ୟକ୍ଷ ଶୁଭଦର୍ଶିନୀ ମହାନ୍ତି ଯୋଗ ଦେଇଥିଲେ। କବି ରୁଦ୍ର ପ୍ରସନ୍ନ ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ରିଙ୍କୁ ମେମୋରିଆଲ ଟ୍ରଷ୍ଟର ଆଭିମୁଖ୍ୟ ଓ କାର୍ଯ୍ୟଧାରା ସମ୍ପର୍କରେ ବିଶେଷ ଉପସ୍ଥାପନା କରିଥିଲେ। ଇଂ. ଉନ୍ମେଷ ଶେଖର ସାମଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଟ୍ରଷ୍ଟି ରବୀନ୍ଦ୍ର ନାଥ ସାମଲ ଓ ତାଙ୍କ ପରିବାର ପରିଚାଳନା କରିଥିଲେ। ଅଧ୍ୟାପକ ଚିତ୍ତ ରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଦେଇଥିଲେ।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ

### ଆହତ ଯୁବକଙ୍କୁ ମେଡିକାଲ ନେଲେ ଅଧ୍ୟକ୍ଷ

ଆର.ଉଦୟଗିରି,୯।୧୧(ଡି.ଏନ.ଏ.)- ମୋହନା ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର ଦୁର୍ଘଟଣାରେ ଆହତ ହୋଇଥିବା ଜଣେ ଯୁବକଙ୍କୁ ଉଦ୍ଧାର କରି ନିଜ ଗାଡ଼ିରେ ମେଡିକାଲ୍ ନେଇଛନ୍ତି । ମେରାପଲି ଗାଁ ରାସ୍ତାରେ ଗଞ୍ଜାମ ଜିଲା ସାହସପୁର ଗାଁର ଜଣେ ଯୁବକ ରବୀନ୍ଦ୍ର ମହାନ୍ତି ବାଇକ୍ ଦୁର୍ଘଟଣା ଯୋଗୁ ରାସ୍ତାରେ ପଡି ଛଟପଟ ହେଉଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ହେଲେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହୋଇଥିଲା। ସେପଟେ ଆହତ ଯୁବକଙ୍କ ଅବସ୍ଥା ମଧ୍ୟ ବିଗିଡି ଥିଲା। ତେବେ ଏହି ସମୟରେ ମୋହନା ବ୍ଲକ ଅଧ୍ୟକ୍ଷ ନିଜ ଗାଡିରେ ଲୁହାଗୁଡ଼ି ଯାଉଥିଲେ। ଆମ୍ବୁଲାନ୍ସ ବିଳମ୍ବ ହେଉଥିବା ଯୋଗୁ ବିଳମ୍ବ ନ କରି ତୁରନ୍ତ ଆହତ ଯୁବକଙ୍କୁ ଉଦ୍ଧାର କରି ସେ ନିଜ ଗାଡିରେ ନେଇ ମୋହନା ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଖବର ପାଇ ମୋହନା ଥାନାଧିକାରୀ ପ୍ରଶାନ୍ତ ନିଶିକା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

### କାଶୀନଗର ରଇତ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି

କାଶୀନଗର,୯।୧୧-କାଶୀନଗର ରଇତସଙ୍ଘର କାର୍ଯ୍ୟକାରୀ ସଭାପତି ଶାଶୁପାଲି ତାତେୟାଙ୍କ ଏକାଦଶାହ ଅବସରରେ ସଂଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସଂଘ ସଭାପତି ପ୍ରଶାନ୍ତ ମିଶ୍ରଙ୍କ ନେତୃତ୍ୱରେ ଏହି ଉପଲକ୍ଷେ ଆୟୋଜିତ ଶୋକ ସଭାରେ ଏନଏସି ଉପାଧ୍ୟକ୍ଷ ରଘୁରାମ ସାହୁ, ସଂଘ ଉପସଭାପତି ୱାଇ. ଧନଞ୍ଜୟ, କେ. ସୂରିୟା ରାଓ, କୋଷାଧ୍ୟକ୍ଷ ବସନ୍ତ କୁମାର, ଦାମୋଦର ପୋଲାକ. ତିରୁପତି. ହୃଷିକେଶ ଗୌଡ଼, ଆର ଲୋକନାଧାମ, ଟି କ୍ରିଷ୍ଣା ପ୍ରମୁଖ ଯୋଗ ଦେଇ ତତେୟାଙ୍କ କୃଷି ଓ କୃଷକ ଅନୁକୂଳ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ତାଙ୍କର ଅକାଳ ବିୟୋଗ କାଶୀନଗର ରଇତ ସଂଘ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମତ ପ୍ରକାଶ ପାଇଥିଲା। ସଂଘ ସଭାପତି ପ୍ରଶାନ୍ତ ମିଶ୍ର କହିଥିଲେ ଯେ କାଶୀନଗରରେ କୌଣସି କୃଷକ ସଂଗଠନ ନଥିବା ବେଳେ ତାତେୟା ଓ ଉଲେକ୍ଷିତ ଅନ୍ୟମାନଙ୍କ ସହଯୋଗ କ୍ରମେ କାଶୀନଗର ରଇତ ସଂଘ ଗଠିତ ହୋଇଥିଲା। କୃଷକ ମାନଙ୍କ ସମସ୍ୟାର ସମାଧାନ ପାଇଁ ସଂଘ ନୀରବଚ୍ଛିନ୍ନ ଭାବେ କାର୍ଯ୍ୟ କରି ଆସୁଛି। ତାତେୟାଙ୍କ ସ୍ମୃତି ରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

### ଯୁବକ ମୃତ, କାରଣ ଅସ୍ପଷ୍ଟ

ସୋରଡା,୯।୧୧(ଡି.ଏନ୍.ଏ.)
ରଷିକୁଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ଯୋଗ ଶିକ୍ଷାରେ ଜାତୀୟ ସ୍ତରରେ ପୁରସ୍କାର ପ୍ରାପ୍ତ ଆମର କୁମାର ନାୟକ (୩୦)ଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ପରିବାର ସଦସ୍ୟମାନେ ଆମରଙ୍କୁ ଅଚେତ ଅବସ୍ଥାରେ ସୋରଡ଼ା ଡାକ୍ତରଖାନା ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆମର ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ପାହାଡ଼ ପାଣିରେ ଧୋଇଗଲା ୪ କୋଟି ଟଙ୍କାର ପିଚୁରାସ୍ତା






ମଣିନାଗ ପୀଠକୁ ପଡିଥିବା ରାସ୍ତା ପାହାଡ଼ ପାଣିରେ ଧୋଇ ହୋଇଯାଇଛି।

■ମା'ମଣିନାଗ ପୀଠ ଅବହେଳିତ
■୧ କୋଟି ଟଙ୍କାର ଜଳ ଯୋଗାଣ ପ୍ରକଳ୍ପ କାମ ବନ୍ଦ

ରଣପୁର,୯।୧୧(ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁରରେ ରହିଛି ମା'ମଣିନାଗଙ୍କ ପୀଠ । ସେହି ପୀଠକୁ ଆସୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ପାହାଡ଼ କାଟି ୪ କୋଟି ଟଙ୍କା ବ୍ୟୟରେ ତଳ ମଣିନାଗରୁ ଉପର ମଣିନାଗକୁ ନିର୍ମିତ ହୋଇଥିବା ୫ କିଲୋମିଟର ପିଚୁ ରାସ୍ତା ପାହାଡ଼ ପାଣିରେ ଧୋଇ ହୋଇଯାଇଛି । ନିମ୍ନମାନର କାମ ତଥା ବିନା ପ୍ଲାନ୍‌ରେ ରାସ୍ତା ନିର୍ମାଣ ହୋଇଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଅଭିଯୋଗ ହୋଇଛି । ଏବେ ରାସ୍ତାଟି ମରଣଯନ୍ତା ପାଲଟିଛି । ଏଥିପାଇଁ ସ୍ଥାନୀୟ ଲୋକେ ପ୍ରଶାସନକୁ ଦାୟୀ କରିଛନ୍ତି । ଉକ୍ତ କେନ୍ଦ୍ରକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ସହିତ ମଣିନାଗ ପୀଠର ବିକାଶ ପାଇଁ ଦାବି ହୋଇଛି । ଅନ୍ୟପକ୍ଷେ ଗାର୍ଡୱାଲ ନ ଥିବାରୁ ବର୍ଷାଦିନେ ପାହାଡ଼ କ୍ଷୟ ହେବାରେ ଲାଗିଛି । ଏମିତି କିଛିଦିନ ଚାଲିଲେ ପାହାଡ଼ ଧସିବାର ଆଶଙ୍କା ବଢ଼ିଛି ।

ସୂଚନା ଅନୁଯାୟୀ, ୨୦୧୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭିତ୍ତିପ୍ରସ୍ତର ସ୍ଥାପନ ପରେ ରଣପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଉକ୍ତ ରାସ୍ତା ନିର୍ମାଣ କରିଥିଲା । ନିମ୍ନମାନର କାମ ତଥା ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ତାହା କିଛି ମାସ ବି ତିଷ୍ଠି ରହି ପାରି ନ ଥିଲା । ପ୍ରଥମେ ଉକ୍ତ ରାସ୍ତାରୁ ପିଚୁ ଉଠି ମେଣ୍ଟାଲ ଦିଶିଲା । ରାସ୍ତାରେ ବଡ ବଡ ଗାତ ସୃଷ୍ଟି ହୋଇଥିଲା । ଏହାପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ୨୦୨୧ରେ ରଣପୁର ଏନ୍‌ଏସିକୁ ଉକ୍ତ ରାସ୍ତାକୁ ହସ୍ତାନ୍ତର କରି ନିଜ ଦାୟିତ୍ୱରୁ ମୁକ୍ତ ହେଲା । ସେହିପରି ରଣପୁର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ତରଫରୁ ସେହି ପୀଠରେ ପାନୀୟ ଜଳ ଯୋଗାଣ ଲାଗି କାମ ଆରମ୍ଭ ହୋଇଥିଲା । ସରକାର ଏଥିପାଇଁ ୧କୋଟି ଟଙ୍କା ମଞ୍ଜୁର କରିଥିଲେ । ହେଲେ ସେହି କାମ ଅଧାରୁ ବନ୍ଦ ରହିଛି ।

ସମୁଦ୍ର ପତ୍ତନରୁ ପ୍ରାୟ ସାଢ଼େ ୩ ହଜାର ଫୁଟ ଉଚ୍ଚରେ ରହିଥିବା ଏହି ମନ୍ଦିରର ବିକାଶ ପ୍ରତି ଗୁରୁତ୍ୱ ଦିଆଯାଇନାହିଁ । ଏ ନେଇ ରଣପୁର ମା'ମଣିନାଗ ସେନାର ସମ୍ପାଦକ ଜାନକୀ ବଲ୍ଲଭ ମହାପାତ୍ର କୁହନ୍ତି, ଉପର ମଣିନାଗକୁ ନିର୍ମାଣ କରାଯାଇଥିବା ରାସ୍ତା ଅତିନିମ୍ନମାନର ହୋଇଥିଲା । ୪ କୋଟି ଟଙ୍କା ପାଣିରେ ପଡିଲା । ଠିକାଦାର ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ ଉପାଧ୍ୟକ୍ଷ ପ୍ରିୟବ୍ରତ ପ୍ରହରାଜ କୁହନ୍ତି, ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟ୍ଟକଳରେ ଉପର ମଣିନାଗକୁ ଜଳ ଯୋଗାଣ ପାଇ କାମ ଆରମ୍ଭ ହୋଇଥିଲା । ଅଳ୍ପଦିନ କାମ ଚାଲିବା ପରେ ବନ୍ଦ ପଡିଛି । ସେ ଟଙ୍କା କୁଆଡେ ଗଲା ତାହାର ଭିଜିଲାନ୍ସ ତଦନ୍ତ କରାଗଲେ ସତ ପଦାକୁ ଆସିବ । ରଣପୁରର ସନ୍ତୋଷ ମହାରଣା କୁହନ୍ତି, ରାସ୍ତା ଖରାପ ହୋଇଯିବାରୁ ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଛି । ସରକାର ତୁରନ୍ତ ରାସ୍ତା କାମ କରନ୍ତୁ । ମା'ମଣିନାଗ ମନ୍ଦିରର ପୂଜକ ଲଳିତ ରଥ କୁହନ୍ତି, ରାଜ୍ୟ ସରକାର ବିଭିନ୍ନ ମନ୍ଦିର ବିକାଶ କରୁଛନ୍ତି, କିନ୍ତୁ ରଣପୁର ମା'ଙ୍କ ମନ୍ଦିରର ବିକାଶ ନୁହେଁ ବିନାଶ କରାଯାଉଛି । ଏଥିପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି ।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଗଣିଆ,୯।୧୧(ଡି.ଏନ.ଏ.)

ଗଣିଆ ଥାନା ବେଲପଡ଼ାପାଟଣା ଗ୍ରାମରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବୁଧବାର ପୂର୍ବାହ୍ନରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ରାସଙ୍ଗ ପଞ୍ଚାୟତ ମାଳତିପୁଟ ଗ୍ରାମର ସନ୍ତୋଷ ବେହେରା(୪୦)। ସୂଚନା ଅନୁଯାୟୀ ବେଲପଡ଼ାପାଟଣା ଗ୍ରାମରେ ଏକ ନିର୍ମାଣାଧୀନ ମନ୍ଦିରରେ ସନ୍ତୋଷ ଜଣେ ଦିନ ମଜୁରିଆ ଭାବେ କାମ କରୁଥିଲେ । ବୁଧବାର ମନ୍ଦିର ଉପରେ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ସେ ହଠାତ ତଳକୁ ଛିଟିକି ପଡ଼ିଥିଲେ । ତାଙ୍କ ମୁଣ୍ଡ ଫାଟିବା ସହ ନାକରୁ ରକ୍ତସ୍ରାବ ହୋଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ମନ୍ଦିର ନିର୍ମାଣ କମିଟି ଓ ସନ୍ତୋଷଙ୍କୁ କାମରେ ଲଗାଇଥିବା ମିସ୍ତ୍ରୀ ମୃତକଙ୍କ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଶେଷରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ବାର୍‌ହା ମାଂସ ସହ ଫାଶ ଜବତ, ଜଣେ ଗିରଫ

ନୂଆଗାଁ,୯।୧୧ (ଡି.ଏନ.ଏ.)

ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳରୁ ବାର୍‌ହା ଶିକାର କରିଥିବା ଅଭିଯୋଗରେ ବୁଧବାର ମହିପୁର ବନ କର୍ମଚାରୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ଜଣକ ହେଲେ ସମ୍ପଡା ଗ୍ରାମର ସତ୍ୟବାନ ପରିଡା (୨୬) । ମହିପୁର ରେଞ୍ଜ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ, ମହିପୁର ବନାଞ୍ଚଳରୁ ବାରହା ଶିକାର କରି ଘରକୁ ଅଣାଯାଉଥିବା ନେଇ ମହିପୁର ରେଞ୍ଜରଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପାଇ ବନ ବିଭାଗ କର୍ମଚାରୀ ସମ୍ପଡା ଗ୍ରାମର ଦଣ୍ଡ ପରିଡ଼ାଙ୍କ ଘର ଖାନତଲାସ କରିବାରେ ୨ କେଜି ବାରହା ମାଂସ ସହ ୫୦୦ ଗ୍ରାମର ଫାଶ ମିଳିଥିଲା । ଘରେ କାହାରିକୁ ନ ପାଇ ବନ କର୍ମଚାରୀମାନେ ଫେରି ଆସିଥିଲେ । ଅପରାହ୍ନରେ ଦଣ୍ଡ ପରିଡାଙ୍କ ପୁଅ ସତ୍ୟବାନଙ୍କୁ ବନ କର୍ମଚାରୀ ଗିରଫ କରିଛି ।

## ଦୁଇ ବାଇକ୍ ଲୁଟେରା ଗିରଫ, ୪ ବାଇକ ଉଦ୍ଧାର

ଖଲ୍ଲିକୋଟ,୯।୧୧(ଡି.ଏନ.ଏ.)

ଖଲ୍ଲିକୋଟ ଥାନା ପୋଲିସ ଦୁଇ ବାଇକ ଲୁଟେରାଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ଖଲ୍ଲିକୋଟ ଥାନା ନୂଆ ଫାସୁଲା ଗ୍ରାମର ଜି. ଜଗା ରାଉଳ (୩୦) ଓ କୋଦଳା ଥାନା ଅଞ୍ଚଳର ଜେ. ଶଙ୍କର (୨୦)। ସେମାନଙ୍କ ନିକଟରୁ ୨ ବାଇକ ଜବତ ହୋଇଛି। ଖଲ୍ଲିକୋଟ ଥାନା ନଂ. ୪୨୪/୨୨ରେ ମାମଲା ରୁଜୁ ହୋଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

## ରୋଗୀଙ୍କ ଚିକିତ୍ସା ବେଳେ ମିଳିବ ପୁଷ୍ଟିକର ଖାଦ୍ୟ, ସହାୟତା




ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ଯୋଜନାରେ ରୋଗୀମାନଙ୍କୁ ଅଣ୍ଡା ବଣ୍ଟନ କରାଯାଉଛି।

ନୟାଗଡ଼ ଅଫିସ,୯।୧୧

**ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ**

ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ନୟାଗଡ଼ ଜିଲାରେ ବୁଧବାର ଆରମ୍ଭ ହୋଇଛି। ଯକ୍ଷ୍ମା ରୋଗୀ ୬ ମାସର ଚିକିତ୍ସାଧୀନ ସମୟରେ ପୁଷ୍ଟିକର ଖାଦ୍ୟ, ନିରାକରଣ ପାଇଁ ସହାୟତା ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ପାଇଁ ଧନ୍ଦାମୂଳକ ତାଲିମ ପ୍ରଦାନ ପାଇବେ। ସରକାର ଏଥିପାଇଁ ସମାଜର ବଦାନ୍ୟ ବ୍ୟକ୍ତି, ଅନୁଷ୍ଠାନ ଆଗେଇ ଆସି ସହାୟତାର ପ୍ରତିଶ୍ରୁତି ଦେବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଗଣିଆର ଚିକିତ୍ସା ଅଧିକାରୀ ଡା. ମଧୁସୂଦନ ଦାସ, ବରିଷ୍ଠ ଯକ୍ଷ୍ମା ଅଧିକାରୀ ଅସିତ କୁମାର ପାଣିଗ୍ରାହୀ ଓ ରାଜ୍ୟ ପରାମର୍ଶଦାତା ଡା. ନିର୍ମଳା ଦେଇ 'ନି-କ୍ଷୟ ମିତ୍ର' କାର୍ଯ୍ୟକ୍ରମ ଅନୁଯାୟୀ ଯକ୍ଷ୍ମା ରୋଗରେ ଚିକିତ୍ସାଧୀନ ଆଡକଟା ଶିତୁଳିଆସାହିର ରୋଗୀ ମାନସ ପ୍ରଧାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ଏଥିପାଇଁ ରୋଗୀକୁ ଡାଲି, ଚାଉଳ, ତେଲ, ହରଲିକ୍ସ ଓ ଅଣ୍ଡା ଥିବା ଏକ ପୁଡିଆ ଯୋଗାଇ ଦେଇଛନ୍ତି। ରୋଗ ସୃଷ୍ଟି କରୁଥିବା ଜୀବାଣୁ ପୁଷ୍ଟିହୀନ ବ୍ୟକ୍ତି ଏବଂ କମ୍ ରୋଗ ପ୍ରତିରୋଧକ ଶକ୍ତି ପାଇଁ ଅଧିକ କ୍ଷତିକାରକ ସାଜୁଛି। ସରକାର ମାଗଣାରେ ଯୋଗାଉଥିବା ଔଷଧ ସହ ରୋଗୀ କିପରି ପର୍ଯ୍ୟାପ୍ତ ପୁଷ୍ଟିକର ଖାଦ୍ୟ ଖାଇବେ ଏହା ନିଶ୍ଚିତ କରିବା ଜରୁରୀ ଅଟେ। ସରକାରଙ୍କର ଏହି ଛୋଟ ପଦକ୍ଷେପ ଯକ୍ଷ୍ମା ରୋଗୀଙ୍କୁ ରୋଗ ମୁକ୍ତ କରିବାରେ ସହଯୋଗ କରିବ ବୋଲି କୁହାଯାଇଛି।

## ଗଣିଆରେ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

ନୟାଗଡ ଅଫିସ,୯।୧୧

ଗଣିଆ ବ୍ଲକର ମଣିଭଦ୍ରା ପାଦ ଦେଶରେ ମା' କଳାପାଟଙ୍କ ପବିତ୍ର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ପ୍ରସ୍ତୁତି ବୈଠକ ବୁଧବାର ନୟାଗଡ଼ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଦୀର୍ଘ ଦୁଇବର୍ଷ ବ୍ୟବଧାନ ପରେ ଚଳିତବର୍ଷ ଏହି ମହାଯଜ୍ଞକୁ କିପରି ସୁଚାରୁ ରୂପେ ପାଳନ କରାଯାଇ ପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଶାନ୍ତି ଶୃଙ୍ଖଳା, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟସେବା, ରାସ୍ତାଘାଟ ମରାମତି ସମେତ ଅନ୍ୟାନ୍ୟ ସମସ୍ତ ସେବା ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଓରମାସର ମୁଖ୍ୟ ନିର୍ବାହୀ ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଣିଆ, ତହସିଲଦାର ଗଣିଆ, ସମସ୍ତ ଲାଇନ ବିଭାଗର ଅଧିକାରୀ, ବିଶ୍ୱଶାନ୍ତି ମହାଯଜ୍ଞ ପରିଚାଳନା କମିଟିର ସଦସ୍ୟବୃନ୍ଦ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଆସନ୍ତା ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଏହି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ।

## ୨୨ ରେ ଓଡ଼ଗାଁ କଲେଜରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଓଡ଼ଗାଁ,୯।୧୧(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ ପରିସରରେ ଆସନ୍ତା ୨୨ରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେବ । ଏ ନେଇ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ରାଜସ୍ୱିନୀ ପ୍ରଧାନ ସୂଚନା ଦେଇଛନ୍ତି । ବୁଧବାର ବ୍ଲକ ପରିସରରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଶିବିରରେ ଅସ୍ଥିଶଲ୍ୟ, ଚକ୍ଷୁ, ଭେଷଜ, ନାଶା କର୍ଣ୍ଣ ଓ ଗଳା ବିଶେଷଜ୍ଞ ଅଂଶ ଗ୍ରହଣ କରୁଛନ୍ତି । ପଞ୍ଜୀକୃତଙ୍କୁ ପରୀକ୍ଷା କରି ଆବଶ୍ୟକ ପ୍ରମାଣ ପତ୍ର ପ୍ରଦାନ କରାଯିବ ବୋଲି ସେ କହିଛନ୍ତି । ଏନେଇ ଅଦ୍ୟାବଧି ପ୍ରମାଣ ପତ୍ର ପାଇ ନ ଥିବା ଦିବ୍ୟାଙ୍ଗମାନେ ଅନ୍‌ଲାଇନ ମାଧ୍ୟମରେ ଆବେଦନ କରି ପାରିବେ । ଏଥିପାଇଁ ଆବେଦନ ଫର୍ମ ଓ ଆଧାର କାର୍ଡ ସହ ଶିବିରକୁ ଆସିବାକୁ ଅନୁରୋଧ କରାଯାଇଛି ।

## ଛାଡ଼ଖାଇରେ ଆମିଷ ବଜାରରେ ଭିଡ଼



ଛାଡଖାଇରେ ଲୋକମାନେ ଆମିଷ କିଣୁଛନ୍ତି ।

ପାରଳାଖେମୁଣ୍ଡି,୯।୧୧(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ସହରରେ ଛାଡଖାଇ ଅବସରରେ ବୁଧବାର ପୂର୍ବାହ୍ନରୁ ବିଭିନ୍ନ ଆମିଷ ବଜାରରେ ଲୋକମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। କାର୍ତ୍ତିକ ମାସ ତମାମ ଲୋକମାନେ ଧର୍ମ ମାସ ହିସାବରେ ନିରାମିଷ ଖାଦ୍ୟ ଖାଇବାପରେ ମାସର ଠିକ ପରବର୍ତ୍ତୀ ଦିନ ଛାଡ଼ଖାଇ ପର୍ବରେ ଆମିଷ ଖାଇ ଏହି ଧର୍ମ ମାସର ନିରାମିଷ ଖାଦ୍ୟ ଆହାରକୁ ଭଙ୍ଗ କରିଥାନ୍ତି। ଏହି ଅବସରରେ ସହରର ମୁଖ୍ୟ ବଜାରରେ ଥିବା ମାଛ ବଜାର, ସେରୀ ସାହି ସ୍ଥିତ ମାଛ ବଜାର, ଖଞ୍ଜାସାହି ଛକ ସ୍ଥିତ ମାଛ ବଜାର, କଲେଜ ରୋଡ ଆଦି ସ୍ଥାନରେ ଲୋକଙ୍କ ଭିଡ ଜମିଥିଲା । ସେହିପରି ଖଞ୍ଜାସାହି ସ୍ଥିତ ମାଂସ ଦୋକାନ, ମୁଖ୍ୟ ବଜାର ସ୍ଥିତ ମାଂସ ଦେକାନ ଏବଂ କୁକୁଡା ମାଂସ ଦୋକାନ ଗୁଡିକରେ ଦୈନନ୍ଦିନ ଅପେକ୍ଷା ବେସ ଭିଡ ରହିଥିଲା। ଏହାକୁ ଦୃଷ୍ଟିରେ ରଖି ଏହି ଆମିଷ ବ୍ୟବସାୟୀମାନେ ମାଛ ମାଂସ ଦର ମଧ୍ୟ ବୃଦ୍ଧି କରିଥିବାର ଜଣାପଡିଛି। ଦର ବୃଦ୍ଧିଥିଲେ ମଧ୍ୟ ଲୋକେ ନିଜ ନିଜ ସକ୍ଷମ ମୁତାବକ ଆମିଷ କ୍ରୟ କରିଥିବାର ଦେଖିବାକୁ ମିଳିଥିଲା। ସେହିପରି ଛାଡଖାଇ ଅବସରରେ ବିଭିନ୍ନ ସ୍ଥାନରେ ସାଙ୍ଗସାଥି ହୋଇ ଭୋଜିଭାତର ଆସର ଜମିଥିବାର ଦେଖିବାକୁ ମିଳିଥିଲା।

# ଡିସେମ୍ବର ୮ ପର୍ଯ୍ୟନ୍ତ ଚାଲିବ ଭୋଟର ତାଲିକା ସଂଶୋଧନ

■ପ୍ରକାଶ ପାଇଲା ଭୋଟର ତାଲିକା
■ନୟାଗଡ ନିର୍ବାଚନମଣ୍ଡଳୀରେ ସର୍ବାଧିକ ଭୋଟର

ନୟାଗଡ଼ ଅଫିସ,୯।୧୧



ଭୋଟର ତାଲିକା ସଂଶୋଧନ ପାଇଁ ବିଭାଗୀୟ ଅଧିକାରୀମାନେ ତଥ୍ୟ ପ୍ରଦାନ କରୁଛନ୍ତି।

ନୟାଗଡ଼ ଜିଲାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ବୁଧବାର ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ୨୦୨୨ ଡିସେମ୍ବର ୮ରେ ଶେଷ ହେବ। ଏଥିପାଇଁ ଭୋଟର ତାଲିକାରେ ନୂତନ ଭୋଟର ନାମ ପଞ୍ଜୀକରଣ ଏବଂ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ୨୦୨୩ ନିମନ୍ତେ ଏକ ସର୍ବଦଳୀୟ ବୈଠକ ଓ ଖବରଦାତା ସମ୍ମିଳନୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ଶକ୍ତିକାନ୍ତ ରାୟ ଯୋଗଦେଇ ନୂତନ ପଞ୍ଜୀକରଣ ନିମନ୍ତେ ଫର୍ମ-୬, ଭୋଟରଙ୍କୁ ଆଧାର ସଂଯୋଗୀକରଣ ନିମନ୍ତେ ଫର୍ମ-୬(ଖ)ର ସହଯୋଗ ନେବାକୁ କହିଥିଲେ। ସେହିପରି ତାଲିକାରୁ ନାମ ବାଦ ଦେବା ନିମନ୍ତେ ଫର୍ମ-୭, ତାଲିକାରେ ତଥ୍ୟ ସଂଶୋଧନ ନିମନ୍ତେ ଫର୍ମ-୮ରେ ଦରଖାସ୍ତ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷେ ଭିନ୍ନକ୍ଷମ ଭାବେ ଚିହ୍ନିତ କରିବାର ସୁବିଧା ମଧ୍ୟ ଫର୍ମ ୮ରେ ବ୍ୟବସ୍ଥା ଅଛି। ୨୦୨୩ ସୁଦ୍ଧା ଯେଉଁମାନଙ୍କର ବୟସ ୧୮ବର୍ଷ ହୋଇଥିବ ସେମାନେ ୨୦୨୩ ଜାନୁୟାରୀ ୧,ଏପ୍ରିଲ ୧, ଜୁଲାଇ ୧ ଏବଂ ଅକ୍ଟୋବର ୧ ରେ ଅଗ୍ରୀମ ପଞ୍ଜୀକରଣ କରିପାରିବେ। ଏହାସହ ବୁଥ୍ ଲେଭୁଲ ଅଫିସର(ବିଏଲଓ)ମାନଙ୍କର ଜରିଆରେ ଭୋଟରଙ୍କ ନାମ ପଞ୍ଜୀକରଣ ନିମନ୍ତେ ସ୍ୱତନ୍ତ୍ର କ୍ୟାମ୍ପେନ୍ ପାଇଁ ନଭେମ୍ବର ୧୨, ୧୩, ୨୬ ଏବଂ ୨୭ ତାରିଖ ୪ ଦିନ ରଖାଯାଇଛି । ଭୋଟର ହେଲପ୍ ଲାଇନ ଆପ୍ ଡାଉନ ଲୋଡ୍ କରି ଆଧାର ଲିଙ୍କ୍ ଏବଂ ନୂତନ ପଞ୍ଜୀକରଣ କରିପାରିବେ ବୋଲି ଉପଜିଲାପାଳ ରାୟ ପ୍ରକାଶ କରିଛନ୍ତି।

ଅପରପକ୍ଷେ ଜିଲାର ନୟାଗଡ ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ବୁଥ୍ ଓ ଭୋଟର ଅଛନ୍ତି। ଜିଲାରେ ଡିସେମ୍ବର ୯ ସୁଦ୍ଧା ୪ଟି ନିର୍ବାଚନମଣ୍ଡଳୀରେ ୯୩୬ଟି ବୁଥ୍ ଥିବାବେଳେ ଭୋଟର ସଂଖ୍ୟା ୭ ଲକ୍ଷ ୭ ହଜାର ୬୬ରେ ପହଞ୍ଚିଛି। ରଣପୁର ନିର୍ବାଚନମଣ୍ଡଳୀରେ ୨୪୦ ବୁଥ୍ ଥିବାବେଳେ ୨ ଲକ୍ଷ ୧୪୧ ଭୋଟର ଅଛନ୍ତି। ଏଥିରେ ୧,୪,୬୭୬ ପୁରୁଷ ଭୋଟର ଥିବାବେଳେ ୯୫,୪୪୫ ମହିଳା ଭୋଟର ଅଛନ୍ତି। ସେହିଭଳି ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ୨୧୭ ବୁଥ୍ ଥିବାବେଳେ ୧,୭୭,୨୮୩ ଭୋଟର ଅଛନ୍ତି। ଏଥିରେ ୯୪,୧୪୩ ପୁରୁଷ ଭୋଟର ଥିବାବେଳେ ୮୩,୧୩୨ ମହିଳା ଭୋଟର ଅଛନ୍ତି। ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ୨୩୪ ବୁଥ୍ ଥିବାବେଳେ ୧,୮୨,୪୩୦ଭୋଟର ଅଛନ୍ତି। ଏଥିରେ ୯୪,୮୭୪ ପୁରୁଷ ଭୋଟର ଥିବାବେଳେ ୮୭,୫୪୫ ମହିଳା ଭୋଟର ଅଛନ୍ତି। ନୟାଗଡ଼ ନିର୍ବାଚନମଣ୍ଡଳୀରେ ୨୪୫ ବୁଥ୍ ଥିବାବେଳେ ୨,୧୦,୨୧୨ ଭୋଟର ଅଛନ୍ତି। ଏଥିରେ ୧,୧୧,୧୬୮ ପୁରୁଷ ଭୋଟର ଓ ୯୯,୦୩୬ ମହିଳା ଭୋଟର ଅଛନ୍ତି। ତେବେ ରଣପୁର ନିର୍ବାଚନ ମଣ୍ଡଳୀରେ ୨୦, ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ୮, ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ୧୧ ଓ ନୟାଗଡ଼ ନିର୍ବାଚନମଣ୍ଡଳୀରେ ୮ ଏପରି ମୋଟରେ ୪୭ ଜଣ ତୃତୀୟ ଲିଙ୍ଗ ରହିଥିବା ଉପଜିଲାପାଳ କହିଛନ୍ତି। ପ୍ରକାଶଥାଉକି ଭାରତ ସରକାରଙ୍କ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଜିଲା ନିର୍ବାଚନ ଅଧିକାରୀଙ୍କ ଆନୁକୂଲ୍ୟରେ ୧୭ ବର୍ଷରୁ ୧୮ବର୍ଷ ଗ୍ରୁପର ନୂତନ ଭୋଟରଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଏକ ସଚେତନତା ରାଲିକୁ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଓ ଉପ ଜିଲାପାଳ ରାୟ ପତାକା ଦେଖାଇ ଶୁଭ ଉଦ୍‌ଘାଟନ କରିଥିଲେ। ଏହି ରାଲିରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଡେପୁଟୀ କଲେକ୍ଟର ନିର୍ବାଚନ ଶୁଭସ୍ମିତା ସେଠୀ, ବିଡିଓ ପଦ୍ମ ଚରଣ ସାହୁ, ଉପଜିଲାପାଳ ଓ ନିର୍ବାଚନ କାର୍ଯ୍ୟାଳୟର କର୍ମଚାରୀ, ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ଏବଂ ଅଙ୍ଗନୱାଡି କର୍ମୀମାନେ ଯୋଗ ଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୦ ନଭେମ୍ବର, ୨୦୨୨



## ସଂକ୍ଷେପରେ

### ନାଟ୍ୟ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧନା



**ସିଂହପୁର,୯।୧୧(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ସିଂହପୁର ରାଧାଗୋବିନ୍ଦଜୀଉ ମଣ୍ଡପରେ ରାହାସ ପୂର୍ଣ୍ଣିମା ଅବସରରେ ସିଂହପୁର ଗ୍ରାମର ନାଟ୍ୟ ନିର୍ଦ୍ଦେଶକ ସୁଶାନ୍ତ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷାବିତ୍ ଶ୍ରୀହରି ସାହୁ ନାୟକଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ନାୟକ ଜଣେ ନାଟ୍ୟ ନିର୍ଦ୍ଦେଶକ, ସିଂହପୁର ଖରସ୍ରୋତା ମହାବିଦ୍ୟାଳୟର ଅବସରପ୍ରାପ୍ତ ଗ୍ରନ୍ଥାଗାରିକ, କ୍ରୀଡ଼ାବିତ ଓ ସାମାଜିକ କର୍ମୀ ଭାବେ ଅଞ୍ଚଳରେ ପରିଚିତ। ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାରୁ ବହୁ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି।

### ଚୋରି ସାମଗ୍ରୀ ଗ୍ରହୀତା ଗିରଫ

**ପାଣିକୋଇଲି,୯।୧୧(ଡି.ଏନ.ଏ.):** ପାଣିକୋଇଲି ପୋଲିସ ଜଣେ ଚୋରି ସାମଗ୍ରୀ ଗ୍ରହୀତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଯାଜପୁର ଥାନା ଅନ୍ତର୍ଗତ ଅକରପଡ଼ା ଗ୍ରାମର ନିମାଇଁ ଜେନା(୨୧)। ଅକ୍ଟୋବର ୧ ତାରିଖରେ ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଞ୍ଚାୟତ କୁରୁପଦା ଗ୍ରାମରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। କୁରୁପଦା ଗ୍ରାମର ରଘୁନାଥ ବେହେରାଙ୍କ ସିଡି ଘରବାଟେ ଦୁର୍ବୃତ୍ତ ପଶି ତାଙ୍କୁ ମାରଣାସ୍ତ୍ର ଯୋଗେ ଆକ୍ରମଣ କରିବା ସହ ତାଙ୍କ ଘରୁ ନଗଦ ୨୦ ହଜାର ଟଙ୍କା, ସୁନା, ରୂପା ଅଳଙ୍କାର ଓ ୨ଟି ମୋବାଇଲ ଚୋରି କରି ନେଇଥିଲେ। ସେହିପରି ତାଙ୍କ ପଡ଼ୋଶୀ ସୁଲୋଚନା ଦାସଙ୍କ ଗ୍ରୀଲ ଭାଙ୍ଗି ନଗଦ ୫ ହଜାର ଟଙ୍କା, ସୁନା ଓ ରୂପା ସମେତ ଗୁରୁତ୍ୱପୂର୍ଣ୍ଣ କାଗଜାତ୍ ଚୋରି ହୋଇଥିଲା। ଏନେଇ ପୋଲିସ ଏକ ମାମଲା ନଂ.୨୨୬/୨୨ ରୁଜୁ କରି ତଦନ୍ତ ଜାରି ରଖିଥିଲା। ତେବେ ନିମାଇଁଙ୍କଠାରୁ ମୋବାଇଲ ଜବତ ପରେ ଚୋରି ସାମଗ୍ରୀ ଗ୍ରହୀତା ଭାବେ ତାଙ୍କୁ ଗିରଫ କରାଯାଇଥିଲା ବୋଲି ଏସ୍ଆଇ ପ୍ରକାଶ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ୬୦ବର୍ଷ ପୂର୍ବରୁ ୧୫ ହିତାଧିକାରୀ ଭତ୍ତା ଯୋଜନାରେ ସାମିଲ

- ତଦନ୍ତ ବାଟବଣା କରିବାକୁ ଷଡଯନ୍ତ୍ର
- ଯାଞ୍ଚ ନିର୍ଦ୍ଦେଶ ଦେଲେ ବିଭାଗୀୟ ସଚିବ

**ଯାଜପୁର ଅଫିସ,୯।୧୧**

ଦୁର୍ବଳ ପ୍ରଶାସନିକ ନିୟନ୍ତ୍ରଣ କାରଣରୁ ଯାଜପୁର ଜିଲାରେ ମଧୁବାବୁ ପେନସନ ଯୋଜନା, ବିଧବାଭତ୍ତା ଓ ଭିନ୍ନକ୍ଷମ ଭତ୍ତା ଯୋଜନାରେ ବ୍ୟାପକ ହେରାଫେରି ହେଉଛି। ୬୦ ବର୍ଷ ନ ପୁରୁଣୁ ଭେଣ୍ଡିଆ ଟୋକା ଏବଂ ମୃତ ବ୍ୟକ୍ତି ଭତ୍ତା ପାଉଛନ୍ତି। ଏନେଇ ଅଭିଯୋଗ ହେବା ପରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଉପସଚିବଙ୍କ ତଦନ୍ତ ନିର୍ଦ୍ଦେଶକୁ ବାଟବଣା କରିବାକୁ ଯୋଜନାବଦ୍ଧ ଭାବେ ଷଡଯନ୍ତ୍ର କରାଯାଉଛି । ଜିଲାର ବଡ଼ଚଣା ବ୍ଲକ କୋଲଣଗିରି ଗ୍ରାମ ପଞ୍ଚାୟତର ଅଧିବାସୀ ଏହି ମର୍ମରେ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କୁ ୧।୧୧।୨୦୨୨ରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଆଧାରରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅତିରିକ୍ତ ସଚିବ ଦୀପକ ରାଉତରାୟ ୭।୧୧।୨୦୨୨ରେ ସଂପୃକ୍ତ ପଞ୍ଚାୟତ ଅଧିକାରୀଙ୍କ ବିରୋଧରେ ଉଚ୍ଚସ୍ତରୀୟ ତଦନ୍ତ କରି ପେନସନ ଗାଇଡ୍ ଅନୁସାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଜିଲାପାଳଙ୍କୁ ପୁଣି ଥରେ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ବଡ଼ଚଣା ବ୍ଲକ କୋଲଣଗିରି ପଞ୍ଚାୟତରେ ବୟସ ହୋଇ ନ ଥିବା ୧୫ ଜଣ ଲୋକଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି। ଏହାସହ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ୨ ଜଣ ମୃତବ୍ୟକ୍ତି ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି। ଏ ସମ୍ପର୍କରେ ଗତ ୨୬।୯।୨୦୨୨ରେ ଅଞ୍ଚଳବାସୀ ବିଭାଗୀୟ ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ତଦନୁସାରେ ସଚିବ ତାଙ୍କ ପତ୍ରସଂଖ୍ୟା ୭୪୦୨/୩୦।୯।୨୦୨୨ରେ ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲାପାଳ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହି ନିର୍ଦ୍ଦେଶ ପାଇବା ପରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତଦନ୍ତ କରିବା ପରିବର୍ତ୍ତେ ଦିନ ଗଡାଇ ଚାଲିଛନ୍ତି। ବାରମ୍ବାର ଯୋଗାଯୋଗ କରିବାରୁ ଗତ ୧୫ ତାରିଖରେ ତଦନ୍ତ ଆରମ୍ଭ କରିଛନ୍ତି। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାରେ ଅହେତୁକ ବିଳମ୍ବକୁ ନେଇ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଭୂମିକା ଉପରେ ସନ୍ଦେହ ସୃଷ୍ଟି ହୋଇଛି। ବେଆଇନ ଭତ୍ତା ନେଉଥିବା ୧୫ ଜଣ ହିତାଧିକାରୀଙ୍କ ବୟସ ଅନଲାଇନରେ ଯାଞ୍ଚ ହୋଇଥିଲା। ଯାଞ୍ଚରେ ଭତ୍ତା ପାଇବାକୁ ସେହି ହିତାଧିକାରୀଙ୍କ ବୟସ ୬୦ବର୍ଷ ହୋଇ ନ ଥିଲା। ବିଧାନସଭା ଓ ପଞ୍ଚାୟତ ନିର୍ବାଚନ ବେଳେ ନିର୍ବାଚନ କମିଶନଙ୍କ ତରଫରୁ ପ୍ରଦତ୍ତ ଭୋଟର ତାଲିକାକୁ ତନଖି କଲେ ଏହା ଜଳଜଳ ହୋଇ ଦିଶୁଛି। କିନ୍ତୁ ଅଧିକାରୀଙ୍କ ତଦନ୍ତରେ ସେହି ହିତାଧିକାରୀଙ୍କ ବୟସ ହୋଇଛି ବୋଲି କୁହାଯାଇଛି । ଗ୍ରାମବାସୀ କେମିତି ଏହା ସମ୍ଭବ ହେଲା ବୋଲି ପଚାରିବାରୁ ସେ କହିଥିଲେ, ଅନ୍‌ଲାଇନରେ ତାହା ଜଣାପଡିଛି। ଅଭିଯୋଗ ସମୟରେ ଅନ୍‌ଲାଇନରେ ଉକ୍ତ ୧୫ ଜଣ ହିତାଧିକାରୀଙ୍କ ବୟସ ଭତ୍ତା ପାଇବାକୁ ଯୋଗ୍ୟ ହୋଇ ନ ଥିଲା। ତେବେ ତଦନ୍ତରେ ଜାଣିଶୁଣି ବିଳମ୍ବ କରାଯାଇ ଅନ୍‌ଲାଇନରେ ବୟସ ବଢାଇ ସାରିବା ପରେ ତଦନ୍ତ କରାଯାଇଛି ବୋଲି ଅଭିଯୋଗ ହୋଇଛି। ଏଠାରେ କୋଲଣଗିରି ପଞ୍ଚାୟତରେ ପଣସୁଆପାଳ ଗ୍ରାମର ବିପିନ ଘଡେଇଙ୍କୁ ଉଦାହରଣ ଭାବେ ନିଆଯାଇପାରେ। ପ୍ରଥମେ ଭତ୍ତା ମଞ୍ଜୁର କରି ୪ ମାସର ଭତ୍ତା ଦେବା ପରେ ପୁଣି ବୟସ ହୋଇ ନାହିଁ ବୋଲି ଦର୍ଶାଇ ତାଙ୍କ ନାମ କାଟି ଦିଆଯାଇଛି। ସେ ଲାଞ୍ଚ ନ ଦେବାରୁ ଏଭଳି କରାଯାଇଥିବା ଗ୍ରାମବାସୀ ଦିଲ୍ଲୀପ କୁମାର ସାହୁ, ସୁଧୀର କୁମାର ଭଞ୍ଜ, ପିତାମ୍ବର ରଣା, ଶଶିରେଖା ସାହୁ, ଶିବାନୀ ଦଲେଇ ପ୍ରମୁଖ ଅଭିଯୋଗ କରିଛନ୍ତି।


GOVERNMENT OF ODISHA
DEPARTMENT OF SOCIAL SECURITY & EMPOWERMENT OF PERSONS WITH DISABILITIES

NO. 8346 //SSEPD Dated 07.11.2022
SSEPD-SS-II-PG-0015-2022

From
Sri Deepak Routrai, OAS (SAG)
Additional Secretary to Government

To
The Collector, Jajpur

Sub: Allegation petition regarding sanction of under-age applicants and action thereof.

Madam/Sir,

In enclosing herewith a representation of Dilip Kumar Sahu and others of Kolanagiri GP, Badachana Block, Jajpur on the above subject, I am directed to request you to cause a high level inquiry into the allegations made against the GP officials and take appropriate action as per pension guidelines. The detailed inquiry and action taken report must reach the undersigned within one month positively.

This may be treated as most urgent.

Yours faithfully,
7.11.2022
Additional Secretary to Government

Memo No. 8347 //SSEPD Dated 07.11.2022
Copy forwarded to persons concerned for information.

7.11.2022
Additional Secretary to Government

RED BUILDING, LOKASEVA BHAVAN, BHUBANESWAR-751001
Ph No. 0674-2390116, Fax. 0674-2390117

ବିଭାଗୀୟ ସଚିବ ଲେଖିଥିବା ଚିଠି।

## ଜଗନ୍ନାଥ ମନ୍ଦିରରେ ଭାଗବତ କଥାମୃତ

**ଯାଜପୁର, ଟାଉନ,୯।୧୧(ଡି.ଏନ.ଏ.)**

ଯାଜପୁରର ଦଶାଶ୍ୱମେଧ ଘାଟ ନିକଟସ୍ଥ ଶ୍ରୀଜଗନ୍ନାଥ ମନ୍ଦିରରେ ଗୀତାଜାଗରଣ ପରିଷଦ ଆନୁକୂଲ୍ୟରେ ଚଳିତ ବର୍ଷ ସପ୍ତ ଦିବସୀୟ ଭାଗବତ କଥାମୃତ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଡେପୁଟି ଜିଲାପାଳ କୁଳମଣୀ ନାୟକ ଯୋଗଦେଇ ଥିଲେ। ସମ୍ପାଦକ ଭାସ୍କର ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରେରଣା ପଣ୍ଡାଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ବିଶିଷ୍ଟ ପ୍ରବଚକ ପଣ୍ଡିତ ପ୍ରଭଞ୍ଜନ ପତି ଯୋଗଦେଇ ଓଡ଼ିଆ ଭାଗବତର ତତ୍ତ୍ୱ ଉପରେ ଆଲୋଚନା କରିବା ସହିତ ଭଗବାନଙ୍କର ସ୍ଥାନ ଭକ୍ତର ହୃଦୟରେ ବୋଲି ମତବ୍ୟକ୍ତ କରିଥିଲେ। ଗାୟକ ଚୁଡ଼ାମଣି ଜଗବନ୍ଧୁ ଓଝା ଓ ତାଙ୍କ ସାଥୀମାନଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାଂସ୍କୃତିକ ସମ୍ପାଦକ ଗୁଣମଣି ପାଣିଗ୍ରାହୀ ପରିଚାଳନା କରିଥିଲେ।

## ଚଣ୍ଡିଖୋଲ କୋର୍ଟରେ ରାଷ୍ଟ୍ରୀୟ ଆଇନ ସେବା ଦିବସ




ଆଇନ ସେବା ଦିବସରେ ଜେଏମ୍ଏଫ୍‌ସିଙ୍କ ସମେତ ଅନ୍ୟମାନେ ଉପସ୍ଥିତ।

**ଚଣ୍ଡିଖୋଲ,୯।୧୧(ଡି.ଏନ.ଏ.)**

ଚଣ୍ଡିଖୋଲ କୋର୍ଟ ପରିସରରେ ବୁଧବାର ରାଷ୍ଟ୍ରୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ଜେଏମ୍ଏଫ୍‌ସି ତଥା ତାଲୁକ ଆଇନ ସେବା ଅଧକ୍ଷ ପରବିନ୍ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବାର୍ ଆସୋସିଏଶନ ସଭାପତି ଦେବରାଜ ବେହେରା, ତାଲୁକ ଆଇନ ସେବା ପରିଚାଳନା କମିଟି ସଦସ୍ୟ କୈଳାସ ଚନ୍ଦ୍ର ସାମଲ, ଉପସଭାପତି ଶ୍ରୀକାନ୍ତ ବଳ ପ୍ରମୁଖ ଯୋଗ ଦେଇଥିଲେ। ଜେଏମ୍ଏଫ୍‌ସି ତାଙ୍କ ଅଭିଭାଷଣରେ କହିଥିଲେ, ଗରିବ, ନିରକ୍ଷର, ଦଳିତ, ନିଷ୍ପେସିତ, ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବା ପାଇଁ ୧୯୮୭ରେ ଜାତୀୟ ଆଇନ ଅଧିନିୟମ ପ୍ରଣୟନ ହୋଇଥିଲା। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ୧୯୯୫ ନଭେମ୍ବର ୯ ତାରିଖରେ ଏହା କାର୍ଯ୍ୟକାରୀ କରାଗଲା। ସେଥିପାଇଁ ଏହି ଦିନକୁ ରାଷ୍ଟ୍ରୀୟ ଆଇନ ସେବା ଦିବସ ଭାବେ ପାଳନ କରାଯାଉଛି। ତାଲୁକ ଆଇନ ସେବା କମିଟି ସମ୍ପାଦକ ସୌମ୍ୟରଞ୍ଜନ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

## 'ମୋ ସ୍କୁଲ୍ ଅଭିଯାନ'ର କାର୍ଯ୍ୟନିର୍ବାହୀ ପରିଷଦ ବୈଠକ

**ଭୁବନେଶ୍ୱର, ୯।୧୧(ବ୍ୟୁରୋ)**

'ମୋ ସ୍କୁଲ୍ ଅଭିଯାନ'ର ୩୭ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥି ଏସ୍.ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨୭ ଜିଲାର ମୋଟ ୫୨ କୋଟି ୭୨ ଲକ୍ଷ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ୧ ମାସ ମଧ୍ୟରେ ୪୫,୩୮୮ ପୁରାତନ ଛାତ୍ରୀଛାତ୍ର 'ମୋ ସ୍କୁଲ୍ ଅଭିଯାନ' ସହ ଯୋଡ଼ିହୋଇଛନ୍ତି। ସେମାନେ ନିଜ ବିଦ୍ୟାଳୟର ବିକାଶ ପାଇଁ ୧୨ କୋଟି ୫୬ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ବିଭିନ୍ନ ସିଏସ୍ଆର୍ ପାଣ୍ଠିରୁ ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକର ବିକାଶ ପାଇଁ ମୋ ସ୍କୁଲ୍ ଅଭିଯାନକୁ ୫ କୋଟି ଟଙ୍କାର ଅନୁଦାନ ଆସିଛି। ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତାକୁ ମିଶାଇ ମୋଟ ୫୨ କୋଟି ୭୨ ଲକ୍ଷ ଟଙ୍କାର ପ୍ରକଳ୍ପକୁ କାର୍ଯ୍ୟନିର୍ବାହୀ ପରିଷଦ ଅନୁମୋଦନ ପ୍ରଦାନ କରିଛି। ଏହା ୫୧୪୬ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟ ଭିତ୍ତିଭୂମି ବିକାଶରେ ବିନିଯୋଗ ହେବ। ବାଲେଶ୍ୱରରେ ପୁରାତନ ଛାତ୍ରୀଛାତ୍ର ସର୍ବାଧିକ ୨ କୋଟି ୪୪ ଲକ୍ଷ, ଯାଜପୁର ୨ କୋଟି ୨ ଲକ୍ଷ, ସମ୍ବଲପୁର ୭୧ ଲକ୍ଷ ୨୯ ହଜାର, ଭଦ୍ରକ ୬୦ ଲକ୍ଷ ୩୨ ହଜାର ଏବଂ ବଲାଙ୍ଗୀର ୫୪ ଲକ୍ଷ ୬୨ ହଜାର ଟଙ୍କା ଦେଇଛନ୍ତି। ବର୍ତ୍ତମାନ ମୋଟ ୭ ଲକ୍ଷ ୫୧ ହଜାର ପୁରାତନ ଛାତ୍ରୀଛାତ୍ର 'ମୋ ସ୍କୁଲ୍ ଅଭିଯାନ'ରେ ସ୍କୁଲଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ(ଏସ୍ଏସ୍ଇପିଡି) ବିଭାଗ ଅଧୀନରେ ଥିବା ସ୍ୱତନ୍ତ୍ର ସ୍କୁଲଗୁଡ଼ିକୁ 'ମୋ ସ୍କୁଲ୍ ଅଭିଯାନ'ରେ ଅନ୍ତର୍ଭୁକ୍ତ କରାଯିବ। ଏ ନେଇ କାର୍ଯ୍ୟନିର୍ବାହୀ ପରିଷଦ ନିକଟରେ ପ୍ରସ୍ତାବ ଦିଆଯାଇଥିଲା। ଏହାଦ୍ୱାରା ରାଜ୍ୟର ଲକ୍ଷାଧିକ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଉପକୃତ ହେବେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ 'ମୋ ସ୍କୁଲ୍' ସଦସ୍ୟ ସଚିବ, ବିଭାଗୀୟ ଅତିରିକ୍ତ ଶାସନ ସଚିବ, ବିଭାଗୀୟ ଆର୍ଥିକ ଉପଦେଷ୍ଟା, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ଟିଇ ଆଣ୍ଡ ଏସ୍ସିଇଆରଟି ନିର୍ଦ୍ଦେଶକ ଏବଂ ମୋ ସ୍କୁଲ୍ ଅଭିଯାନ ମୁଖ୍ୟ ପରିଚାଳନା ଅଧିକାରୀ, ମୋ ସ୍କୁଲ୍ ଭାରପ୍ରାପ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ-୨୦୨୨'




ଶିଶୁ ମହୋତ୍ସବରେ ଯୋଗ ଦେଇଥିବା ଅତିଥି।

**ଯାଜପୁର ଟାଉନ,୯।୧୧(ଡି.ଏନ.ଏ.)**

ଯାଜପୁର ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ-୨୦୨୨' ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ଦୁଃଖବନ୍ଧୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଶିଶୁମାନେ ଏକ ନିର୍ଦ୍ଦିଷ୍ଟ ଓ ନିର୍ଦ୍ଧାରିତ ଜୀବନ ଶୈଳୀ ମାଧ୍ୟମରେ ଅନୁଷ୍ଠାନରେ ପ୍ରତିପାଳିତ ହୁଅନ୍ତି। ଜିଲାରେ ଥିବା ଶିଶୁ ଯତ୍ନ ଅନୁଷ୍ଠାନଗୁଡିକୁ ପରିଦର୍ଶନ ସହ ଅନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତି ଦିଗରେ ପ୍ରଶାସନିକସ୍ତରରେ ସେ କାର୍ଯ୍ୟ କରିବେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ରୀତାରାଣୀ ବେହେରା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କୃତିବାସ ବାରିକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ, ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ସୁବାସ ଚନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇ ସିସିଆଇ ଅନ୍ତର୍ଭୁକ୍ତ ଶିଶୁମାନଙ୍କ ସାମୂହିକ ବିକାଶ ଏବଂ ଅନ୍ତର୍ନିହିତ ଅନ୍ୱେଷଣ ଦିଗରେ 'ମହକ-୨୦୨୨' ଆଗାମୀ ଦିନରେ ସେମାନଙ୍କୁ ପ୍ରତିଭାବାନ ଭାବେ ଗଢି ତୋଳିବା ସହ ଏକ ସୁନ୍ଦର ଭବିଷ୍ୟତ ଗଠନରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ସୂଚନା ଦେବା ସହ ଅତିଥି ପରିଚୟ ପ୍ରଦାନ ପୂର୍ବକ ମଞ୍ଚ ପରିଚାଳନା କରିଥିଲେ। ପରେ ଅନୁଷ୍ଠାନର ଶିଶୁମାନଙ୍କ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ।

## ମୁଗୁପାଳ ପଞ୍ଚାୟତରେ ମୁରୁଜ ପ୍ରତିଯୋଗିତା

**ରସୁଲପୁର,୯।୧୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ମୁଗୁପାଳ ପଞ୍ଚାୟତରେ ଗ୍ରାମ ଯୁବକ ସଂଘ ପକ୍ଷରୁ ଏକ ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ କଳାକୃତି, ମହିଳାମାନଙ୍କ ଲୁକାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ଶେଷରେ ଯୁବକ ସଂଘ ପକ୍ଷରୁ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଗୁପାଳ ସରପଞ୍ଚ ପ୍ରଜ୍ଞାପରମିତା ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସମିତି ସଭ୍ୟ ନରୋତ୍ତମ ସାହୁ, ନିରଞ୍ଜନ ରଥ, ଆନନ୍ଦ ଚରଣ ପତି, ସାମାଜିକ କର୍ମୀ ଦୁଷ୍ମନ୍ତ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ପ୍ରତିଯୋଗିମାନଙ୍କୁ ଉତ୍ସାହିତ କରିଥିଲେ।



ପ୍ରତିଯୋଗୀମାନେ ମୁରୁଜ ପକାଉଛନ୍ତି ।

ଉକ୍ତ ପ୍ରତିଯୋଗିତାରେ ୨୨ଜଣ ପ୍ରତିଯୋଗି ଅଂଶ ଗ୍ରହଣ କରିଥିଲେ। ରଶ୍ମିରେଖା ପତି ପ୍ରଥମ, ନେହା ନିହାରିକା ସାହୁ ଦ୍ୱିତୀୟ, ମଞ୍ଜୁଲତା ସାହୁ ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ।

## ବ୍ୟାସନଗର ମହାବିଦ୍ୟାଳୟରେ ସତ୍ୟାଗ୍ରହ ସ୍ଥଗିତ

**ଯାଜପୁରରୋଡ୍,୯।୧୧(ଡି.ଏନ.ଏ.)**

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅର୍ଥ ହଡ଼ପ ଓ ସରକାରୀ ନିୟମ ଉଲ୍ଲଂଘନ ପ୍ରତିବାଦରେ ପୁରାତନ ଛାତ୍ର ପରିଷଦ(ଆଲୁମ୍‌ନି)ପକ୍ଷରୁ ଚାଲିଥିବା ଗଣସତ୍ୟାଗ୍ରହ ବୁଧବାର ସ୍ଥଗିତ ହୋଇଛି। ଯାଜପୁର ଜିଲାପାଳଙ୍କ ତାଗିଦ ପରେ ପରିଚାଳନା କମିଟି ସଭ୍ୟ ତଥା ପୂର୍ବତନ ନଗରପାଳ ରସାନନ୍ଦ ମହାନ୍ତି, ମହାବିଦ୍ୟାଳୟ ଅଧକ୍ଷ ଉପେନ୍ଦ୍ର ସ୍ୱାଇଁ ଓ ଯାଜପୁର ରୋଡ୍ ଆଦର୍ଶ ଥାନା ଆଇଆଇସି ଉପେନ୍ଦ୍ର ପ୍ରଧାନ ସତ୍ୟାଗ୍ରହସ୍ଥଳରେ ପହଞ୍ଚି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିମନ୍ତେ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ପରେ ଆଲୁମ୍‌ନି ସଭାପତି ବିଦ୍ୟାଧର ମହାନ୍ତି, ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ମହାଳିକଙ୍କ ସମେତ ସତ୍ୟା ଗ୍ରହୀମାନଙ୍କ ସହିତ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ପରିଚାଳନା କମିଟି ବୈଠକରେ ଆଲୁମନି ସଭାପତି ମହାନ୍ତି ଓ ସାଧାରଣ ସମ୍ପାଦକ ମହାଳିକଙ୍କ ଉପସ୍ଥିତିରେ ୧୨ ଦଫା ଦାବି ଉପରେ ଆଲୋଚନା କରିବାକୁ ଘୋଷଣା କରିଥିଲେ। କୁଞ୍ଜବିହାରୀ ମହାନ୍ତି, ଅଭିମନ୍ୟୁ ମିଶ୍ର, ସୁଶାନ୍ତ ଭୂୟାଁ, ବିଦ୍ୟାଧର ଯେନା, ପରିକ୍ଷିତ ମଲ୍ଲିକ, ସୁଦର୍ଶନ ତରାଇ, ଶ୍ରୀକାନ୍ତ ମହାନ୍ତି ଓ ରଘୁନାଥ ଦାସ ପ୍ରମୁଖ ସତ୍ୟାଗ୍ରହୀ, ଅଧ୍ୟାପକ ଅମୂଲ୍ୟ ପାଢ଼ୀ ଏବଂ ଗୌରାଙ୍ଗ ମଲ୍ଲିକଙ୍କ ଉପସ୍ଥିତିରେ ସତ୍ୟାଗ୍ରହ ସ୍ଥଗିତ ଘୋଷଣା କରାଯାଇଥିଲା। ମହାବିଦ୍ୟାଳୟରେ ବ୍ୟାପକ ଅର୍ଥ ହଡ଼ପ ଓ ସରକାରୀ ନିୟମ ଉଲ୍ଲଂଘନର ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ଗତ ୧ ତାରିଖରୁ କଲେଜର ବ୍ୟାସଦେବଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଗଣସତ୍ୟାଗ୍ରହ ଆରମ୍ଭ ହୋଇଥିଲା।



ଗଣସତ୍ୟାଗ୍ରହରେ ସାମିଲ ହୋଇଥିବା ଆଲୁମ୍‌ନିର ସଦସ୍ୟମାନେ।

## ଯାଜପୁରରେ ଆଇନ ସେବା ଦିବସ

**ଯାଜପୁର ଟାଉନ,୯।୧୧(ଡି.ଏନ.ଏ.)**

ଯାଜପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବୁଧବାର ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଯାଜପୁର ସବ୍ ଜେଲ୍ ପରିସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଆଇନ ସେବା ପ୍ରାଧିକରଣ ସମ୍ପାଦିକା ଜ୍ୟୋତିର୍ମୟୀ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭା ମାଧ୍ୟମରେ ବିଚାରାଧୀନ କଏଦୀଙ୍କୁ ସେମାନଙ୍କ ଅଧିକାର, ପ୍ଲି-ବାର୍ଗେନିଂ ଆଦି ଆଇନର ଅନ୍ୟ ଦିଗଗୁଡ଼ିକ ବିଷୟରେ ବୁଝାଯାଇଥିଲା। ସଭାରେ ବିଚାରପତି ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଜେଏମ୍ଏସ୍‌ସି ମଧୁସ୍ମିତା ନାୟକ, ଜେଏମ୍ଏସ୍‌ସି ହୃଷୀକେଶ ପଣ୍ଡା ଓ ସାମାଜିକ କର୍ମୀ ପ୍ରମୁଖ ଯୋଗଦେଇ କଏଦୀଙ୍କୁ ସେମାନଙ୍କ ଆଇନର ବିଭିନ୍ନ ଦିଗ ସମ୍ପର୍କରେ କହିଥିଲେ। ଜେଲର ସୁନୀଲ କୁମାର ପାତ୍ର ସଭାରେ ଅଂଶଗ୍ରହଣ କରି କଏଦୀଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। ସେହିପରି ଜାତୀୟ ଆଇନ ସେବା ଦିବସ ଉପଲକ୍ଷେ ପ୍ରାଧିକରଣ ତରଫରୁ ସୁଜନପୁର ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏକ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ବିଚାରପତିଙ୍କ ସହ ଆଡ୍‌ଭୋକେଟ କୁଳମଣି ନାୟକ, ସ୍ଥାନୀୟ ସରପଞ୍ଚ ବିଷ୍ଣୁପ୍ରିୟା ମହାକୁଡ଼ ଓ ଅନ୍ୟ ସଦସ୍ୟ ଉପସ୍ଥିତ ରହି ଅଭିଭାଷଣ ପ୍ରଦାନ କରିଥିଲେ।




ଆଇନସେବା ଦିବସରେ ଯୋଗ ଦେଇଥିବା ବିଚାରପତି ଓ ଅନ୍ୟମାନେ।

## ଚୋରି ଲୁଚାଇବାକୁ ରାତିଆଧିଆ ଖାଦାନ ପୋତା

- ସାଟେଲାଇଟ ମାପକୁ ଲିଜ୍‌ଧାରୀଙ୍କୁ ଭୟ
- ବରଡା ମୌଜାରେ ୫ ବର୍ଷର ଟାର୍ଗେଟ ମାସକରେ ଶେଷ

**ଯାଜପୁର ଅଫିସ,୯।୧୧**

ଅନୁମତିଠାରୁ ବହୁ ଗୁଣରେ ଅଧିକ କଳାପଥର ଉତ୍ତୋଳନ ଅଭିଯୋଗର ସାଟେ ଲାଇଟ୍ ତଦନ୍ତକୁ ତ୍ୱରାନ୍ୱିତ କରିବା ପରେ ଅନ୍ୟ ଲିଜ୍‌ଧାରୀଙ୍କ ମଧ୍ୟରେ ଛନକା ପଶିଛି। ଯାଜପୁର ଜିଲାର ଧର୍ମଶାଳା ତହସିଲ ଅଧୀନରେ ଏହି ବେଆଇନ କାର୍ଯ୍ୟକୁ ଘଷ୍ଟ ଘୋଡାଇବାକୁ ବରଡା ମୌଜାରେ ଥିବା ପଥର ଖାଦାନକୁ ପୋତିବାକୁ ଯାଇ ପୁଣି ମୋରମ ଓ ମାଟି ଲୁଟ ହେଉଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ବରଡା (ମାଳଗୋଡା) ମୌଜାରେ ଥିବା ଏକ ଖାଦାନ ଅବଧି ଆସନ୍ତା ବର୍ଷ ମାର୍ଚ୍ଚ ୩୦ରେ ଶେଷ ହେବ। ହାତରେ ଆଉ ମାତ୍ର ୪ମାସ ରହିଛି। ଏହା ପୂର୍ବରୁ ଖାଦାନ ଲୁଟ ଲୁଚାଇବା ପାଇଁ ଗଭୀର ଖାଲଗୁଡ଼ିକୁ ପୋତିବାକୁ ବହୁ ଟ୍ରିପ ପାହାଡିଆ ମାଟି ରାତିରେ ବ୍ୟବହାର କରାଯାଉଛି। ଏଥିପାଇଁ ତହସିଲ ପ୍ରଶାସନ ପକ୍ଷରୁ କୌଣସି ଅନୁମତି ନିଆଯାଇ ନାହିଁ। ଏହି ଖାଦାନରେ ୨.୫ ଏକର ମଞ୍ଜୁରୀ ମିଳିଥିବାବେଳେ ବାର୍ଷିକ ୧୭୦୦ ଘନମିଟର ହାରରେ ୫ ବର୍ଷରେ ୮୫୦୦ ଘନମିଟର ଖୋଳିବା ପାଇଁ ଅନୁମତି ମିଳିଛି। କିନ୍ତୁ ଲିଜ୍‌ଧାରୀ ଏହି ଅବଧି ମଧ୍ୟରେ ଏହାର ଶହେ ଗୁଣାରୁ ଅଧିକ କଳା ପଥର ଲୁଟ୍ କରିଥିବା ଖାଦାନର ବର୍ତ୍ତମାନ ସ୍ଥିତି ଦେଖିଲେ ସ୍ପଷ୍ଟ ଜଣାପଡୁଛି। ମାଳଗୋଡ଼ାଠାରେ ପ୍ରାୟ ୧୦୦ ଫୁଟର ଗାତ ହୋଇ ପୋଖରୀର ଭ୍ରମ ସୃଷ୍ଟି କରିଛି । ୫ ବର୍ଷରେ ଯେତିକି ପରିମାଣର ପଥର ଉତ୍ତୋଳନ ପାଇଁ ସରକାରୀ ଭାବେ ଲିଜ୍ ମିଳିଛି, ସେହି ପରିମାଣର କଳାପଥର ମାସକ ଭିତରେ ଉତ୍ତୋଳନ ହେଉଛି ବୋଲି ଅଭିଯୋଗ ହେଉଛି।



ଖାଦାନ ପୋତା ଚାଲିଛି।

## ସଂକ୍ଷେପରେ

### ଦୁଇ ଗୋଷ୍ଠୀ ହାତାହାତି, ୨ ମାମଲା ରୁଜୁ

ଆସିକା,୯।୧୧(ଡି.ଏନ.ଏ.)- ଗାଙ୍ଗପୁର ଥାନା ଅନ୍ତର୍ଗତ କାଳିଆଗୁଡା ଗ୍ରାମରେ ସୋମବାର ସନ୍ଧ୍ୟାରେ ସାମାନ୍ୟ କଥାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିଲା। ଏଥିରେ ଗୋଟିଏ ପକ୍ଷର ତାରିଣୀ ନାୟକ ଆହତ ହୋଇଥିଲେ। ଘଟଣା ସମ୍ପର୍କରେ ଉଭୟ ପକ୍ଷ ମଙ୍ଗଳବାର ଗାଙ୍ଗପୁର ପୋଲିସରେ ଅଭିଯୋଗ କରିଥିଲେ । ଉଭୟ ପକ୍ଷର ଅଭିଯୋଗପ୍ରକାରେ ପୋଲିସ ପକ୍ଷରୁ ନଂ.୫୨୨ ଓ ୫୨୩/୨୨ରେ ପରସ୍ପର ବିରୋଧୀ ଦୁଇଟି ମାମଲା ରୁଜୁ କରାଯାଇଛି। ତାରିଣୀ ନାୟକଙ୍କୁ ଆକ୍ରମଣ ମାମଲାରେ ପୋଲିସ ବୁଧବାର ସେହି ଗ୍ରାମର କୁଞ୍ଜ ନାୟକ ଓ ଜଗାଳି ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

### ବିଚାରପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଆସିକା,୯।୧୧(ଡି.ଏନ.ଏ.)- ଆସିକାସ୍ଥିତ ବିଚାର ବିଭାଗୀୟ ଅଦାଲତରେ ବୁଧବାର ଚୌଧୁରୀ ପ୍ରବୀର କୁମାର ଅତିରିକ୍ତ ଜିଲାଜଜ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଓକିଲ ସଂଘ କାର୍ଯ୍ୟାଳୟରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଓକିଲ ସଂଘ ସଭାପତି ସୁରେନ୍ଦ୍ର ନାଥ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂପାଦକ ଛବିଳରାମ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିଭିଲ ଜଜ ସିନିଅର ଡିଭିଜନ ସୌଦାମିନୀ ବିଶ୍ୱାଳ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମୋନାଲି ବେହେରା ଓ ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ୱେତା ଦାସ ଯୋଗଦେଇଥିଲେ । ବରିଷ୍ଠ ଆଇନଜୀବୀ ରବିନ୍ଦ୍ରନାଥ ଶର୍ମା, ଅଜିତ କୁମାର ଚୌଧୁରୀ, ରବିନ୍ଦ୍ର କୁମାର ପାତ୍ର ପ୍ରମୁଖ ଆସିକା ଓକିଲ ସଂଘ ଐତିହ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଯଜ୍ଞନାରାୟଣ ଆଚାରୀ ଧନ୍ୟବାଦ ଦେଇଥିଲେ ।

### ଶ୍ରମଜୀବୀ ଏକତା ମଞ୍ଚର ବୈଠକ

ଆର.ଉଦୟଗିରି,୯।୧୧(ଡି.ଏନ.ଏ.)- ଆର.ଉଦୟଗିରି ବ୍ଲକ ମହେନ୍ଦ୍ରଗଡ ପଞ୍ଚାୟତରେ ମଙ୍ଗଳବାର ଶ୍ରମଜୀବୀ ଏକତା ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦୟ ଭୂୟାଁ ସଭାପତିତ୍ୱ କରିଥିଲେ। ଆର.ଉଦୟଗିରି ବ୍ଲକ ଶ୍ରମଜୀବୀ ଏକତା ମଞ୍ଚର ଜନସାଥି ଅଜିବ ଲୋଚନ ରଇତ ଏବଂ ରାମଚନ୍ଦ୍ର ପାଇକ ବୈଠକରେ ଉଦବୋଧନ ଦେଇଥିଲେ। ଆସନ୍ତା ୧୦ ତାରିଖରେ ଶ୍ରମଜୀବୀ ଏକତା ମଞ୍ଚର ୫ ଜଣିଆ କମିଟି ବିଡିଓ, କୃଷି ଅଧିକାରୀ ଏଡିଓ ଓ ଡବ୍ଲୁଏଓଙ୍କୁ ସାକ୍ଷାତ କରି ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଦାବି ମଧ୍ୟରେ କାଳିଆ ଯୋଜନା ସମୟ ସୀମା ବୃଦ୍ଧି, ଓଡିଶା କୃଷକ ପୋର୍ଟାଲରେ ପଞ୍ଜୀକରଣ ନିମନ୍ତେ ସମୟ ସୀମା ବୃଦ୍ଧି ସହ ମୋବାଇଲ୍‌ରେ ପଞ୍ଜୀକରଣ, ଉପଯୁକ୍ତ ସମୟରେ ଚାଷୀମାନଙ୍କୁ ଯେ କୌଣସି ବିଭାଗ କିମ୍ବା ଏନ୍‌ଜିଓ ଦ୍ୱାରା ବିହନ ଯୋଗାଣ, ଜମିକୁ ଜଳ, ସଫଳ ପୋର୍ଟାଲକୁ ଯଥାଶୀଘ୍ର କାର୍ଯ୍ୟକାରି କରିବା ଆଦି ରହିଛି।

# ଓଡିଶାର ଦୀର୍ଘ ସ୍ଥାୟୀ ବିକାଶ ଲକ୍ଷ୍ୟ

## ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ମଞ୍ଚାସୀନ ଅତିଥିମାନେ।

ଛତ୍ରପୁର,୯।୧୧(ଡି.ଏନ.ଏ.)

ଛତ୍ରପୁରସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଯୋଜନା ଓ ସଂଯୋଜନ ବିଭାଗ ଦ୍ୱାରା ଦୁଇ ଦିନିଆ ବିଚାରବିମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡିଶାର ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟରେ ୨୦୩୦ କାର୍ଯ୍ୟସୂଚୀ ଓ ଏହାର ସଫଳ ରୁପାୟନ ନିମନ୍ତେ ଆୟୋଜିତ ଏହି କର୍ମଶାଳାକୁ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲା ପରିଷଦ ଗଞ୍ଜାମ ଭି. କୀର୍ତ୍ତିଭାସନ ଶୁଭାରମ୍ଭ କରିଥିଲେ। ଉନ୍ନୟନ ଆୟୁକ୍ତ, ପ୍ରଦୀପ କୁମାର ଜେନାଙ୍କ ଭିଡିଓ ବାର୍ତ୍ତା ପ୍ରଦର୍ଶନ କରାଯାଇଥିଲା। ଆକ୍ସନ ଏଡ ଉପନିର୍ଦ୍ଦେଶକ ଅଶୋକ ଦାସ, ଏକ୍ସପର୍ଟ ସରୋଜ କୁମାର ଦାସ, ଯୋଜନା ଓ ସମନୟ ବିଭାଗର ସହକାରୀ ନିର୍ଦ୍ଦେଶିକା ଅଳକା ଜେନା ପ୍ରଶିକ୍ଷଣ ଦେଇଥିଲେ । ଜଳବାୟୁ ପରିବର୍ତ୍ତନ ଯୋଗୁ ଧାରଣୀୟ ବିକାଶର ଆବଶ୍ୟକତା ପରିଲକ୍ଷିତ ହେଉଛି। ଶିକ୍ଷା, ସ୍ୱାସ୍ଥ୍ୟ,ଜଙ୍ଗଲ, ଜଳ ସମ୍ପଦ, ପଞ୍ଚାୟତିରାଜ ବିଭାଗ ସମେତ ଅନ୍ୟାନ୍ୟ ବିଭାଗ ଏଥିରେ ସାମିଲ ହୋଇ ଏହାର ପ୍ରଚାର ଓ ପ୍ରସାର ଦିଗରେ ଦୃଷ୍ଟି ଦେଲେ କାର୍ଯ୍ୟକ୍ରମ ସଫଳ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ସବୁ କ୍ଷେତ୍ରରେ ଗଞ୍ଜାମ ଜିଲା ବିକାଶ ପଥରେ ଆଗେଇ ଚାଲିଛି। ନିରନ୍ତର ବିକାଶ ପ୍ରକ୍ରିୟା ଜାରି ରହିଲେ ଦେଶର ବିକାଶ ହେବ। କୌଣସି ଜଣେ ବି ବ୍ୟକ୍ତି କିମ୍ବା ଗ୍ରାମକୁ ପଛରେ ରହିବାକୁ ଛଡାଯିବ ନାହିଁ । କାର୍ଯ୍ୟକ୍ରମର ପ୍ରଥମାର୍ଦ୍ଧରେ ଧାରଣୀୟ ବିକାଶର ରୂପାୟନ ନିମନ୍ତେ ଉପଲବ୍ଧ ରଣନୀତି ପ୍ରୟୋଗ କିପରି କରାଯାଇପାରିବ ଏବଂ ଏହାକୁ ଆଗେଇ ନିଆଯାଇପାରିବ ତାହା ଉପରେ ଆଲୋଚନା କରାଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସରପଞ୍ଚ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ମୁଖ୍ୟ, ଆଇନ ସ୍ୱେଚ୍ଛାସେବୀ ସଂଗଠନର ପ୍ରଣତି ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।

# ଭେଜିପୁଟରେ କାର୍ତ୍ତିକେଶ୍ୱର ପୂଜା

ଭଞ୍ଜନଗର,୯।୧୧(ଡି.ଏନ.ଏ)

ଭଞ୍ଜନଗର ସ୍ଥିତ ଭେଜିପୁଟ ବଡ଼ଦାଣ୍ଡରେ ପ୍ରଥମ ଥର ପାଇଁ କାର୍ତ୍ତିକେଶ୍ୱର ପୂଜା ଗତ ୪ତାରିଖରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୧୧ ତାରିଖରେ ଭାଷାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ପୂଜାର ପ୍ରଥମ ଦିବସରେ କର୍ତ୍ତା ଭାବେ ମନୁ ବେହେରା ଉପସ୍ଥିତ ରହି ଦାୟୀତ୍ୱ ସମ୍ପାଦନ କରିଥିଲେ । ଚଳିତ ବର୍ଷ ପ୍ରଥମ ଥର ପାଇଁ ଏହି ପୂଜା ଅନୁଷ୍ଠିତ ହେଉଥିବାରୁ ପ୍ରତିଦିନ ଏଠାରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳୁଛି। ଏଥି ସହିତ ପୂଜା ଅବସରରେ ୧୦୮ ଦୀପ ଆଳତି ଅନୁଷ୍ଠିତ ହୋଇଛି । ପୂଜା କମିଟିର ସମସ୍ତ ସଦସ୍ୟ ଓ ସାହି ବାସିନ୍ଦା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରୁଛନ୍ତି।


କାର୍ତ୍ତିକେଶ୍ୱର ପୂଜା ମଣ୍ଡପ।

# ମାଣ୍ଡିଆ ସଚେତନତା କାର୍ଯ୍ୟକ୍ରମ


ମହିଳାମାନେ ସଚେତନ କରୁଛନ୍ତି।

ରାଇକିଆ, ୯।୧୧(ଡି.ଏନ୍.ଏ)

ମାଣ୍ଡିଆ ଆଉ କେବଳ ଗରୀବଙ୍କ ଖାଦ୍ୟ ହୋଇ ରହିନାହିଁ। ମାଣ୍ଡିଆ ଏବେ ସବୁ ଶ୍ରେଣୀର ଲୋକଙ୍କ ପାଇଁ ଅତ୍ୟାବଶ୍ୟକ ଖାଦ୍ୟ ପାଲଟିଛି। ପୁଷ୍ଟିକର ଖାଦ୍ୟ ହୋଇ ଥିବାରୁ ସୁସ୍ଥ ଶରୀର ପାଇଁ ଲୋକେ ଏହାକୁ ଏବେ ଦୈନନ୍ଦିନ ଖାଦ୍ୟ ଭାବେ ବ୍ୟବହାର କରୁଛନ୍ତି। ଡାଇବେଟିସ, ଉଚ୍ଚ ରକ୍ତଚାପ ଭଳି ରୋଗ ସହିତ ଲଢେଇ କରିବାରେ ମାଣ୍ଡିଆ ସହାୟକ ହୋଇଛି। ଏହାକୁ ନେଇ ବ୍ୟାପକ ସଚେତନତା ମଧ୍ୟ କରାଯାଉଛି। ମିଲେଟ ମିଶନରେ ସରକାର ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଚାଷୀ ମଧ୍ୟ ଚାଷ ପାଇଁ ଆଗ୍ରହ ଦେଖାଉଛନ୍ତି। ସାଧାରଣ ବଣ୍ଟନରେ ମଧ୍ୟ ବର୍ତ୍ତମାନ ଚାଉଳ ସହିତ ମାଣ୍ଡିଆ ଦିଆଯାଉଛି। ବୁଧବାର ରାଇକିଆ ଜିଡିଙ୍ଗି ସାହିରେ ମାଣ୍ଡିଆ ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀ ମିଳିତ ଭାବେ ମାଣ୍ଡିଆ ଚାଷ କରିବା ସହ ମାଣ୍ଡିଆରେ ବିଭିନ୍ନ ରକମର ଖାଦ୍ୟ ପ୍ରସ୍ତୁତ କରି ଲୋକଙ୍କୁ ଏଥିପ୍ରତି ଆକର୍ଷିତ କରୁଛନ୍ତି। ଖାଦ୍ୟ ପ୍ରଦର୍ଶନୀରେ ମାଣ୍ଡିଆ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ କୃଷି ଅଧିକାରି ସୁଦିପ୍ତା ପ୍ରଧାନ ଯୋଗ ଦେଇ ଉତ୍ସାହିତ କରିଥିଲେ।

# ଜନ ସଚେତନତା କାର୍ଯ୍ୟକ୍ରମ

କାଶୀନଗର, ୯।୧୧:

ଗଜପତି ଜିଲା ବିଜ୍ଞାନ ବିକାଶ ସଂଗଠନ ପକ୍ଷରୁ ମଙ୍ଗଳବାର ଚନ୍ଦ୍ରଗ୍ରହଣରେ କାଶୀନଗରଠାରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଶାନ୍ତ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆର. ଲୋକନାଧମ, ଟି. କ୍ରିଷ୍ଣା ଚକ୍ରଧର ନାୟକ, ଜୁନେଶ ମେଣ୍ଢୀ, ସୁରେଶ ଶବର, ତାଉଡୁ ଗମାଙ୍ଗ ପ୍ରମୁଖ ଭାଗ ନେଇଥିଲେ। ଆୟୋଜିତ ପଥପ୍ରାନ୍ତ ସମାବେଶରେ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟୋପରାଗ ଛାଇ ଆଲୁଅର ଖେଳ ଓ ଶୁଭ ଅଶୁଭ ମଣିଷର ପାଚନ କ୍ରିୟା ସହ ଏହାର କୌଣସି ସମ୍ପର୍କ ନାହିଁ ବୋଲି ଲୋକଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ନେତୃତ୍ୱ ନେଇଥିବା ମିଶ୍ର କହିଥିଲେ ଯେ, ଭାରତୀୟ ସମ୍ବିଧାନ ଅନୁସାରେ ନିଜ ଭିତରେ ବୈଜ୍ଞାନିକ ମନୋଭାବର ବିକାଶ ଘଟାଇବା ଓ ଏହି ସମ୍ପର୍କରେ ଜନ ସଚେତନତା ସୃଷ୍ଟି ଓ ପ୍ରତେକ ସଚେତନ ନାଗରିକର ମୌଳିକ କର୍ତ୍ତବ୍ୟ ବିଜ୍ଞାନ ବିକାଶ ସଂଗଠନ ସେ ମୌଳିକ କର୍ତବ୍ୟ ହିଁ ପାଳନ କରିଛି। ଧର୍ମର ପ୍ରଚାର ପାଇଁ କୌଣସି ପ୍ରତିବନ୍ଧକ ନଥିବା ବେଳେ ହେତୁବାଦର ପ୍ରଚାର ପଥରେ ପ୍ରତିବନ୍ଧକ ସୃଷ୍ଟି କରାଯିବା ଉଚିତ ନୁହେଁ ବୋଲି ବି ସେ ମତ ରଖିଥିଲେ।

# ପାରଳାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦାବି

ପାରଳାଖେମୁଣ୍ଡି,୯।୧୧(ଡି.ଏନ୍.ଏ.)


ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିବା ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସହ ଅନ୍ୟମାନେ।

ପାରଳାଖେମୁଣ୍ଡିରକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ନେଇ ଭାରତୀୟ ଇତିହାସ ଗବେଷଣା ପରିଷଦକୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଐତିହାସିକ ଉପାନ୍ତ ପ୍ରହାରି ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ପାରଳାର ଲଲାମ ଓଡିଆ ପୁସ୍ତକର ଇଂଲିଶ ସଂସ୍କରଣଟି ଦକ୍ଷିଣ ଓଡିଶା ଇତିହାସ ସମିତିର ଏକ ସ୍ୱତନ୍ତ୍ର ଅଧିବେଶନରେ ଲୋକାର୍ପଣ କରାଯାଇଥିଲା। ପୁସ୍ତକ ଲିଖିତ ସମସ୍ତ ତଥ୍ୟ ପ୍ରମାଣ ଭିତ୍ତିକ ବୋଲି ସମସ୍ତ ଆଲୋଚକ ମତ ପ୍ରକାଶ କରିବା ପରେ ବର୍ତ୍ତମାନ ସେହି ପୁସ୍ତକର ପ୍ରକାଶକ ସିଦ୍ଧାନ୍ତର ସମ୍ପାଦକ ଭାରତୀୟ ଗବେଷଣା ପରିଷଦକୁ ଏକ ସ୍ମାରକ ପତ୍ର ସହ ପୁସ୍ତକର ଇଂଲିଶ ଅନୁବାଦ ପଠାଇ ପରଳାର ସମସ୍ତ ସଂଗ୍ରାମୀ ହିଁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ବୋଲି ଦାବି ଉପସ୍ଥାପନ କରିଛନ୍ତି।

ଐତିହାସିକ ମହାପାତ୍ରଙ୍କ ଯୁକ୍ତି ଯେ, ପାରଳା ୧୭୬୭ରେ ପ୍ରଥମେ ସ୍ୱାଧୀନତା ରକ୍ଷା ପାଇଁ ଇଂରେଜଙ୍କୁ ପ୍ରତିରୋଧ କରାଯାଇଥିଲା ଯାହା ପରେ ପରେ ବିଦ୍ରୋହରେ ରୂପାନ୍ତରିତ ହୋଇ ଧାରାବାହିକ ଭାବେ ଲାଗି ରହି ଗଣ ଆନ୍ଦୋଳନରେ ପରିଣତ ହୋଇଥିଲା। ଆନ୍ଦୋଳନ ପାରଳାରୁ ଗଞ୍ଜାମର ସମସ୍ତ ଜମିଦାରୀକୁ ବ୍ୟାପିବା ସହ ଏହା ଖୋର୍ଦ୍ଧା ପାଇକ ବିଦ୍ରୋହକୁ ମଧ୍ୟ ଜନ୍ମ ଦେଇଥିଲା। ଏପରିକି ପାରଳା ସ୍ୱାଧୀନତା ସଂଗ୍ରାମର ପ୍ରଭାବରେ ବିଶାଖାପାଟଣା ଯାହା ବର୍ତ୍ତମାନ ଆନ୍ଧ୍ରପ୍ରଦେଶରେ ଅଛି ସେଠାରେ ଦେଶୀୟ ସିପାହୀମାନେ ବିଦ୍ରୋହ କରିଥିଲେ। ପାରଳା ସ୍ୱାଧୀନତା ସଂଗ୍ରାମ ୬୩ ବର୍ଷ ପର୍ଯ୍ୟନ୍ତ ଲାଗିରହିଥିଲା। ଯାହାକି ଭାରତର କୁତ୍ରାପି ଦେଖାଯାଇନାହିଁ ବୋଲି ସ୍ମାରକ ପତ୍ରରେ ଦାବି କରାଯାଇଛି ।ସଂଗ୍ରାମର ଅବଧି, ବ୍ୟାପକତା ଓ ସେଥିରେ ନିହିତ ସ୍ୱାଧୀନତା ପାଇଁ ଗଣଚେତନାକୁ ବିଚାରକୁ ନେଇ ପାରଳା ସଂଗ୍ରାମହିଁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଐତିହାସିକ ମହାପାତ୍ର ଯୁକ୍ତି ବାଢିଛନ୍ତି । ତେବେ ପୂର୍ବରୁ ଏ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ପାଇଁ ରଷ୍ଟ୍ରପତି, ପ୍ରଧାନ ମନ୍ତ୍ରୀ ଏବଂ ଉପରାଷ୍ଟ୍ରପତିଙ୍କ ଚିଠି ପରେ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ମଧ୍ୟ ଭାରତୀୟ ଗବେଷଣା ପରିଷଦକୁ ଚିଠି ଲେଖାଯାଇଥିଲା ।

# ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ସ୍ମାରକପତ୍ର


ଦିଗପହଣ୍ଡି ଆଇଆଇସିଙ୍କୁ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଦିଗପହଣ୍ଡି,୯।୧୧(ଡି.ଏନ.ଏ.)

ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ଅଧିନ ବାଲିଘାଟ ଓ ପଥର ଖାଦାନ ଲିଜଧାରୀ ମାନଙ୍କ ମନମୁଖୀ କାରବାର ଓ ସ୍ଥାନୀୟ ପ୍ରଶାସନ ଦ୍ୱାରା ଅତ୍ୟଧିକ ଜରିମାନା ଆଦାୟ ପ୍ରତିବାଦରେ ବଡ଼ଖେମୁଣ୍ଡି ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ବୁଧବାର ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ଗଞ୍ଜାମ ଜିଲାପାଳ ଏବଂ ବ୍ରହ୍ମପୁର ଉପ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ବେହେରା ସ୍ମାରକପତ୍ର ଗ୍ରହଣ କରିଛନ୍ତି। ସ୍ମାରକପତ୍ରର ନକଲ ଦିଗପହଣ୍ଡି ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରାଙ୍କୁ ପ୍ରଦାନ କରାଯାଇଛି। କରୋନା ସମୟରେ ଟ୍ରାକ୍ଟର ବ୍ୟବସାୟ ମାନ୍ଦା ରହିଥିଲା। ଏହାପରେ ସ୍ଥିତି ସ୍ୱାଭାବିକ ହେଲା। କିନ୍ତୁ ଦିଗପହଣ୍ଡି ଟ୍ରାକ୍ଟର ମାଲିକମାନଙ୍କ ଦୁଃଖ ଦୂର ହେଲାନାହିଁ। ବାଲି ଓ ପଥର ଖାଦାନ ଲିଜଧାରୀମାନେ ବାଲି ଓ ପଥର ଉତ୍ତୋଳନ ପାଇଁ ସରକାରଙ୍କ ନିୟମାନୁଯାୟୀ ଯେଉଁ ୱାଇ ଫର୍ମ ଦେଉଛନ୍ତି ତାର ମୂଲ୍ୟ ୨ ହଜାର ଟଙ୍କା ଧାର୍ଯ୍ୟ କରିଛନ୍ତି। ଯାହାକି ଦିଗପହଣ୍ଡି ଭଳି ଛୋଟ ସହର ପାଇଁ ଗୋଟିଏ ବାଲି ଟ୍ରାକ୍ଟରର ମୂଲ୍ୟ ପ୍ରାୟ ୩୫୦୦ ଟଙ୍କାରୁ ୪ ହଜାର ମଧ୍ୟରେ ଧାର୍ଯ୍ୟ କରିବାକୁ ପଡୁଛି। ପଥର ଟ୍ରାକ୍ଟର ପିଛା ମୂଲ୍ୟ ମଧ୍ୟ ସମ ପରିମାଣର ବୃଦ୍ଧି ପାଉଛି। ଏହି ମୂଲ୍ୟ ବୃଦ୍ଧି ଯୋଗୁ ଗରିବ ଲୋକଙ୍କ ଠାରୁ ଆରମ୍ଭ କରି ମଧ୍ୟବିତ୍ତ ଲୋକଙ୍କ ପକ୍ଷେ ଘରଟିଏ କରିବା ସମ୍ଭବ ହୋଇପାରିବ ନାହିଁ। ବାଲିଘାଟ ଏବଂ ପଥର ଖାଦାନ ଲିଜ ଧାରୀ ମାନଙ୍କ ବର୍ଦ୍ଧିତ ଦର ଯୋଗୁ ଟ୍ରାକ୍ଟର ଚଳାଇ ଆମ୍ଭ ପରିବାର ପ୍ରତିପୋଷଣ କରିବା ଅସମ୍ଭବ ହୋଇଛି। ଏହି କ୍ଷତି ଯୋଗୁ ଟ୍ରାକ୍ଟର ମାଲିକମାନେ ଡ୍ରାଇଭର ଓ ଖଲାସୀଙ୍କ ଦରମା ଠିକ ସମୟରେ ଦେଇପାରୁନାହାନ୍ତି। ଏହି କାରଣରୁ ବ୍ୟାଙ୍କ ଋଣ ମଧ୍ୟ ପରିଶୋଧ କରିପାରୁନାହାନ୍ତି ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଏନେଇ ଟ୍ରାକ୍ଟର ମାଲିକମାନେ ସମସ୍ୟାର ସ୍ଥାୟୀ ସମାଧାନ ନହେବା ଯାଏ ଟ୍ରାକ୍ଟର ଚଲାଇବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଟ୍ରାକ୍ଟର ବ୍ୟତୀତ ଦିଗପହଣ୍ଡି ମୁଖ୍ୟ ରାସ୍ତା ଦେଇ ଅନେକ ବାଲି ଟ୍ରକ ପ୍ରତିଦିନ ରାତିରେ ଯାଉଥିବା ମଧ୍ୟ ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଟ୍ରାକ୍ଟର ଚଳାଚଳ ବନ୍ଦ ହେଲେ ଏହାକୁ ଜୀବିକା କରି ବଞ୍ଚୁଥିବା ବହୁ ପରିବାରଙ୍କ ଆର୍ଥିକସ୍ଥିତି ଦୁର୍ବଳ ହୋଇଯିବ। ଏଭଳି ସ୍ଥିତିରେ ସମସ୍ୟାର ତୁରନ୍ତ ସ୍ଥାୟୀ ସମାଧାନ ସକାଶେ ସଂଘ ପକ୍ଷରୁ ଟ୍ରାକ୍ଟର ମାଲିକ ସଂଘର କାର୍ଯ୍ୟକର୍ତ୍ତା ପ୍ରଭାତ କୁମାର ପାଣିଗ୍ରାହୀ, ବୁଲୁ ପାଳ, ଶିବ ପ୍ରସାଦ ରଥ, ଦିଲ୍ଲୀପ କୁମାର ଭୋଳ, ଏ. ଦେବା, ଏମ୍. ଶିବ ରେଡ୍ଡୀ, ବୁଚ୍ଛୁ ରେଡ୍ଡୀ, ଏମ. ଶୁକଦେବ, ସନ୍ଦୀପ କୁମାର ପାଣିଗ୍ରାହୀ ଏବଂ ସଭ୍ୟବୃନ୍ଦ ଦାବି କରିଛନ୍ତି।

# ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର ଶୁଭାରମ୍ଭ

ଚିକିଟି,୯।୧୧(ଡି.ଏନ.ଏ.)

ରାଜ୍ୟ ବିପର୍ଯ୍ୟୟ ପରିଚାଳନା ତରଫରୁ ଗଞ୍ଜାମ ଜିଲା ଚିକିଟି ବ୍ଲକ ଅନ୍ତର୍ଗତ ମୈଶାନପୁର ଗ୍ରାମସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀରେ ବୁଧବାର ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କିତ ୪ ଦିନ ଧରି ଏକ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ଏହି ତାଲିମ ଶିବିରରେ କଳାବଡ ସରପଞ୍ଚ ମିନତୀ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷ ଅପନା ସେଠୀ, ଭାରପ୍ରାପ୍ତ ଏବିଡ଼ିଓ ଚକ୍ରଧର ପ୍ରଧାନ, ସହକାରୀ ଯନ୍ତ୍ରୀ ଉଦୟ ପ୍ରଧାନ, ପିଇଓ ପ୍ରମୋଦ କୁମାର ପଣ୍ଡା, ରାଜସ୍ୱ ନିରୀକ୍ଷକ ସଚ୍ଚିଦାନନ୍ଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀ କିଶୋର ପଣ୍ଡା, ତ୍ରିପତୀ ସାହୁ, ବାତ୍ୟା ଆଶ୍ରୟ ସ୍ଥଳୀ ସମ୍ପାଦକ ସନ୍ତୋଷ ଦାଶ, ଜଗଦିଶ ସାହୁ, ରତ୍ନାକର ସାବତ, ଦ୍ୱାରିକା ସାହୁ, ନରସିଂହ ପଣ୍ଡା, ହୃଷିକେଶ ଦାଶ, ବାଙ୍ଗିନି ଅଧିକାରୀ, ରାକେଶ କୁମାର ରାଉଳ, କିଶୋର ପାଣିଗ୍ରାହୀ, ବାଉରୀ ସେଠୀ, ସ୍ଥାନୀୟ ସ୍କୁଲର ପ୍ରଧାନ ଶିକ୍ଷକ ମନୋରଞ୍ଜନ କୁମାର ପାଢ଼ୀ, ବିପଦ ଭଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ୪ ଦିନଧରି ହେବାକୁଥିବା ତାଲିମ ଶିବିରରେ ଅଞ୍ଚଳର ୨୫ ଜଣ ଶିବିରାର୍ଥୀଙ୍କୁ ପ୍ରଶିକ୍ଷକ ଭାବେ ଏନ. ରାଜେନ୍ଦ୍ର ଦୋରା ଓ କେ. ମୁନା ପାତ୍ର ଯୋଗଦେଇଥିଲେ। ଏହାକୁ ପରିଚାଳନା କରିବା ପାଇଁ ଏକ କମିଟି ଗଠନ କରାଯାଇଛି। ଏଥିରେ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବର, ଅଙ୍ଗନୱାଡି, ଆଶାକର୍ମୀ ଓ ଗ୍ରାମର ଭଦ୍ରବ୍ୟକ୍ତିଙ୍କୁ ସାମିଲ କରାଯାଇଛି।

# ହିଲଭ୍ୟୁ ପାର୍କ ଉନ୍ନୟନ ବାଧାପ୍ରାପ୍ତ

ଦାରିଙ୍ଗବାଡ଼ି,୯।୧୧(ଡି.ଏନ.ଏ)


ବୈଠକରେ ଆଲୋଚନା ଚାଲିଛି ।

ଦାରିଙ୍ଗବାଡ଼ିକୁ ଏବେ ପର୍ଯ୍ୟଟକମାନଙ୍କ ଆଗମନ ହେଉଥିବା ବେଳେ ତାପମାତ୍ରା ୧୫ଡିଗ୍ରୀ ତଳେ ଶୀତ ରହିଛି। ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଦାରିଙ୍ଗବାଡ଼ି ସାଞ୍ଜାସରୁ ଉନ୍ନୟନ ଟ୍ରଷ୍ଟ କରାଯାଇଛି। ହିଲ୍‌ଭ୍ୟୁ ପାର୍କର ମୁଖ୍ୟ ରକ୍ଷଣାବେକ୍ଷଣ ଦାୟିତ୍ୱକୁ ଏହି ଟ୍ରଷ୍ଟ ଜରିଆରେ କରାଯାଉଥିବା ବେଳେ ଟ୍ରଷ୍ଟର ଅଧକ୍ଷ ଭାବେ ବାଲିଗୁଡା ଉପଜିଲାପାଳ ରହିଛନ୍ତି। ସମ୍ପାଦକ ଭାବେ ଦାରିଙ୍ଗବାଡ଼ି ବିଡିଓ ରହିଛନ୍ତି। ହେଲେ ପୂର୍ବରୁ ଦୁଇଟି ମିଟିଂରେ ତତ୍କାଳ ଅଧକ୍ଷ ଅନୁପସ୍ଥିତ ରହିଥିବା ବେଳେ ସେମାନଙ୍କ କାର୍ଯ୍ୟକ୍ରମ କୌଣସି କାରଣରୁ ବାତିଲ ହୋଇଥିଲା। ପୁଣି ବୁଧବାର ଏହି ବୈଠକ ପାଇଁ ଚିଠି ଜାରି କରାଯାଇଥିବା ବେଳେ ତୃତୀୟ ଥର ପାଇଁ ମଧ୍ୟ ବାଲିଗୁଡ଼ା ଉପଜିଲାପାଳ ତଥା ଅଧକ୍ଷଙ୍କ କୌଣସି ଜରୁରୀ କାର୍ଯ୍ୟପାଇଁ ବାତିଲ ହୋଇଥିଲା। ଫଳରେ ସମ୍ପାଦକ ତଥା ବିଡିଓ ଗଦାଧର ପାତ୍ରଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ପାର୍କର ଦାୟିତ୍ୱରେ ଥିବା ତ୍ରିଶକ୍ତି କନ୍‌ଷ୍ଟ୍ରକ୍ସନର ମୁଖ୍ୟ ରୂପକ କୁମାର ସରକାର ପାର୍କରେ ପର୍ଯ୍ୟଟକଙ୍କଠାରୁ ସଂଗ୍ରହ ହୋଇଥିବା ଟିକେଟ ଅର୍ଥ ଓ ଖର୍ଚ୍ଚର ହିସାବ ଶୁଣାଇଥିଲେ। ପାର୍କରେ କାର୍ଯ୍ୟରତ କର୍ମଚାରୀଙ୍କୁ ଠିକ୍ ସମୟରେ ତାଙ୍କ ମାସିକ ପ୍ରାପ୍ୟ ଦିଆଯିବାକୁ ରୂପକ ସରକାର କହିଥିଲେ। ସେହିପରି ପାର୍କରେ ତଦରଖ ପାଇଁ ହେଉଥିବା ଖର୍ଚ୍ଚ ଏବଂ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ପାର୍କର ରୂପାନ୍ତରୀକରଣ ପାଇଁ ଖର୍ଚ୍ଚ ଉକ୍ତ ତ୍ରିଶକ୍ତି କନଷ୍ଟ୍ରକ୍ସନ କରିଥିଲେ ସୁଦ୍ଧା ବିଲ୍ ପଇଠରେ ବିଳମ୍ବ ଏବଂ ଏହି ବିଲ୍ ପାସ୍ କରିବା ପାଇଁ ଅଧକ୍ଷଙ୍କ ନିକଟକୁ ବାରମ୍ବାର ବାଲିଗୁଡାକୁ ଯିବାକୁ ପଡୁଥିବାରୁ ଏଥିପାଇଁ ସମସ୍ୟା ଦେଖାଯାଉଥିବା ନେଇ ଆଲୋଚନା କରାଯାଇଥିଲା। ଏମ୍‌ଏସ୍ ମଧୁମିତା ନୂତନ ଭାବେ ବାଲିଗୁଡା ଉପଜିଲାପାଳ ନିଯୁକ୍ତି ପାଇଛନ୍ତି। ତାଙ୍କୁ ଦାରିଙ୍ଗବାଡ଼ି ପର୍ଯ୍ୟଟନର ବିକାଶ ସହ ହିଲ୍‌ଭ୍ୟୁ ପାର୍କର ବିକାଶ ପାଇଁ ଆଲୋଚନା କରିବାକୁ ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଠ ପ୍ରସ୍ତାବ ଦେଇଛନ୍ତି। ସେହିପରି ଉକ୍ତ ବ୍ଲକର ମିଡ଼ିୟୁବା ଜଳ ପ୍ରପାତ, ଗ୍ରୀନବାଡି ଶାନ୍ତି ଉପତ୍ୟକା, କିଟିକୁଟି ନେଚର ଲଭର ପଏଣ୍ଟର ବିକାଶ, ତା'ର ରକ୍ଷଣାବେକ୍ଷଣ ପାଇଁ ପଞ୍ଚାୟତକୁ ଦାୟିତ୍ୱ ଦିଆଯାଇଛି। ପର୍ଯ୍ୟଟନ କ୍ଷେତ୍ରର ବିକାଶ ପ୍ରଶାସନ କ'ଣ ସବୁ କରୁଛି ସେ ସମ୍ପର୍କରେ ଲଡୁ ସାହୁ ବିଡିଓଙ୍କୁ ପ୍ରଶ୍ନ କରିଥିଲେ। ଗତ ୩ ବର୍ଷ ହେଲା ଡୁଲୁରୀ ପାଇନ ବଣରେ ଶୌଚାଳୟ କରାଯିବ ବୋଲି ପ୍ରଶାସନ କହୁଥିଲେ ସୁଦ୍ଧା କାହିଁକି ହେଇପାରୁନି ବୋଲି ଟ୍ରଷ୍ଟର ସଦସ୍ୟମାନେ ପ୍ରଶ୍ନ କରିଥିଲେ। ବୈଠକରେ ବିଡିଓ ପାତ୍ରଙ୍କ ସମେତ ଆଇଆଇସି କୌଶିକ ମାଝୀ, ମଙ୍ଗଳ ସାମ୍ପ୍ରସାରଣ ଅଧିକାରୀ ବୁରୁ ପତ୍ରା ମାଝୀ, ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଠ, ରୂପକ ସରକାର, ପତିତପାବନ ରାଉତ, କିଟିକୁଟି ସରପଞ୍ଚ ଅଶୋକ ପ୍ରଧାନ, ଦାରିଙ୍ଗବାଡ଼ି ସରପଞ୍ଚ ସାନୁଜ ପ୍ରଧାନ, ଚନ୍ଦ୍ରିକା ମଲିକ, ପ୍ଲିହେରୀ ସରପଞ୍ଚ ପାଉଲ ପ୍ରଧାନ, ହୋଟେଲ ସଂଘର ଲଡୁ କିଶୋର ସାହୁ, ଦିଲୀପ ସାହୁ ଯୁବରାଜ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ଦାରିଙ୍ଗବାଡି ସାଞ୍ଜାସରୁ ଉନ୍ନୟନ ଟ୍ରଷ୍ଟର ବୈଠକ

# ଲାଞ୍ଚ ନେଇ ମଦ ବ୍ୟବସାୟୀଙ୍କୁ ସୁରକ୍ଷା

■ ଅବକାରୀ ବିଭାଗ ଜାଣତରେ ଚାଲିଛି କାରବାର
■ ଚଢ଼ାଉ ପୂର୍ବରୁ ପହଞ୍ଚିଯାଉଛି ଆଗୁଆ ସୂଚନା
■ ହର୍ତ୍ତାକର୍ତ୍ତା ସାଜିଛନ୍ତି ସ୍ଥାନୀୟ କର୍ମଚାରୀ
■ ଏସ୍ଆଇ ନିଲମ୍ବନ, ଅଡିଓ ଭାଇରାଲ ଦେଉଛି ପ୍ରମାଣ

ନୟାଗଡ଼ ଅଫିସ,୯।୧୧

ନୟାଗଡ଼ ଜିଲାରେ ଚାନ୍ଦା ଓ ଲାଞ୍ଚ ଦେଲେ ମଦ ବ୍ୟବସାୟୀଙ୍କୁ ସୁରକ୍ଷା ମିଳୁଛି। ଅବକାରୀ ବିଭାଗର ଅଧିକାରୀ, କର୍ମଚାରୀ ଏଥିପାଇଁ ସୁରକ୍ଷା ଯୋଗାଇ ଦେବାରେ ଲାଗି ପଡିଛନ୍ତି। ଅବକାରୀ ବିଭାଗର ଜଣେ ଏଏସ୍ଆଇ ନିଲମ୍ବନ ଓ ଜଣେ ଏଏସ୍ଆଇଙ୍କ ସମେତ ଜଣେ କନଷ୍ଟେବଲଙ୍କ ଅଡିଓ ଭାଇରାଲ ହେବା ପରେ ଅବକାରୀ ବିଭାଗର ଗୁମର ଖୋଲିବାରେ ଲାଗିଛି। ଚାନ୍ଦା, ଲାଞ୍ଚ ଦେଲେ ଚଢ଼ାଉ ପୂର୍ବରୁ ଓ ନୂଆ ମଦ ଦୋକାନ ଖୋଲିବାକୁ ଆଗୁଆ ସୂଚନା ଓ ସୁରକ୍ଷା ମିଳିଯାଉଛି। ପୁଣି ମୋଟା ଅଙ୍କର ଟଙ୍କା ଦେଲେ ବଦଳି ଯାଉଛି ଜବତ ମଦର ପରିମାଣ। ଏହି କାର୍ଯ୍ୟ ପାଇଁ ହର୍ତ୍ତାକର୍ତ୍ତା ସାଜିଛନ୍ତି ଅବକାରୀ କାର୍ଯ୍ୟାଳୟ କେତେଜଣ ସ୍ଥାନୀୟ କର୍ମଚାରୀ। ଅନ୍ୟପକ୍ଷେ କେତେଜଣ କର୍ମଚାରୀ ଜିଲା ଅବକାରୀ କାର୍ଯ୍ୟାଳୟରେ ରହି ମଦ ବ୍ୟବସାୟୀ ଓ ନିଜବାବୁଙ୍କ ମଧ୍ୟରେ ମଧ୍ୟସ୍ଥ ସାଜୁଛନ୍ତି। ପୁଣି ଜବତ ମଦଗୁଡିକ ଘରକୁ ଆଣି ଏହାକୁ ବିକି ଭଲ ରୋଜଗାର କରୁଛନ୍ତି। ରୋଜଗାର ବଢୁଥିବାରୁ ନିଜର ଚାଲି ଚଳଣୀ ବଦଳି ଯାଉଛି। ଏହି କର୍ମଚାରୀମାନେ ଦୀର୍ଘ ଦିନ ଧରି ଜିଲା ସଦର ମହକୁମା, ବ୍ଲକ ସଦର ମହକୁମାରେ ନିଜର ଆସ୍ଥାନ ଜମାଇଥିବାବେଳେ ଏମାନଙ୍କର ବଦଳି ହେଉନାହିଁ। ଏମାନଙ୍କର ବେଆଇନ କାରନାମ ନେଇ ବିଭିନ୍ନ ପ୍ରକାରର ଅଭିଯୋଗ ସତ୍ତ୍ୱେ ସୁରକ୍ଷା ପାଇ ଆସୁଛନ୍ତି।

ନୟାଗଡ଼ ଜିଲା ଅବକାରୀ ଏଏସ୍ଆଇ ସୁଦୀପ୍ତ ଦାଶଙ୍କୁ ଅବକାରୀ କମିଶନର କିଛିଦିନ ତଳେ ନିଲମ୍ବିତ କରିଛନ୍ତି। ସେପ୍ଟେମ୍ବର ୭ରେ ଇଟାମାଟି ଥାନା ପଣ୍ଟୁସରରେ ଚଢ଼ାଉ କରାଯାଇଥିଲା। ୮୦ ଲିଟର ବିଦେଶୀ ମଦ ସହ ଏକ ସ୍କୁଟି ଜବତ ହୋଇଥିଲା। ତେବେ ଅବକାରୀ ଏଏସ୍ଆଇ ଦାଶ ୮୦ ଲିଟର ମଦ ସ୍ଥାନରେ ୫ ଲିଟର ଦେଖାଇ ସ୍କୁଟିକୁ ଜବତ ନ କରି ଅଭିଯୁକ୍ତଙ୍କୁ ଛାଡି ଦେଇଥିଲେ। ଏହି ଘଟଣାର ତଦନ୍ତ ବେଳେ ସତ୍ୟ ପ୍ରମାଣିତ ହୋଇଥିବାରୁ କାର୍ଯ୍ୟାନୁଷ୍ଠାନ ହୋଇଛି। ସେହିପରି ଖଣ୍ଡପଡ଼ା ଅବକାରୀ ଏଏସ୍ଆଇ ହଟିଆ ବେହେରା ମଦ ବେପାରୀଙ୍କଠାରୁ ୧୦ ହଜାର ଲେଖାଏ ୭୦ ହଜାର ଲାଞ୍ଚ ନେବା ଓ ପରେ ପୁଣି ୧ ଲକ୍ଷ ଦାବି କରିବା ଘଟଣା ଏବେ ଅଡିଓ ଭାଇରାଲ ହେଉଛି। ୧ ଲକ୍ଷ ଟଙ୍କା ନ ମିଳିବାରୁ ଗିରଫ, ଚଢ଼ାଉ କରିବାରୁ କେତେଜଣ ମଦ ବ୍ୟବସାୟୀ ଅବକାରୀ ଏଏସ୍ଆଇ ଓ କନଷ୍ଟେବଲଙ୍କର କାରନାମାକୁ ଭାଇରାଲ କରି ପଦାରେ ପକାଇ ଦେଇଛନ୍ତି। ଅଡିଓ ଭାଇରାଲର କଥୋପକଥନ ଅନୁସାରେ ମଧ୍ୟସ୍ଥ କରୁଥିବା କନଷ୍ଟେବଲ ପ୍ରଦୀପ ଲାଞ୍ଚ ଆଦାୟ ଟଙ୍କା ହଟିଆ ସାରଙ୍କୁ ଦିଆଯାଇଥିବା ସ୍ୱୀକାର କରିଛନ୍ତି। ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଛୁଟିରେ ଥିବାରୁ ଲାଞ୍ଚ ଟଙ୍କା ଦିଆଯାଇ ପାରି ନ ଥିବା କହୁଛନ୍ତି। ତେବେ ଏହି ଭାଇରାଲ ଘଟଣାରେ ଏଯାବତ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ନୂଆ ସରକାରୀ ଦେଶୀ ମଦ ଦୋକାନ ଖୋଲି ବେଆଇନ ମଦ ବ୍ୟବସାୟ କଲେ କିଛି ଅସୁବିଧା ନାହିଁ। ସରକାରୀ ମଦ ଦୋକାନ ଲାଇସେନ୍ସ ପାଇଁ ସହଯୋଗ ସହ ଗୁଣ୍ଡା ଯୋଗାଇ ଦେବେ ବୋଲି ଅବକାରୀ ଏଏସ୍ଆଇ ବେହେରା ପୁଣି କହୁଛନ୍ତି। ଅବକାରୀ ବିଭାଗର ଗୁମର ଖୋଲିବା ପରେ ତଦନ୍ତକୁ ତ୍ୱରାନ୍ୱିତ କରାଯିବାର ଆବଶ୍ୟକତା ରହିଛି। ଏ ନେଇ ଜଣେ ମଦ ବ୍ୟବସାୟୀ ନାଁ ଗୋପନ ରଖି କହିଛନ୍ତି ଅବକାରୀ ବିଭାଗର ତଳୁ ଉପରସ୍ତର ପର୍ଯ୍ୟନ୍ତ ଚାନ୍ଦାରେ ବୁଡି ରହିଛନ୍ତି। କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରମାଣ ନାହିଁ କୁହାଯାଉଥିଲା। ହେଲେ ଖଣ୍ଡପଡ଼ାରେ ଅଡିଓ ଭାଇରାଲକୁ ପ୍ରମାଣ କରି ଅନୁଧ୍ୟାନ କଲେ ଅନେକ ଫସିବେ। ପୁଣି ବହୁବର୍ଷ ହେଲା ଗାଦି ମାଡି ବସିଥିବା, ସ୍ଥାନୀୟ କର୍ମଚାରୀ ଓ ଅଧିକାରୀଙ୍କର ବଦଳି ନ ହେବା ବେଆଇନ ମଦ କାରବାରକୁ ପ୍ରୋତ୍ସାହନ ଯୋଗାଇ ଆସୁଛି। ଏବେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାର ସମୟ ହୋଇଥିଲେ ହେଁ ଏହାକୁ ଚାପି ଦେବାକୁ ଚେଷ୍ଟା ଚାଲିଛି ବୋଲି କହିଛନ୍ତି। ଉପଜିଲାପାଳ ଶକ୍ତିକାନ୍ତ ରାୟଙ୍କୁ ପଚାରିବାରେ ମଦ ବ୍ୟବସାୟ ଲାଗି ଲାଞ୍ଚ କାରବାର ନେଇ ଅଡିଓ ଭାଇରାଲ ଘଟଣାର ତଦନ୍ତ ଚାଲିଛି। ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ୨ ବର୍ଷ ପରେ ବଦଳି ହେବାର ନିୟମ ଅଛି। ତେବେ ଅବକାରୀ ବିଭାଗରେ ଏ ଦିଗରେ କାହିଁକି ବଦଳି ନିୟମ ଠିକ୍‌ରେ ଲାଗୁନି ସେନେଇ ଅନୁଧ୍ୟାନ କରାଯିବ ବୋଲି ସେ କହିଛନ୍ତି।

## ମାରପିଟରେ ଆହତଙ୍କ ମୃତ୍ୟୁ ପରେ ଉତ୍ତେଜନା



ଆହତଙ୍କ ମୃତ୍ୟୁ ପରେ ଉତ୍ତେଜିତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

### କଲ୍ୟାଣପୁରରେ ରାସ୍ତାରୋକୋ

ନୟାଗଡ ଅଫିସ,୯।୧୧

ମାରପିଟ ଘଟଣାରେ ଆହତ ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଶରଣକୁଳ ଥାନା କଲ୍ୟାଣପୁର ଗାଁର କେଦାର ପ୍ରଧାନ(୫୮)ଙ୍କ ମୃତ୍ୟୁ ପରେ ବୁଧବାର ଉତ୍ତେଜନା ପ୍ରକାଶ ପାଇଛି। ହତ୍ୟା ମାମଲା ରୁଜୁ, ଅଭିଯୁକ୍ତଙ୍କୁ ଗିରଫ ଓ ସରକାରୀ ସହାୟତା ଯୋଗାଇବା ଦାବି ନେଇ ସନ୍ଧ୍ୟାରେ କଲ୍ୟାଣପୁରଠାରେ ନୟାଗଡ-ଶରଣକୁଳ ରାସ୍ତାରୋକୋ ହୋଇଥିଲା। ଖବରପାଇ ଶରଣକୁଳ ଆଇଆଇସି ଜୟଦୀପ ମହାନ୍ତି, ଓଡ଼ଗାଁ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟାୟତ, ଶରଣକୁଳ ଏସ୍‌ଡିପିଓ କିରଣ ହେମ୍ବ୍ରମ, ଓଡ଼ଗାଁ ଅତିରିକ୍ତ ତହସିଲଦାର ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏପରି କି ଅଭିଯୁକ୍ତଙ୍କୁ ଗିରଫ କରାଯିବାର ପ୍ରତିଶ୍ରୁତି ଦେବା ସହ ରେଡକ୍ରସରୁ ୧୦ ହଜାର ଟଙ୍କା ସହାୟତା ଦେଇଥିଲେ। ପରେ ଅପରାହ୍ନ ୫ଟାରୁ ଆରମ୍ଭ ହୋଇଥିବା ରାସ୍ତାରୋକୋ ସନ୍ଧ୍ୟା ସାଢ଼େ ୬ଟାରେ ପ୍ରତ୍ୟାହୃତ ହୋଇଥିଲା।

ଶରଣକୁଳ ଆଇଆଇସି ମହାନ୍ତିଙ୍କ ସୂଚନା ଅନୁସାରେ, କଲ୍ୟାଣପୁର ଗାଁରେ ପୂର୍ବ ବିବାଦକୁ ନେଇ କେଦାର ପ୍ରଧାନ ଓ ଶ୍ରୀଧର ମଲ୍ଲିକଙ୍କ ପରିବାର ମଧ୍ୟରେ ଦୀପାବଳିରେ ପାଟିତୁଣ୍ଡ ହୋଇଥିଲା। ରାତିରେ କେଦାର ଓ ଶ୍ରୀଧରଙ୍କ ପୁଅଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। କେଦାର ବିବାଦ ସମାଧାନ କରିବାକୁ ଆସିବାବେଳେ ଶ୍ରୀଧରଙ୍କ ପୁଅଙ୍କ ଆକ୍ରମଣରେ ଗୁରୁତର ହୋଇଥିଲେ। କେଦାରଙ୍କୁ ପ୍ରଥମେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ କଟକ ବଡ ମେଡିକାଲକୁ ପଠା ଯାଇଥିଲା। ସେଠାରେ ମଙ୍ଗଳବାର କେଦାରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ଶ୍ରୀଧରଙ୍କ ପୁଅ ଶିବଙ୍କ ଅଭିଯୋଗକ୍ରମେ ପୋଲିସ କେଦାରଙ୍କ ପୁଅ ଅରୁଣ ଓ ସହଯୋଗୀ ରାକେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହିପରି କେଦାରଙ୍କ ପରିବାରର ଅଭିଯୋଗ ଅନୁସାରେ ନଂ. ୧୩୮/୨୨ ମାମଲାରେ ଶ୍ରୀଧରମ ଲ୍ଲିକଙ୍କ ଦୁଇ ପୁଅ ଶିବ ଓ ନିରଞ୍ଜନ କୋର୍ଟ ଚାଲାଣ ହୋଇଥିଲେ। କେଦାରଙ୍କ ମୃତ୍ୟୁ ପରେ ନଂ.୧୩୮/୨୨ରେ ହତ୍ୟା ମାମଲାରେ ରୂପାନ୍ତରିତ ହେବ ବୋଲି ସେ କହିଛନ୍ତି।

## ଶାଗୁଆନ ଗଣ୍ଡି ଚାଲାଣ ଉଦ୍ୟମ ବିଫଳ

ଓଡ଼ଗାଁ,୯।୧୧(ସ୍ୱ.ପ୍ର.)

ନୟାଗଡ ଜିଲା ଓଡ଼ଗାଁ ବ୍ଲକ ଅଧୀନ କୁରାଳ ପ୍ରାଥମିକ କୃଷି ସେବା ସମିତି ପରିସରରୁ ଶାଗୁଆନ କାଠ ଗଣ୍ଡି ଚାଲାଣ ଉଦ୍ୟମ ପଣ୍ଡ ହୋଇଛି। ଏହି କାର୍ଯ୍ୟାଳୟ ପରିସରରେ ୫୦ରୁ ଊର୍ଦ୍ଧ୍ୱ ଶାଗୁଆନ ଗଛ ରହିଛି। ସେହି ଗଛ ଉପରେ କେତେଜଣ କର୍ମଚାରୀଙ୍କ ଦୃଷ୍ଟି ପଡିବା କାରଣରୁ ସେଥି ମଧ୍ୟରୁ ଗୋଟିଏ ଶାଗୁଆନ ଗଛ କାଟି ୩ ଗଣ୍ଡି କରାଯାଇ ଚାଲାଣ କରିବାକୁ ଉଦ୍ୟମ କରାଯାଇଥିଲା। ହେଲେ ଅଫିସ ସମ୍ମୁଖରେ ଯାତ୍ରା ଚାଲିଥିବାରୁ ଏହା ସମ୍ଭବ ହୋଇ ନ ଥିଲା। ଶାଗୁଆନ ଗଣ୍ଡି ପଡିଥିବା ନେଇ ଏକ ଭିଡିଓ ଓ ଫଟୋ ଭାଇରାଲ ହେବା ପରେ ଚାଲାଣ ଉପରେ ରୋକ୍ ଲାଗିଥିଲା। ଏନେଇ ସମିତି ସମ୍ପାଦକଙ୍କୁ ପଚାରିବାରେ ସେ ଏକାଧିକ ଦାୟିତ୍ୱରେ ରହିଥିବାରୁ ଏହାର ସୁଯୋଗ ନେଇ କୋଣସି ଦୁର୍ବୃତ୍ତ ଗଛ କାଟିଥିବା କହିଛନ୍ତି। ହେଲେ ସଭାପତି ଏନେଇ ଚୁପ ରହିଥିବା ସମସ୍ତଙ୍କୁ ଆଚମ୍ବିତ କରିଛି। ହେଲେ ବନ ବିଭାଗକୁ ଆବଶ୍ୟକ ସୂଚନା ମିଳିଲେ ତାହାକୁ ଜବତ କରିବା ସମ୍ଭବ ହେବ ବୋଲି ବନାଞ୍ଚଳ ଅଧିକାରୀ ଆଶିଷ କୁମାର କୁଅଁର କହିଛନ୍ତି।

## କେନ୍ଦରାର ଗୀତ ମଧ୍ୟମରେ ଜମି ଜବରଦଖଲ କାହାଣୀ

### ଖବରଦାତାଙ୍କୁ ନ୍ୟାୟ ମାଗିଲେ କେନ୍ଦରା ବାଦକ

ନୟାଗଡ ଅଫିସ,୯।୧୧

କେନ୍ଦରାର ରାଗିଣୀରେ ଜୀବନ ଯନ୍ତ୍ରଣାର ପ୍ରତିଛବିକୁ ଜଣେ କେନ୍ଦରା ବାଦକ ଜଣାଇ ଗଣମାଧ୍ୟମ ସମ୍ମୁଖରେ ଜମି ଜବରଦଖଲର ଅସଲ ଚିତ୍ର ବଖାଣି ଛନ୍ତି। ନୟାଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏଭଳିଆ ଦୃଶ୍ୟ ବୁଧବାର ଦେଖିବାକୁ ମିଳିଥିଲା। କେନ୍ଦରା ବାଦକଙ୍କ ଅଭିଯୋଗ ଅନୁସାରେ, ନୂଆଗାଁ ବ୍ଲକ ମାଇଛେଳି ଗାଁର ନବ କିଶୋର ଦାସ(୬୯)। ନବ ଜଣେ ଭିନ୍ନକ୍ଷମ ଓ ବାସହୀନ ହୋଇଥିବାରୁ ପ୍ରଶାସନ ୪ ଡେସିମିଲ ଜମି ମାଇଛେଳି ଗାଁରେ ଦେଇଥିଲେ। ହେଲେ ଉକ୍ତ ଜମିକୁ ଗାଁର ଜଣେ ଲୋକ ଜବରଦଖଲ କରି ଘର କରିଥିବାରୁ ସରକାରୀ ପ୍ରଦତ୍ତ ଜମି ପାଇ ପାରୁନାହାନ୍ତି। ଏଭଳିସ୍ଥଳେ ଜବରଦଖଲ ନେଇ ଉପଜିଲାପାଳଙ୍କୁ ଅବଗତ କରାଯାଇଥିଲା। ହେଲେ ଉପଜିଲାପାଳ ନବଙ୍କୁ ନୂଆଗାଁ ତହସିଲଦାରଙ୍କ ପାଖକୁ ପଠାଇ ଦେଇଛନ୍ତି ବୋଲି କହିଛନ୍ତି।



କେନ୍ଦେରା ବାଦକ ନବକିଶୋର ଦାସ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଦୀପ୍ତିମୟୀ



@ ରୀତିମୟୀ



@ ଶ୍ୱେତପଦ୍ମା



@ ସ୍ୱରୂପ



@ ସୁବାସ



@ ଦୀପକ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶହେ ଦିନର କାମକୁ ନେଇ ବିବାଦ

■ ଲୋକ ପ୍ରତିନିଧିଙ୍କୁ ଅବଗତ କରାଯାଉ ନ ଥିବା ଅଭିଯୋଗ
■ ବ୍ଲକସ୍ତରୀୟ ଜନ ଶୁଣାଣି ଶିବିରରେ ବନ ବିଭାଗର ଅସହଯୋଗ

ନୂଆଗାଁ,୯।୧୧(ଡି.ଏନ୍.ଏ.)



ସମୀକ୍ଷା ବୈଠକରେ ଯୋଗଦେଇଥିବା ବିଭାଗୀୟ ଅଧିକାରୀ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଭାଗୃହରେ ୨୦୨୨-୨୩ ଆର୍ଥିକ ବର୍ଷର ସାମାଜିକ ସମୀକ୍ଷାର ବ୍ଲକସ୍ତରୀୟ ଜନ ଶୁଣାଣି ବୁଧବାର ଅନୁଷ୍ଠିତ ହୋଇଯାଇଛି। ନୂଆଗାଁ ପଞ୍ଚାୟତ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ୨୦୨୧ ଏପ୍ରିଲରୁ ୨୦୨୨ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍), ୧୫ ତମ କେନ୍ଦ୍ରୀୟ ଅର୍ଥ କମିଶନ ଓ ଜାତୀୟ ସାମାଜିକ ସହାୟତାକୁ ନେଇ ଜନ ଶୁଣାଣି ହୋଇଥିଲା। ନୂଆଗାଁ ବ୍ଲକ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ପ୍ରତି କାମ ମେସିନ ମାଧ୍ୟମରେ କରାଯାଉଥିଲା। ହେଲେ ଲୋକମାନଙ୍କୁ ଶହେ ଦିନର କାମ ଯୋଗାଇ ଦିଆ ଯାଉଥିବା ନେଇ ବୈଠକରେ ଭୁଲ ତଥ୍ୟ ପ୍ରଦାନ କରାଯାଇଥିବା ଅଭିଯୋଗ ହେଉଛି। ୨୦୨୧-୨୨ ଆର୍ଥିକ ବର୍ଷରେ ନୂଆଗାଁ ବ୍ଲକରେ ୧୧୧୭୪ ପରିବାରକୁ କାମ, ୧୮୧ ପରିବାରକୁ ଶହେ ଦିନର କାମ ନିମନ୍ତେ ୪୩୦୪୬୫ ଶ୍ରମ ଦିବସ ସୃଷ୍ଟି କରିବା ସହ ୧୦କୋଟି ୭୮ ଲକ୍ଷ ୪୦ ହଜାର ଟଙ୍କା ବ୍ୟୟ ହୋଇଥିବା ଏପିଓ ଅମରେନ୍ଦ୍ର ସାହୁ ସୂଚନା ଦେଇଥିଲେ। ପ୍ରତି ବିଭାଗ ଦ୍ୱାରା ଏମ୍‌ଜିଏନ୍‌ଆରଇଜିଏସ୍ କାମ କରାଯାଉଥିବା ବେଳେ ସେ ବାବଦରେ ଲୋକ ପ୍ରତିନିଧିମାନଙ୍କୁ ଅବଗତ କରାଯାଉ ନ ଥିବା ନେଇ ହରିପୁର ସମିତି ସଭ୍ୟ ପ୍ରତାପ ମହାପାତ୍ର ଅଭିଯୋଗ କରିଥିଲେ। ତେଣୁ ପ୍ରତିଟି ଯୋଜନା ବିଷୟରେ ଲୋକପ୍ରତିନିଧିଙ୍କୁ ଅବଗତ କରାଇବା ପାଇଁ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗ କର୍ମଚାରୀଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ।

ଏହି ଜନ ଶୁଣାଣୀ ଶିବିରରେ ଯୋଗ ଦେବାପାଇଁ ପ୍ରତି ବିଭାଗକୁ ଚିଠି କରାଯାଉଥିଲେ ମଧ୍ୟ ମହିପୁର ଓ ବାହାଡାଖୋଲା ବନ ବିଭାଗ ଅଧିକାରୀ ଜନ ଶୁଣାଣୀ ଶିବିରରେ ଯୋଗ ଦେଇ ନ ଥିଲେ। ଫଳରେ ଶିବିରରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା, ଉଦ୍ୟାନ ବିଭାଗ ଓ ବନ ବିଭାଗ ସାମାଜିକ ସମୀକ୍ଷକମାନଙ୍କୁ ଖାତିର ନ କରି ଅନୁପସ୍ଥିତ ରହିବା ଓ ଫାଇଲ ନ ଦେବା ନେଇ ଜିଲା ସାମାଜିକ ସମୀକ୍ଷକ ବିଜୟ କୁମାର ବଳିୟାରସିଂ ଅସନ୍ତୋଷ ବ୍ୟକ୍ତ କରିଥିଲେ। କିଛି କାମର ଅନୁଦାନ ହିତାଧିକାରୀଙ୍କୁ ନ ଦେଇ ଭେଣ୍ଡରକୁ ଦିଆଯାଇଥିବା ନେଇ ଜିଲା ସାମାଜିକ ସମୀକ୍ଷାକ ବଳିୟାରସିଂ କହିଥିଲେ। ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ତାହା ଦିଆ ଯାଇଛି ବୋଲି ନୂଆଗାଁ ଏପିଓ ସାହୁ କହିଥିଲେ। ଚଳିତ ବର୍ଷର ସାମାଜିକ ସମୀକ୍ଷାରେ ୧୫୬ ମାମଲା ହସ୍ତଗତ ହୋଇଥିବା ବେଳେ ୭୫ ମାମଲା ସୂଚନା ଫଳକ ଓ ଅନ୍ୟାନ୍ୟ ବାବଦରେ ରହିଛି। ଆଜିର ଏହି ଜନ ଶୁଣାଣୀ ଶିବିରରେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମନୋରଞ୍ଜନ ହୋତା, ଏନ୍‌ଜିଏନ୍‌ଆରଇଜିଏସ୍ ଲୋକପାଳ ଗିରିଶ ଚନ୍ଦ୍ର ଦାସ, ବିଡିଓ ପ୍ରମୋଦ କୁମାର ନାୟକ, ଏମ୍‌ପିଙ୍କ ପ୍ରତିନିଧି ବିଜୟ କୁମାର ସାସମଲ, ଜିଲା ପରିଷଦ ସଭ୍ୟ ଯଶ୍ୱିନ ଦାସଙ୍କ ସମେତ ଲୋକ ପ୍ରତିନିଧି ଓ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଜାତୀୟ ଆଇନ ସେବା ଦିବସ ପାଳିତ

ଦଶପଲ୍ଲା,୯।୧୧(ଡି.ଏନ୍.ଏ.)

ନଭେମ୍ବର ୯ ତାରିଖ ଜାତୀୟ ଆଇନ୍ ସେବା ଦିବସ ଅବସରରେ ତାଲୁକ୍ ଆଇନ୍ ସେବା କମିଟି ତରଫରୁ, ମଣିନାଗ ବହୁମୁଖୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯାଇଛି। ତାଲୁକ୍ ଆଇନ୍ ସେବା ପ୍ରାଧିକରଣ କମିଟି ତରଫରୁ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଦଶପଲ୍ଲା ଜେଏମ୍‌ଏଫସିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରତାପ କୁମାର ମହାନ୍ତି, ପ୍ରଦୀପ ସାହୁ, ସୁରେଶ ମହାପାତ୍ର, ନୀଳମଣୀ ସାହୁ, ଆଇନଜିବୀ ଆଲୋକ୍ କୁମାର ସେନାପତି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଆଇନ୍ ସମ୍ପର୍କରେ ସଚେତନ କରିଥିଲେ। ଦଶପଲ୍ଲା ଜେଏମ୍‌ଏଫ୍‌ସି ତଥା ତାଲୁକ୍ ଆଇନ୍ ସେବା କମିଟିର ଅଧକ୍ଷ ବିଚାରପତି ସୌମ୍ୟରଞ୍ଜନ ପୃଷ୍ଟି ଛାତ୍ରଛାତ୍ରୀଙ୍କୁ ଆଇନ୍, ଆଇନ୍ ସେବା, କିପରି ଆମେ ମାଗଣାରେ ଆଇନ୍ ସେବା ପାଇପାରିବା ସେ ସମ୍ପର୍କରେ ବୁଝାଇଥିଲେ।




ଆଇନ୍ ସେବା ଦିବସ ସଭାରେ ମଞ୍ଚାସୀନ ଅତିଥି।